ବନ୍ଦୋବସ୍ତ ଅବଧିରୁ ) ଏ ଜିଲ୍ଲା ରୋକା ମାହାଲମାନ ରଫା ହୋଇ ନ ଥିଲା । ଗତ ସନ ୧୨୮୫ ସାଲଠାରୁ ସନ ୧୨୯୧ ସାଲ ସୁଦ୍ଧା ସମସ୍ତ ଓଜର ମୀମାଂସା କରିଯାଇ ସର୍ବ-କାରମାନଙ୍କଠାରୁ ନିଜ ପ୍ରାପ୍ୟ ଟଙ୍କା ଧାର୍ଯ୍ୟ ହୋଇ ଯାଇ ଅଛି ଏବଂ ସମ୍ପ୍ରତି ସେମାନେ କ୍ରମଶଃ ଆପଣାର ତାଙ୍କ ଟଙ୍କା ଆଦାୟ କରୁଅଛନ୍ତି । ଏହି ରଫାକୁ ଏକ ସାନବନ୍ଦୋବସ୍ତ ବୋଲି-ବାକୁ ହେବ କାରଣ କି ଚଳିତ ବନ୍ଦୋବସ୍ତ ଜମା ଧାର୍ଯ୍ୟ ହେବା ସମୟରେ ପ୍ରଜାମାନଙ୍କର କୌଣସି ଓଜର ଶୁଣା ଯାଇ ନାହିଁ । ଉକ୍ତ ବନ୍ଦୋବସ୍ତରେ ଯେଉଁ ଭ୍ରମମାନ ଥିଲା ସେମାନ ସଂଶୋଧିତ ହୋଇ ନାହିଁ । ସମ୍ପ୍ରତି ସମସ୍ତ ଭୁଲ ସଂଶୋଧିତ ହୋଇ ଥିବାରୁ ଏ ଜିଲ୍ଲାର ରୈତି ପ୍ରସ୍ତୁତ ହେବା ସକାଶ ଆଉ କୌଣସି ଅସୁବିଧା ନାହିଁ । ଗତବର୍ଷ ଖଜଣା ଓ ଅପରାପର ସରକାରୀ ଆଦାୟ ସକାଶ ଏକ ନିୟମାବଳୀ ଧାର୍ଯ୍ୟ କରି ଯାଇ ଥିବାରୁ ତଦ୍ୱାରା ସରକାର ପ୍ରଭୃତି ଉଭୟ ପକ୍ଷରେ ବହୁତ ସୁବିଧା ପ୍ରତ୍ୟକ୍ଷ ଅନୁଭବ ହେଉ ଅଛି । ଯେଉଁ ଜଙ୍ଗଲ କବୁଲିୟତି ମୋକଦ୍ଦ-ମମାନ ଫଇସଲ ପାଉଅଛି ତଦ୍ୱାରା ବସ୍ତିର ନୂତନ ଜମା ଆବାଦ ହେଉଅଛି ଏବଂ ଜିଲ୍ଲାର ରାଜସ୍ୱ ବୃଦ୍ଧି ପାଉଅଛି ।

୩ । ଡିକ୍ରୀଜାରୀ—ଗତବର୍ଷ ମୋଟରେ ୬୮୬୯ ନମ୍ବର ଡିକ୍ରୀଜାରୀ ଦରଖାସ୍ତ ଆଗତ ହୋଇଥିଲା । ଏଥି ମଧ୍ୟରୁ ୬୯ ନମ୍ବର ଫେ-ସଲ ପରେ ବର୍ଷ ଶେଷକୁ ୬୩୧ ନମ୍ବର ବାକି ଥିଲା । ଫଇସଲା ଦରଖାସ୍ତ ମଧ୍ୟରୁ ୬୮୨ ନମ୍ବର କେଉଁମାନ ରୋକା ଟଙ୍କା ସମ୍ପର୍କୀୟ ୬୨ ନମ୍ବର ଉକ୍ତ ରୋକା ବଳାତ୍କାର ସମ୍ପର୍କୀୟ ଏବଂ ୬୯ ନମ୍ବର ରେଲିଟେସ ରୋକା ଖଜଣା ସମ୍ପର୍କୀୟ ଅଟେ । ସମୁଦାୟ ଡିକ୍ରୀଜାରିଦ୍ୱାରା ୬୨୩ ଦେଓ୍ୱାନୀ ଫାଟକରେ କଏଦ ହୋଇଥିଲେ ଓ ୬୨୯ ନମ୍ବର ଅସ୍ଥାବର ସମ୍ପତ୍ତି କ୍ରୋକ ହୋଇଥିଲା । ୬୮ ନମ୍ବର ଡିକ୍ରୀଯଦ୍ୱାରା ସମ୍ପତ୍ତି ଦଖଲ ଦିଆଯାଇ ଥିଲା । ମୋଟରେ ଟ ୧୯୦୬୮ ଙ୍କା ଡିକ୍ରୀଜାରିଦ୍ୱାରା ଆଦାୟ ହୋଇଅଛି । କେହି କେହି ଲୋକଦାର ଦେଣଦାରମାନଙ୍କ ଉପରେ ଜମି କ୍ରୋକ ଓ ନିଲାମଦ୍ୱାରା ଆପଣା ପ୍ରାପ୍ୟ ଟଙ୍କା ଆଦାୟ କରିବାକୁ ଚାହାନ୍ତି । ମାତ୍ର ଏହି ବିଷୟରେ ସମ୍ପ୍ରତି କୌଣସି ମୀମାଂସା ହୋଇ ନାହିଁ । ଡିକ୍ରୀଜାରୀ ସମ୍ବନ୍ଧରେ ଗତବର୍ଷ ଏକ ନିୟମାବଳୀ ଜାରି କରି ଯାଇ ଥିବାରୁ ଦେଣଦାର-

ମାନେ ଜୁଲମରୁ ରକ୍ଷା ପାଇଅଛନ୍ତି ଏବଂ ସୁମ୍ପୃଙ୍ଖ-ଳରୂପେ ସମସ୍ତ କାର୍ଯ୍ୟ ଚଳୁଥିବାର ପ୍ରତ୍ୟକ୍ଷ ହେଉଅଛି । କ୍ରମଶଃ

---

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ପୂର୍ବ ଚଳନ ଏକାବେଳକେ ବୃଷ୍ଟି ବନ୍ଦ ହୋଇ ପୁନର୍ବାର ପୁଣି ଆରମ୍ଭ ହୋଇଅଛି ମାତ୍ର ଜଳର ପରିମାଣ ନିତାନ୍ତ ଊଣା । ଅଳ୍ପବୃଷ୍ଟି ହେତୁ ମୋଫସଲରେ କୃଷି କେତେଟା ହୋଇପାରୁ ନାହିଁ ।

ମହାନଦୀ ଓ କାଠଯୋଡି ନଦୀମାନଙ୍କରେ ପୁଣି ବଢି ହୋଇ ଆସି ଥିଲା କାଲିଠାରୁ ଘଟିଯାଉ ଅଛି । ଯାତ୍ରୀମାନେ ଏଥିପାଇଁ ଥୋକାଏ ଯାକି ପାର ହୋଇ ଯାଇଅଛନ୍ତି ।

ଯାତ୍ରୀଙ୍କ ହେତୁ ଗଡବାଲଙ୍କ ପ୍ରସ୍ତ ପ୍ରଚଳନ ଏଠାରୁ ଜାହାଜ ଯାଉଅଛି ଏବଂ ମଙ୍ଗଳବାର ଛଡା ଅନ୍ୟ ଦିନ ଗୋଟିଏ ନିୟମିତ ପାଳି ହୋଇଅଛି ।

ବର୍ଷାକାଳ ହେତୁଁ ଶୀଘ୍ର ଡାକ ପଠାଇବାର ସୁବିଧା ନିମିତ୍ତ ଏଠା ଡାକଘରର ମନ୍ଦଅଡର ପାର୍ସଲ ଇତ୍ୟାଦି କାର୍ଯ୍ୟମାନ ସକାଳି ସ ୧୧ ଘଣ୍ଟାପର୍ଯ୍ୟନ୍ତ ହେବାର ନିୟମ ହୋଇଅଛି ।

ସ୍କୁଲ ଇନ୍‌ସ୍ପେକ୍ଟର ବାବୁ ରାଧାନାଥ ରାୟ ବାହାଦୁର କାର୍ଯ୍ୟାନ୍ତରରୁ ଜଣେ ଡେପୁଟି ଇନ୍‌ସ୍ପେକ୍ଟରଙ୍କ ପରୀକ୍ଷାର ଜାଗାରେ ପ୍ରବେଶ କରିଅଛନ୍ତି । ଏଥିରେ ବିଶେଷ କିଛି ଦେଖ ଯାଉ ନାହିଁ କିନ୍ତୁ ସ୍କୁଲର ଉଲମଦରେ ଶିକ୍ଷାବିଭାଗର ଯେତେ ସାହାଯ୍ୟ କରୁଅଛନ୍ତି ତହିଁର ଏତେ ପ୍ରଶଂସା ଲେଖିବା ନୁହଇ ।

ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ନନ୍ଦିନ କାଲେକ୍ଟରଙ୍କ ପୂର୍ବର ଜରପ୍ରସ୍ତ ହୋଇଥିଲେ ମଧ୍ୟ ସେ ଅଳ୍ପ ଉତ୍ତମ ହୋଇ ଏଠା କରନ୍ତ ଶ୍ରୀଘରର ଅଫିସ୍ ନିୟୁକ୍ତ କର୍ଣ୍ଣାର୍ଡ ସାହେବ କାଲେକ୍ଟରଙ୍କର ଦୁଇଘରରେ ପାଠଲେ ।

ସ୍କୁଲର ଡେପୁଟି କଲେକ୍ଟର ବାବୁ ପ୍ର ନ୍ନତି ଙ୍କ ପୀଡିତ ହୋଇ ଏଠାରୁ ଅସୁସ୍ଥଅଛନ୍ତି ଏବଂ ଏଠା ଡେପୁଟି କଲେକ୍ଟର ବାବୁ ଅଟଳବିହାରୀ ମୈତ୍ର ସେଠାକୁ ପ୍ରେରିତ ହେଉ ଗଲେ ।—

ଶୁଣାଯାଏ ଏରୂପ ଯେ କଟକ ଇସ୍‌ ମାନଙ୍କର ବଡବାଜାର ଉଦ୍ୟାନର ଗୃହ କୋଶିଳର ଭବନର ଭଣ୍ଡାର ସହିତ ଗରଦର ପରଣାରେ କ୍ଷତି ହୋଇ ଅଛନ୍ତି ।

କଟକ ହାଇକୋର୍ଟରେ ଅନେକ ମୋକଦ୍ଦମା ବାଟ ପଡ ଅଛି ଶୁଣା ଯାଉଅଛି । ସେଠାରେ ମଧ୍ୟ କଣ୍ଟକ ହାଇକୋର୍ଟ ସ୍ୱରୂପ ଅଥବା ଜଜ ନିଯୁକ୍ତ କରିବାର ଅତ୍ୟା-ବଶ୍ୟକ ପଡିଛି ଅଛି ।

ହୁକମ ନାମକ ଜଣେ ସାହେବ ଇଂଲଣ୍ଡରୁ ଚିଡିଆ ଖାନାକୁ ନଦୁଇଶିଠରୁ ଶୁକ ଓ ଆଜ ଚେଲ ଦେବାର ସମ୍ବାଦ ମିଳଇ ; ଯଥା—୭୩୪୦୦ ପକ୍ଷୀ, ୧୮୦୦୦ ଅଣ୍ଡା ଏବଂ ୯୬୦ ପକ୍ଷୀ ବସା ।—ସାହେବ ପୁଣି ଏହି କେଉଁଠା କଣ ଘରି ଏ ସବୁ ଏକତ୍ରିତ କରୁ ଥିଲେ ?

ବର୍ତ୍ତମାନର ଗଭର୍ଣ୍ଣରରେ ରେଭେନ୍ୟୁ କରିବ ବୃଦ୍ଧି ହେଉଅଛି । ମୃତ ମହାରାଜାଙ୍କ ମାତା ଅପଣା ନାମରେ ଜମିଦାରି ଓ ଖଜଣା ଅଲଗାରେ ସ୍ୱୀକାର ସ୍ୱରୂପ ଆପଣା ଅଧିକାରରେ ରଖିବା କାରଣ କୋର୍ଟରେ ଦରଖାସ୍ତ କରି ଥିଲେ ତାହା କିଛି ନିଷ୍ପତ୍ତି ହୋଇ ନାହିଁ । ଏହି ବିବାଦରେ ଓଡ଼ିଶାର ବଡ ଭୂଷଣ ତୋଷାଖାନା ପଡି ଅଛି । ଏ କଥା

ସ୍ୱକମାତାଙ୍କ ନାମରେ ଥିବାରୁ ସେ ସ୍ତ୍ରୀଙ୍କ କହିବା ଏକ ସ୍ଥଳେ ଅନେକ ପ୍ରକାର ଘର ଅଛନ୍ତି ଏବେ ମହାରାଣୀଙ୍କ ପକ୍ଷରୁ ଦ୍ୱୈତ ପ୍ରତିବାଦ ହୋଇଅଛି । ଏହାର ଉପରେ ମିଟିବ ନଥିବା ଯାକ ନାହିଁ ଅଯାଚିତ ବଡ଼ଘରର କଳରେ ଦଣ୍ଡନିଜର ଲଭ ହେଉଅଛି ।

କେବେ ନଗରରୁ ଆସିଥିବା ଗତ ମାସ ତା ୧୧ ରିଖର ଏକ ଇଭିନିଂରୁ ପ୍ରକାଶ ଯେ ମୃତ ଖଣ୍ଡିତ ମାଥିବର ମୃତ୍ୟୁ ହୋଇଅଛି ।—ଏ ସମ୍ବାଦ ସତ୍ୟ ହେଲେ ପୃଥିବୀ ଯେରୂପ ଅନେକ ଅକାରଣ ଉତ୍ପାତରୁ ମୁକ୍ତ ହେବ କହିବା ଇଂରେଜ ମାନଙ୍କର ମଧ୍ୟ ସେହିପରି ଧର୍ମନାଶ ମାନ ରକ୍ଷା ରହିବ ।

ସମ୍ପ୍ରତି ଏରୂପ ଯେ ପ୍ରକାର ଡେପୁଟି ହେନ ନାମକ ଜଣେ ଭଦ୍ରଲୋକ ନାମରେ ତାଙ୍କ ସ୍ତ୍ରୀ ମାନପଙ୍କାଇବା ଅଭି-ପ୍ରାୟରେ କପ ଦେଖାଉଥିବା ମନରେ ମେଜେଷ୍ଟରଙ୍କ ଅଦାଲତରେ ଅଭିଯୋଗ ଆଗତ କରିଅଛି । ମନ ହିଁ ଓନାଲଙ୍କର ପଢିଥିବା ପାଠର କାର୍ଯ୍ୟକାରୀ ପରୀକ୍ଷା ନିଆ-ଯାଉଅଛି ପର !

ହାଇଦରାବାଦଠାରେ ଇଦପୂରଙ୍କ ଲକ୍ଷେ ଟଙ୍କାର ମୂର୍ତ୍ତି-ଶେଷ ହୋଇଯାଇଥିବା କଥା ପାଠକଙ୍କୁ ଜଣାଅଛି । ସମ୍ପ୍ରତି ପୁଣି ଟ ୧୩୦୦୦୦ ଙ୍କାର ମୂର୍ତ୍ତି ଶେଷ ହେବାର ଦଣ୍ଡପଟ୍ଟାର ବାହାର ଅଛି । ଟିକଟର ମୂଲ୍ୟ ପ୍ରତ୍ୟେକ ଟ ୧ ଙ୍କା ଅଟେ ଓ ତାହା ଇତିମଧ୍ୟରେ ନିଃଶେଷହୋଇ ନ ଗଲେ ଚଳିତ ମାସ ତା ୩୧ ପର୍ଯ୍ୟନ୍ତ ବିକ୍ରୟ ହେବ । ଶୁଣାଯାଏ ଟିକଟମାନ ଅତଶୀଘ୍ର ବିକ୍ରୟ ହେଉଅଛି । ଏ ନଗରରୁ ମଧ୍ୟ ଅନେକ ଲୋକେ ଟିକଟ କ୍ରୟକରି ଅଛନ୍ତି । ଏଥର ପ୍ରଥମ ପାରିତୋଷିକର ମୂଲ୍ୟ ଟ ୩୦୦୦୦ ଙ୍କା ଓ ଦ୍ୱିତୀୟ ପାରି-ତୋଷିକ ଟ ୨୦୦୦୦ ଙ୍କାର ଅଟଇ । ଦେଖାଯାଉ ଏଥିରୁ ଏ ଟଙ୍କା କେଉଁ ଅଦୃଷ୍ଟ ଯିବ । ଗତମାସ ତା ୩୧ ରିଖରୁ ଅକ୍ଟୋବର ମାସ ତା ୩୧ ପର୍ଯ୍ୟନ୍ତ ସ୍ଥିତି ଶେଷହୋଇ ଟିକଟ କେତାଙ୍କର କପାଳ ପରୀକ୍ଷା ହେବ ।

ଅନ୍ତିମନ ହେଲ ଏକ ସ୍ତ୍ରୀଲୋକ ଗ୍ରେଗୋରି ବନ୍ଧୁତ୍ୱରେ ଏକ ସନ୍ତାନ ପ୍ରସବ କରିଥିବା ବିଷୟ ଜାନସ୍ଥରଇ ସମ୍ବାଦ ଦାତା କେଉଁସ ମାନଙ୍କୁ ଲେଖିଅଛନ୍ତି ।

ଅସ୍ମାନଙ୍କର ଯେଉଁମାନେ ବାହାଦୂର ଗତମାସ ତା ୧୬ ରିଖରେ କଲିକତାରେ ପହଞ୍ଚିବାର ସମ୍ବାଦ ମିଳଇ ।

ବାଲେଶ୍ୱର ଏବଂ ଭାଗଲପୁରରେ ଓଲଉଠା ପ୍ରବଳରୂପେ ଘଟି ରହିଥିବାର ସମ୍ବାଦ ମିଳଇ ।

ଗତମାସ ତା ୧୭ ରିଖ ପର୍ଯ୍ୟନ୍ତ ମନ୍ଦ୍ରାଜ ରେଳ ଲାଇନ ଉପରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳି ଅଛି ।

ପେଶାବାରଠାରେ ଗୋଟିଏ ମସଜିଦ ଓ ଉଦ୍ୟାନ ପଡିବା କାରଣ କାବୁଲକୁ ଘାଟିର ଉତ୍ସବ ହୋଇଥିବାର ସମ୍ବାଦପତ୍ର ମାନଙ୍କରେ ପାଠ କରୁଅଛୁ । ଇଂରେଜ ଗଭର୍ଣ୍ଣମେଣ୍ଟ ଅମିରଙ୍କ ପ୍ରତି ଯେରୂପ ସୌଜନ୍ୟ ଦେଖାଇ ଆସୁଅଛନ୍ତି ବର୍ତ୍ତମାନ ମଧ୍ୟ ଅମିର ଏ ସମ୍ପର୍କରେ ପ୍ରାର୍ଥନା କଲେ ବୋଧ ହୁଏ ତାହା ଅବଶ୍ୟ କରିବେ ।

ଗୁଜରାଟଜିଲ୍ଲାରେ ଭୟାନକ ଓଲଉଠା ଘଟିଥିବାର ସମ୍ବାଦ ମିଳଇ । ମଦ ଖୁରୁପୋଲରେ ଏପରି ଅନେକ ଲୋକଙ୍କରେ ଏ ରୋଗ ପ୍ରବଳହୋଇ ଉଠିଅଛି ।

ନେପାଳ ରାଜ୍ୟରେ ଭୟଙ୍କର ଓଲଉଠା ଘଟି ଥିଲା ଯେଠା ଦରବାର ଓ ସ୍କୁଲ ଏ ରୋଗୁଁ ବନ୍ଦହୋଇ ରହିଥିଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



ଡାକ ନଗରଠାରେ ଚଳିତମାସ ତା ୧୧ ଦିନରେ ଜ୍ୱାନ୍ତମଠରେ ଏକ ରକ୍ଷକା ଜବାନ୍ତ ହିଁସା ସମ୍ପନ୍ନ ହୋଇ ଯାଇଥିବାର ସମ୍ବାଦ ମିଳଇ । ବଳଇ ନମ ବାବୁ ଖ.ଣ୍ଡୀ ଡଲଣ ଗୁଣ୍ଡର୍ଯ୍ୟ, ବୟସ ଜ ୫୦ ଶ ଏବ ଉତ୍ତରଦାନ ଶ୍ରୀମଣ ପୁଷ୍ଟିମଣୀ ଦେଇ । ବୟସ ବ ୧୦ ବର୍ଷ ।

ତାଳିଅରେ ଜାନାବଧି ଅପୂର୍ବ ପ୍ରକାର ମସ୍ତ୍ୟ ଦୃଷ୍ଟି ଗୋଚର ହୁଅନ୍ତି ଏବ ସୌନ୍ଦର୍ଯ୍ୟବଲେ ବାଳମନ୍ତ୍ୟ ସବାଷ୍ଟ ବଳାଇଥାନ୍ତି । ବର୍ତ୍ତମାନ ସେଠାରେ ଏକ ଜଣରେ ଏକ ନୂତନ ପ୍ରକାର ମସ୍ତ୍ୟ ଧରି ପଡ଼ିଥିବାର ସମ୍ବାଦ ମିଳଇ । ମତ୍ସ୍ୟଟିର ଲମ୍ବରେ ଚାରି ହାତ । ତାହାର ମସ୍ତକଅର୍ଦ୍ଧ ଲମ୍ବଅଡ଼କୁ ହାତ ବୁଲଇଲେ ନରମଲଗଇ ଓଲଟା ଏବ କୋନଇ ଲଲଇ ମାଡ଼ ଟଳିପଡ଼ଅନ୍ତି ହାତ ବୁଲଇଲେ ବର୍କଶ ଲାଗଇ । ଉଭୟ ମସ୍ତକରେ ଦୁଇଗଣ୍ଡ ଲମ୍ବ ଏକ ଶିଙ୍ଗ ଏବ ସାନ୍ତ୍ର ଗଣ୍ଡ ଭଲଣ୍ଡ ପାର୍ଶ୍ୱରୁ ଗୋଟିଏ ଲେଖାଏ ଶିଙ୍ଗ ବହାରି ଅଛି । ସେଠା ମତ୍ସ୍ୟଜୀବମାନେ କହନ୍ତି ସେ ଏହିପରି ଗୋଟିଏ ସାମୁଦ୍ରିକ ବ ୨୦ ବର୍ଷ ତଳେ ଧର ପଡ଼ ଥିଲା । ସଜ୍ଜ ଏ ମାଛଟିକି ଜଣେ ସମ୍ଭ୍ରାନ୍ତଲୋକ କ୍ରୟ କରି ସାହୁ ସରକୁ ପଠାଇ ଦେଇଅଛନ୍ତି ।

ଶ୍ରେଷ୍ଠ ସକଳଙ୍କେ ଓଲନ୍ଦଠାରେ ସ୍ତ୍ରୀ ହୂର୍ଗ୍ନ୍ଧ ରଣ ପଇଦ-ଭାର ସମ୍ବାଦ ଅସ୍ତିଅଛି ।

ସହୋଦର ପ୍ରଥନ କମ୍ବ୍ବଦାରଇରେ ସୂଳବନ ସାହେବ ଜଣ ପୂର୍ଣିଉଦାର ଅପରାଧରେ ଧୃତ ହେଇଥିବା ବିଷୟ ପାଠକେ ଜଣାଅଛି । ପ୍ରଥମ ତିନିଲେ ଅଧିକ ଙ୍କ ଲୋକ ସମ୍ମୁଖରେ ଅସାମୀ ଭଦୋଷୀ ପ୍ରକାଶ ବସ୍ତ୍ର କଲେ ବିଚାରପତି ତହିଁରେ ଅସନ୍ତୁଷ୍ଟ ହୋଇ ଅନ୍ୟବେ ଅପର ଯଇ ରକ୍ଷକସମ ଲୋକବୃନ୍ଦ ସୁହୁର୍ଦ୍ଦିସ୍ତରେ ଅପେଇ ବିଚାରିବା କଥା ପାଠକଙ୍କୁ ଜଣାଇଅଛୁଁ । ଜଣ୍ଡିନ ଏକ ସ ଦେଶୁ ଲେ ଗ୍ରାମ କସ୍ତୁରରେ ଅନ ୨ ଲୋକ ବ୍ରୋଳାନ୍ତି । ଧୂଳିଙ୍କ ଭଗଙ୍କ ମଧ୍ୟରୁ ଜ ୭ ଣ ଜଣ୍ଡୀଶ ଓ ଜ ୫ ଣ ଦୋଷୀ ପ୍ରକାର ବସ୍ତ୍ର କଦଥିଲେ ଏଥର ଜ ୨ ଣ ଦୋଷୀ ଓ ଜ ୭ ଣ ନର୍ଦ୍ଦୋଷୀ ପ୍ରକାର ପ୍ରକାଶ କଲେ । ସୁତରାଂ ଅସାମୀ ଅନ୍ତେଷରେ ନିଷ୍କୃତ ହେଲା । ଅସାମୀ ମୁକ୍ତିବର ଜବରବାର ଶୁଣି ବୋଧହୁଏ ପାଠକଙ୍କ ମଧ୍ୟରୁ କେହି ଅନ୍ତର୍ଯ୍ୟାନ୍ବିତ ହେବେ ନାହିଁ ଅସ୍ମାନଙ୍କର ଅନୁମାନ ନେଉଛୁ ଫଳଇଲା ।

## ଯାଜପୁର ସମ୍ବାଦ

ବର୍ତ୍ତମାନ ଏ ଜିଲାରେ ଓଲଉଠା ରୋଗର ପ୍ରାଦୁର୍ଭାବ ବହୁ ବୃଦ୍ଧି ହେଉଅଛି ପ୍ରତିଦିନ ଦୁଇ ତିନି ଲୋକଙ୍କ ମୃତ୍ୟୁ ଜିଲ୍ଲା ରୋଗରେ ନାନା ସ୍ଥାନରେ ଘଟିତ ହେଉଅଛନ୍ତି ଓ ରୋଗମାନେ ସଂକ୍ରାମକ ହୋଇ ସ୍ଥାନେ ଜଣେ ଭାର୍ଯ୍ୟ ଓ ଗ୍ରାମ ଦେବତ ପାଳୁଥିବି ମାନଙ୍କ ପୂଜା ଅର୍ଚ୍ଚନାରେ ଭୟରେ ହେବାଇ ଦେଖା ଯାଉଅଛି । ଏ ସକଳଠାରେ ସନ୍ନିକଟ ମଫସଲ ଗ୍ରାମମାନଙ୍କରେ ମଧ୍ୟ ଉକ୍ତ ରୋଗର ପ୍ରାଦୁର୍ଭାବ ବୃଦ୍ଧି ହେଉଥିବାର ଶୁଣାଯାଏ । ଯାଜପୁର ଡେପୁଟି ବାବୁ ଘୋଷ ମହାଶୟ ଅଗ୍ରିମ ଉପାୟ ଓ ତାହା ଦୂର କରିବା ଜେଲାରେ ଭଲ ମାସ ପଠାଉଛନ୍ତି । ଏ ବର୍ଷ ସନ୍ତ୍ଧିକାଲେ ଜନସଙ୍ଗମ ଯୋଗ ହେଲାଥିବା ପ୍ରଥମେ ତାହା ପ୍ରକାଶ ହେଉଥିବାର ବେଶାଯାଏ ।

ବର୍ତ୍ତମାନ ଏ ଅଞ୍ଚଳରେ ଯଥେଷ୍ଟ ଅସ୍ଥିର ବର୍ଷାର ଲକ୍ଷଣ ହୋଇଅଛି । କୃଷି ମଧ୍ୟ ଏମନ୍ତ ପ୍ରକୃତ ପରିମାଣରେ ହେଉଅଛି ମାତ୍ର ଏଇ ବୃଷ୍ଟି ଅଧିକ ଅଲ୍ପ ହୋଇ, ଜାତ ଶସ୍ୟର ବୃଦ୍ଧି ପରେ ହାନି ହୋଇଅଛି ଲୋକମାନେ ବର୍ତ୍ତମାନ ବର୍ଷେଷ୍ଟରୂପେ ପଡ଼ିବା ଜନ୍ୟ ଅନୁଭବ କରୁଅଛନ୍ତି ।

## ପ୍ରବାସିକ ସମ୍ବାଦ ।

ତା ୧୯ ଦିନ ଲଣ୍ଡନର ଏକ ଟେଲିଗ୍ରାମ ଭାରତ ଜନ୍ମ ନିକୃଷ୍ଟତନ୍ତ୍ର ହୈଇଙ୍କର ଅକସ୍ମାତ୍ ମୃତ୍ୟୁ ହେଇଅଛି । ସୁଣ ସାଏ ଏହି କାରୁ ଶିଳ ପଲକଣ ହୋଇ ଦଣ୍ଡପାଳ କଇ ପ୍ରାଣୋତ୍ସର୍ଗ କଇ ଅଛନ୍ତି ।

ଏଠାର ଲୁଇଦ୍ର ବନ୍ଦୁ ନାଳର ଶ୍ରୀ କର୍ଣ୍ଣଲ ପ୍ରଜାପ୍ରିୟ ସବୁ ଲେଖନ୍ତୁ ଭ ପରରେ ଯଥିବା ହୋଇ ପିଡ଼ିତ ମୁକ୍ତ ମନ୍ଦ ପ୍ରସ୍ତାବ କଇ ଅଛନ୍ତି ।

ଲଇଯାଏଶଠାରୁ ଅଦ ପର୍ଯ୍ୟନ୍ତ ଓଲଉଠା ରୋଗରେ ଅଧିକ ୨୫୦ ଲୋକଙ୍କର ମୃତ୍ୟୁ ହେବାର ଓଲଉଠିବାର ଖବର ଜପୋର୍ଟରୁ ପ୍ରକାଶ ପାଇଅଛି । ବାଉିତ ଲୋକଙ୍କ ଲକ୍ଷ ସେଇ ଅନ୍ତରରେ କରିବାରୁ ସାହୁକାରମାନଙ୍କ ଶ୍ରୀମନ୍ତ ଲ.ଡ କମାନଭାର ସବୁ ଲଗିଅଛି । ଏ ସମ୍ବାଦରେ ଅଳ୍ପ ପରିମାଣରେ ବର୍ଷା ହେଲେହେଁ ବର୍ଷାର ଶାନ୍ତ ନାହିଁ ।

## ପ୍ରେରିତ ପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ !

ଆପଣଙ୍କର ଚଳିତମାସ ତା ୪ ଦିନ ପ୍ରକାଶିତ ପତ୍ରିକାରେ ପାଠକଙ୍କ ଅବଗତିରେ ଅର୍ପଣାର୍ଥ ପ୍ରଦାପସନ୍ନା କର୍ତ୍ତୃକ ଗତ ବୈଶାଖ ଶୁକ୍ଳଅଷ୍ଟମୀ (ଅଶୋକାଷ୍ଟମୀ) ର ସମାଲୋଚନାର ହିସ୍ତିର ସ୍ୱରୂପ ଉତ୍କଳପତ୍ରିକାର ସାଥଳଦର୍ଶୀ ଶ୍ରୀ ସଦାଶିବ ଖଣ୍ଡବାହୁଙ୍କର କତ୍ରିଏ ପ୍ରେରଣପତ୍ର ପ୍ରକାଶିତ ହୋଇଅଛି । ତହିଁ ବିଷୟରେ ଚଳିତମାସ ତା ୧୨ ଦିନରେ ଜୁପବେତ୍ତ୍ର ସଭାର ସଭା ଅଧିବେଶନ କରା ଯାଇଥିଲା । ତହିଁ ସମ୍ପର୍କରେ ଗଦାଧର ପଣ୍ଡିତ, ପଣ୍ଡିତ ସଦାଶିବ, କାଳିଅପ, ସୁ ଦର୍ପଣ ଓ ସୁ ଭାସ୍କର ପ୍ରଭୃତି ଧର୍ମଶାସ୍ତ୍ରରୁ ବାକ୍ୟମାନ ପ୍ରମାଣସ୍ୱରୂପେ ସଭାରେ ଅଗତ ହୋଇ ଯାହା ସ୍ଥିର କରା ଗଲା ତାହା ସ୍ୱାଧୀନଙ୍କ ଭଳି ଜଣାଇ ଶିଳ୍ପ ରହି ପାରିଲୁ ନାହିଁ । ପାଠକଗଣ ନିମ୍ନଲିଖିତ ବ୍ୟବସ୍ଥା ପାଠ କରି ସଂଶୟ ଦୂର କରିବେ ।

ପଞ୍ଚାଙ୍ଗମାନଙ୍କର କର୍ମକାଳ ଲଗ୍ନ, ସେମାନଙ୍କର ଶୁଦ୍ଧ କର୍ମକାଳ କ୍ୟାଡ୍ରିକ ଥିଲ ପଞ୍ଚକେ ସ୍ଥିର କରା ଯାଏ । ଯଥା;—କୃଷ୍ଣଜନ୍ମାଷ୍ଟମୀ ଓ ନବାଷ୍ଟମୀର ନିଶୀଥ ପ୍ରଥମାଷ୍ଟମୀର ଉଦୟ ଭୀଷ୍ମାଷ୍ଟମୀର ମଧ୍ୟାହ୍ନ ଅର୍ଥାତ୍ କୁଳପବାଙ୍କ ଓ ଅଶୋକାଷ୍ଟମୀର ଅଷ୍ଟଧା ବିଭକ୍ତ ଦିବସର ପଞ୍ଚମ ଭାଗ କର୍ମକାଳ ବୋଲି ଲିଖିତ ସୁଭାସ୍କର ଜଣେ ଲକ୍ଷଣ ଅଛନ୍ତି । ଅତଏବ ସୋମବାର ଦିନ ସପ୍ତମୀ ପରେ ଅଷ୍ଟମୀ କର୍ମକାଳରୁ ସମ୍ପୂର୍ଣ୍ଣରୂପେ ବ୍ୟାପି ଥିବାରୁ ତନ୍ତ୍ର ଦିନ ଅଶୋକ କଳିକା ପାନ କରିବ । ଏଡ଼ିଦାନ କର୍ମକାଳରୁ ଅଷ୍ଟମୀ ପୂର୍ଣ୍ଣସ୍ପୃଷ୍ଟ ନ ଥିବାରୁ ଅର୍ଦ୍ଧକଳ୍ପ ଲବଙ୍ଗା ପାନ କରି ସୁଦ୍ଧ କରିବାଧ । ଉକ୍ତ ଦିନ ପଞ୍ଚମ ଯାଇ ପଲ ପ୍ରତ୍ୟକ୍ଷ ବ୍ୟାପିନୀ ଥିଲା ।

ଅତୁବ ପଞ୍ଜିକାର ଦେଇ କହିଇ ତାହା ଲେଖିଅଛନ୍ତି ଯାହାର ଲକ୍ଷଣ ଏ କହେ । ଉଭୟ ଦିନ କର୍ମକାଳରୁ ଯେବେ ଅଷ୍ଟମୀ, ସାମ୍ୟରେ ବା ବୈଷମ୍ୟରେ ଏକଦେଶ ବ୍ୟାପିନୀ ହୋଇ ଥାଏ ସେପରେ ପୂର୍ବଦିନ ଲୁପ୍ତ ହୋଇଥିବାରୁ କୃଷ୍ଣପକ୍ଷେ ସ୍ୱାମୀବେଦ କୃଷ୍ଣପକ୍ଷେ ଚତୁର୍ଦ୍ଦଶୀ, ରେବାଦ ଯୁଗ୍ମବାକ୍ୟମାନଙ୍କର ପ୍ରାମାଣ୍ୟ ଅନୁସାରେ ପରଦିନଣ୍ଡ ସ୍ଥିର କରିବାକୁ ହୁଏ । ଏଠାରେ ଏତାଦୃଶ ବ୍ୟବସ୍ଥାର ଅବତରଣାପ୍ରଭା ଏକାନ୍ତ ଅସଙ୍ଗତ ବୋଧ ହେଲା । ଯାହା ହେଉ ଆଶା କରୁଁ ଭବିଷ୍ୟ ପ୍ରୟୋଜନ ପଞ୍ଜିକାରେ ବ୍ୟତିକ୍ରମ ନ ଦେଖିବୁଁ ।

ଉତ୍କଳପଞ୍ଜିକାର ସାହାଯ୍ୟରେ ଉତ୍କଳ ଦେଶର ସକଳ ଶ୍ରେଣୀର ଲୋକେ ଲତ୍ସୁ ଲବଣ ଦେଖିଅନ୍ତି । ଏଥର ପ୍ରଥମ ପଞ୍ଜିକାରେ ଯେବେକ ସ୍ତ୍ରୀନେ ସ୍ଥ ଭ ବିରୋଧ ଦେଖା ଯିବ ତାହା ହେଲେ ସାଧାରଣର ଭକ୍ତି ପ୍ରତି ଅନାସ୍ଥା ଭଳ ଜନ୍ମିବା ବଡ଼ ଅତଏବ ସେ ବିଷୟରେ ସର୍ବେ ଉଚିତ ଅମ୍ଭମାନଙ୍କର ଉପେକ୍ଷଣ ପଞ୍ଜିକାରଙ୍କର କର୍ତ୍ତବ୍ୟ

ଅଶୋକକଳିକା ପାନେ ସୁଦ୍ଧ ସ୍ଥିତ;— ଅଶୋକକଳିକା ସ୍ତ୍ରୀତ୍ର ଯେ ପିବନ୍ତି ପୁନର୍ବସୌ । ଚୈତ୍ରେମାସି ସିତାଷ୍ଟମ୍ୟାଂ ନତେ ଶୋକ ମବା ପ୍ନୁୟୁଃ । ଅଶୋକକଳିକା ପଞ୍ଚାତ୍ୟ ଭ୍ରାନ୍ତି, ସ୍ତ୍ରୀବୃଦ୍ଧିଜାତ୍ୟାବଃ ଅଷ୍ଟଧା କଲ୍ପଦ୍ୟ ଦିବସ୍ୟ ପଞ୍ଚମୋଭାଗଂ କର୍ମକାଳ ଇତି ଉକ୍ତଂ ।

| | |
|---|---|
| ୧୫।୭।୮୫ } | ବଶମ୍ବଦ |
| ବାଉଳଗଡ଼ସିଂହପୁର } | ଶ୍ରୀ ଯେ ଶୀକୃ ମିଶ୍ର ଶର୍ମା । |

———

ମହାଶୟ !

ଆମ୍ଭେ ସମ୍ବାଦାଳଙ୍କ ସମୀପରୁ ଏହି ସମ୍ବାଦ କେତେକଲ ବୃତ୍ତାନ୍ତ ସର୍ବସାଧାରଣଙ୍କୁ ଜଣାଇବାକୁ ଚାହୁଁ । ସମ୍ପ୍ରତି ଏଥାନଙ୍କଠାରୁ ଶୋଧନ ବାତା ପର୍ଯ୍ୟନ୍ତ ଅବଗତ ହେଲୁ । ବର୍ତ୍ତମାନ ସୁବଦାନଦୋଷ ପ୍ରଚାରବନ୍ଦସୁକା ସଙ୍ଗୀତ ସଙ୍ଗୀତଜ୍ଞ ଉଦ୍ବୃତ୍ତ ହୋଇ ଭକ୍ତିଜନ୍ୟ ଭୁକ୍ତଭୋଗୀ ମାନୁଷ କେଶଧାରୀ ଦୃଷ୍ଟ

Digitized by srujanika@gmail.com

...ସନ୍ନ୍ୟାସୀ ଯାପନ କରିବାକୁ ନାନା ସୁରୁଦବଂ ... ଖଟ ଉପରେ ସ୍ଥିତ ଶାଳଗ୍ରାମ ଏବଂ ... ଗଜଦନ୍ତ ପାଶକଦ୍ୱାରା କ୍ରୀଡ଼ା ଆରମ୍ଭ କଲେ ଯଶୋଦା ସମ୍ମୁଖରେ ପଡ଼ିଲୁ ମେ ନନ୍ଦ-ପୁତ୍ରକ ପାଶକ୍ରୀଡ଼ା ଭବତୁ ଶାରିକାର୍ଥ ଜୟ ... । ଚିଂଶ ତୁ ଶାରିଦଶଃ ପଞ୍ଚ ମଣ୍ଡଳେ ଭବତି ... ମେ ନନ୍ଦଯୋ ଭବତୁ । ଏହି ଶ୍ଳୋକ ପଠନ କରି ପଶା ପକାଇବାରେ ଖେଳର ଆ-ରମ୍ଭରୁ ଶେଷ ପର୍ଯ୍ୟନ୍ତ ଦୈବାଧୀନ ତାଙ୍କର ଜୟ ହେଲା, ମୁରଲୀଧର ଆଭରଣାଦି ସବୁ ପର୍ଯ୍ୟନ୍ତ ହାରି ଗଲେ । ତତ୍ପରେ ସଖୀଗଣ "ଛିଃ ଛିଃ", ... ଶବ୍ଦେ ତାରଣ ପୂର୍ବକ କେହି ସଖୀ ... ଉତ୍ତରୀ କେହି ସଖୀ ମୁକୁଟ କେହି ସଖୀ ... କେହି ସଖୀ ହାର ଏବଂ କେହି ସଖୀ ... ସ୍ୱ କରକମଳରେ ଧାରଣ କରି ... ଶୀଳା ରାଇଙ୍କୁ ଶ୍ରଜସିଂହାସନରେ ବସା-ଇଲେ ! ସେତେବେଳେ ଯଶୋଦାଙ୍କର ଇଷ୍ଟ-... ଶ୍ରୀବାଳଗୋପାଳ ଲୋଚନଯୁଗଳ, ବନ-... ବଂଶୀଧାରଣ ଏବଂ ପ୍ରତିହାରୀ ... ଚନ୍ଦ୍ରାବଳୀଙ୍କ ହସ୍ତେ ପଟ୍ଟଶାଟିକା କୃଷ୍ଣଙ୍କ ... ବେଷ୍ଟନ କରିବା ଦେଖି ଭକ୍ତ ... ମାନେ ବୃନ୍ଦାବନ ଭ୍ରମରେ ନୟନଦ୍ୱୟରୁ ... ଲୋଚନ ନ କରି ରହି ପାରିଲେ ନାହିଁ । ... ରେ ସବୁ ତଣ୍ଟାଗଣ ପରିବୃତ କୃଷ୍ଣ ଯଶୋଦା ... ରୌପ୍ୟ ଓ ପଟ୍ଟବସ୍ତ୍ର ମଣ୍ଡି ଘଣ୍ଟା ପତାକା-... ମଙ୍ଗଳଯାନ ଆରୋହଣ କରି ଶ୍ରୀ ସତ୍ୟ-ବାଦୀଙ୍କ ଚନ୍ଦନପୁଷ୍କରିଣୀକୁ ଯାତ୍ରାର୍ଥେ ଗମନ କଲେ । ପରଦିନ କୃଷ୍ଣ ଗୋପାଳବେଶଧାରୀ ... ମଙ୍ଗଳାଦି ସଖାମାନଙ୍କ ସହିତ ଗୋଧନ ... ବାଳୁତବା ବେଳେ ହସ୍ତ ବଳନ ... ଙ୍କର ସଖୀଗଣ ... ଉପରେ ବସି ସଖୀମାନଙ୍କୁ ଏବଂ ... ଏହି ସମସ୍ତ ଉ କୃଷ୍ଣ ... ମେଳ ହେବାରୁ ... ରହିଲା ନାହିଁ । ସେଠାରେ ଏକସଙ୍ଗେ ... ସମ୍ମିଳିତ ହୋଇଥିଲା ଦର୍ଶକ ... ପ୍ରକାର ଏକତ୍ରିତ ହୋଇଥିଲେ ।

ଏ ... ଥିବ ଲୋକନାଦର ଅଯୋ-... ଭାଗୀରଥୀ ଧାରି କରିଥିଲେ ଭୋଜନ ... ରେ ଶୌରଧର୍ମାବଲମ୍ବୀଗଣ " ... ଶୌରିଙ୍ଗ ହରେ" ଏହି ଶବ୍ଦଦ୍ୱାରା ... କନ୍ୟାଗୃମାନ ଓ ... ଯନ୍ତ ... ହେବାରୁ ନଭୋମଣ୍ଡଳ ... କରି

... ବେଶଧାରୀ ବାଳକମାନଙ୍କ ସହିତ ଚନ୍ଦନ ପୁଷ୍କରଣୀଠାରେ ସୂର୍ଯ୍ୟ ପୂଜା କଲେ, ତଦନ୍ତେ ବନ୍ଦାପନା କରି ଯାତ୍ରା ସମାପ୍ତ କଲେ । ଗୋପ-ସ୍ତ୍ରୀଲୀ ଅନ୍ଧକାର କରି ହୃଦୟରେ ଏକ ଅପୂର୍ବ ଉଦାସଭାବର ଉଦ୍ରେକ କରି ଆଜ କୃଷ୍ଣ ଯଶୋଦା ସତ୍ୟବାଦୀ ସ୍ଥାନ ଗ୍ରହଣ କଲେ, ଆଜ ଅଉ ବାଦ୍ୟଭାଣ୍ଡେ ସେ ସୁସ୍ୱର ଲହରୀ କ୍ରୀଡ଼ା ନାହିଁ—ଆଜ ନାଟ୍ୟଶାଳାର ଶୋଭା ନାହିଁ—ଆଜ ଗମ୍ଭୀର ଅନ୍ଧକାରରେ ନିମଗ୍ନ ! ଅତଏବ ଆମ୍ଭେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଶ୍ରୀ ମଧୁସୂଦନ ପଟ୍ଟନାୟକଙ୍କୁ ଚିରଜୀବୀ କରନ୍ତୁ ସେ ପୁନର୍ବାର ରାସଲୀଳାଦ୍ୱାରା ଆମ୍ଭମାନଙ୍କର ଉକ୍ତ ଦୁଃଖ ଖଣ୍ଡନ କରନ୍ତୁ । ଇତି ।

ଖୀରଚୋରାଗୋପୀନାଥପୁର } ବଶମ୍ବଦ
୧୯।୭।୮୫ } ଶ୍ରୀ ଦୟାନିଧିମହାପାତ୍ର ଶର୍ମା

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୋବର୍ଦ୍ଧନ ରାୟ | ଜାଜପୁର | ବର୍ଷପ୍ରା | ଟ ୩ |
| „ ମାଧବ ମହାନ୍ତି | ସିଆର | ଅଗ୍ରିମ | ଟ ୨ |
| ଶ୍ରୀ ରାଜା କଣ୍ଟେ ଭନପଡ଼ା | | ବର୍ଷପ୍ରା | ଟ ୭ |
| ବାବୁ ଗଣେଶପ୍ରସାଦ ସିଂହ | କଟକ | „ | ଟ ୨ |
| ଶ୍ରୀ ରାଜା କଣ୍ଟେ ପଟିଆ | | ଅଗ୍ରିମ | ଟ ୫୩ |
| ବାବୁ ମହାଦେବପରମଗୁରୁ ଗୁଅରୋଡ଼ା | | ବର୍ଷପ୍ରା | ଟ ୪ |

# ବିଜ୍ଞାପନ ।

**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printng Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟା-ଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉ-ଅଛି ।

## NOTICE.

An auction will be held at Pooree, on the 15th August 1885, by order of Lloyds, of the wrecked Ship "Cannanore".

The Auction will consist of the Vessel herself, and Sails, Spars, standing and running, rigging and gear, provisions, &c, and all articles saved from the wreck.

*N. B.*—Articles will be sold in single lots.

Pooree, Orissa, } Messrs. F. W. Minchin & Co.
21st July 1885. } Agents for Lloyds.

The Cuttack Mission English High School meets in the new Building near to the old school-room. The Secretary and Superintendent of the School teaches the higher English classes, three or four hours daily.

Cuttack } Alex. H. Young M. A.
24—7—85 } *Secretary and Supdt.*

ସର୍ବସାଧାରଣଙ୍କୁ ଏଥି ଦ୍ୱାରା ଜଣାଇ ଦିଆ ଯାଉ ଅଛି ଯେ ବିସୂଚିକା ବା ଓଲାଉଠା ରୋଗର ଏକ ନୂତନ ପ୍ରକାର ଔଷଧ ଆମ୍ଭେ ବିନା ମୂଲ୍ୟରେ ବିତରଣ କରୁଅଛୁଁ । ଯେଉଁମାନଙ୍କର ପ୍ରୟୋଜନ ହେବ ସେମାନେ ଆମ୍ଭ ନିକଟରେ ତତ୍ତ୍ୱ କଲେ ଶୀଘ୍ର ପାଇ ପାରିବେ । ଗୋଟିଏ ଝାଡ଼ା ହୋଇଥିବା ସମୟରେ ଏହି ଔଷଧ ଖୁଆଇବାକୁ ହେବ ଓ ଆମ୍ଭ ନିକଟରୁ ଔଷଧ ନେବା ସମୟରେ ସେବନର ନିୟମ ମୌଖିକ ଜଣାଇ ଦେବୁଁ । ଇତି ।

୨୪।୭।୮୫ } ଶ୍ରୀ ଫକୀର ତ୍ରିପାଠୀ
ଉତ୍କଳ ଆୟୁର୍ବେଦୀୟ } କବିରାଜ
ଔଷଧାଳୟ }
ଦରଘା ବଜାର

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ତ୍ତବଲ୍ଲଭ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ ପଣି କାଗଜ ନମ୍ବର ୧ | ଟ ୨୫ | ଦ | ଟ ୦ ୶୦ |
| ୧୫ ପଣି „ | „ | ଟ ୨୪ | „ | ଟ ୦ ୶ |
| ୧୨ ପଣି „ | „ | ଟ ୧୩ | „ | ଟ ୦ /୭ |

ବେପାରିମାନେ ଅର୍ଥାତ୍ ଯେଉଁମାନେ ଏକ-ଥରେ ୫ ମ ବା ଅଧିକ କ୍ରୟ କରିବେ ଅଧିକ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କର ଦୋକାନରେ ଚନ୍ଦନକୋଣା ଓ ବଲାଙ୍ଗି ଓ ରେଶମୀ ଓ ଗେର ଲୁଗା ଓ ସ୍ପେସନେରୀ ଓ ... ନାନା ପ୍ରକାର ... ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅଉ ଯେତେକ ଫେନସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନେ—

Split by PDF Splitter

Digitized by srujanika@gmail.com

ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲେତର ଛାତି ନିମନ୍ତେ ସବାଶେ ଦୋକାନରେ ପ୍ରସ୍ତୁତ ରଖି ଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ନିମନ୍ତେ ଜଣାଇବ । ଯଦି କାହିଁ ଛାତିମାନ ନିମନ୍ତେ ହେବା ହେଁ ଆପଣା ମଫସଲ ସବାଶେ ଭଡ଼ା ପ୍ରବାସ୍ତ ହେବେ ଏକ ବର୍ଷକୁ ଯେ କଲା ଟ° ୬୫ ହିସାବ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଖର୍ଚ୍ଚ ଖରିଦଦାର ଭାର ତାଙ୍କ ଉପରେ ଥିବ ! ଯଦି ହେଲେ ଛାତିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତଫସିଲ ।

| | |
|---|---|
| କଲର କେସରା ବ ଡି° ହିଁରେ ଗନ୍ଧ ତେଲେ ଗୁଣେ । | ସବମେରିନ ଲେବେଣ୍ଡର । |
| ବଲେଭିଟାର | ଘୋଡ଼ା ଏଭିହୁ । |
| କବେଲୀନ୍ ତେଲ ନକଲ ଶେଜ ଖାବା ଓ ଭୋମ ସକୃତ । | କୋହୁହଲମ୍ ଚାର ଯାତ କ କାଠକର ଓହେ-ଉରେ ଦଅଇବେ ଭଲ ଉତ୍କାବ ନଷ୍ଟ ହବ ନ ପାରେ କାଠର ଉଙ୍ଗ ଉତ୍ତମ ବିଦ୍ୟା ହୁଏ । |
| ଦୁଇ° ଅର୍ଥକୁ ନକଲ କହବାବିଥାପର ପେନ୍-ସିଲ ଓ କଲମ । | କୋଲତାର ଖାତାର ବଣି ଓ ଲୁଚାଖାମରେ ସଙ୍ଗେ । |
| ପେନ୍ସିଲ କାଟିବା ଯନ୍ତ୍ର । | ପକେଟବୁକ ଇ°ରେଜୀ ପାଞ୍ଜି ସନ ୧୮୮୫ |
| ନାନା ପ୍ରକାରର ଚିଠି-କାଗଜ ଓ ଲଫାପା । | କଲମ ଘୋଡା ବୁଷ ଓ ଷ୍ଟାମ୍ପ |
| ପେନ୍ସିଲ ଦାନ୍ତ । | ମୋଡ଼ା ଓ ମୋଜାବନ୍ଧ |
| ଚିକନ ଛତ । | ଉତ୍ତମ ଏକ ନମ୍ବର |
| ବଟଣ ମାଗୁର । | ରଙ୍ଗ ଖଡ଼ିର ବଲ |
| ଡାକାଇ ଖାବାର ଗର୍ହିଁରେ ମୁଲ୍ୟ ପର୍ଯ୍ୟନ୍ତ ହୁଏ । | ବଣି ଓ ପାଇବର ତୌଲା ଓଡା |
| ଅକ୍ଷୋଇ ତେଲ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ । | ଲାଲ ଲିଙ୍ଗୁ ଖାତ ଓ ବଡ଼ ଉଙ୍ଗର ଓ ଖାତା |
| ଅବେଲ କୁଥା | ଉତ୍ସବ ଖୋଳ |
| ଓଆଟର ପ୍ରୁଫ୍ ଛତା । | ଉଦର୍ଷ ବୁଟର ହୁବ |
| କର୍ପୁର ଅର୍କ । | ,, ଏକଟଣ ହୁବ |
| ଟ୍ରୋପେରୋଲନ୍ । | ରେଲ୍ୱେଲ୍ ଲକପୋର ନେ |
| ପୋରସ୍ଲେନର କେଣ୍ଟଲ ସମଠ ଓ ଭକ୍ତ ଗୋ ଭଳେ ଲଗେ | କେଟଲର ଓଏଲ |

ଅଭୟଚରଣ ଦାସ କମ୍ପାନୀ

ଚୌଧୁରୀ ବଜାରସ୍ଥ ଅମ୍ଭ ଦୋକାନ ନିକଟରେ ସୁନା ଓ ରୂପାର ମୋଟା ଓ ସରୁ ଅଳଙ୍କାର ଓ ନାନାବିଧ ଦର୍ପଣର ଦୋକାନ ଫିଟିଅଛି । ଯେ ଯାହା ଫରମାସ କରିବେ ସୁଲଭ ମୂଲ୍ୟରେ ନିଶ୍ଚୟ ତହିଁରେ ପାଇ ପାରିବେ ।

ଜାମ ସେଷ ହେଲକୁ ମେହେର୍‌ବାନୀ ହୋଇ ଗ୍ରାହକେ ଅଳଙ୍କାର ଦେଖି ଯିବେ । ଥାଉ ଦେବାର ଛଅଦିନ ଗାହୁ ।

ଜାମାଲିକ ମୋହର, ମୁଦ୍ରା ଓ ଶ୍ଲୋକାଦି ଯୋଗ୍ୟ ଛବି ଖୋଦନ ହେଉଅଛି ।

୧୧।୨।୮୫ }
କଟକ } ଶ୍ରୀ ଅଭୟଚରଣ ଦାସ

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଅମ୍ଭ ଔଷଧାଳୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ୱ କଲେ ପାଇ ପାରିବେ । ବିଦେଶୀୟ ଗ୍ରାହକମାନେ ଡାକମାଶୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆ ଯିବ ।

ଗ୍ରହଣୀର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରାମୟ ଭଲ ହୁଏ । ମା ୨ ଓ ଟ ୧।୮ ।

ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ଯୋନିରୋଗ ଓ ପ୍ରଦର ଭଲ ହୁଏ । ମୂଲ୍ୟ ଶିଶି ଭାରୁ ଟ ୨୧ ଟଙ୍କା ।

ମହତ୍ ପୂର୍ଣ୍ଣଚନ୍ଦ୍ରୋଦୟ ।

ରୋଗୀପ୍ରିୟ ଭୋଗୀପ୍ରିୟ ମୋଦକ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଣ୍ଣ ବୁଦ୍ଧି ଓ ଶରୀର ଅଧିକ ପୁଷ୍ଟ ଯୁକ୍ତ ହୁଅଇ, ବଳକ୍ଷୀଣ ଯଥା ହୁଏ, ଶକ୍ତିହୀନ ଦ୍ରବ୍ୟ ଅଭାବ କଲେ ଶୀଘ୍ର ଦୋଷ ଯାଏ । ରୋଗୀ ପକ୍ଷେ—ରକ୍ତକ୍ଷୟ (ଧାତୁବାଦ ବଳପତନ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, କଷ୍ଟଶ୍ୱାସ, ଧାତୁବଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଅଇ । ମୂଲ୍ୟ ମା ୧୨ ଓ ଟ ୧୧ ଟଙ୍କା ।

ଉତ୍କଳଅ ସୂକ୍ଷ୍ମଦର୍ଶୀୟ }
ଔଷଧାଳୟ ଦରଗା } କବିରାଜ,
ବଜାର କଟକ } ଶ୍ରୀ ଫକୀରତ୍ରିପାଠୀ ।

ଏକଶିଶିର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ଧାତବ କିମ୍ବା ଅନିଷ୍ଟକାରୀ ରସାୟନ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବା ଟ ୧୮ ପ୍ୟାକିଂ ଖର୍ଚ୍ଚ ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରଦର ଘା, ଗରମୀ ଘା, ନାଲି ଘା, ତେଲ ଓ ଜାତ ଇତରର ଘା, ଫୋଲ ଘା, କାନ ଘା, କାଳର ଦୂଷି, ହୋଷ୍ଟ କାଠିନ୍ୟ, ଅଗ୍ନିମାନ୍ଦ୍ୟ, ପେଟଫମ୍ପ ଶିରଦର୍ଦ୍ଦ, ବାତ, ଶପୁବାତ, ପ୍ରସ୍ରାବପୀଡ଼ା, କ୍ରିମିଷ, ଖାଉଟୋବାଲ ଏବ ଉକ୍ତବତ ଦ୍ରବ ଲିଙ୍ଗାଦ ଶୀଘ୍ର ଏବ ନିଶ୍ଚୟ ଆରୋଗ୍ୟ ହୁଏ ।

ନାମର ତୈଳ ।

ଡାକ୍ତର ଉପାୟରେ ନାମକୁ ପ୍ରସ୍ତୁତ ତୈଳ । ଧବଳ ଓ କୁଷ୍ଠ ରୋଗର ସେବେ ଭଲ ଔଷଧ ଥାଏ ତେବେ ତାହା ନାମ । ନାମର ତୈଳ ଅମ୍ଭେମାନେ ବହୁ ବର୍ଷରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଦାଦ୍ରୁ, ଖାଦୁ, କ୍ରିମିଷ, କୁଳ, ପଦ୍ମଖାଦୁ, ଧବଳ, କୁଷ୍ଠ, ଗଳତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟବହାର ଦ୍ୱାରା ଉପଚାର ଯାଏ ଅଛି, ତହିଁର ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୫୧ ଟଙ୍କା ଓ ଛୋଟ ବୋତଲ ଟ ୨୧ ଟଙ୍କା ।

ଗାଁଜା ଅଫିମ ନ ହେଲେ ମୂଲ୍ୟ ଫେରାଇ ଦିଆଯିବ । କଲିକତା ବେଲ ସ୍ପ୍ରିଟ୍‌ସ୍ଟ୍ରୀଟ୍ ୫୭ ନମ୍ବର ଗୃହରେ, ଏ. ଘୋଷ, କେମିଷ୍ଟ-ଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ ଟଙ୍କା, ପ୍ୟାକିଂ ଟ ୦। ଅଣା । ଡାକଭାଡ଼ା ଟ ୧୦ ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୫।

ଉତ୍କଳଦୀପିକାରେ ଲେଖକ ଉପଯୋଗୀ ଅଗ୍ରିମ ଦେୟ ନିମ୍ନରେ ଲେଖାଗଲା ।—

ଏକ ବର୍ଷରେ ୨ ୦

୨ ୮

[illegible] ୨ ୦

[illegible] କୌଣସି ଲେଖକ ସେଠେ ଅଗ୍ରିମ ଦେୟ [illegible] ଦେବାକୁ ହେବ ନାହିଁ ।

[illegible] ବିଲମ୍ବ ହେଲେ [illegible] ଦେବା ଓ [illegible] ହେବ ।

[illegible] ହେବ ।

[illegible] ଦେବାକୁ ହେବ ।

Split by PDF Splitter

ED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।


ଭା ୨୦ ସ । ସଂ ୩୧ ସଂଖ୍ୟା

ତା ୧ ଅଗଷ୍ଟ ମାହେ ଇଂରାଜୀ ସନ ୧୮୮୫ ମସିହା । ମୁ । ଶ୍ରାବଣ ର ୧୯ ଶ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୨ ୧ | ଟ ୨୮ |
| ଡାକମାସୁଲ | ଟ ୦ ୩ | ଟ ୧୯ |


କଲିକତାରୁ ଆସିଥିବା ଏକ ତାରସମ୍ବାଦରୁ ଜଣା ଯାଏ ଯେ ଗତ ଜୁନମାସ ତା୨୯ରିଖରେ ଖାର୍ଟୁମ ନଗରଠାରୁ ମା ୪୦ ଇଲ ଅନ୍ତର ଗୋବର ଲୁପ ନିକଟରେ ମହ୍‌ଦିଙ୍କର ମୃତ୍ୟୁ ହୋଇ ଅଛି । ମୃତ୍ୟୁର କାରଣ ବସନ୍ତ ରୋଗ । ମହ୍‌ଦିଙ୍କ ମୃତ୍ୟୁ ସମ୍ବାଦ ଏଥି ପୂର୍ବେ ଥରେ ଆସି ଥିଲା । ପୁନର୍ବାର ସମ୍ବାଦ ଆସିବାରୁ ଏହା ସତ୍ୟ ଥିବାର ଅନୁମିତ ହେଉ ଅଛି । ତାହା ହେଲେ ଇଂରାଜମାନେ ନିଶ୍ଚିନ୍ତ ହେଲେ ମାତ୍ର ତାହାଙ୍କୁ ଜବ୍ଦ କରି ପାରିଲେ ନାହିଁ ଏହି ଦୁଃଖ ରହି ଗଲା ।

---

ଚିରକାଳରୁ ଗୋଟିଏ ପ୍ରବାଦ ଅଛି ଯେ କାଶୀ କ୍ଷେତ୍ରକୁ ମହାଦେବ ତ୍ରିଶୂଳରେ ଟେକି ରଖି ଅଛନ୍ତି ପୃଥିବୀକୁ ତାହା ସ୍ପର୍ଶ କରି ନାହିଁ ସୁତରାଂ ସେଠାରେ ଭୂମିକମ୍ପ ହୁଅଇ ନାହିଁ । କିନ୍ତୁ ବର୍ତ୍ତମାନ ସମୟର ଚତୁର୍ଦ୍ଦିଗ ଭୂମିକମ୍ପରେ କାଶୀନଗର ସ୍ଥିର ରହି ପାରିଲା ନାହିଁ । ଗତ ଶୁକ୍ରବାର ବଳାଇବରେ ଭୂମିକମ୍ପ ହୋଇ ଥିଲା ମାତ୍ର ତାହା ସାମାନ୍ୟ ପ୍ରକାର ଓ ଅଳ୍ପକାଳସ୍ଥାୟୀ ହୋଇ ଥିଲା । ପୃଥିବୀ କିରି ଲେଉଟାଇବେ ଆଉ ମହାଦେବ ହାତ ବଦଳାଇବେ ନାହିଁ ଓ ଚିରକାଳ ସ୍ଥିରଭାବରେ ରଖି ଥିବେ ଏହା କିଏ କହିବ ।

---

ଏ ସପ୍ତାହରେ ଏ ନଗରରେ ଓଲାଉଠା ରୋଗ ପୂର୍ବାପେକ୍ଷା ଅଧିକ ପ୍ରବଳ ହୋଇଅଛି ଏବଂ ପ୍ରାୟ ସମସ୍ତ ବଜାରରେ ଲାଗିଥିବାର ଶୁଣା ଯାଉଅଛି । ଲୋକେ ତ୍ରସ୍ତ ହୋଇ ଦେବାର୍ଚ୍ଚନା ସଂକୀର୍ତ୍ତନ ଭାଗବତପାଠ ଇତ୍ୟାଦି ଦୈବ ଉପାୟରେ ମଗ୍ନ ଅଛନ୍ତି । ଏସପ୍ତାହର ପ୍ରଥମରେ ଦୁଇ ତିନଦିନ ଘୋର ଗ୍ରୀଷ୍ମ ଓ ଖରା ହେବାରୁ ରୋଗ ଏତେ ମାତିବାର ଅନୁମାନ ହୁଅଇ । ଗତ ମଙ୍ଗଳବାରଠାରୁ ପ୍ରଚୁର ପରିମାଣରେ ବୃଷ୍ଟି ହୋଇ ବାୟୁ ଶୀତଳ ହୋଇଅଛି । ମୋଫସଲରୁ ସମ୍ବାଦ ଆସିଅଛି ଯେ ଏ ବୃଷ୍ଟି ଚତୁର୍ଦ୍ଦିଗ ଅଟଇ । ଭଦ୍ରଖ ସୋରୋ ପ୍ରଭୃତି ଉତ୍ତରାଞ୍ଚଳରେ ଜଳବିହୁନେ ଧାନ ମରି ଯାଉଥିଲା ଏ ବୃଷ୍ଟିଦ୍ୱାରା ତାହା ରକ୍ଷା ହୋଇଅଛି ।

---

ଗତ ସପ୍ତାହରେ ଇଂଲଣ୍ଡ ଓ ରୁସିୟା ମଧ୍ୟରେ ମଧ୍ୟଆସିୟାର ଯୁଦ୍ଧ ସମ୍ପର୍କରେ କୌଣସି ବିଶେଷ ସମ୍ବାଦ ପାଇ ଯାଇ ନାହିଁ । ମାତ୍ର ଯେଉଁ ସମ୍ବାଦମାନ ମିଳଅଛି ତହିଁରୁ ପ୍ରକାଶ ଯେ ରୁସିୟାର ସମ୍ବାଦପତ୍ରମାନେ ଏକପ୍ରକାର ସମର ବିରୋଧୀ । ଭରସା ଏତିକି ଯେ ବିଲାତର ନୂତନମନ୍ତ୍ରୀବର୍ଗ ବିବାଦ ମୀମାଂସିତ ହେବା ପକ୍ଷରେ ସଯତ୍ନ ଅଛନ୍ତି ଏବଂ ରୁସିୟାର କଥାମାନ ଅଦ୍ୟାପି ଶୁଣି ଯଥାବହିତ ରଫା କରିବାର ଚେଷ୍ଟା କରୁଅଛନ୍ତି । ତଥାପି ରୁସିୟା ରଫାଅଡ଼କୁ ନ ଆସିଲେ ବିପଦ ଏଡ଼ି ଯିବାର ବିଶ୍ୱାସ ଜନ୍ମିବ ନାହିଁ । କିନ୍ତୁ ରୁସିୟା ଶାନ୍ତ ହେବାର ଲକ୍ଷଣ ଆଉ ନୂଆ ଦାବିମାନ ଆଗତ କରୁଅଛନ୍ତି ଏବଂ ବିଲାତର ମନ୍ତ୍ରିମାନେ ସେହି ସମସ୍ତ ଦାବି କି ପର୍ଯ୍ୟନ୍ତ ଗ୍ରାହ୍ୟ କରିବେ ବା ନ କରିବେ ତହିଁର ବିଚାର କରୁଅଛନ୍ତି ।

---

ବଙ୍ଗୀୟ ସ୍ଥାନୀୟ ଆତ୍ମଶାସନ ବିଷୟକ ବିଧି ଗତମାସ ତା୧୧ ରିଖରେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ମଞ୍ଜୁରି ପ୍ରାପ୍ତ ହୋଇ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସନ ୧୮୮୫ ସାଲର ୩ ଆଇନ ନାମରେ କଲିକତା ଗେଜେଟରେ ବାହାରି ଅଛି । ମାନ୍ୟବର ବଙ୍ଗୀୟ ଛୋଟ ଲାଟ ସାହେବ ଯେଉଁ ସମୟଠାରୁ ଯେଉଁ ଜିଲ୍ଲାରେ ଏ ଆଇନ ପ୍ରଚଳିତ ହେବାର ବିଜ୍ଞାପନ ଦେବେ ସେହିଦିନଠାରୁ ସେଠାରେ ଜାରି ହେବ । କେବଳ ଶୋ ୧୬ ଟି ଜିଲ୍ଲାରେ ଏ ଆଇନ ଅନୁସାରେ ପ୍ରଥମରୁ ଜିଲ୍ଲା ଏବଂ ସ୍ଥାନୀୟ ବୋର୍ଡର ସଭ୍ୟମାନେ ନିର୍ବାଚିତ ହେବେ । ଏଥି ମଧ୍ୟରେ ଓଡ଼ିଶାର କୌଣସି ଜିଲ୍ଲା ନାହିଁ । ସୁତରାଂ ଏଠାରେ ଆଇନ ଜାରି ହେଲେ କେବଳ ଜିଲ୍ଲା ବୋର୍ଡ ବା ସମିତି ଗଠିତ ହେବ ଏବଂ ତହିଁର ସଭ୍ୟ ଓ ସଭାପତି ସମସ୍ତେ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ନିଯୁକ୍ତ ହେବେ ।

---

ବଙ୍ଗୀୟ ପ୍ରକାଶ୍ୟ କର୍ମସ୍ଥଳ ଅଫିସରୁ କଲିକତାର ସେକ୍ରେଟେରି ମଞ୍ଜୁର କରି ଅଛନ୍ତି ଏବଂ ଏତଦ୍ୱିଷୟରେ ସେ ଯେଉଁ ପତ୍ର ଲେଖିଅଛନ୍ତି ତାହା ଗେଜେଟରେ ଛପା ହୋଇଅଛି । ମାନ୍ୟ-

Digitized by srujanika@gmail.com

ନର ସେକ୍ରେଟେରି ମହୋଦୟ ଉକ୍ତ ପତ୍ରରେ ଲେଖିଅଛନ୍ତି ଯେ ଏହି ଅଞ୍ଚଳ ଯଥୋଚିତ ଯୋଗ୍ୟତା ଏବଂ ମନୋଯୋଗ ସହିତ ଧାର୍ଯ୍ୟ ହୋଇଥିବାର ଦେଖି ସେ ବଡ଼ ଆନନ୍ଦିତ ହୋଇଅଛନ୍ତି ଏବଂ ଏ ସମ୍ପର୍କୀୟ କୌଣସି କାର୍ଯ୍ୟ ଅଯଥା ବେଗରେ ନିଷ୍ପନ୍ନ ହୋଇ ନାହିଁ । ତାହାଙ୍କ ମତରେ ଏହି ଅଞ୍ଚଳଦ୍ୱାରା ଚିରସ୍ଥାୟୀ ବନ୍ଦୋବସ୍ତର ନିୟମ ଭଙ୍ଗ ହୋଇ ନାହିଁ । ଆଗ ପ୍ରଜାଙ୍କ ପକ୍ଷରେ ଏ ଅଞ୍ଚଳ ଉପକାରୀ ଅଟଇ କାରଣ ଏହାଦ୍ୱାରା ସେମାନଙ୍କର ଯୋତସ୍ୱତ୍ୱ ରକ୍ଷା ପାଇବ ଏବଂ ଯେତେବେଳେ ଖଜଣା ବଢ଼ାଇବା ଏବଂ ଅଧିଯୁକ୍ତ ନିକାଳିତ ହେବ । ଯେଉଁ ପ୍ରଜାଙ୍କର ଯୋତସ୍ୱତ୍ୱ ନାହିଁ ସେମାନେ ମଧ୍ୟ ବେଦଖଲ ହେବାରୁ ରକ୍ଷା ପାଇଅଛନ୍ତି ଏବଂ ତହିଁସଙ୍ଗେ ସେମାନଙ୍କର ଭୂମି ଉନ୍ନତ କରିବାର ସ୍ୱତ୍ୱ ନିର୍ଣ୍ଣୟ ହୋଇଅଛି ଏବଂ ଆପଣା ପରିଶ୍ରମର ଫଳଭୋଗ କରିବାର ସୁବିଧା ହୋଇଅଛି ।

---

ଗତ ୩୧ ସଂଖ୍ୟା ସମ୍ବାଦ ଓ ସେବକରେ 'ଜାନ ତ ନ କରେ' ନାମରେ ଯେଉଁ ପ୍ରବନ୍ଧ ବାହାର ଥିଲା ଏବଂ ଯହିଁର ନିମ୍ନ ଉଦ୍ଦେଶ୍ୟ ଅମ୍ଭେମାନେ ଗତ ସପ୍ତାହରେ କରିଥିଲୁଁ ତହିଁର ସଂକ୍ଷେପ ମର୍ମ ଏହି କି ରାଧାନାଥବାବୁ ଅଠରବର୍ଷ ପୂର୍ବେ ଗୌରୀଶଙ୍କର ବାବୁଙ୍କର ବିଶେଷ ପ୍ରଶଂସାବାଚକ ଏବଂ କବିତା ପ୍ରକାଶ କରି କେତେକବଡ଼ ବକ୍ତୃତା ଦେଖାଇ ଥିଲେ ଅତଏବ ସେହି ଗୌରୀଶଙ୍କର ପାଠ୍ୟପୁସ୍ତକ ଆନ୍ଦୋଳନ ଯେଉଁ ରାଧାନାଥବିଦ୍ୱେଷୀ ହୋଇ ଅଛନ୍ତି । ସହଯୋଗୀଙ୍କର ଏପ୍ରକାର ଭାବ ଉଦୟ ହେବାର ହେତୁ ଏହି କି ଶବ୍ଦମାଳା ସମ୍ପର୍କରେ ଅମ୍ଭେମାନେ ତଏଣ୍ଟ ଲେଫ୍ଟେନ୍ଟଙ୍କର ଗୋଟିଏ କାର୍ଯ୍ୟକୁ ନିନ୍ଦା କରିଥିଲୁଁ । ସେ କାର୍ଯ୍ୟଟି କିସ ସହଯୋଗୀ ତାହା ଜାଣି ନ ଥିବାରୁ ସ୍ୱୀକାର କରି ଅଛନ୍ତି ସୁତରାଂ ଅମ୍ଭମାନଙ୍କ ସିଦ୍ଧାନ୍ତ ସଙ୍ଗତ କି ଅସଙ୍ଗତ ସେ ବିଷୟ କହିବାକୁ ଅକ୍ଷମ ଅନନ୍ତ ସେ ବିଷୟ ଯିବାର ପ୍ରୟୋଜନ ନାହିଁ ରାଧାନାଥ ବାବୁଙ୍କ ଟେକ ରଖିବା ତାହାଙ୍କର ଉଦ୍ଦେଶ୍ୟ ଏବଂ ଏଥିପାଇଁ ଗୌରୀଶଙ୍କର ବାବୁଙ୍କ ସହିତ ରାଧାନାଥ ବାବୁଙ୍କର ବୈବାହିକ ସମ୍ବନ୍ଧ ପର୍ଯ୍ୟନ୍ତ ଟାଣି ଆଣି ଅପେ ଘୃଣା ଜନ୍ମୁଥିବା ବ୍ୟକ୍ତିଗତ ଆକ୍ରମଣକୁ ଡାକି ଗୁଡ଼ି ପ୍ରଶଂସା କରିଅଛନ୍ତି । ଯେମନ୍ତ ରାଧାନାଥ ବାବୁଙ୍କ ବିରୁଦ୍ଧରେ କିଛି କଥା ହେଲେ ସେ କାତରକି ହୋଇ ଯାନ୍ତି । ଯାହାର ମନ ଏରୂପ ସେ ଲୋକ ସମ୍ବାଦପତ୍ରର ଭାର ନେବା କେମନ୍ତ ଉଚିତ ମନା ତାହା ସାଧାରଣ ବିବେଚନା କରିବେ । ଅମ୍ଭେମାନେ ସହଯୋଗିଙ୍କର ଲେଖା ଓ ରୁଚି ଦେଖି ଦୁଃଖିତ ହୋଇ କହୁଅଛୁଁ ଯେ ସେ ସମ୍ବାଦପତ୍ରର ମର୍ଯ୍ୟାଦା ରକ୍ଷା କରିବାକୁ ଆଦୌ ଯୋଗ୍ୟ ନୁହନ୍ତି । ତାହାଙ୍କ ମତରେ ସମ୍ବାଦପତ୍ରର ସମ୍ପାଦକ ଆପଣା ବନ୍ଧୁ ବାନ୍ଧବ ବା ହିତକାରୀଙ୍କର ସାଧାରଣ କାର୍ଯ୍ୟ ବିରୁଦ୍ଧରେ କୌଣସି କଥା ପ୍ରକାଶ କରି ଦେବେ ନାହିଁ ବରଂ କେହି ପ୍ରକାଶ କଲେ ତାହାକୁ ଅନୁଚିତ ବୋଲି ଦଖାଇ ଦେବେ ଏବଂ ଯୁକ୍ତି ଥାଉ ଥିବା ନ ଥାଉ ତହିଁର ପ୍ରତିବାଦ କରିବେ । ଧନ୍ୟମହାତ୍ମା ସମ୍ପାଦକ ଅଗଣନର ଆବିର୍ଭାବରେ କି ଜଗତ ଏହି ନୀତି ଶିକ୍ଷା କରିବ ! ସହଯୋଗିଙ୍କର ଦୁର୍ବଳ ମନର ପରିଚୟ ଏଥିରୁ ଅଧିକ କି ହୋଇ ପାରେ କିନ୍ତୁ ତାହାଙ୍କର ଯୁକ୍ତିର ଦୁର୍ବଳତା ତଦପେକ୍ଷା ଅଧିକ । ସେ ଯୁକ୍ତି ଏହି ଯେ "ବିଦ୍ୟା ବୁଦ୍ଧି ସୌଜନ୍ୟ ଓ ଦେଶାନୁରାଗ ଦୃଷ୍ଟିରେ ଅନେକ ଲୋକ ରାଧାନାଥବାବୁଙ୍କୁ ଗୌରୀଶଙ୍କରଙ୍କଠାରୁ ଉଚ୍ଚ ଦରର ଲୋକ ବୋଲି ସ୍ୱୀକାର କରନ୍ତି" ଏବଂ ରାଧାନାଥ ବାବୁ ଏତେ ହୀନ ନୁହନ୍ତି ଯେ କର୍ତ୍ତବ୍ୟ ଜ୍ଞାନ ଶୂନ୍ୟ ବନ୍ଧୁତ୍ୱର ଅନୁରୋଧରେ କୌଣସି କାର୍ଯ୍ୟ କରିବେ । ଗୌରୀଶଙ୍କର ବାବୁ ଯେ ରାଧାନାଥ ବାବୁଙ୍କ ସଙ୍ଗେ ଅନ୍ତତଃ ଏକ ଶ୍ରେଣୀରେ ବସିବାର ଯୋଗ୍ୟ ହେଲେ ଏଥି ପାଇଁ ଅମ୍ଭେମାନେ ସହଯୋଗିଙ୍କୁ ଧନ୍ୟବାଦ ଦେଉ ଅଛୁଁ ଅର କର୍ତ୍ତବ୍ୟଜ୍ଞାନଠାରେ ବନ୍ଧୁତ୍ୱକୁ ସ୍ଥାନ ଦିଆ ବୋଲିବାରୁ ଅମ୍ଭେମାନେ ସନ୍ତୁଷ୍ଟ ହେଲୁଁ କିନ୍ତୁ ଗୌରୀଶଙ୍କର କର୍ତ୍ତବ୍ୟଜ୍ଞାନରେ ବନ୍ଧୁତ୍ୱକୁ ଉପେକ୍ଷା କରିବାରୁ ଦୁଃଖିତ ହେଲେ ଅର ଗୌରୀଶଙ୍କରଙ୍କଠାରୁ ଶ୍ରେଷ୍ଠ ହେଲେ ବୋଲି ରାଧାନାଥ ବାବୁଙ୍କ ସମସ୍ତ କାର୍ଯ୍ୟ ସୁନ୍ଦର କେବଳ ଓ ସାଧାରଣଙ୍କ ଚକ୍ଷୁରେ ତାହାଙ୍କର କୌଣସି କାର୍ଯ୍ୟ ଅସୁନ୍ଦର ଦିଶିବ ନାହିଁ ଏ କେମନ୍ତ କଥାର । ଅମ୍ଭେମାନେ ବିଶ୍ୱାସ କରୁଁ ସେ ରାଧାନାଥ ବାବୁ ଆପଣାକୁ ଅଭ୍ରାନ୍ତ ବୋଲି ବିଚାର କରନ୍ତି ନାହିଁ ଅଥବା ଉଚ୍ଚ ଦରର ଲୋକ ହୋଇ ସାଧାରଣ ମତକୁ ଅନାସ୍ଥା କରନ୍ତି । ସହଯୋଗୀ ତାହାଙ୍କପ୍ରତି ସେପ୍ରକାର କଳ୍ପନା କରି ବାଛି ଫିଙ୍ଗାଇ ଦେବାର ଭାବ ଙ୍କ ମ… ନ୍ତରେ କଳଙ୍କ ଲଗାଇ ଅଛି

---

ଗତ ଶନିବାର ପାଠ୍ୟପୁସ୍ତକ କମେଟିର ଯେଉଁ ଅଧିବେଶନ ହୋଇଥିଲା ତହିଁ ସ…ର୍କରେ ପ୍ରାପ୍ତ ହୋଇଥିବା ଜଣେ ବନ୍ଧୁଙ୍କ ପ… ଏଠାରେ ପ୍ରକାଶ କଲୁଁ ଯଥା ;—

"ସ୍ୱାର୍ଥିକ ବ୍ୟକ୍ତି ସମ୍ପାଦକ ହେଲେ ସମ୍ବ… ପୁଞ୍ଜିଧାରୀ କାଗଜର ମୁଖରେ, ତାହାର ବା… ଗୌରବ ବୋବାଇଲାବେଳେ ତତ୍ତ୍ୱା ପଡ଼ିଯା… ଏହି କଥାର ଗୋଟିଏ ଜାଜ୍ୱଲ୍ୟ ଦୃଷ୍ଟାନ୍ତ ଗ… ସଂଖ୍ୟକ ସମ୍ବାଦରେ ସମ୍ପାଦକୀୟରେ ଦେଖା… ଦେଇଅଛି । ତାହା ଏହି—ଗତ ଶନିବାର ପାଠ୍ୟପୁସ୍ତକ ନିର୍ବାଚନ ସବ୍‌କମିଟିରେ ସ୍ୱାସ୍ଥ୍ୟର…ର ପାଣ୍ଡୁଲିପିମାନ ମନୋନୀତ ନୋହିବାରୁ ଯେଉଁ ପ୍ରଣାଳୀରେ ସ୍ୱାସ୍ଥ୍ୟରକ୍ଷା … ପ୍ରଣୟନ କଲେ ପାଠୋପଯୋଗୀ ହେବ ତହିଁ ସମ୍ବନ୍ଧରେ ନିୟମାବଳୀ ପ୍ରସ୍ତୁତ କର… ସାଧାରଣଙ୍କୁ ଜଣାଇବା କାରଣ ବାବୁ ରାଧାନାଥ ବସୁ ଓ ବାବୁ ମଧୁସୂଦନ ରାଓଙ୍କୁ ଭାରାର୍ପିତ ହେଲା । ତତ୍ପରେ ଅବଗତ ହେ… ଯେ କମିଟିର ଜଣେ ସଭ୍ୟ ଚତୁର୍ଭୁଜ … ଆପଣା ପାଣ୍ଡୁଲିପି ଖଣ୍ଡି ଗୁପ୍ତଭାବରେ … ଦୋଷାଂଶମାନ ସଂଶୋଧନ କରିଦେବା … ସଭ୍ୟମାନଙ୍କୁ ବାହାନାବାଦରୂପେ କହୁଣ …ରୋଧ କଲେ କିନ୍ତୁ ଏପରି ମହାପାପ କରିବାକୁ କେହି ମଙ୍ଗିଲେ ନାହିଁ, ତହିଁ ସମ୍ବାଦରେ ଲେଖା ହେଲା "ଯେଉଁମାନେ ଗ୍ରନ୍ଥ ପ୍ରଣୟ… ଚନ କମିଟିରେ ପାସ କରାଇଲେ, ସ୍ୱାସ୍ଥ୍ୟରକ୍ଷା-ଜ୍ଞାନ ବିଷୟରେ ଲିଖିତ ବାବୁଙ୍କର … ସେମାନଙ୍କଠାରୁ ଅଧିକ ଉପଯୁକ୍ତ ଅମ୍ଭେମାନେ ସ୍ୱୀକାର କରି ନ ପାରୁଁ । ତେବେ ତ ନିଯୁ… କଲୀ ବାହାରୁ ଅଛି ତେବେ ଜଣା ପଡ଼ିବ … ବାବୁଙ୍କର ପାଣ୍ଡିତ୍ୟ ମଧ୍ୟ ପ୍ରକାଶ ପାଇବ । ବାସ୍ତବିକ କଥା, ସ୍ୱାସ୍ଥ୍ୟରକ୍ଷାର ନିୟମ … ଥିଲେ ରାଧାନାଥ ବାବୁ ଓ ମଧୁବାବୁ ଏ… ଦୁର୍ବଳ ଏବଂ ସ୍ୱାସ୍ଥ୍ୟରକ୍ଷାର ନିୟମ ଜାଣି… ଥିଲେ ଚତୁର୍ଭୁଜ ବାବୁ ଏପରି ସବଳକାୟ ହୋଇ ନ ଥାନ୍ତେ ! ଅତଏବ ଅମ୍ଭେମାନେ କହୁଁ ସ୍ୱାର୍ଥିକ ବ୍ୟକ୍ତି ସମ୍ପାଦକ ହେଲେ ଏ… ପରି କେତେ ଗୁରୁତ୍ୱ … ମିଳଇ । ଯେଉଁ ରାଧାନାଥ ବୋଲନ୍ତେ ଗୌ… ଶଙ୍କରଙ୍କଠାରୁ ସମସ୍ତ ସେ ପଣ୍ଡି ଚତୁର…

Split by PDF Splitter
Digitized by srujanika@gmail.com

ପ୍ରଭୃତିଙ୍କଠାରୁ ପ୍ରଶଂସା ହୋଇ ଗଲେ । ଏଣିକି ତାଙ୍କ ପୁସ୍ତକ ମନୋନୀତ ନୋହିଲେ ଆଜଯାଏ ଯେତେ ଯଶ ଗାଉଅଛନ୍ତି ତହିଁର ଓଲଟା ପାଠ ପଢ଼ିବେ ।”

ପତ୍ରପ୍ରେରକ ଯଥେଷ୍ଟ କହି ଅଛନ୍ତି ତହିଁରୁ ପାଠକମାନେ ଆପଣା୨ ମନ୍ତବ୍ୟ ସ୍ଥିର କରି ନେବେ । ସଂସ୍କାରକ ହେବନ ଯେତେବେଳେ କହି ଥିଲେ କି ବିଦ୍ୟା ବୁଦ୍ଧି ଇତ୍ୟାଦିରେ ରାଧାନାଥବାବୁଙ୍କ ଅନେକ ଲୋକ ଉଚିତରୁ ନ୍ୟୁନ ଜ୍ଞାନ କରନ୍ତି ସେତେବେଳେ ବୋଧ ହୁଏଇ ସେହି ଅନେକ ଲୋକ ମଧ୍ୟରେ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ଧର ନ ଥିଲେ ଅଥବା ପର ନ ବୁଝି କେବଳ ପର କଥାରେ ମାତି ଥିଲେ ଅନ୍ୟଥା ଏତେ ଶୀଘ୍ର ରାଧାନାଥବାବୁଙ୍କୁ ପରୀକ୍ଷା କରିବାର ପ୍ରୟୋଜନ ହୁଅନ୍ତା ନାହିଁ । ଫଳତଃ ଏ ପରୀକ୍ଷାର ଫଳ ଯାହା ହେଉ ଚତୁର୍ଭୁଜ ବାବୁଙ୍କର ଏହି କମିଟୀରେ ଥରକୁ ଦୁଇ ଥର ଯେଉଁ ଅଭିନୟ ଦେଖା ଗଲା ତହିଁରୁ ଉଲକ୍ଷଣ ପ୍ରମାଣ ହେଉ ଅଛି ଯେ ସେ ଏ କମିଟୀର ଯୋଗ୍ୟ ନୁହନ୍ତି । ଜଏଣ୍ଟ ଇନ୍‌ସ୍ପେକ୍ଟର ରାଧାନାଥ ବାବୁ ଏହାଙ୍କୁ ମନୋନୀତ କରି ଆପଣା ସୁବୁଦ୍ଧିର ପରିଚୟ ଦେଇ ନାହାନ୍ତି । ଏଥିର ତାହାଙ୍କୁ ଅନୁରୋଧ ଯେ ଆପଣା ଭ୍ରମ ସଂଶୋଧନ କରନ୍ତୁ । ଆପଣା ସ୍ୱାର୍ଥ ନିମନ୍ତେ ଯେଉଁମାନେ ସର୍ବଦା ବ୍ୟସ୍ତ ସେମାନେ କୌଣସି ସାଧାରଣ ସଭାରେ ବସିବାର ଉପଯୁକ୍ତ ନୁହନ୍ତି ।

---

## ପୁରୀର ରଥଯାତ୍ରା

୨୩।୨୪।୨୫ ତାରିଖମାନଙ୍କରେ ରଥ ସବୁ ଦକ୍ଷିଣ ମୁହାଁ ହେବାରେ ଗଲା । ତା ୨୬ ରଖ ରବିବାର ଦିନ ଠାକୁରମାନେ ଗୁଣ୍ଡିଚ୍ଚାଘର ଜଗନ୍ମୋହନରୁ ଗୋଟାକ ସମୟରେ ଧାଡ଼ି ପହଣ୍ଡି ବିଜେ କରି ରଥାରୂଢ଼ ହେଲେ । ଘ ୪ ଖା ସମୟେ ବିଜେ ବଢ଼ି ଶ୍ରୀ ପିଣ୍ଡି ବଡ଼ ରଥରେ ଦଉଡ଼ି ଲାଗି ଚଳିବାର ଉପକ୍ରମ ହେଲା ଯେ ଘ ୭ ଖା ସମୟରେ ବଡ଼ଦେଉଳର ସିଂହଦ୍ୱାରେ ଆସି ଲାଗି ଗଲେ ।

ତା ୨୭ ରଖେ ସୁଭଦ୍ରା ଠାକୁରାଣୀଙ୍କ ରଥ ସକାଳବେଳା ନ ଚଳାଇ ଘ ୪ ଖା ସମୟରେ ଡେପୁଟୀ ବାବୁ ପୁଲିସ ପ୍ରଭୃତି ହାଜରଥାଇ ୬ ଟାରେ ସିଂହଦ୍ୱାରେ ଦୁଇଘଣ୍ଟା ମଧ୍ୟରେ ଲଗାଇ ଦେଇ ହରିବୋଲ ଧ୍ୱନିରେ ପୂର୍ଣ୍ଣ କରି ଦେଲେ । ଏପରି ଘଟଣା ବହୁତ ଦିନରେ ଦେଖା ଗଲା ।

ତା ୨୮ ରଖେ ଶ୍ରୀ ନନ୍ଦିଘୋଷରଥ ୪ ଟା ସମୟେ ଚଳିବା ଉଦ୍‌ଯୋଗ ଲାଗିଲେ । ସେ ଦିନ ସହର ଶୂନ୍ୟ ହୋଇ ଆବାଳବନିତା ରଥ ସମୀପସ୍ଥ ହୋଇ ହରିବୋଲ ଓ ହୁଳହୁଳି ଧ୍ୱନିରେ ଚହଳ ପଡ଼ି ଗଲା । ରାଜକର୍ମଚାରୀ ପ୍ରଭୃତି ଉପସ୍ଥିତ ଥାଇ ରଥ ଚଳାଇ ଲାଗିଲେ । ସମୁଦ୍ର ମଧ୍ୟରେ ପୋତ ଭାସମାନ ହେଲା ପ୍ରାୟ ବଡ଼ଦାଣ୍ଡରେ ନନ୍ଦିଘୋଷରଥ ସ୍ଥଳରେ ଭାସମାନ ହେଲା ପ୍ରାୟ ଦେଖା ଯାଉଥିଲା । ୫ ଟା ସମୟରେ ରଥ ଆସି ପୁରୀରାଜାଙ୍କ ନବର ସମ୍ମୁଖସ୍ଥ ହେଲା କ୍ଷଣେ ଲକ୍ଷ୍ମୀନାରାୟଣ ଭେଟର ଆରମ୍ଭ ଯୋଗୁଁ ସେଠାରେ ରଥ ରହିଲେ ।

ଶ୍ରୀ ଠାକୁରାଣୀ ରୁଦ୍ରାଣୀ ମଣ୍ଡପରୁ ଆସି ରଥ ଆସିବା ଦେଖି ଉତ୍ସାହ ପୂର୍ବକ ମକରମୁଖୀ ଚନ୍ଦ୍ର ସୂର୍ଯ୍ୟାଚ୍ଛାଦିତ ଗଜଦନ୍ତ ପାଲିଙ୍କିରେ ବିଜେ କରି ଛତ୍ର କାହାଳ ବାଦ୍ୟ ସେବକ ଓ ଦେବଦାସୀ ଶାସ୍ତ୍ର ଘଣ୍ଟ ହସ୍ତୀ ସହିତ ପଟୁଆର କରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ ଆସି ଦଣ୍ଡାୟମାନ ହେଲେ । ତହୁଁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇବା ସମୟେ ହନୁମାନ୍ତେ ଯେ କି ସେ ସ୍ଥଳରେ ପ୍ରାଣ ଆଶା ନ ରଖି ଦର୍ଶନ କରିବାକୁ ଉପସ୍ଥିତ ଥିଲେ ସେମାନେ (କୃତାର୍ଥୋଽସ୍ମି) ଉକ୍ତ ଶବ୍ଦ ଉଚ୍ଚାରଣ ପୂର୍ବକ ଭେଟ ଦେଖି ସନ୍ତୁଷ୍ଟ ହେଲେ । ଠାକୁରାଣୀ ବିଜେ କରିବା ସମୟେ ମନ୍ଦିରରୁ ପୁରୀ ରାଜକୁମାର ଆପଣାର ଅଭ୍ୟନ୍ତରମାନେ ସେନ ଠାକୁରାଣୀଙ୍କ ସଙ୍ଗେ୨ ଥିଲେ । ବିଜେ ସମୟରେ ରଥ ନିକଟରେ ଶ୍ରୀଯୁକ୍ତ ମେଜିଷ୍ଟର ଓ ପୁଲିସ ସାହେବ ଉଭୟେ ଭେଟ ଦେଖିଲେ । ଭେଟବଢ଼ା ଠାକୁରାଣୀ ବିଜେ ହେଲା ପରେ ରାଜକୁମାରଙ୍କର ରାଜନୀତି ଅର୍ଥାତ୍ ପ୍ରସାଦମାନ ପ୍ରଭୃତି ହସ୍ତରେ ଦଅ ହେଲା । ରାଜକୁମାରଙ୍କ ସହିତ ସାହେବଙ୍କ ସାକ୍ଷାତ୍ ଓ ସେକ୍ଷେତ୍ର ପରେ ଦେଓ୍ୱାନ ବାବୁ ରାଜମାତାଙ୍କ ସଲାମ ଜଣାଇ ରଥ ସେଦିନ ସେହିଠାରେ ରହି ପରଦିନ ସିଂହଦ୍ୱାରେ ରହି ଅପର ଦିନ ପହଣ୍ଡି ବିଜେ ହେବାର ପ୍ରାର୍ଥନା କରିବାରୁ ସାହେବ ମହୋଦୟ ତହିଁରେ ସମ୍ମତ ହେଲେ । ପୁରୀବାସିନୀମାନେ ସାହେବଙ୍କ ଅନୁରୋଧ ରକ୍ଷାରେ ବଡ଼ ସନ୍ତୁଷ୍ଟ ହେଲେ । ତା ୨୯ ରଖେ ଉକ୍ତ ରଥ ୪ ଟା ସମୟେ ସିଂହଦ୍ୱାରସ୍ଥ ହେଲେ । ଗୁରୁବାର ତା ୩୦ ରଖ ପହଣ୍ଡିବିଜେ ହୋଇ ରତ୍ନସିଂହାସନରେ ବସିଲେ ଏବଂ ବରଷକର ରଥ ଯାତ୍ରା ନିର୍ବିଘ୍ନରେ ଶେଷ ହେଲା ।

---

## ଜଳକର ସମ୍ପର୍କୀୟ ବ୍ୟବସ୍ଥା ।

ଓଡ଼ିଶାର ଜଳକର କାର୍ଯ୍ୟ ନିର୍ବାହର ସୁବ୍ୟବସ୍ଥା କରିବା କାରଣ ଗବର୍ଣ୍ଣମେଣ୍ଟରୁ ନିଯୁକ୍ତ ହୋଇଥିବା ବିଶେଷ କମିଶନରମାନେ ଯେଉଁ ପ୍ରସ୍ତାବମାନ କରିଅଛନ୍ତି ସେ ସମସ୍ତ ପାଠକମାନଙ୍କୁ ଜଣାଇଅଛୁଁ ।ସମ୍ପ୍ରତି ସେହି ପ୍ରସ୍ତାବମାନଙ୍କର କିଞ୍ଚିତ୍ ସମାଲୋଚନା କରିବାରେ ପ୍ରବୃତ୍ତ ହେଲୁଁ ।

କମିଶନରମାନଙ୍କ ପ୍ରଥମ ପ୍ରସ୍ତାବ ଏହି କି ଜଳକର ବାକୀ ସମ୍ପର୍କୀୟ ସାର୍ଟିଫିକଟ ମୋକଦ୍ଦମାମାନ ଶୀଘ୍ର ନିଷ୍ପତ୍ତି ନିମନ୍ତେ ଜଣେ ବହୁଦର୍ଶୀ ଡେପୁଟି କଲେକ୍ଟର ନିଯୁକ୍ତ ହେବେ । ପାଠକମାନେ ଜାଣନ୍ତି ଯେ ଏପରି ମୋକଦ୍ଦମା ସହସ୍ର୨ ଏକ ବର୍ଷରୁ ଅଧିକକାଳ ହେବ ବାକୀରେ ପଡ଼ିଅଛି ଏବଂ ପ୍ରାୟ ଦୁଇବର୍ଷ ତଳେ ପ୍ରଜାମାନେ ଜଳ ନେଇଥିବା କଥିତ ହୋଇ ତହିଁର ଜଳକର ସକାଶେ ସେ ସମସ୍ତ ମୋକଦ୍ଦମା ଉପସ୍ଥିତ ହୋଇଅଛି ଏବଂ ତଦ୍ୱାରା ଦୀର୍ଘକାଳ ପ୍ରଜାମାନେ ଯାଣ୍ଡି ହେଉଅଛନ୍ତି । ସୁତରାଂ ପ୍ରଜାମାନଙ୍କୁ ଆଶୁ ପ୍ରତୀକାର ପ୍ରଦାନ କରିବା ଏ ପ୍ରସ୍ତାବର ଲକ୍ଷସ୍ଥଳ ଅଟଇ । ପ୍ରଜାମାନେ ସଂସ୍କୃତରେ ଏତେ ଅଧିକ ପରିମାଣରେ ଜଳ ନେଇ ନେଲେ ଅଥଚ ଜଣେ ପ୍ରଜାକୁ ସୁଦ୍ଧା ନାଲ କର୍ମଚାରୀମାନେ ଧରି ପାରିଲେ ନାହିଁ ଏ କଥା କମିଶନରମାନେ କିଛି ବିଚାର କଲେ ନାହିଁ ଏବଂ ଅନେକ କିଲମ୍ବରେ ଓ ଅନ୍ୟାୟରୂପେ କର ଧାର୍ଯ୍ୟ ହୋଇଥିବାର କେତେ ଗୁଡ଼ିଏ ଉଦାହରଣ କମିଶନରମାନଙ୍କ ସମ୍ମୁଖରେ ଉପସ୍ଥିତ କରାଯାଇଥିବା ପ୍ରତ୍ୟେ ଏହି ବନ୍ଦୋବସ୍ତ ... ହୋଇଅଛି ତହିଁର ସୁଦ୍ଧା କିଛି ମାତ୍ର ଉଦନ୍ତ କଲେ ନାହିଁ । କମିଶନରମାନଙ୍କ ରିପୋର୍ଟରୁ ଜଣା ଯାଉଅଛି କି ପ୍ରଜାମାନେ ଜଳ ଚୋରାଇ ନେଇଥିବାର ରିପୋର୍ଟ ପାଇବା ମାତ୍ରକେ ଅଥବା ଅନତିବିଳମ୍ବରେ ନାଲ ରାଜସ୍ୱ ବାନ୍ଧ ତଦାରକ କରି ନ ଥିବାର ସେମାନେ ବୁଝି ଅଛନ୍ତି ଏବଂ ଯେବେ ସେପରି ତଦାରକ ନ ହେଲା ତେବେ ପେଟ୍ରୋଲ ଓ ଅମିନମାନଙ୍କ ରିପୋର୍ଟ ଉପରେ ନିର୍ଭର କରି ସହସ୍ର୨ ପ୍ରଜାଙ୍କୁ ଦରବର କରିବା କେମନ୍ତ କଷ୍ଟକର ବିଷୟ ତାହା ସେମାନେ

Split by PDF Splitter



ପରେ ବିବେଚନା କଲେ ନାହିଁ । ଯେବେ ସେମାନେ କେତେ ଗୁଡ଼ଏ ଜଲ ଚେଷ୍ଟା ମୋକଦ୍ଦମାର ପ୍ରକୃତ ଅନୁସନ୍ଧାନ କରିଥାନ୍ତେ ତେବେ ଅବଶ୍ୟ ଦେଖି ପାରନ୍ତେ ଯେ କେତେ ଗୁଡ଼ଏ ଅନର୍ଥକ ମୋକଦ୍ଦମା ଦାଏର ହୋଇଅଛି ଏବଂ ସେପ୍ରକାର ମୋକଦ୍ଦମା ଅଧିକରୁ ଖାରଜ କରିବାର ଉପଦେଶ ଦେଇଥିଲେ ଅନେକ ପ୍ରଜା ଅନର୍ଥକ କଷ୍ଟରୁ ରକ୍ଷା ପାଇ ଥାନ୍ତେ ମାତ୍ର ଦୁଃଖର ବିଷୟ ଯେ ସେମାନେ କେବଳ ଜଣେ ଡେପୁଟି କଲେକ୍ଟର ନିଯୁକ୍ତ କରିବାର ପ୍ରସ୍ତାବ କରି ଆପଣା ଦାୟିତ୍ୱ ଶେଷ କରି ଦେଲେ । ଯେ ସ୍ଥଳେ ବହୁ ସଂଖ୍ୟକ ମୋକଦ୍ଦମା ଦାଏର ହୋଇଅଛି ଏବଂ ଜଲ କଲେକ୍ଟର ନାନା କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସେ ସମସ୍ତ ଏକାକୀ ନିଷ୍ପତ୍ତି କରିବାକୁ ଅକ୍ଷମ ସେ ସ୍ଥଳେ ଏ ସମସ୍ତ ମୋକଦ୍ଦମା ନିଷ୍ପତ୍ତି କରିବା କାରଣ ଜଣେ ବିଶେଷ କର୍ମଚାରୀର ସାହାଯ୍ୟ ପ୍ରୟୋଜନ ଏକଥା କହିବା ପାଇଁ ବିଶେଷ କମିଶ୍ନରର ପ୍ରୟୋଜନ ନ ଥିଲା । ଯାହାହେଉ ଅଳକ୍ଷ ପ୍ରାୟ ଦୁଇମାସ ହେଲା ଶ୍ରୀଯୁକ୍ତ ଉଇଲ୍ୟମସନ ଡେପୁଟି କଲେକ୍ଟର ଏ ଜିଲ୍ଲାକୁ ଆସି ଏହି ମୋକଦ୍ଦମାମାନ ବୁଝିବାର ଭାର ଗ୍ରହଣ କରିଅଛନ୍ତି ଏବଂ ସେ ଯେଉଁ ପ୍ରଣାଳୀରେ କାର୍ଯ୍ୟ କରୁଅଛନ୍ତି ତାହା କଦାଚ ସନ୍ତୋଷଜନକ ବୋଲିଯାଇ ନ ପାରେ । ଶ୍ରୀଯୁକ୍ତ କଲେକ୍ଟର କଡ ସାହେବ ପୂର୍ବେ କେତେଗୁଡ଼ଏ ଏପ୍ରକାର ମୋକଦ୍ଦମା ଫଏସଲ କରିଥିଲେ ଏବଂ ତହିଁରେ ସୁଦ୍ଧା ଆମ୍ଭେମାନେ ସନ୍ତୁଷ୍ଟ ହୋଇ ନ ଥିଲୁଁ କିନ୍ତୁ ଏବେ ବେଳେ ବାଧ୍ୟ ହୋଇ କହୁ ଅଛୁଁ ଯେ ବରଂ ତାହାଙ୍କର ବିଚାର ଭଲ ଥିଲା କାରଣ ସେ ଅନ୍ତତଃ ସରଜମିନକୁ ଯାଇ ମୋକଦ୍ଦମା ନିଷ୍ପତ୍ତି କରିବାର ଚେଷ୍ଟା କରୁଥିଲେ ବର୍ତ୍ତମାନ ଡେପୁଟି କଲେକ୍ଟର ମହାଶୟ ସ୍ୱଜିଲ୍ଲା ମୋକାମରେ ବସି ସବୁ ନିଷ୍ପତ୍ତି କରୁଅଛନ୍ତି । ଏକଦଗରେ ମୁଦେଇ ସ୍ୱୟଂ ସରକାର ବାହାଦୁର; ସୁତରାଂ ପ୍ରବଳପକ୍ଷ ଅନ୍ୟ ଦଗରେ ମୁଦାଲମାନେ ଗରିବ ପ୍ରଜା ଜଣେ ଅଧେ କୁଦାଳ ଗ୍ରାମରୁ ଗ୍ରାମ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଏମାନେ ଆପଣା ଅଦାଲତ ଚୁହାରଙ୍କ ପେନ ଆସି ସହରର ଖାଉଖର୍ଚ୍ଚା ଓ ମୁକ୍ତାର ପ୍ରଭୃତିଙ୍କ ମେହନତାନା ଦେଇ ମୋକଦ୍ଦମା ଚଳାଇବେ ଏହାକି ସାମାନ୍ୟ କଥା । ଗବର୍ଣ୍ଣମେଣ୍ଟ ବରଂ ଏହି ଚିନ୍ତିକଲେ ସେମାନେ ସହିପାରନ୍ତି କିନ୍ତୁ ଏତେଖର୍ଚ୍ଚା କରିବାକୁ ସକ୍ଷମ ନୁହନ୍ତି । ଇଛା ହାକିମମାନେ ପ୍ରଜାଙ୍କର ଏ ଅସୁବିଧା ବୁଝିବେ ନାହିଁ । ଯେସ୍ଥଳେ ମୋକଦ୍ଦମା କରିବା ଗବର୍ଣ୍ଣମେଣ୍ଟଙ୍କ ଉଦ୍ୟମ ସେସ୍ଥଳେ ତହିଁର ଅନ୍ୟଥା କରିବାକୁ ଆମ୍ଭେମାନେ ପରାମର୍ଶ ଦେଉ ନାହୁଁ କିନ୍ତୁ ଯେବେ ଏହି କାର୍ଯ୍ୟ ସକାଶେ ବିଶେଷ କର୍ମଚାରୀ ଜଣେ ନିଯୁକ୍ତ ହେଲେ ତେବେ ସେ ମୋଫସଲ ଭ୍ରମଣ କରି କାହିଁକି ଏ ମୋକଦ୍ଦମାମାନ ନିଷ୍ପତ୍ତି ନ କରିବେ । ଏଥିରେ ସରକାରଙ୍କର କିଛୁ କ୍ଷତି ନାହିଁ ମାତ୍ର ପ୍ରଜାମାନଙ୍କର ସମ୍ପୂର୍ଣ୍ଣ ସୁବିଧା । ସେମାନେ ଘରେବସି ମୋକଦ୍ଦମାର ଜବାବ ଦିହ କରିବାକୁ କୌଣସି କଷ୍ଟ ବୋଧ କରିବେ ନାହିଁ ଅଥଚ ହାକିମ ସରଜମିନର ଅବସ୍ଥା ଦେଖି ଅନେକସ୍ଥଳରେ ସୁବିଚାର କରିବାକୁ ଅଧିକତର ସକ୍ଷମ ହେବେ । ଡେପୁଟି କଲେକ୍ଟର ସଦର ମୋକାମରେ ବସି ଏଥିମଧ୍ୟରେ ତିନି ଚାରିଶତ ମୋକଦ୍ଦମା ଫଏସଲ କରିଅଛନ୍ତି ଏବଂ ବୋଲିବା ବାହୁଲ୍ୟ ଯେ ସବୁ ମୋକଦ୍ଦମାରେ ସରକାର ଡିକ୍ରୀ ପାଇଅଛନ୍ତି । କେବଳ କେତେଗୁଡ଼ଏ ମୋକଦ୍ଦମା ନାଲିସ ଜମି ହାକିମ ବୁଝାଇ ନେବାରୁ ତହିଁରେ ପ୍ରଜାମାନେ ଜୟ ପାଇ ଅଛନ୍ତି । ଯେରୂପ ପ୍ରମାଣ ଉପରେ ନିର୍ଭର କରି ହାକିମ ଡିକ୍ରୀ ଦେଉଅଛନ୍ତି ତହିଁରେ ଡିକ୍ରୀ ବିନା ଅନ୍ୟ କିଛି ହୋଇ ନ ପାରେ । ଆମ୍ଭେମାନେ ପ୍ରଥମେ କହିଅଛୁଁ ଯେ କାର୍ଯ୍ୟତଃ ପେଟ୍ରୋଲ ଏବଂ ଅମିନଙ୍କ ରିପୋର୍ଟ ଉପରେ ନିର୍ଭରପୂର୍ବକ ମୋକଦ୍ଦମା ଦାଏର ହୋଇଅଛି ଏବଂ ସେହି ପେଟ୍ରୋଲ ଏବଂ ଅମିନ ପ୍ରତ୍ୟେକ ମୋକଦ୍ଦମାର ସାକ୍ଷୀ । ସେମାନେ ଯେ ଆପଣା ରିପୋର୍ଟର ଅନ୍ୟଥା ସାକ୍ଷ୍ୟଦେବେ ଏପରି ଆଶା କରିବା କେବଳ ବିଡ଼ମ୍ବନା । ତଥାଚ ସେମାନେ ସ୍ଥଳବିଶେଷରେ ଅନୁମାନିକ ସାକ୍ଷ୍ୟଦେଲେ ସୁଦ୍ଧା ତାହା ଗ୍ରାହ୍ୟ ହେଉଅଛି । ଅନୁମାନ ବୃଥାଇ ହାକିମଙ୍କର ଧାରଣା ହୋଇଅଛି କି ଯେଉଁଠାରେ ଏକଗ୍ରାମର ସମସ୍ତ ବା ଅଧିକାଂଶ ପ୍ରଜା ମୁଦାଲ ସେଠାରେ ସରକାର ପକ୍ଷରେ କେହି ସାକ୍ଷୀ ହେବାର ସମ୍ଭାବନା ନାହିଁ । କିନ୍ତୁ ଏହା ବୋଲି ପେଟ୍ରୋଲ ବା ଅମିନ ଯାହା କହିବ ତାହା ବିଶ୍ୱାସ କରିବାକୁ ହେବ ଓ ସରଜମିନ ତଦନ୍ତ କରିବାକୁ ହେବ ନାହିଁ ଏହାକି ନ୍ୟାୟସଙ୍ଗତ ହେଲା । ଆଉ ପ୍ରଜାମାନେ ଯେ ସମସ୍ତେ ଏକମେଳ ହୋଇଅଛନ୍ତି ଏପ୍ରକାର ଅନୁମାନ କରିବା ମଧ୍ୟ ଅସମ୍ଭବ ଅଟଇ କାରଣ ନାଲ କମିସ୍ନରଙ୍କ ରିପୋର୍ଟ ସାକ୍ଷ ଦେଉଅଛି ଯେ କେତେ ପ୍ରଜା ନାଲ କର୍ମଚାରୀଙ୍କ ସପକ୍ଷରେ ସେମାନଙ୍କ ସାକ୍ଷାତରେ ସାକ୍ଷ୍ୟ ଦେଇଥିଲେ । ଏଥି ହେତୁରୁ କେତେକ ମୋକଦ୍ଦମାରେ ଏପ୍ରକାର ସୁଦ୍ଧା ଦେଖା ଯାଇଅଛି କି ଯେ ସ୍ଥଳେ ପ୍ରଜା ଜଳ ନେଇଥିଲେ ସୁଦ୍ଧା ଜଳକର ଥଇଲ ସର୍ଦ୍ଦାରୀୟ ନିୟମର ଧାରା ୭ ଅନୁସାରେ ତାହାଠାରୁ ଜଳକର ଆଦାୟ ହୋଇ ନ ପାରେ ସେଠାରେ ସୁଦ୍ଧା ପ୍ରଜା କବୁଲରେ ଡିକ୍ରୀ ଦିଆ ଯାଇଅଛି । ଏହି ସମସ୍ତ ଦେଖି ଆମ୍ଭେମାନେ ଦୁଃଖର ସହିତ କହୁଅଛୁଁ ଯେ କମିସ୍ନରମାନଙ୍କ ପ୍ରଥମ ପ୍ରସ୍ତାବଦ୍ୱାରା କୌଣସି ସୁବିଧା ନ ହୋଇ ବରଂ ଅଧିକ କଷ୍ଟର କାରଣ ହୋଇଅଛି । ଆମ୍ଭେମାନେ ଶୁଣିଅଛୁଁ ଯେ କେତେଗୁଡ଼ଏ ମୋକଦ୍ଦମାର ଅପିଲ ହେବାର ଉଦ୍ୟମ ଲାଗିଅଛି ଅପିଲ ଅଦାଲତ କିପରି ବିଚାର କରିବେ ଦେଖିବାରେ ଆସିବ ।

କମିଶନର ମାନଙ୍କ ଦ୍ୱିତୀୟ ପ୍ରସ୍ତାବ ଏହି ଯେ ସାର୍ଟିଫିକେଟ ମୋକଦ୍ଦମାର ପରମାଣ ମଧ୍ୟ ନାଳ [illegible] ମହକୁମାଦ୍ୱାରା ଜାରି ହେବାର ଉଚିତ । ଏଥିକୁ ଏ ପ୍ରସ୍ତାବ ପୂର୍ବରୁ ଉକ୍ତ ପରୱାନା ଜାରି କର୍ମ କଲେକ୍ଟରୀ ନାଜରଙ୍କଦ୍ୱାରା ହେବାର ଅବସ୍ଥା ହୋଇଥିଲା ଏବଂ ଏଥି ମଧ୍ୟରେ ପ୍ରତ୍ୟକ୍ଷ ଫଳ ବିପରୀତ ଫଳିବାର ଦେଖାଯାଇଅଛି ଅର୍ଥାତ୍ ନାଲ ମହକୁମାଠାରୁ କଲେକ୍ଟରୀ ନାଜରଙ୍କ ମହକୁମାଦ୍ୱାରା ବହୁତ ଟଙ୍କା ସହଜରେ ଆଦାୟ ହେଉଅଛି ଏବଂ ଏସମ୍ବନ୍ଧରେ ଯେ ସମସ୍ତ ଅତ୍ୟାଚାର ଘଟୁ ଥିଲା ସେମାନ ଶୁଣାଯାଉ ନାହିଁ । ସୁତରାଂ କମିସ୍ନର ମାନଙ୍କ ଦ୍ୱିତୀୟ ପ୍ରସ୍ତାବ ମଧ୍ୟ ଅକର୍ମଣ୍ୟ ଅଟଇ ।

କମିଶନରମାନଙ୍କ ତୃତୀୟ ପ୍ରସ୍ତାବ ମଧ୍ୟ ଅକର୍ମଣ୍ୟ ଅଟଇ କାରଣ ଯେବେ ବିଶେଷ ଡେପୁଟୀ ଜଣେ ନିଯୁକ୍ତ ହେବାରେ ସୁବିଧା ନ ହେଲା ତେବେ ଉପୁଣି ସବଡିଭିଜନର ହାକିମଙ୍କୁ ଅଧିକ କ୍ଷମତା ଦେବାରେ ଅଧିକ ଲାଭ କି ହେବ ବୁଝି ଯାଉ ନାହିଁ ।

—*—

। ୫ । ଉଣପୁରର ବଣ୍ଡପଣ ।

(ଗତ ପ୍ରକାଶିତ ଉତ୍ତରୁ)

୪ । ଦେବୋତ୍ତର ଓ ଚନ୍ଦେଶ୍ୱର ଉଣକାଳ ସମସ୍ତକାର୍ଯ୍ୟ ଦେବୋତ୍ତର କାର୍ଯ୍ୟନିର୍ବାହ ଓ ସତ୍ତ୍ୱ ଅମୁକ ବିଷୟକ ଅଧିକମାନଙ୍କ ଅନୁସାରେ

Digitized by srujanika@gmail.com

ସମ୍ପାଦିତ ହେଉଥିବାରୁ ଏ ଇଲାକା ଓ ଗଡ଼ର ଇଲାକାର ମାମଲତକାରମାନେ ଏହି ସ୍ଥଳରୀ ଅଦାଲତକୁ ଗବର୍ଣ୍ଣମେଣ୍ଟଙ୍କ ସଂସ୍ଥାପିତ ଅଦାଲତମାନଙ୍କ ସମକକ୍ଷ ବିବେଚନା କରିବାକୁ ସମର୍ଥ ହୋଇ ଅଛନ୍ତି ; ଏବଂ ତଦନୁସାରେ ଆପଣା୨ କାମ ନ ସ୍ଥିର କରୁଅଛନ୍ତି । ଆମ୍ଭେ ପ୍ରଥମେ ଭାରଗ୍ରହଣ କରିବା ସମୟରେ ଏହି ଅଦାଲତ ପ୍ରତି ଲୋକମାନଙ୍କର ବିଶ୍ୱାସ ନ ଥିବାର ସ୍ପଷ୍ଟ ଅନୁଭବ କରିଥିଲୁଁ । ବର୍ତ୍ତମାନ ଏହି କୁସଂସ୍କାର ଦୂରୀଭୂତ ହୋଇଥିବାର ଦେଖି ଆନନ୍ଦିତ ହୋଇଅଛୁଁ ।

୫ । ଫୌଜଦାରୀ—ଗତବର୍ଷ ମୋଟରେ ନ ୩୦୫ ମ୍ବର ମୋକଦ୍ଦମା ବିଚାରାଧୀନରେ ଅଣା ଯାଇ ନ ୨୯୭ ମ୍ବର ଫଇସଲ କରା ଯାଇ ଥିଲା ଓ ନ ୮ ମ୍ବର ବର୍ଷ ଶେଷକୁ ବାକି ଥିଲା । ମୋଟରେ ଜ ୬୮୮ ଣ ଅସାମୀ ବିଚାରାଧୀନରେ ଅଣା ଯାଇ ଜ ୩୩୬ ଣ ଖଲାସ ଓ ଡିସ୍‌ଚାର୍ଜ ଏବଂ ଜ ୩୩୧ ଣ ଦଣ୍ଡଭୋଗ କରି ଥିଲେ । ଏକଜଣ ଫେରାର ହୋଇ ଥିଲା ଓ ଜ ୭ ଣ ଅପର ଅଦାଲତକୁ ବିଚାର ସକାଶ ପ୍ରେରିତ ହୋଇ ଥିଲେ । ବର୍ଷ ଶେଷକୁ ଜ ୧୩ ଣ ବିଚାରାଧୀନରେ ବାକି ରହିଲେ । ଏ ଷ୍ଟେଟର ଫୌଜଦାରୀ ସଂକ୍ରାନ୍ତ ମୋକଦ୍ଦମାମାନ ଫୌଜଦାରୀ କାର୍ଯ୍ୟବିଧି ଓ ଦଣ୍ଡବିଧି ଆଇନମାନଙ୍କ ମର୍ମାନୁସାରେ ବିଚାର ହୁଏ । ଗତବର୍ଷ ଦାଏରୀ ମୋକଦ୍ଦମାମାନଙ୍କ ମଧ୍ୟରୁ ଦ ୩୭୯ ଫା ମୁତାବକ ଚୋରି ଓ ଦ ୩୫୨ ଫା ମୁତାବକ ମାରପିଟ ମୋକଦ୍ଦମାର ସଂଖ୍ୟା ଅଧିକ ଅଟେ । ଏପରି ଅପରାପର ବିସ୍ତର ମୋକଦ୍ଦମା ଦାଏର ହୋଇ ଥିଲା ସେମାନଙ୍କ ସମ୍ପୂର୍ଣ୍ଣରୂପେ ଶାସନ ସମ୍ପର୍କୀୟ ଅଟେ । ଏହି ମୋକଦ୍ଦମାମାନଙ୍କରେ ଅସାମୀମାନଙ୍କୁ [illegible] ରୂପେ ଜରିମାନା କରା ଯାଇଥିଲା । ଗତବର୍ଷ ଜଙ୍ଗଲ ରକ୍ଷା କରା ଯାଇ ଥିବାରୁ କାଠ ଚୋରି ମୋକଦ୍ଦମାର ସଂଖ୍ୟା ବିସ୍ତର ହୋଇଥିଲା । ସନ ୧୮୮୧ ମସିହାଠାରୁ କେତେକ ମୋକଦ୍ଦମା ବାକି ରହିଥିଲା । ଗତବର୍ଷ ସମସ୍ତ ବାକି ମୋକଦ୍ଦମା ଫଇସଲ କରାଯାଇ ଅଛି । ଗତବର୍ଷ ମୋଟରେ ଟ ୧୪୩୮୲ କା ଜରିମାନା ଓସୁଲ ହୋଇଥିଲା ଏବଂ ବର୍ଷ ଶେଷକୁ ଟ ୧୪୧୲ କା ଓସୁଲ ହେବାକୁ ବାକି ଥିଲା ।

୬ । ସମୁଦାୟ ଦେଓ୍ୱାନୀ ଓ କଲେକ୍ଟରୀ ଓ ଫୌଜଦାରୀ ମୋକଦ୍ଦମା ମାନ ଏକତ୍ରିତ କଲେ ଗତବର୍ଷ ନ ୨୪୯୧ ମ୍ବର ମୋକଦ୍ଦମା ବିଚାର ସକାଶ ଉପସ୍ଥିତ ହୋଇ ନ ୧୭୯୧ମ୍ବର ମୋକଦ୍ଦମା ଫଇସଲ ହୋଇଥିଲା ଏବଂ ନ ୭୦୦ ମ୍ବର ମୋକଦ୍ଦମା ବର୍ଷ ଶେଷକୁ ବାକି ଥିଲା । ଗତବର୍ଷ ସମସ୍ତ ବିଭାଗରୁ ନ ୪୭ ମ୍ବର ମୋକଦ୍ଦମା ରାଜ ସରକାରଙ୍କ ବିଚାରାଧୀନରେ ଅଣାଯାଇ ନ ୩୨ ମ୍ବର ମୋକଦ୍ଦମା ଫଇସଲ ହୋଇଥିଲା ଓ ନ ୧୫ ମ୍ବର ମୋକଦ୍ଦମା ବର୍ଷ ଶେଷକୁ ବାକି ଥିଲା ।

କ୍ରମଶଃ

## ସାପ୍ତାହିକ ସଂବାଦ ।

ଅସ୍ମମାନଙ୍କର କମିଶନର ଗତ ଶନିବାର ବାଲେଶ୍ୱରକୁ ଯାତ୍ରା କରିଅଛନ୍ତି ।

ସମ୍ବଲପୁରରୁ ଅବଗତ ହେଲୁଁ ଯେ କାଠଯୋଡ଼ି ହତହତ ଘାଟଠାରେ ଜଣେ ବିଧବା ସ୍ତ୍ରୀ ନଦୀକୁ ବୁଡ଼ିପଡ଼ି ଆତ୍ମହତ୍ୟା କରିଅଛି ।

ସମ୍ବଲପୁରର ମିଉନିସିପାଲ ରିପୋର୍ଟରେ ଜଣେ ସ୍ୱାସ୍ଥ୍ୟପାଳ ଲୋକ ହୋଇଥିବାର ଜଣାଯାଏ । କାରଣ ସେ ରାସ୍ତାଘାଟ ମାନଙ୍କର ଅବସ୍ଥା ଦେଖି ଭୁଲିଅଛନ୍ତି ଓ କେଉଁଠାରେ ଗାଡ଼ି ସହଜରେ ଚାଲୁଅଛି ବା ଯଦି ରହୁଅଛି ସେମାନ କହିଦେଇ ଚଳିବାଙ୍କର ବଡ ଉପକାର କରିଅଛନ୍ତି । ଟପିକ୨ ବର୍ଷା ସମୟରେ ସଡ଼କରେ କାଦୁଅ ହୁଏଇ ଏ ଘଟଣା ଦେଖି ବଡ ଆଶ୍ଚର୍ଯ୍ୟ ହୋଇଅଛନ୍ତି । ଅନ୍ୟମାନେ ଆଶା କରୁଁ ମିଉନିସିପାଲ କମିଶନରମାନେ ମନୋଯୋଗ ପୂର୍ବକ ଏହି ରିପୋର୍ଟ ପାଠ କରିବେ ଏବଂ ରିପୋର୍ଟର ମଧ୍ୟ ଶୀଘ୍ର ଉନ୍ନତି ପାଇବେ ।

ଶୁଣାଯାଏ ଯେ ଅସ୍ମମାନଙ୍କର କମିଶନର ସାହେବ ବାବୁ ଗଣେଶପ୍ରସାଦ ସିଂହ ବାବୁ ସୁଦାମଚନ୍ଦ୍ର ନାୟକ ଏବଂ ବାବୁ ରାଧିକାପ୍ରସାଦ କୁଣ୍ଡଙ୍କୁ ଯଥାକ୍ରମେ କଟକ ପୁରୀ ଓ ବାଲେଶ୍ୱରର ଲାଇସେନ୍ସ ଟେକ୍ସର ଅସେସର ମନୋନୀତ କରିଅଛନ୍ତି ।

ଏଠା ଅଦାଲତର ସବଜଜ ଏବାଣ୍ଡେଲ ମାର୍ଟିନ ସାହେବ ବାଲେଶ୍ୱର କଲେକ୍ଟରୀ ନାଜର ହୋଇଅଛନ୍ତି । ମାର୍ଟିନ ସାହେବ ଆଗାମୀ ମଙ୍ଗଳବାର ଏଠାରୁ ଯାତ୍ରା କରିବେ ।

ବାଲେଶ୍ୱର [illegible] ଉଚିତ ଜମିର ଯେଉଁ [illegible] ହୋଇଥିବ ତାହା ସମ୍ପୂର୍ଣ୍ଣ ଅନୁମାନ ହୋଇଅଛି ।

ଏଥର ଗେଜେଟରେ ଜଣେ ଲୋକ ଡେପୁଟୀ କଲେକ୍ଟର ପଦରେ ଏକଟିଂ ନିଯୁକ୍ତ ହେବାର ପ୍ରକାଶ ହୋଇଅଛି । ଏଥି ମଧ୍ୟରେ ଅବକାଶ ଏକାର ପାଞ୍ଚ ଜଣ ଇନସ୍ପେକ୍ଟରର ଉନ୍ନତି ପାଇଅଛନ୍ତି ।

କଲିକତାର ପୁଲିସ କମିଶନର ହାଗ୍‌ସେନ ସାହେବ ଛୁଟି ନେବାରୁ ସେଠାର ଡେପୁଟି କମିଶନର ଶ୍ରୀଯୁକ୍ତ ଲାମ୍ବାର୍ଟ ସାହେବ ତାଙ୍କ କର୍ମରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

କେନ୍ଦ୍ରାପଡ଼ା ସବଡିଭିଜନର ସଦର ସ୍ଥାନରେ ଗୋଟିଏ ସ୍ଥାୟୀ ମିସନ ବସିଅଛି ଏବଂ ତହିଁ ନିମିତ୍ତ ଦଲ ଜଣ ମହାଶୟମାନେ ଅବୈତନିକ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ଅଛନ୍ତି । ଯଥା—ବାବୁ ଗୁମଗୋପାଳ [illegible], ଚୌଧୁରୀ [illegible] ଦାସ, ଚୌଧୁରୀ [illegible] ଦାସ, ବାବୁ ଯୋଗେନ୍ଦ୍ରନାଥ ମୁଖୁର୍ଯ୍ୟା ଏବଂ ବାବୁ ମହେଶଚନ୍ଦ୍ର ବାନୁର୍ଯ୍ୟା । ଏମାନଙ୍କ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ଅର୍ପିତ ହୋଇଅଛି ।

ଚତୁର୍ଥ ଶ୍ରେଣୀର ଏକଜିକ୍ୟୁଟିଭ ଇଞ୍ଜିନିୟର ଶ୍ରୀଯୁକ୍ତ ସି, ଜେ, ଏଲ ମିଚେଲ୍‌ଟନ୍ ସାହେବ ବ୍ରାହ୍ମଣୀ ଡିଭିଜନ ଦପ୍ତରରେ ସ୍ଥାପିତ ହେଲେ ।

ଅନୁଗୁଳ ଯାଜପୁର ଦପ୍ତରର ଅସିଷ୍ଟାଣ୍ଟ ଇଞ୍ଜିନିୟର ଏସ୍ ଟମସନ ସାହେବ ତିନମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ବନାରସ କଟକ ପୁରୀ ରେଲୱାଇ ସର୍ଭେ ମହକୁମାର ଏକଜିକ୍ୟୁଟିଭ ଇଞ୍ଜିନିୟର ଟେମ୍ପଲ ସାହେବ ଉତ୍ତର ବଙ୍ଗ ରେଲୱାଇ ଦପ୍ତରକୁ ବଦଳି ହେଲେ ।

ସୁଆକିମଠାରୁ ସମ୍ବାଦ ଆସିଅଛି ଯେ ଦରବେଶମାନେ କାଶାଲା ନଗରକୁ ଗତମାସ ତା ୧୫ ଓ ୧୭ ରିଖେ ଆକ୍ରମଣ କରିଥିଲେ ମାତ୍ର ଫଳରେ ୩୦୦୦ ଲୋକ ହତାହତ ପଳାୟନ କରିଅଛନ୍ତି ।

କାଶ୍ମୀରର ମହାରାଜା ରଣବୀର ଗୁରୁତର ପୀଡ଼ାଗ୍ରସ୍ତ ହୋଇଥିବାର ଜମ୍ମୁଠାରୁ ସମ୍ବାଦ ଆସିଅଛି । ବହୁମୂତ୍ର, ଜ୍ୱର ଏବଂ ବାତରୋଗ ଏକାବେଳକେ ମହାରାଜାଙ୍କୁ ଜଳାଞ୍ଜଳି ଶେଷ କରି ଦେଇ ଥିବାର କଥିତ ହୁଏ । ନଗରବାସିମାନେ ଏଥିରେ ନିତାନ୍ତ କାତର ହୋଇ ମହାରାଜାଙ୍କ ଆରୋଗ୍ୟ ଓ ଦୀର୍ଘଜୀବନ ନିମିତ୍ତ ଦେବ ଦେବୀଙ୍କଠାରେ ନାନାପ୍ରକାର ପୂଜାବିଧାନ କରୁ ଅଛନ୍ତି । ଅସ୍ମମାନଙ୍କର ମଧ୍ୟ କାମନା ମହାରାଜା ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ।

କଲିକତାଠାରେ ଏକ ମୁକ୍ତିଫଉଜୀୟା ସ୍ତ୍ରୀଲୋକର ଅନେକ ବୟସ୍କ ପୁତ୍ର କନ୍ୟା ଅଛନ୍ତି [illegible] ସେମାନଙ୍କ ଦୈନ୍ୟ ଦଶା ଏତେଦୂର ଯେ ତିନି୨ ଅନ୍ନ [illegible] ରହିବାକୁ ହୁଏଇ । ସ୍ତ୍ରୀଲୋକଟି ଆପଣା ଜାତୀୟ ଲୋକଙ୍କ [illegible] ରେ ରକ୍ଷା କରି ସୂତା କାଟିବା ଇତ୍ୟାଦି କଷ୍ଟ ଦୂର ଦେଇ ନାହିଁ । ସକଳ କେବଳ ଗୋଟିଏ ପଇସା ପ୍ରାପ୍ତ ହୋଇଥିଲା ଯେ ତହିଁରେ ଲୁଣଭାତ କରି ସମସ୍ତ ପରିବାର ଜୀବନଧାରଣ କରୁଥିଲେ । ତହିଁ ଅନନ୍ତର ତାହାର ଗୋଟିଏ ବୟଃପ୍ରାପ୍ତା କନ୍ୟା ଆପଣାର ଦୁର୍ଭାଗ୍ୟରେ ବିଶେଷ ମନସ୍ତାପ ପାଇ କୋଠା ବାରଣ୍ଡା ରେଲରୁ ଆପଣାକୁ ଅଧୋ ତଳକୁ ପକାଇଦେଲା । ପିଂଗଟ ଉପରୁ ତଳେ ପଡ଼ିବାରୁ ତାକୁ ଫାଇଗଲ ଏବଂ ତତ୍କ୍ଷଣାତ ଡାକ୍ତରଖାନାକୁ ନିଆ ହେଲେ ମଧ୍ୟ ସେହି ଅବସ୍ଥାରେ ପଞ୍ଚତ୍ୱ ପ୍ରାପ୍ତ ହେଲା ।—କି ଶୋଚନୀୟ ବ୍ୟାପାର ।

ବର୍ତ୍ତମାନର ଯେଉଁ ଉଙ୍ଗ ସାହେବଙ୍କ ଏକ ଖୁନି ମୋକଦ୍ଦମାରେ ୨୫ ବର୍ଷ କାରାବାସଦଣ୍ଡ ହୁଅ ଯାଇ ଥିବାର ଇତିପୂର୍ବେ ପାଠକଙ୍କୁ ଜଣାଇ ଥିଲୁଁ ସେ ପୁଣି ଦଣ୍ଡ ଅବଧିରୁ ହୋଇ ଥିବାର କରି ହାଇକୋର୍ଟରେ ଅପିଲ କରି ଥିଲା । ଅପିଲ ବିଚାରରେ ତାହାର ମୃତ୍ୟୁ ଦଣ୍ଡ ହୋଇ ଏକ ବର୍ଷପାଇଁ ସ୍ଥିର ରହିଅଛି । ଏଥିରେ ପାଠକମାନେ ସନ୍ତୁଷ୍ଟ ହେବେ କି ?

ବାବୁ କୃଷ୍ଣଗୋପାଳ ଭକ୍ତ ଅଷ୍ଟାଦଶ ମହାପୁରାଣ ଛାପା କରିବାର ବ୍ରତବଦ୍ଧ ହୋଇଥିବାରୁ ଉକ୍ତ କର୍ମର ସାହାଯ୍ୟ ସ୍ୱରୂପ ମୁର୍ଶିଦାବାଦର ନବାବ ବାହାଦୁର ଟ ୮୦୦୲ କା ଦାନ କରି ଅଛନ୍ତି । ମୁସଲମାନ ହୋଇ ହିନ୍ଦୁଧର୍ମ ସମ୍ବନ୍ଧୀୟ କାର୍ଯ୍ୟରେ ଏରୂପ ଦାନଶୀଳତା ପ୍ରଶଂସନୀୟ ଅଟଇ ।

ରଇନ୍‌ଗେଲ ନାମକ ଏକ ଜାହାଜ ମାନ୍ଦ୍ରାଜଠାରୁ ବମ୍ବଇ ଯାଉଥିବା ବାଟରେ ସାର୍ଡ଼ିନିଆ ଅନ୍ତରୀପ ନିକଟରେ ତାହାରେ ଲାଗି ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଥିବାର ସମ୍ବାଦ ମିଳଇ । ଏଥିର କାପ୍ତାନ ଏବଂ ନାବିକଙ୍କ ମଧ୍ୟରୁ ଜ ୧୧ ଣ କାଳକବଳରେ ପତିତ ହୋଇଅଛନ୍ତି ।

ସହୋରଠାରେ ମଧ୍ୟ ଗତ ଜୁନ୍ମାସ ଏବଂ ଗତମାସ ତା ୧୬ ଦିନରେ ଭୂମିକମ୍ପ ଅନୁଭୂତ ହୋଇଥିବାର ବାର୍ତ୍ତା ଆସିଅଛି । ସେହିମାସ ତା୧୬ ଦିନରେ ମଧ୍ୟ ଅମୃତସହର ଠାରେ ଭୂମିକମ୍ପ ଦେଖା ଯାଇ ଥିବାର ଜଣାଯାଉ ଅଛି । ଏହି ଏରୂପ ଭୂମିକମ୍ପ ଘଟଣା ହେବା ବଡ଼ ବିସ୍ମୟଜନକ ଅଟଇ ।

ଗତମାସ ତା୧୪ ଦିନର ଭୂମିକମ୍ପ ଶ୍ରୀନଗରଠାରେ ଅନେକ କ୍ଷତି କରିଥିବାର ଜଣାଯାଉଅଛି । ସରକାରୀ ଡାକଘର ସବୁ ଫାଟି ଯାଇଅଛି ଏବଂ ସହରବାସୀ ଲୋକେ ଏକାବେଳକେ ନଷ୍ଟ ହୋଇ ଯାଇଅଛନ୍ତି । ଅନେକ ପଶୁ ଓ ମନୁଷ୍ୟ ଘରର ଭଗ୍ନାବଶେଷ ତଳେ ଚାପାପଡ଼ି ପ୍ରାଣତ୍ୟାଗ କରିଥିବାର ଦେଖା ଯାଇ ଥିବାର ଜଣାଯାଉଅଛି ।

ମରି ଏବଂ ରାଓଲପିଣ୍ଡିଠାରେ ଗତମାସ ତା ୧୬ ଦିନରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ଆସିଅଛି ।

ଗତ ମାସ ତା ୧୬ ଦିନରେ କାଶ୍ମୀରଠାରେ ୮୨ ଥର ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳିଅଛି ।— କାଶ୍ମୀରକୁ ପ୍ରକୃତରେ ଶନିର ଦଶା ଘେରିଅଛି କି ?

ଶ୍ରୀନଗରଠାରେ ଗତ ମାସ ତା ୧୪ ଦିନ ଠାରୁ ପୁନଃପୁନଃ ଭୂମିକମ୍ପ ଅନୁଭୂତ ହେଉଅଛି ଓ ଖାଦ୍ୟ ଜଳ ଏବଂ ଜୀବନ ଜର୍ଜର ହେଉଥିବାରୁ ଲୋକେ ଖିନ୍ନ ହୋଇ ଅଛନ୍ତି । ଉକ୍ତ ସ୍ଥାନରେ ରହିବା ସଙ୍କଟଜନକ କି ନା ସ୍ଥିର କରିବା କାରଣ ଜଣେ ବୈଜ୍ଞାନିକ ଲୋକ ପଠାଇବା ପ୍ରାର୍ଥନାରେ ସେଠା ମହାରାଜା ଲେଃ ଲାଟ ସାହେବ ମହୋଦୟଙ୍କ ସମୀପକୁ ପତ୍ର ପଠାଇଅଛନ୍ତି ।

[illegible]ଦ ।

ବର୍ଷା ହୋଇବାରୁ [illegible] ମୋଫସଲରେ ଖାଦ୍ୟ ଅନଗଛମାନ ଶାଗ ଲାଗିଅଛି । ଯାହା ହେଉ ବର୍ଷା ହେଉଅଛି ତହିଁରେ ଥିବା ମନ୍ଦ ନାହିଁ ଏଥିରେ ଧାନ୍ୟର ଉପକାର ହେବ ।

ଗବର୍ଣ୍ଣମେଣ୍ଟଙ୍କ ତରଫରୁ ୨ଜଣ ନେଟିଭ ଡାକ୍ତର ନିଯୁକ୍ତ ଅଛନ୍ତି । ମହାମାରୀ ଯେଉଁ ଯେଉଁ ଗ୍ରାମକୁ ଓଲଉଠା ରୋଗ ଆକ୍ରମଣ କରିବ ପ୍ରଥମତଃ କୋଟଏ ଥାନା ହେବା ମାତ୍ରେ ଉକ୍ତ ଡାକ୍ତରଙ୍କୁ ଜଣାଇଲେ ସେମାନେ ତହିଁର ଚିକିତ୍ସା କରିବେ ।

କଲିକତାବାସୀ ଶ୍ରୀଯୁତ ବାବୁ ରାଜେନ୍ଦ୍ରଲାଲ ମିତ୍ରଙ୍କ ତରଫରୁ ଜଣେ ପଣ୍ଡିତ ଏଠାକୁ ଆସି ଡାକବାଙ୍ଗଲା ନବଦ୍ୱୀପଗରର ବାବୁଙ୍କ ବସାରେ ଅଛନ୍ତି । ମାନ୍ୟବର ଶ୍ରୀଯୁତ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ ଓ ଶ୍ରୀଯୁତ କମିଶନର ସାହେବଙ୍କୁ ଓ ସେ ପୁସ୍ତକ ଦେଖି ସାହେବଙ୍କୁ ଅନୁରୋଧ କରିବାରୁ ମେଡିକର [illegible] ମହୋଦୟ ଏଠାର ମଠଧାରୀମାନଙ୍କଠାରୁ ପୋଥି ସାହାଯ୍ୟ ଦେବା ନିମନ୍ତେ ପରୱାନା କରିଅଛନ୍ତି । ଉକ୍ତ ପଣ୍ଡିତଙ୍କ ଏବଂ ଅନ୍ୱେଷଣ ଦେଖି ପ୍ରାଚୀନ ଗ୍ରନ୍ଥ ମଠମାନଙ୍କରେ ଯେ କ ଅମୂଲ୍ୟ ଓ ଅପୂର୍ବ ଥିବ ଏପରି ଅପୂର୍ବ ପୁସ୍ତକ ମିଳିଲେ ସେ ଗ୍ରନ୍ଥମାନ ଲେଖି ନକଲ କରିନେବେ । ମଠାଧିପତିମାନଙ୍କଠାରୁ ଏପରି ପୁସ୍ତକ ପ୍ରାପ୍ୟ ହେବ ତାହାଙ୍କ ଗବର୍ଣ୍ଣମେଣ୍ଟକୁ ଧନ୍ୟବାଦ ଦିଆଯିବ । ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ ।

## ଅଳି ଓ କନିକାର ସମ୍ବାଦ ।

କନିକା ଷ୍ଟେଟର ମେନେଜର ବାବୁ ଶ୍ରୀନାଥ ଘୋଷ ସ୍କୁଲର ଦୁରବସ୍ଥା ଦେଖି ଅମ୍ଭମାନଙ୍କର ଚିଠିପୂର୍ବୀୟ ୧୮୮୫ କାରଣ କନିକାର ପ୍ରଜାମାନେ ଅପଣାର ସନ୍ତାନମାନଙ୍କୁ ବିଦ୍ୟାଶିକ୍ଷା ଦେବା ବିଷୟରେ ଏକାବେଳେ ଅନିଚ୍ଛୁକ ହୋଇ ଦିଶୁଥିଲେ ସୁନ୍ଦ ଶରତ ନବାବ ବରିବାକୁ ଏକାବେଳକେ ପରାଙ୍ମୁଖ, ଏପରି ସ୍ଥଳେ ମେନେଜର ବାବୁ କୌଣସି ଛାତ୍ରମାନଙ୍କର ଅର୍ଥାଭାବ ନିମନ୍ତେ ମାସିକ ବୃତ୍ତି ଓ ବାହାରକୁ ବା ପାଠ୍ୟପୁସ୍ତକାଦି ସମସ୍ତ ଖରଚ ନିବାହ କରିବାକୁ ଅଙ୍ଗୀକାର ହୋଇ ଥିଲେ କେବଳ ଶ୍ରୀନାଥବାବୁଙ୍କ ଯତ୍ନ ସହରେ ଏଠାର ମାଇନର ସ୍କୁଲଟି ଅଦ୍ୟପର୍ଯ୍ୟନ୍ତେ ସଜୀବ ହୋଇ ଅଛି ।

କର୍ଷଣୋପଯୋଗୀ ବୃଷ୍ଟି ହୋଇ ଥିବାରୁ ଧାନରୁଣା କାର୍ଯ୍ୟ ପ୍ରାୟ ଶେଷ ହୋଇ ଥିଲେହେଁ ସମ୍ପ୍ରତି ପ୍ରାୟ ଏକମାସ ହେବ ଉତ୍ତମ ବର୍ଷା ନ ହେବାରୁ କାଉନା ଓ ବାର୍ଦ୍ଧାଡେସ ଏବଂ ଅଳି ଓ କନିକା ଇଲାକାର ଅନେକ ସ୍ଥଳରେ ଧାନ ଗଛସବୁ ଶୁଖୁଶୁଖୁଆ ମାରି ଯାଉଅଛି ସୁଧା ତହିଁ ସଙ୍ଗେ କାଳ ପତଙ୍ଗମାନଙ୍କର ଦୌରାତ୍ମ୍ୟ ଅତ୍ୟନ୍ତ ଅସହ୍ୟ, କାରଣ କୌଣସି ଉତ୍ପାତମାନଙ୍କୁ ପତଙ୍ଗ ଦଳ ସର୍ବନାଶ କରୁ ଅଛନ୍ତି, ଏମାନେ ଧାନଗଛକୁ ଏକାବେଳେ ମୂଳରୁ କାଟି ପକାଇ ଥିବାରୁ କୌଣସି ପ୍ରଜାମାନେ ଦୁଇ ତିନିଥର ଧାନ ବୁଣି ମଧ୍ୟ ଫଳ ନ ପାଇବାରେ ଅଦ୍ଭୁତ କାର୍ଯ୍ୟ ହେଉ ଅଛନ୍ତି କୃଷି କାର୍ଯ୍ୟର ଏକଥି ବି ଅପଦ । ।

କନିକାର ହେଡ଼ ଜୁର୍କ ବାବୁ ତୃଜେନ୍ଦ୍ର ବଲ୍ ଅନୁମାନ କରନ୍ତି ଯେ କନିକାରେ ସୁଲଭତା ବର୍ଷଣ ହେବେ ନାହିଁ । ଯେବେ ଅବା ଦେଖା ଦିଅନ୍ତି ତାହା ହେଲେ ପ୍ରଥମରେ କେବଳ ଧାନସରେ କଳେ କରିବେ ଏପରି ଅନୁମାନ ପୁଷ୍ଟି ସଙ୍ଗତ ବୋଲି ବୋଧ ହେଉଅଛି ।

କନିକା ଷ୍ଟେଟ ଇଣ୍ଡିପେଣ୍ଡେଣ୍ଟ ଓ ଗ୍ରାଣ୍ଟଇନେଡ ପାଠଶାଳାସମୂହର କାର୍ଯ୍ୟ ସୁସ୍ଥରୂପେ ନିର୍ବାହ ହେବା କାରଣ ପ୍ରାୟ ଟ ୫୦୦ ଙ୍କା ଷ୍ଟେଟ ଏଜେଣ୍ଟଙ୍କ କର୍ମଚାରୀମାନଙ୍କର ହସ୍ତରେ ନ୍ୟସ୍ତ ହୁଏ, ଏଥିରୁ କାର୍ଯ୍ୟର ସୁବିଧା ସକାଶେ କେବଳ କେତେଗୁଡ଼ଏ ଶିକ୍ଷକ ନିଯୁକ୍ତ ହୋଇ ବେତନ ପାଉଅଛନ୍ତି । କିନ୍ତୁ ଶିକ୍ଷକମାନେ ବର୍ଷାକାଳରେ ଯେ କେଉଁ ଠାରେ ବସି ପଢ଼ାଇବେ ଏପ୍ରକାର କୌଣସି ବ୍ୟବସ୍ଥା ପଡ଼ି ନ ଥିବାରୁ କୋଟିଏ ମଧ୍ୟ ଅଙ୍ଗନ ପୂରଣ ହୋଇ ନାହିଁ ଏହା ଛଡ଼ା ଯେଉଁ ଶିକ୍ଷକମାନେ ପାଞ୍ଚଶାଳା ଇତ୍ୟାଦି କୃତ୍ରିମ ସେମାନଙ୍କର ଯୋଗ୍ୟତା ଅନୁସାରେ ବୃତ୍ତି ନ ପାଇବାରୁ ସେମାନଙ୍କର ଦରମା ତୁଳନାରେ ସୋପାନ ହେଉଠାରୁ କମ ହୁଏ । କାରଣ ଏହି କନିକାର ଲୋକମାନେ ଦରମାର ଅଭାବନ ନ ପାଇବା ପର୍ଯ୍ୟନ୍ତ ଅପଣାର ଛାତ୍ରମାନଙ୍କ ଦରମା ଦେବାକୁ ସେ ସମ୍ମତ ହେବେ ଏ [illegible] ଏପରି ପ୍ରଚଳିତ [illegible] ଶିକ୍ଷକମାନଙ୍କର ଯୋଗ୍ୟତାନୁସାରେ କୋଟିଏ ବୃତ୍ତି [illegible] କରି ଉତ୍ସାହ ଦାନ କରିବା ନିତାନ୍ତ ପ୍ରୟୋଜନୀୟ ହେଉ ଅଛି । ଏଥିକୁ ପାଠଶାଳାମାନଙ୍କର ଉନ୍ନତି ସାଧନ କରିବାର ଯେବେ ଅଭିଳାଷ ରଖା ଥାଏ ତାହା ହେଲେ ଡିଷ୍ଟ୍ରିକ୍ଟ ରୋଡ଼ସେସ କର୍ମଚାରୀମାନେ, ପାଠଶାଳା ସମୂହର ଉନ୍ନତିର ବାଧା ସବୁ ଦୂର କରିବାକୁ ଯତ୍ନବାନ୍ ହେଉନ୍ତୁ ।

ସାହା ମାଇନର ସ୍କୁଲର ୨ୟ ଶିକ୍ଷକ ବାବୁ ଚନ୍ଦ୍ରଶେଖର ଭଞ୍ଜଙ୍କର୍ମା କେଉଁ ଭଲ୍ ପ୍ରଣାଳୀରେ ଶିକ୍ଷା ଦେଉନ୍ତି ତହିଁରେ ଛାତ୍ର ଓ ଦର୍ଶକମାନେ ଅତିଶୟ ପ୍ରୀତ ହୋଇ ଅଛନ୍ତି । ଏଥିପୂର୍ବେ ଶିକ୍ଷକ ମହାଶୟ କଟକରେ ସ୍କୁଲରେ ଉଦାୟ ନେଇ ଥିବାରୁ ସ୍କୁଲଟିର ପ୍ରାୟ ପରମାୟୁ ଶେଷ ହୋଇ ଥିଲା । କିନ୍ତୁ ତାଙ୍କର ସୁଶାସନରେ ପୁନର୍ବାର ଜୀବନ ପ୍ରାପ୍ତ ହୋଇ ଶ୍ରୀବୃଦ୍ଧି ସାଧନ ହୋଇ ଅଛି । ଏଭଳି ଉପଯୁକ୍ତ ଶିକ୍ଷକ ପାଇବା ସ୍କୁଲର ସୌଭାଗ୍ୟ ବୋଲିବାକୁ ହେବ ।

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

କାର୍ଯ୍ୟବଶତଃ ଅମ୍ଭେ ଭଗବତୀ ଠାକୁରାଣୀ ଦେଖିବାକୁ ଯାଇଥିଲୁଁ ।

ଚନ୍ଦ୍ରଭାଗା ନଦୀର ବାମକୂଳରେ ତାହାଙ୍କ ଦେଉଳ ସ୍ଥାପିତ । ଅନୁମାନ କୋଟିଏ ମୃଦୁଙ୍ଗ୍ୟ ମହାଦେବ ମନ୍ଦିର ମଧ୍ୟ ଥିଲା ମାତ୍ର ନଦୀର ପ୍ରବଳ ସ୍ରୋତରେ ପଡ଼ି ଅନେକଦିନ ହେଲା ଆପଣାର ଅସ୍ତିତ୍ୱ ପ୍ରତିପନ୍ନ କରୁଅଛି । ଯେଉଁ ଅଂଶଟି ଅଛି ତାହାର ଦୃଶ୍ୟ ମନୋହର ନୁହେ । ଭଗବତୀଙ୍କ ମନ୍ଦିର ନଦୀତୀରରୁ କିଞ୍ଚିତ ଦୂରରେ ଥିବାରୁ ବର୍ତ୍ତମାନ ନିରାପଦ ଅଛି । ମନ୍ଦିର ମଧ୍ୟରେ ଭଗବତୀଙ୍କ ପ୍ରତିମୂର୍ତ୍ତି ଭିନ୍ନ ଅନ୍ତର ଭିତରେ ଖୋଦିତ ଶିଳ୍ପ ଚିତ୍ର ଅଛି ଯାହା ଦେଖିବାକୁ ଅତି ଚମତ୍କାର ଅଟେ । ପଣ୍ଡାମାନଙ୍କ ପତ୍ରରକାରେ ଜଣାଗଲା ଯେ ଆଜକୁ ପ୍ରାୟ ୫୦ ବର୍ଷ ହେବ ଚନ୍ଦ୍ରଭାଗା ନଦୀ ଗର୍ଭରୁ ସେ ପ୍ରତିମୂର୍ତ୍ତିମାନ ପ୍ରାପ୍ତ ହୋଇଅଛି । ତାଙ୍କର ରୂପର ବିବରଣ ଏହିପରି ୧ମ ଚତୁର୍ଭୁଜମୂର୍ତ୍ତି । ମସ୍ତକରେ ଅର୍ଦ୍ଧଚନ୍ଦ୍ର, ଦକ୍ଷିଣପାର୍ଶ୍ୱରେ କୋଟିଏ ବୃଷଭ, ହସ୍ତଦ୍ୱୟରେ ପଦ୍ମ ଓ ତ୍ରିଶୂଳ, ଅପର ହସ୍ତଦ୍ୱୟ ଖାଲି । ଅର୍ଦ୍ଧଚନ୍ଦ୍ର ଓ ବୃଷଭ ଥିବାରୁ କେହି ଶିବମୂର୍ତ୍ତି ବୋଲି କହନ୍ତି । ୨ୟ କୋଟିଏ ସ୍ତ୍ରୀମୂର୍ତ୍ତି । କୋଟିଏ ହସ୍ତରେ ପୁଷ୍ପଗୁଚ୍ଛ ଓ ଅପର ହସ୍ତ ଖାଲି । କେହି "ପାର୍ବତୀ" ବୋଲି ଅନୁମାନ କରନ୍ତି । ମାତ୍ର ଏ ଦୁଇମୂର୍ତ୍ତି ହିନ୍ଦୁଦେବଦେବୀ କି ନା ଏ ବିଷୟରେ ସନ୍ଦେହ ହେଉଅଛି ।

ଯାହାହେଉ ତୃତୀୟ ମୂର୍ତ୍ତିଟି ଅତି ଚମତ୍କାର । ପଞ୍ଚମୁଣ୍ଡୀ, ଦଶଭୁଜା, ଖଣ୍ଡା, ଅଙ୍କୁଶ, ଧନୁଃ, [illegible] ଅଭୟ, ଶର, ଦୃଷ୍ଟିପାଶ, ପୁସ୍ତକ, ମାଳା [illegible] ତ୍ରିଶୂଳଧାରିଣୀ । କଣ୍ଠରେ ମୁଣ୍ଡମାଳା, ମୁଣ୍ଡ[illegible] ୨ଟି । ସର୍ବୋପରି ଅସୀନା । ମାତ୍ର ପ୍ରତି[illegible] କୌଣସି ଗ୍ରନ୍ଥରେ ତାଙ୍କର 'ଧ୍ୟାନ' ଓ 'ପ୍ରଣାମ[illegible] ମନ୍ତ୍ର' ନ ମିଳିବାରୁ ସେମାନେ ପୂଜା ପାଇ[illegible] ନାହାନ୍ତି ।

ଏବେ ଆପଣଙ୍କୁ, ଆପଣଙ୍କ [illegible] ପାଠକମାନଙ୍କୁ ବିଶେଷତଃ ଉତ୍କଳ ଧର୍ମପ୍ରାଣ[illegible]

Digitized by srujanika@gmail.com

ସଭାର ସଭ୍ୟମାନଙ୍କୁ ବିଶେଷ ଅନୁରୋଧ ଯେ ଆପଣମାନଙ୍କ ମଧ୍ୟରୁ ଯେ କେହି ଉକ୍ତ ପ୍ରତିମୂର୍ତ୍ତିର ଧ୍ୟାନ ଇତ୍ୟାଦି ସଂଗ୍ରହ କରଦେଲେ ଆମ୍ଭେ ବାଧିତ ହେବୁଁ । ଆପଣ ପଣ୍ଡିତ ଶ୍ରୀ ଗଣପତି ଚକ୍ରବର୍ତ୍ତୀଙ୍କ ନିକଟରେ ଲେଖି ଏହାର ଉତ୍ତର ଆଣାଇପାରିବେ । ଇତି ।

୨୨।୭।୮୫ } ଶ୍ରୀଃ ରଃ
ଜଣେ ହିନ୍ଦୁଃ —

———

ମହାଶୟ !

ଆଜିକାଲି ଏ ଅଞ୍ଚଳରେ ସ୍ଥାନେ୨ ବିସୂଚିକା ଅତ୍ୟନ୍ତ ପ୍ରବଳ ହୋଇଅଛି । ଅଦ୍ୟାବଧି କଣ୍ଟାକ ପୁର ଗ୍ରାମରୁ ୨୧୭ ଏବଂ ନଦଙ୍ଗା ଗ୍ରାମରୁ ୨୧୦ ଜଣ କାଳ ଗ୍ରାସରେ ପତିତ ହୋଇଅଛନ୍ତି; ଏତଦ୍ଭିନ୍ନ ଅନେକ ସ୍ଥାନରେ ଉକ୍ତ ରୋଗର ବିଶେଷ ପ୍ରାଦୁର୍ଭାବ ଦେଖା ଯାଉଅଛି । କେହି୨ ମୃତ ଦେହ ନଦୀରେ ଭସାଇ ଦେଉଅଛନ୍ତି ଅତି ମଧ୍ୟ ଅନେକ ଶବ ଭାସିଆସିବାର ଦେଖା ଯାଉଅଛି । ସେହି ସବୁ କୂଳରେ ଲାଗି, ନଦୀ ତଟସ୍ଥ ଅନ୍ୟାନ୍ୟ ଗ୍ରାମମାନଙ୍କରେ ଉକ୍ତ ରୋଗ ସଞ୍ଚାର ହେବାର ଦେଖା ଯାଉଅଛି । ସ୍ଥାନେ୨ ବନ୍ଧ ଭାଙ୍ଗି ଅନେକ ସ୍ଥାନ ଜଳପ୍ଲାବିତ ହୋଇ ଥିବାରୁ ନାନାଦି ପଦାର୍ଥ ପଚଯାଇ ଜଳ, ବାୟୁ, ଇତ୍ୟାଦିକୁ ଦୂଷିତ କରୁଅଛି; ତାହା ହେବାରେ ସ୍ୱାସ୍ଥ୍ୟ ଭଙ୍ଗ ହେବା ଅବସର ପାଇଁ, ଓଲଉଠା, ଜ୍ୱର, କାଶ ଆଦି ରୋଗମାନ ଏକାଧିପତ୍ୟ କରୁଅଛନ୍ତି; ଏଥି ମଧ୍ୟରେ ସର୍ବପ୍ରଧାନ ଏହି ଓଲଉଠା ଗ୍ରାମେ୨ ବିରାଜମାନ । ଦୁଃଖର ବିଷୟ ଯେ ଏ ଅଞ୍ଚଳରେ ପ୍ରତିବର୍ଷ ଏହିରୂପ ହେଉଅଛି ।

ଏକତ ସଗଡା ଅନ୍ତର୍ଗତ ସହାମା ନିକଟରେ ମହାନଦୀ ବନ୍ଧ କଣ୍ଟାପାଇ, ଡାଲଦଣ୍ଡା ନାଳର ବନ୍ଧ ହୋଇ ଥିଲା , ନଦୀ ବୃଦ୍ଧିରେ ଉକ୍ତ ସହାମା ଠାରେ ସେହି ନାଳବନ୍ଧ ୫୦୦ ହାତ ଭାଙ୍ଗି ଯାଇଅଛି । ଏତଦ୍ୱାରା ସହାମା ଠାରୁ ମଉନପୁର ହେଇଁ ସମୁଦ୍ର ପର୍ଯ୍ୟନ୍ତ- ପ୍ରାୟ ଦଶ କୋଶ ଏବଂ ସାନ୍ତୋଲ ଠାରୁ କୁଜଙ୍ଗ ପର୍ଯ୍ୟନ୍ତ ପ୍ରାୟ ସାତ କୋଶ ପର୍ଯ୍ୟନ୍ତ ସମୁଦାୟ ସ୍ଥାନ ଧୋଇ ଯାଇଅଛି । ଲୁଣି କୁଥାଇ ଆସିବାରୁ ଧାନ ଗଛ ସବୁ ମିଳାଇ ଯାଇଅଛି । ଅଗଣିତ ଘର ଭାଙ୍ଗି ଭାସି ଯାଇଅଛି । ମଧ୍ୟ, ଅନେକ ଗୃହ ପାଳିତ ପଶୁ ପ୍ରଭୃତି ଭାସି ଯିବାର ଶୁଣାଯାଏ । ଗୃହଅଟେ କେବଳ ଆର୍ତ୍ତନାଦ ଶୁଣାଯାଉଅଛି; ତାହା ଶୁଣିଲେ କାହା ନୟନରୁ ଅଶ୍ରୁ ବିଗଳିତ ନ ହେବ? ଯାହା ହେଉ ଦରିଦ୍ର ପ୍ରଜାମାନଙ୍କର ଦୁଃଖର ସୀମା ନାହିଁ!

ଜଗତ୍‌ସିଂହପୁର ସ୍କୁଲର ହେଡ୍ ପଣ୍ଡିତ ମହାଶୟଙ୍କ ଯତ୍ନରେ ଉକ୍ତ ବିଦ୍ୟାଳୟରେ ଗୋଟିଏ ସଭା ସଂସ୍ଥାପିତ ହୋଇଅଛି-ଏହାର ନାମ "ଜ୍ଞାନୋନ୍ନତି" ପ୍ରତି ଶନିବାର ଏଥିର ଗୋଟିଏ ଅଧିବେଶନ ହୁଏ, ଛାତ୍ରମାନେ ସ୍ୱ୨ ରଚିତ ପ୍ରବନ୍ଧମାନ ପାଠ କରନ୍ତି ଏବଂ ଅନ୍ୟାନ୍ୟ ଲୋକମାନଙ୍କ ଅର୍ପିତ ପ୍ରବନ୍ଧମାନ ପାଠ କଲ ପରେ ହେଡ୍‌ପଣ୍ଡିତ ମହାଶୟ ନୀତିଶିକ୍ଷା ପ୍ରଭୃତି ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରନ୍ତି । ଅମ୍ଭେମାନେ, ଏହି ସଭା ଦୀର୍ଘ ଜୀବି ହେବାର କାମନା କରୁଁ ।

ବାଲିକୁଦା ପୋଷ୍ଟ ଅଫିସ ଉଠିଯାଇ ସେଠାରେ କେବଳ ଗୋଟିଏ ଭଲେଜ-ଅଫିସ ରହିଲା ତାହା ଜଗତ୍‌ସିଂହପୁର ଅଫିସ ଭୁକ୍ତ ହେଲା ।

ଶୁଣାଯାଏ ଯେ—ହୋଗଳ୍ଲଅଠାରେ ଗୋଟିଏ ସ୍ତ୍ରୀ ଗ୍ରେଷ୍ଟି ସନ୍ତାନ ପ୍ରସବ କରିଅଛି,-- ତନ୍ମଧ୍ୟରେ ଗୋଟିଏ କନ୍ୟା ଏବଂ ତିନିଗୋଟି ପୁତ୍ର । ପ୍ରାୟ ସମସ୍ତେ ଜୀବିତ ଅଛନ୍ତି । ଇତି ।

୨୭—୭—୮୫ } ଶ୍ରୀକୃଷ୍ଣମହାପାତ୍ର;
ଜଗତ୍‌ସିଂହପୁର } ଘୃଟଣ

———

ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀଯୁକ୍ତ କମିଶ୍ନର ସାହେବ | କଟକ | ଅଗ୍ରିମ | ଟ ୫ |
| ଶ୍ରୀଯୁକ୍ତ ରଜା ବଷ୍ଟେ କଣ୍ଠପଡା | | ବକାୟା | ଟ ୧୦ |
| ବାବୁ ନରସିଂହ [illegible] | [illegible] | " | ଟ ୬ |
| " ରାମଚନ୍ଦ୍ର ମିଶ୍ର | ତର୍ଟିକା | " | ଟ ୨ |
| " ଇନ୍ଦ୍ରଚନ୍ଦ୍ର ମହାନ୍ତି | | ଅଗ୍ରିମ | ଟ ୨ |
| " ରାଧାକୃଷ୍ଣ ଦାସ | ଅଠ | ବକାୟା | ଟ ୨ |
| ପାରୁ ଜାନ ଭଗତ | ପିପିଲି | " | ଟ ୨୩ |

———

## ବିଜ୍ଞାପନ ।

**SCHOOL BOOKS! SCHOOL BOOKS!**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printng Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

The Cuttack Mission English High School meets in the new Building near to the old school-room. The Secretary and Superintendent of the School teaches the higher English classes, three or four hours daily.

Cuttack } ALEX. H. YOUNG M. A.
24—7—85 } *Secretary and Supdt.*

———

ସର୍ବସାଧାରଣଙ୍କୁ ଏଥି ଦ୍ୱାରା ଜଣାଇ ଦିଆଯାଉ ଅଛି କି ବିସୂଚିକା ବା ଓଲଉଠା ରୋଗର ଏକ ନୂତନ ପ୍ରକାର ଔଷଧ ଅମ୍ଭେ ବିନା ମୂଲ୍ୟରେ ବିତରଣ କରୁଅଛୁଁ । ଯେଉଁମାନଙ୍କର ପ୍ରୟୋଜନ ହେବ ସେମାନେ ଅମ୍ଭ ନିକଟରେ ତତ୍ତ୍ୱ କଲେ ଶୀଘ୍ର ପାଇ ପାରିବେ । ଗୋଟିଏ ଝାଡ଼ା ହୋଇଥିବା ସମୟରେ ଏହି ଔଷଧ ଖୁଆଇବାକୁ ହେବ ଓ ଅମ୍ଭ ନିକଟରୁ ଔଷଧ ନେବା ସମୟରେ ସେବନର ନିୟମ ମୌଖିକ ଜଣାଇ ଦେବୁଁ । ଇତି ।

୨୩।୭।୮୫ } ଶ୍ରୀ ଫକୀର ତ୍ରିପାଠୀ
ଉତ୍କଳ ଆୟୁର୍ବେଦୀୟ } କବିରାଜ
ଔଷଧାଳୟ
ଦରଘା ବଜାର

———

## ବାଣିଜ୍ୟ ଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବଲ୍ଲଭ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | | |
|---|---|---|---|---|---|
| ୧୬ | ପଣି ବାଡାନି ତନାଉ ପ୍ର ୧୦ | ଟ ୨୦ | ଦ ୧ | ଟ ୦ ।୧୫ | |
| ୧୪ | ପଣି | " | " ଟ ୨୪ | " | ଟ ୦ ।୪ |
| ୧୨ | ପଣି | " | " ଟ ୧୯ | " | ଟ ୦ ।୨ |

ବେପାରିମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ଥାନ ୫ ମ ବା ଅଧିକ କ୍ରୟ କରିବେ ଅଳ୍ପତର ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

———

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କର ଦୋକାନରେ ଚନ୍ଦରକୋଣା ଓ ବଲାତି ଓ ରେସମୀଓଗେର ଲୁଗା ଓ ଷ୍ଟେସନେରୀ ଓ କଳ କଣ୍ଟା ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନସି ଜିନିସାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନେ—

Split by PDF Splitter

Digitized by srujanika@gmail.com

Split by PDF Splitter



ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରବେ । ଏଥତ୍ତା ଅମ୍ଭେମାନେ ବଲ୍ଲେର ଖାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି କିଛି ଖାଡ଼ମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଭଡ଼ା ଇଚ୍ଛାନ୍ତି ତେବେ ଏକ ମାସକୁ ଫି ବଗି ଟ୦୬୨ ହିସାବ ଭଡ଼ା ଦେଲେ ପାଇ ପାରବେ ! ମାଷ୍ଟ ତାହାର କ୍ଷତି କ୍ଷତିପୂରଣର ଭାର ତାଙ୍କ ଉପରେ ଥିବ । କ୍ଷତି ହେଲେ ଖାଡ଼ର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଉଫସିଲ ।

- କଲର ଖେଷଣୀ କ ଚଂହୁଁରେ ଲୁବ ଦେଲେ ଝଲେ ।
- ବଲେଷ୍ଟିଖାଡ଼
- କହେଷୀନ୍ ତେଲ ଲଣ୍ଠନ ଯେଉଁ ସାଦା ଓ ଭୋମ ସହିତ ।
- ଭୁଲଂ ଅର୍ଥାତ ନକସା କରିବାର କାଗଜ ପେନ୍‌ସିଲ ଓ କଲମ ।
- ପେନ୍‌ସିଲ କାଟିବା ଛୁରି ।
- ନାନା ପ୍ରକାରର ପଠନ କାଗଜ ଓ ଲଫାଫା ।
- ହୋସିଂ ବ୍ରୁଷ ।
- ପିତଳ ଲୁଲ ।
- ଚମଡ଼ା ସାବୁନ ।
- ଘାଡ଼ାର ସାବାନ ଯହିଁରେ ଲୁଗା ପରିଷ୍କାର ହୁଏ ।
- ଅଷ୍ଟୋଭ ଗ୍ରେନ—ଅର୍ଥାତ ମୂସକ ଦ୍ରବ୍ୟ ।
- ଅସଲ ଲୁଥ ।
- ଓଆଁଟର ପ୍ରୁଫ୍ ଛତା ।
- କର୍ପୁର ଅର୍କ ।
- କ୍ଲୋରେଡାଇନ୍ ।
- ଦୋଲିଷ୍ଟୁଜର ଫେଣ୍ଟର ମେଟ ଓ ଉତ୍ତମ ଗୋଲେ ସବୁ
- ମାରକାଂ ଇଙ୍କ ଅର୍ଥାତ ଲୁଗାରେ ଏହି କାଳି ଲଗେ ଜଳ ବା ଦେଲେ ଧୋଇବା ପରେ ଲୋପ ହେବ ନାହିଁ ।
- ଟ୍ରୁକ ନାଇ ଅର୍ଥାତ ଲେଖିବାବେଳେ ଘର ଓ ଶୁଖିଲେ କଳା ହେବ ।
- ଅଲନା ଦର୍ପଣ ୧୨×୧୦ ଇଞ୍ଚ ୧୪×୧୨ ଇଞ୍ଚ
- ପକେଟବୁକ ଦଂ୍ଗଳା ପାଞ୍ଜି ସହିତ ଟ ୦ ।୬୭
- କମ୍ପାସ ଘୋଡା ବ୍ରୁଷ ଓ ଷିହାର
- ମୋଜା ଓ ମୋଜାବନ୍ଦ
- ଉତ୍ତମ ଧୂଆ ଜଳକାଘଟ
- ଚମଡ଼ା ଗାଡ଼ିନ କଳା
- କଣି ଓ ପାଇକର ଫୌଜା ଫିତା
- କାଚ ଗିଲାସ ଥାଳ ଓ ବଡ଼ ବର୍ତ୍ତନ ଓ ସାଦା
- କମ୍ପଣି ବେହେଲ
- ଭରନ୍ଧ ଭୁଇଫସ କୁଲା
- ,, ଏକଫଳ କୁଲ
- କେଉସିନ୍ ଭପୋର ମୋହେସର ଅସଲ

ଅରବିନ୍ଦର ଦର କମ୍ପାନୀ

---

ଚୌଧୁରୀ ବଜାରସ୍ଥ ଅମ୍ଭ ଦୋକାନ ନିକଟରେ ସୁନା ଓ ରୂପାର ମୋଟା ଓ ସରୁ ଅଳଙ୍କାର ଓ ଛାଇକସି କର୍ମର ଦୋକାନ ଫିଟିଅଛୁ । ଯେ ଯାହା ଫରମାସ କରବେ ସୁଲଭ ମୂଲ୍ୟରେ ମିୟାଦମଧ୍ୟେ ପାଇ ପାରବେ ।

କାମ ଶେଷ ହେଲାରୁ ମେଦେନ୍ତାଜା ଦେଇ ଗ୍ରାହକେ ଅଳଙ୍କାର ନେଇ ଯିବେ । ଧାରି ଦେବାର ନିୟମ ନାହିଁ ।

ନାମାଙ୍କିତ ମୋହର, ମୁଦା ଓ ସ୍ଥପାଯୋଗ୍ୟ ଛବି ଖୋଦିତ ହେଉଅଛି ।

୧୧।୭।୮୫ କଟକ } ଶ୍ରୀ ଅରବିନ୍ଦର ଦର

---

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଅମ୍ଭ ଔଷଧାଳୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ୱ କଲେ ପାଇ ପାରବେ । ବିଦେଶୀୟ ଗ୍ରାହକମାନେ ଡାକମାସୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆ ଯିବ ।

କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକମାନଙ୍କର ସମସ୍ତ ପ୍ରକାର ଅତିସାର ଓ ହୃଦସ୍ତମ୍ଭ ଭଲ ହୁଅଇ । ମା ୭ ଡି ଟ ୧।୵ ।

ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମରୋଗ ଓ ପ୍ରଦର ଭଲ ହୁଅଇ । ମୂଲ୍ୟ ମା ୨ ଡାକୁ ଟ ୵୧ କା ।

ବୃହତ ପୂର୍ଣ୍ଣଚନ୍ଦ୍ରୋଦୟ ।

ଭୋଗିପ୍ରିୟ ରୋଗାରିୟ ମୋଦକ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଣ୍ଣ ବୃଦ୍ଧି ଓ ଶରୀର ଅପୂର୍ବ ସ୍ଫୂର୍ତ୍ତିଯୁକ୍ତ ହୁଅଇ, କଲକଣ କ୍ଷୁଧା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଶୀଘ୍ର ହୋଇ ଯାଏ । ରୋଗୀ ପକ୍ଷେ—ରକ୍ତକ୍ଷୟ (ବାତଦ୍ୱାରା ରକ୍ତପତନ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ଧନ୍ଷ୍ଟଙ୍କାର, ଧ୍ୱଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଅଇ । ମୂଲ୍ୟ ମା ୧୨ ଡି ଟ ୧୵୧ କା ।

ଉତ୍କଳଅ ସୂଚିକାଗାର, ଔଷଧାଳୟ ଦରଘା ବଜାର କଟକ } ବଡଗ୍ରାମ, ଶ୍ରୀ ପଣ୍ଡିତ ତ୍ରିପାଠୀ ।

---

ଏକଶିରର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ ଡମ୍ବା ଅନିଷ୍ଟକାରୀ କଷାୟୁକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବିଆ ଟ୵୧ ପ୍ୟାକିଂ ଖର୍ଚ୍ଚା ଟ ।୦ ଅଣା ।

ନୂତନ ସାଲସା ! ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଦୂଷିତ ରକ୍ତଦୋଷରୁ ଶୀଘ୍ର ନିର୍ମଳ ହୋଇଯାଏ । ପାରଦ ଘା, ଗରମୀ ଘା, କାଳୀ ଘା, ଦେହ ଓ ନାକ ଭିତରର ଘା, ଗୋଲ ଘା, କାନ ଘା, କାନର ପୂଜ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ ଶିରବ୍ୟଥା, କାଶ, ଶୁଷ୍କବାତ, ପ୍ରସ୍ରାବପୀଡ଼ା, କୁଷ୍ଠିଆ, ଧାତୁଦୌର୍ବଲ୍ୟ ଏବଂ ଉଦ୍ଭବିତ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ନିମ୍ବ ତେଲ ।

ଡାକ୍ତରୀ ଉପାୟରେ ନିମ୍ବରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେତେ ବଳି ଔଷଧ ଥାଏ ତେତେ ତାହା ନାମ । ନିମ୍ବର ତେଲ ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । କାଛୁ, ଯାଦୁ, କୁଣ୍ଡିଆ, କୁଇ, ପଦ୍ମଯାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ ଇତ୍ୟାଦି ରୋଗର ମହୌଷଧି । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁରେ ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ ବୋତଲ ଟ ୩୵୧ କା ଓ ଛୋଟ ବୋତଲ ଟ ୵୧ କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରନ୍ତ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୩୨ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୵ କା, ପ୍ୟାକିଂ ଟ ।୦ ଅଣା । ଭିଜନ ଟ ୧୦୵ ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା :—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ।୵ |
| ଅର୍ଦ୍ଧ ସ୍ତମ୍ଭକୁ | ଟ ୵୧ |
| ପୂର୍ଣ୍ଣ ସ୍ତମ୍ଭକୁ | ଟ ୩ |

ଯାହା କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ଟ ।୵ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଉକ୍ତ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ରିକା କଟକ ଉତ୍କଳ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।


୨୦ ଭ । ୩୨ ସଂଖ୍ୟା ।

ତା ୮ ଇଂ ମହେ ଅଗଷ୍ଟ ସନ ୧୮୮୫ ମସିହା । ମୂ । ଶ୍ରାବଣ ଦ ୨୭ ନ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୩ ୮ | ଟ ୪ ୮ |
| ଡାକମାସୁଲ | ଟ ୦ ୷ | ଟ ୧୮ |


ଅଳ୍ପଦିନ ହେଲା ଆମ୍ଭମାନଙ୍କ ଭାରତେଶ୍ୱରୀ ଶ୍ରୀମତୀ ମହାରାଣୀଙ୍କର ସର୍ବ କନିଷ୍ଠା କନ୍ୟାଙ୍କର ଶୁଭବିବାହ ଜର୍ମାନୀସ୍ଥ ବାଟେନବର୍ଗର ପ୍ରିନ୍ସ ହେନରିଙ୍କ ସଙ୍ଗେ ଯଥା ସମାରୋହରେ ସମ୍ପନ୍ନ ହେଲା । ଶ୍ରୀମତୀ ମହାରାଣୀ ସ୍ୱୟଂ କନ୍ୟାଦାନ କଲେ ଏବଂ ଇଂଲଣ୍ଡର ପ୍ରଜାବର୍ଗ ଏଥିରେ ମହା ଆନନ୍ଦରେ ମଗ୍ନ ହେଲେ । ଆମ୍ଭେମାନେ ମଧ୍ୟ ସେହି ମହାରାଣୀଙ୍କର ପ୍ରଜା ଏହି ଉତ୍ସବ ଉପଲକ୍ଷରେ ଯଥେଷ୍ଟ ରାଜଭକ୍ତି ଏବଂ ଆନନ୍ଦ ପ୍ରକାଶ କରୁଅଛୁଁ ।

---

ହୋଷ୍ଟେକେନାଲ ଯୋଗେ ବାଲେଶ୍ୱର ଅଞ୍ଚଳର କେତେକ ସ୍ଥାନରେ ଭାରି କ୍ଷତି ହେଉଥିବାର ସେଠା ସମ୍ବାଦପତ୍ରମାନଙ୍କରୁ ଅବଗତ ହୋଇ ଦୁଃଖିତ ହେଲୁଁ । କଥିତ ହୁଅଇ କେନାଲର ବନ୍ଧଦ୍ୱାରା ସର୍ବୋପରି ବାଦାର ଖିଆର ବାଟ ବନ୍ଦ ହୋଇଅଛି ଏବଂ ବର୍ଷାର ଜଳ ବିଲରେ ଜମା ହୋଇ ଫସଲ ନଷ୍ଟ କରୁଅଛି କେହି କେହି ଜମିଦାର ଏ ବିଷୟ ପ୍ରାୟ କଲେକ୍ଟର ଓ ଡାଇକମାଷ୍ଟରଙ୍କୁ ଜଣାଇ [illegible] ନେଉଅଛନ୍ତି । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଶୀଘ୍ର ଏ ପ୍ରତୀକାର ପ୍ରଦାନ କରିବାରେ କର୍ତ୍ତୃପକ୍ଷମାନେ ବିଳମ୍ବ କରିବେ ନାହିଁ ବର୍ତ୍ତମାନର ଦୁର୍ମୂଲ୍ୟ ସମୟରେ ଏପ୍ରକାରରେ ଫସଲ ନଷ୍ଟ ହେବା ବଡ଼ ଦୁଃଖର କଥା ଏବଂ ଏପରେ ରୋଗ ବୃଦ୍ଧି ହେବାର ସମ୍ପୂର୍ଣ୍ଣ ଭୟ ଅଛି ।

---

ପ୍ରତୀକାରରୁ ଅବଗତ ହେଲୁଁ ଯେ ମୁରସିଦାବାଦ ନବାବଙ୍କର ଯେ ସମସ୍ତ ରତ୍ନାଦି ଅଲଙ୍କାର କଲିକତାରେ ବିକ୍ରୟ ହେବା ନିମିତ୍ତ ଯାଇଥିଲା ତହିଁ ମଧ୍ୟରୁ ଦୁଇଲକ୍ଷ ଟଙ୍କା ମୂଲ୍ୟର ଅଲଙ୍କାରର ଉପଯୁକ୍ତ ଗ୍ରାହକ ନ ହେବାରୁ ଫେରି ଆସିଲା । ଅବଶିଷ୍ଟ ବହୁମୂଲ୍ୟ ଦ୍ରବ୍ୟ କି ଯାହାର ମୂଲ୍ୟ ୪ଲକ୍ଷ ୬୦ହଜାର ଟଙ୍କା ଇଷ୍ଟିମିଟ ହୋଇଥିଲା ୪ଲକ୍ଷ ୨୦ହଜାର ଟଙ୍କାରେ ବିକ୍ରୟ ହେଲା । ମୁରସିଦାବାଦର ନଜାମତ ଭାରତବର୍ଷର ଗୋଟିଏ ପ୍ରାଚୀନ ଘର ଅଟଇ ଏବଂ ଏହାର ପୂର୍ବ ବିଭବ କିପରି ଥିଲା ତହିଁର ଯତକିଞ୍ଚିତ ପରିଚୟ ଏହି ଘଟଣାରୁ ପାଇ ଯାଉଅଛୁ । ଏବେକେବଳେ ନଜାମତର ଅବସ୍ଥା ଏପରି ହେଲା ଯେ ପୂର୍ବ ସଞ୍ଚିତ ବହୁମୂଲ୍ୟ ଦ୍ରବ୍ୟ ବିକ୍ରୟ ହେଲା । ପୁଣି ବିକ୍ରୟ ହୋଇ ସବା ସୁଧାର ହେଲା ନାହିଁ । ଗତ ଭୂମିକମ୍ପରେ ନଜାମତର ବଡ଼ ବଡ଼ ପ୍ରାସାଦମାନଙ୍କର ଏପରି କ୍ଷତି ହୋଇଅଛି ଯେ ସେସମସ୍ତ ମରାମତ କରିବାରେ ପ୍ରାୟ ୨।୩ ଲକ୍ଷ ଟଙ୍କା ବ୍ୟୟ ହେବ । ଲକ୍ଷ୍ମୀଙ୍କର କୃପା ଊଣା ହେଲେ ଏହିପରି ଘଟଇ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ପରିଦର୍ଶକ କର୍ମଚାରୀଙ୍କର ପୁସ୍ତକ ବିକ୍ରୟ ବିଷୟରେ ଆମ୍ଭେମାନେ ଯାହା ଲେଖିଥିଲୁଁ ତାହା ଶ୍ରୀଯୁକ୍ତ ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କ ମନୋଯୋଗ ଆକର୍ଷଣ କରିଅଛି ଏବଂ ସେ ଅନୁସନ୍ଧାନ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ଆମ୍ଭେମାନେ ଯେତେଦୂର ଶୁଣିଅଛୁଁ ଶିକ୍ଷାବିଭାଗୀୟ ପରିଦର୍ଶକମାନଙ୍କର ପୁସ୍ତକ ବିକ୍ରୟ କରିବା କଥା ବହୁତ ଦିନରୁ ଆରମ୍ଭ ହୋଇ କ୍ରମେ କ୍ରମେ ଏ ପର୍ଯ୍ୟନ୍ତ ବିସ୍ତାର ହୋଇଅଛି । ଅତଏବ ଏକା ସ୍କୁଲମାନଙ୍କୁ ଲକ୍ଷ କରି ଅନୁସନ୍ଧାନ କଲେ ସମସ୍ତ କଥା ଜଣା ପଡ଼ିବ ନାହିଁ । ଗତ ପାଞ୍ଚବର୍ଷ ମଧ୍ୟରେ କେଉଁ କେଉଁ ପରିଦର୍ଶକଙ୍କଦ୍ୱାରା କି କି ପୁସ୍ତକ ପ୍ରକାଶିତ ହୋଇଅଛି ଏବଂ ସେମାନେ ସେ ସମସ୍ତ ଏବଂ ଅନ୍ୟ କି କି ପୁସ୍ତକ କେଉଁ ସମୟରେ କି ପ୍ରକାରରେ ଏବଂ କି ପରିମାଣରେ ବିକ୍ରୟ କରିଅଛନ୍ତି ଏ ସବୁ ବିଷୟର ବାହୁଲ୍ୟ ଅନୁସନ୍ଧାନ ହେଲେ ଏ ରୋଗର ପ୍ରକୃତ ନିଦାନ ଓ ବ୍ୟାପ୍ତି ଜଣା ପଡ଼ିବ । ଉକ୍ତ କର୍ମଚାରୀମାନେ ସମସ୍ତେ ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କ ଅଧୀନ ସୁତରାଂ ଉପରଲିଖିତରୂପ ବାହୁଲ୍ୟ ଅନୁସନ୍ଧାନ କରିବାକୁ ସେ ଅନାୟାସରେ ସମର୍ଥ ହେବେ ।

---

ମାନ୍ଦ୍ରାଜ ପ୍ରଦେଶର ଶିକ୍ଷାବିଭାଗୀୟ ବିଜ୍ଞାପନୀରେ ଲେଖା ଅଛି କି ଗଞ୍ଜାମ ଓ ଅନ୍ୟ ଦୁଇ ତିନି ସ୍ଥାନରେ ବିଦ୍ୟାଳୟ ଓ ଛାତ୍ରଙ୍କ ସଂଖ୍ୟା ଊଣା ପଡ଼ିଅଛି । ଏଥିର କାରଣ ସ୍ୱରୂପ ଗଞ୍ଜାମର ଶିକ୍ଷାବିଭାଗୀୟ ଇନ୍‌ସ୍ପେକ୍ଟର ଲେଖିଅଛନ୍ତି କି ପରିଦର୍ଶନର ଅଯତ୍ନ ଏକ ବ୍ୟକ୍ତିପକ୍ଷରେ ଅତ୍ୟନ୍ତ ବିସ୍ତାର ହେବାରୁ ଏପରି ଊଣା ପଡ଼ିଅଛି । ପରିଦର୍ଶନ କାର୍ଯ୍ୟ ଊଣା

Digitized by srujanika@gmail.com

Split by PDF Splitter



ପଡ଼ିଲେ ଯେ ଶିକ୍ଷା ପ୍ରତି ଲୋକଙ୍କ ମନ ଘୁରି ଯାଏ ଏ କଥା ସୁନ୍ଦର ନୁହଇ ଏଥିରୁ ଅନୁମାନ ହୋଇପାରେ ଯେ ଲୋକେ ଶିକ୍ଷା ଲୋଡ଼ନ୍ତି ନାହିଁ କେବଳ ପରିଦର୍ଶକମାନେ କୌଣସିମତେ ଗୁଡ଼ାଏ ବିଦ୍ୟାଳୟ ରଖିଅଛନ୍ତି । ବୋଧ ହୁଅଇ ପ୍ରକୃତ କାରଣ ବୁଝିବାକୁ ଅଳସ୍ୟ କରି କର ସ୍ୱକପୋଲକଳ୍ପିତ କଇଫିୟତ ଗୋଟିଏ ଦିଆଯାଇଅଛି । ଅମ୍ଭମାନଙ୍କ ବିବେଚନାରେ ଗଞ୍ଜାମ-ଜିଲ୍ଲାରେ ଶିକ୍ଷା ପ୍ରତି ଆଦର ନ ହେବାର କାରଣ ସେଠା ଲୋକଙ୍କ ଦରିଦ୍ରତା ଏବଂ ସରକାରୀ କାର୍ଯ୍ୟରେ ନିଯୁକ୍ତ କରିବା ପକ୍ଷରେ ସ୍ଥାନୀୟ ହାକିମଙ୍କର ଅମନୋଯୋଗିତା ଅଟଇ ପ୍ରାୟ ସମସ୍ତ ଚାକିରି ବ୍ରାହ୍ମଣମାନେ ମାଡ଼ି ବସିଅଛନ୍ତି ସୁତରାଂ ଗଞ୍ଜାମବାସୀମାନେ ଅର୍ଦ୍ଧୋମୁଖ ହୋଇ ପାରୁ ନାହାନ୍ତି ।

---

ସ୍ଥାନାନ୍ତରେ ପ୍ରକାଶିତ ଏକ ଇଂରାଜୀ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ଯେ କାଶ୍ମୀ ନରସିଂହପୁର ସେଠା ରାଜାଙ୍କ ନାବାଳଗୀ ହେତୁ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧୀନରେ ଥିବାରୁ ଉକ୍ତ କୋର୍ଟ ଅଫ୍ ୱାର୍ଡସରେ ଟ ୧୫୦୦୦ଙ୍କା ଋଣ କରିବା କାରଣ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଅନୁମତି ଦେବାକୁ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଘୋଷଣା ଦେଇଅଛନ୍ତି ଓ ଯେଉଁମାନେ ଏ ଟଙ୍କା ଋଣ ଦେବାକୁ ଇଚ୍ଛା କରିବେ ସେମାନେ କେତେ ସୁଧରେ କେତେ ବର୍ଷ ନିମିତ୍ତ ଦେବାକୁ ଅଙ୍ଗୀକାର କରିବେ ଆଗାମି ସୋମବାର ସୁଦ୍ଧା ସାହେବ ମହୋଦୟଙ୍କୁ ଜଣାଇବେ । ଏ ବିଜ୍ଞାପନର ତାରିଖ ଗତ ଜୁଲାଇ ମାସ ତା ୨୯ ରିଖ ଅଟଇ ଅମ୍ଭେମାନେ ଯଥା-ସମୟରେ ତାହା ପାଇଥିଲେ ଗତ ସପ୍ତାହରେ ପ୍ରକାଶ କରି ଥାନ୍ତୁ । କିନ୍ତୁ ଅଦୃଷ୍ଟର ଦୋଷରୁ ଯେ ଗତ ... ତା ୨୯ ରିଖର ପତ୍ର ଅମ୍ଭେମାନଙ୍କ ନିକଟ ମାସ ତା ୯ ରିଖ ଅପରାହ୍ନ କାଳରେ ଡାକ ଯୋଗେ ପାଇଲୁଁ । ପ୍ରଥମେ ଡାକଘରେ ବିଳମ୍ବ ହେବାର ସନ୍ଦେହ ହୋଇଥିଲା ମାତ୍ର ଡାକ ମୋହର ଦେଖିବାରୁ ଜଣାଗଲା ଯେ ଗୁଳିକାଟ ସେହି ଦିନ ଡାକଘରେ ପ୍ରସ୍ତୁତ ହୋଇ ବାହାର ହୋଇଅଛି । ସଦର ମୁକାମର ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତିଙ୍କ ଯୋଗେ ବାହାର ହେବା ସମସ୍ତ ଅଫିସର ନିୟମ ଏଥିରେ ଡାକମାସୁଲ ଅପେକ୍ଷା ଖର୍ଚ୍ଚ ଊଣା ପଡ଼ଇ ଏବଂ ଅବିଳମ୍ବେ ଯୁଲିକା ଯାଉଥାଏ । ଏମନ୍ତ ସୁନ୍ଦର ନିୟମ ବଦଳାଇବାରେ କି ସୁବିଧା ବା ଲାଭ ହେଲା ଅମ୍ଭେମାନେ ବୁଝିବାକୁ ଅସମର୍ଥ।

---

ଦକ୍ଷିଣାତ୍ୟର ଦୁର୍ଭିକ୍ଷ ବିବରଣ ଅନୁସନ୍ଧାନ ନିମିତ୍ତ ଯେଉଁ କମିଶନର ବା ଅମିନମାନେ ବିଲାତରୁ ଆସିଥିଲେ ସେମାନଙ୍କର ସମୁଦାୟ ବିବରଣୀ ଅଦ୍ୟାପି ବାହାର ନାହିଁ । ସମ୍ପ୍ରତି ତହିଁର କିୟଦଂଶ ପାର୍ଲିଆମେଣ୍ଟ ସଭାରେ ଅର୍ପିତ ହୋଇଅଛି । ଦୁର୍ଭିକ୍ଷ ପଡ଼ିଲେ ସ୍ତ୍ରୀଅପେକ୍ଷା ପୁରୁଷ କାହିଁକି ଅଧିକ ମରନ୍ତି ଏଥିର କାରଣସ୍ୱରୂପ କମିଶନରମାନେ ଲେଖିଅଛନ୍ତି କି "ସ୍ତ୍ରୀମାନଙ୍କ ହାତରେ ଖାଦ୍ୟଦ୍ରବ୍ୟ ଥାଏ ସେମାନେ ତହିଁର ଅଧିକାଂଶ ଆପେ ଖାଇଦିଅନ୍ତି ଏବଂ ସେମାନଙ୍କ ଦେହରେ ଗହଣା ଥାଏ ତାହା ବିକ୍ରୟ କରି ସୁଦ୍ଧା କେତେଦିନ ଦିନପାତ କରନ୍ତି ଏପରି ସେମାନେ ଭିକ୍ଷା କରିବାକୁ ଲଜ୍ଜା ମଣନ୍ତି ନାହିଁ"। ଏଥିରୁ ସ୍ପଷ୍ଟ ଦେଖା ଯାଉଅଛି ଯେ କମିଶନରମାନେ ଭାରତୀୟ ରମଣୀମାନଙ୍କୁ ହାଣ୍ଡିଖାଇ ବୋଲି କହୁଅଛନ୍ତି । କିନ୍ତୁ ସେମାନେ ଯେବେ ଏଦେଶର ଆଗର ବ୍ୟବହାର ଭଲ ଜାଣିଥାନ୍ତେ ତେବେ ବୁଝି ପାରନ୍ତେ ଯେ ହାଣ୍ଡିଖାଇ ଏଦେଶରେ ଅତ୍ୟନ୍ତ ଘୃଣିତ କାର୍ଯ୍ୟ ବୋଲି ଗଣିତ ହୁଏ ଏବଂ ବ୍ୟବହାର ହୁଅଇ ଏବଂ ଭାରତୀୟ ରମଣୀଙ୍କର ସେପରି ଧର୍ମ ନୁହଇ । ସ୍ତ୍ରୀମାନେ ଆଗେ ସ୍ୱାମୀ ଓ ପୁତ୍ରଙ୍କୁ ଖାଇବାକୁ ଦେଇ ପଛେ ଆପେ ଆହାର କରନ୍ତି ଏବଂ ସମୟ୨ ରେ ଆପଣା ଭାଗ ଦେଇ ଦେଲେ ସୁଦ୍ଧା ଅସନ୍ତୁଷ୍ଟ ନୁହନ୍ତି । ବାସ୍ତବରେ ବଙ୍ଗବାସୀଙ୍କ କହିବାମତେ ଏମାନେ ଅତ୍ୟନ୍ତ ତ୍ୟାଗସ୍ୱୀକାର କରନ୍ତି ଏବଂ ଯେଉଁମାନଙ୍କର ଦାସ୍ତ୍ରରୁ ବାହାରିବା ନିମନ୍ତେ ନାହିଁ ସେମାନେ ଅସହାୟ ହେଲେ ଘରେ ଅନାହାରରେ ମରନ୍ତି ତଥାପି ଭିକ୍ଷା କରିବାକୁ ବାହାରନ୍ତି ନାହିଁ ତେବେ ପୁରୁଷମାନେ ଅଧିକ ମରିବାର କାରଣ ଏହି କି ସେମାନେ ଦୁଃଖ କରନ୍ତି ଏବଂ ଗୃହସ୍ଥ ଓ ପିଲା-ମାନଙ୍କୁ ଖୁଆଇ ପଛେ ଯାହା ରହେ ତାହା ଭୋଜନ କରନ୍ତି । ଅଧିକ ପରିଶ୍ରମ ହେତୁ ଶରୀର ଦୁର୍ବଳ ସୁତରାଂ ମୃତ୍ୟୁ ଅଧିକ ହୁଅଇ ।

---

ପଣ୍ଡିତ ରାମଚନ୍ଦ୍ର ବିଦ୍ୟାନିଧି ଭଟ୍ଟାଚାର୍ଯ୍ୟ ରାମ-ରେ ଏବଂ ବାଂକି ବାଲେଶ୍ୱରରେ ଉପସ୍ଥିତ ହୋଇଅଛନ୍ତି । ଗତ ପ୍ରକାଶିତ ସମ୍ବାଦବାହକରୁ ଅବଗତ ହେଲୁଁ ଯେ ବାବୁ ସଖୀରମଣ ଦାସଙ୍କ ଠାକୁର ଅଗଣାରେ "ଭକ୍ତି ଓ ହରିନାମ ସାର" ଏହି ବିଷୟରେ ସେ ଗୋଟିଏ ବକ୍ତୃତା ଦେଇଥିଲେ ଏବଂ ତାହା ଶୁଣିବାକୁ ଅନେକ ଲୋକ ଉପସ୍ଥିତ ହୋଇଥିଲେ । ବକ୍ତା କଳ୍ପ ଟେକାଯ୍ୟା-ରୂପେ ହିନ୍ଦୁଧର୍ମର ମହତ୍ତ୍ୱ ଦେଖାଇ କଳି-କାଳରେ "ହରି ନାମ ସାର" ଏହି କଥା ପ୍ରତିପନ୍ନ କରି ଥିଲେ ଏବଂ ତହିଁ ସଙ୍ଗେ ଅନ୍ୟ କୌଣସି ଧର୍ମର ନିନ୍ଦା ନ କରିବା ହେତୁ ଅପରାପର ସମ୍ପ୍ରଦାୟ ଏବଂ ... ସୁନାମ ପରିଚୟ ଦେଇଥିଲେ । ତାହାଙ୍କ ବକ୍ତୃତାର ପ୍ରତ୍ୟକ୍ଷ ଫଳ ଏହି ହୋଇଅଛି ଯେ ସେଠାରେ ପୂର୍ବରୁ ସ୍ଥାପିତ ହୋଇଥିବା ହରିଭକ୍ତି ସଭା ... ଉନ୍ନତି ନିମିତ୍ତ ବେଳେ ଲୋକ ... ହୋଇଅଛନ୍ତି ଏବଂ ଏଥି ମଧ୍ୟରେ ଉକ୍ତ ଉଦ୍ଦେଶ୍ୟ ସଫଳ କରିବା କାରଣ ... ମନ୍ଦିରରେ ପୂଜାର ସଭା ହୋଇଅଛି । ... ଲେଖରର ଏକାଦଶରେ ନବ୍ୟ ସମ୍ପ୍ରଦାୟ ... ମାନେ ଏକ ଅଶ୍ଳୀଳତାର ଲିପ୍ତ ... କରୁ ବିମାତୃ ମହାଶୟ ... ହନୁମାନଙ୍କର ଜୀବନବୃତ୍ତ ଓ ପ୍ରଧାନ ... ରବିକୁ ... ଶ୍ରୀ ଜଗନ୍ନାଥ ମନ୍ଦିରର ... ବେଶଷରେ ... ଅଶ୍ଳୀଳ ପ୍ରତିମୂର୍ତ୍ତି ଥିବାରୁ ସେ କ୍ଷେତ୍ରକୁ ... ବାହାର ଅଣିବା ... ଗବର୍ଣ୍ଣମେଣ୍ଟଙ୍କ ... ଲୋଡ଼ୁଅଛନ୍ତି ଏବଂ ଅନ୍ୟ ବାଗରେ ... ମଧ୍ୟମଶ୍ରେଣୀର କେତେ ଲୋକ ... ସଭାର ... ଏବଂ ତହିଁ ସଙ୍ଗେ ... ସମସ୍ତ ଅଶ୍ଳୀଳ ବ୍ୟାପାରର ... ହେଉଅଛନ୍ତି ... କୌତୁକର ବିଷୟ ନୁହଇ । କଳିଯୁଗର ପ୍ରଧାନ ଧର୍ମ ଅର୍ଥସେବା ଏହା ଯେ ବୁଝି ନାହିଁ ସେ କେଉଁ ମନୁଷ୍ୟରେ ଲେଖା ?

---

ଇଂଲଣ୍ଡ ଓ ରୁଷିୟା ସମ୍ବନ୍ଧରେ ପାଠକମା-ନଙ୍କୁ ଉପହାର ଦେବା ନିମିତ୍ତ ଏସପ୍ତାହରେ କୌଣସି ବିଶେଷ ସମ୍ବାଦ ମିଳି ନାହିଁ । ତେବେ ମନ୍ତ୍ରୀବର୍ଗଙ୍କ କାର୍ଯ୍ୟଗତରୁ ସ୍ପଷ୍ଟ ଦେଖା ଯାଉ-ଅଛି ଯେ ସେମାନେ ସଜ୍ଜ ହେଉଅଛନ୍ତି । ଯେଉଁ ଲର୍ଡ ସାଲିସବରୀ ପ୍ରଧାନ ମନ୍ତ୍ରୀ ... ପାଇବାର କେତେକ ଦିନରେ ... ଷ୍ଟୋନ ମହୋଦୟଙ୍କ ... ରୁଷିୟାକୁ ... ଜଣ ଜାଣିଥିଲ ଯେ ... ସେହି ...

Digitized by srujanika@gmail.com

ସଙ୍ଗେ ସନ୍ଧି କରିବାକୁ ବ୍ୟଗ୍ର ହେବେ । ଯେଉଁ ରୁସିୟା ଲର୍ଡ ସାଲିସ୍‌ବରୀଙ୍କ ଉପରୋକ୍ତ ଗାଳି ଶୁଣି ସେ ପ୍ରଧାନ ମନ୍ତ୍ରୀତ୍ୱ ପଦ ପ୍ରାପ୍ତ ହେଲା ମାତ୍ରକେ ଯୁଦ୍ଧର ଘୋଷଣା କରିବେ ବୋଲି ପ୍ରତୀକ୍ଷା କରିଥିଲେ କିଏ ଜାଣିଥିଲା ଯେ ସେହି ରୁସିୟା ବର୍ତ୍ତମାନ ସେହି ସାଲିସ୍‌ବରୀଙ୍କ ପ୍ରସ୍ତାବରେ ସମ୍ମତି ପ୍ରଦାନ କରିବେ । ଲଣ୍ଡନଠାରୁ ଆସିଥିବା ଗତମାସ ତା ୨୭ ରିଖର ତାରବାର୍ତ୍ତାରୁ ପ୍ରକାଶ ଯେ ଜୁଲଫିକାରଠାରେ ରୁସିୟା ସୈନ୍ୟ ଯେଉଁସ୍ଥାନ ଅଧିକାର କରିଥିଲେ ତାହା ଛାଡ଼ିହେବା କାରଣ ଲର୍ଡ ସାଲିସ୍‌ବରୀ ଅନୁରୋଧ କଲେ ରୁସିୟା ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରସ୍ତାବ କରିବାରେ ରୁସିୟା ତହିଁରେ ଏହି ସର୍ତ୍ତରେ ସମ୍ମତି ପ୍ରଦାନ କରିଅଛନ୍ତି ଯେ ସେମାନେ ବାହାରି ଗଲେ ଯେମନ୍ତ ଅଫଗାନମାନେ ସେସ୍ଥାନ ଅଧିକାର ନ କରନ୍ତି । ପ୍ରକୃତରେ ରୁସିୟା ଯେ ଏପରି ସମ୍ମତି ପ୍ରଦାନ କରିବେ ଏହି ସମ୍ପୂର୍ଣ୍ଣ ଅଶାତୀତ । ପୁଣି ଇତିମଧ୍ୟରେ ଲଣ୍ଡନଠାରୁ ଗତମାସ ତା ୩୦ ରିଖରେ ଯେଉଁ ତାରବାର୍ତ୍ତା ଆସିଅଛି ତହିଁରୁ ପ୍ରକାଶ ଯେ ମାନସନ ହାଉସ ଭୋଜ ସଭାରେ ଲର୍ଡ ସାଲିସ୍‌ବରୀ ବକ୍ତୃତା ଦେବା କାଳରେ କହିଲେ ଯେ ଇଂଲଣ୍ଡ ଓ ଅନ୍ୟାନ୍ୟ ୟୁରୋପୀୟ ଦଳ ମଧ୍ୟରେ ସୌହାର୍ଦ୍ଦ୍ୟ ପୁନଃସ୍ଥାପନ କରିବାର ସେ ଆକାଂକ୍ଷା କରିଅଛନ୍ତି ଏବଂ ଭରସା କରନ୍ତି ଯେ ଅଳ୍ପକାଳ ମଧ୍ୟରେ ଇଂଲଣ୍ଡ ଓ ରୁସିୟା ସନ୍ଧିସୂତ୍ରରେ ଆବଦ୍ଧ ହୋଇ ପରସ୍ପରର ହାତ ଧରି ବୁଲିବେ । ଲର୍ଡ ସାଲିସବରୀଙ୍କ ପୂର୍ବକଥା ଯାହା ଥାଉ ସେ ଯେ ବର୍ତ୍ତମାନ ସନ୍ଧି ସଂସ୍ଥାପନାର୍ଥ ଇଚ୍ଛୁକ ହୋଇଅଛନ୍ତି ଏଥିରେ ଅମ୍ଭେମାନେ ବଡ଼ ସନ୍ତୁଷ୍ଟ ହୋଇଅଛୁଁ । କିନ୍ତୁ ଯୁଦ୍ଧଯାତ୍ରା ପୂର୍ବପ୍ରାୟ ଉଭୟ ପକ୍ଷରୁ ଲାଗିଅଛି ତହିଁରେ କିଛି ଦିବସ ନ ଗହିବା ପର୍ଯ୍ୟନ୍ତ ମନ ସ୍ଥିର ହେବାର ନୁହଇ ।

---

ଅଶ୍ଳୀଳ ପୁସ୍ତକ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପାଠକଙ୍କୁ ଜଣାଇବା ସଙ୍ଗେ ଅମ୍ଭେମାନେ ଯାହା ଲେଖିଥିଲୁଁ ତହିଁରୁ ଶିକ୍ଷାବନ୍ଧୁ ସିଦ୍ଧାନ୍ତ କରିଅଛନ୍ତି କି "ଦୀପିକାଙ୍କ ପ୍ରବୀଣତା ଓ ସର୍ବଜ୍ଞତା ଦିନକୁଦିନ ଅପୂର୍ବଭାବ ଧାରଣ କରୁଅଛି" କି ସୁନ୍ଦର କଥା ! ଅମ୍ଭେମାନେ ପୂର୍ବେ କହିଥିଲୁଁ ଏବଂ ବର୍ତ୍ତମାନ ମଧ୍ୟ କହୁଅଛୁଁ ଯେ ବିଚିତ୍ରରାମାୟଣ ଖଣ୍ଡେ ଏ ଉଲ୍ଲିଖିତ କୁଳଲଭାଷାଗ୍ରନ୍ଥ ତାହା ସୁନୀତିରେ ପୂର୍ଣ୍ଣ ଏବଂ ଯେଉଁ ସ୍ଥଳକୁ ଅଶ୍ଳୀଳ ବୋଲି ଜଣା କରି ଯାଇଅଛି ତାହା ରାକ୍ଷସର ଘୃଣିତ ବଳାତ୍କାର ବର୍ଣ୍ଣନା ମାତ୍ର । ଲୋକେ ଏହା ଶିଖିବେ ବୋଲି ଲେଖା ଯାଇ ନାହିଁ । ଏହି ପୁସ୍ତକ ଓଡ଼ିଶାର ସର୍ବତ୍ରରେ ପଠିତ ହେଉଅଛି ଏହାଦ୍ୱାରା କାହାର ଚରିତ୍ର ବିଗିଡ଼ି ଯାଇଥିବାର ଗୋଟିଏ ପ୍ରମାଣ କେହି ଦେଖାଇ ପାରିବ ନାହିଁ । କିନ୍ତୁ ଶିକ୍ଷାବନ୍ଧୁଙ୍କ ମତରେ ଏ କଥା ଅପ୍ରାମାଣ ଏବଂ ମିଥ୍ୟା ଆଉ କୁମାର କହିଲେ ଏ ପୁସ୍ତକ ଅଶ୍ଳୀଳ ପିଲାମାନଙ୍କ ହାତରେ ପଡ଼ିଲେ ସେମାନେ ସବୁ ପଢ଼ି ବୁଝି ପକାଇବେ ଏବଂ ଏକାବେଳକେ ଉଚ୍ଛନ୍ନ ଯିବେ ଏ କଥା ସତ୍ୟ ! ନ ହେଲେ କି ଶିକ୍ଷାବନ୍ଧୁ ! ଯେ ପୀତ୍ରସା ପିଲାଦିନେ ପଢ଼ି ଜାଣନ୍ତି ଓଡ଼ିଶାର ବୃଦ୍ଧବୟଙ୍କ ମଧ୍ୟରେ ଏମନ୍ତ କେତେ ଲୋକ ଅଛନ୍ତି ? ଏବଂ ସେହି ହେତୁ ସେମାନଙ୍କ ଚରିତ୍ର ବିଗିଡ଼ି ଯିବାର ଉଦାହରଣ ସହଯୋଗୀ ଦେଖାଇ ପାରିବେ କି ? ସହଯୋଗୀ ମନେ କରି ପାରନ୍ତି ଯେ ଅମ୍ଭେମାନେ ଅପଣା ବନ୍ଧୁର ଅର୍ଥହାନି ଦେଖି ଦୁଃଖିତ ହୋଇଅଛୁଁ କିନ୍ତୁ ଯେ ବ୍ୟକ୍ତିର ଏକଥର ସେହି ଅର୍ଥହାନି ଘଟିବା ମାତ୍ରକେ ଅଯଥା ଦୋଷର ଘୃଣ ଦେଇ ଆକାଶ ପାତାଳ କମ୍ପାଇ ହେଲା ସେ କପରି ଅମ୍ଭମାନଙ୍କଠାରୁ ଶ୍ରେଷ୍ଠ ହେଲା ଏ କଥା ବୁଝି ପାରୁ ନାହୁଁ । ପୁଣି ସହଯୋଗିଙ୍କ ବକ୍ତୃତାରେ ରହସ୍ୟର ବିଷୟ ଏହି ଯେ ବିଚିତ୍ରରାମାୟଣ ହେଲା ମନ୍ଦ ଆଉ ମେଘଦୂତ ହେଲା ଉତ୍ତମ । ତାହାଙ୍କ ଶେଷଲିଖିତ ପୁସ୍ତକଟି ବାବୁ ରାଧାନାଥ ରାୟ ରଚନା ଏବଂ କୁମାର ବୈକୁଣ୍ଠନାଥ ଦେ ପ୍ରକାଶ କଲେ ବୋଲି ପଢ଼ି ! ଅମ୍ଭେମାନେ ତାହାଙ୍କୁ ଅନୁରୋଧ କରୁଁ ଯେ ଥରେ ମେଘଦୂତକୁ ଭଲ କରି ପାଠ କରି ଅପଣା ଛାତିରେ ହାତ ଦେଇ କହନ୍ତୁ ଯେ ଉକ୍ତ ମହାତ୍ମାଦ୍ୱୟଙ୍କର ଉକ୍ତ ପୁସ୍ତକ ପ୍ରକାଶ ଏବଂ ବର୍ତ୍ତମାନ ଅଶ୍ଳୀଳତାର ପ୍ରତିବାଦ ସଙ୍ଗେ କେମନ୍ତ ସୁନ୍ଦର ସମାଞ୍ଜସ୍ୟ ରହିଅଛି । ଅପର ପୁସ୍ତକ ସମ୍ପର୍କରେ ଏତିକି ବୋଲିବା ଯଥେଷ୍ଟ ଯେ ବୈକୁଣ୍ଠର ଶୋଭା ଏହା ରାଧାନାଥଙ୍କ ହେଉରୁ ।

---

ମୁସଲମାନଙ୍କର ଶିକ୍ଷା ଓ ଉନ୍ନତି ।

ସନ ୧୮୮୨ ସାଲରେ ମୁସଲମାନ ଜାତୀୟ ସଭା ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କଠାରେ ମୁସଲମାନଙ୍କର ଶିକ୍ଷା ଓ ଉନ୍ନତି ବିଷୟରେ ଏକ ଅବେଦନପତ୍ର ଉପସ୍ଥିତ କରିଥିଲେ । ଉକ୍ତ ଅବେଦନ ପତ୍ରରେ ମୁସଲମାନଙ୍କର ଦୁରବସ୍ଥାର ଅନେକ ବର୍ଣ୍ଣନା ହୋଇଥିଲା ଏବଂ ସେମାନଙ୍କ ଉନ୍ନତିନିମିତ୍ତ ବିଶେଷ ବନ୍ଦୋବସ୍ତ କରିବାର ପ୍ରାର୍ଥନା ହୋଇଥିଲା । ଅବେଦନ ପତ୍ରରେ ଏମନ୍ତ କଥାସବୁ ଲେଖାଥିଲା ଯେ ଗବର୍ଣ୍ଣମେଣ୍ଟ ହିନ୍ଦୁମାନଙ୍କପ୍ରତି ବିଶେଷ ସଦୟ ହୋଇ ନାନା ସରକାରୀକାର୍ଯ୍ୟବିଭାଗରେ ସେମାନଙ୍କୁ ଗୃକସ୍ଥ ଦେଉଅଛନ୍ତି ମାତ୍ର ମୁସଲମାନଙ୍କପ୍ରତି ସେପ୍ରକାର ଦୃଷ୍ଟି ପଡ଼ୁ ନାହିଁ ପ୍ରଧାନ ଗବର୍ଣ୍ଣମେଣ୍ଟ ଏହି ଅବେଦନପତ୍ର ପାଇ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କଠାରୁ ମତାମତ ସଂଗ୍ରହ ଓ ସମସ୍ତବିଷୟ ଆଲୋଚନା କରି ଯେଉଁ ନିଷ୍ପତ୍ତି କରିଅଛନ୍ତି ତାହା ସର୍ବସାଧାରଣଙ୍କ ଗୋଚରାର୍ଥେ ଇଣ୍ଡିୟା ଗେଜେଟରେ ପ୍ରକାଶିତ ହୋଇଅଛି । ଲର୍ଡ ରିପନଙ୍କ ସମୟରେ ଏଥିର ଅନୁସନ୍ଧାନ ଆରମ୍ଭ ହୋଇଥିଲା ମାତ୍ର କାର୍ଯ୍ୟ ଶେଷ ନ ହେବାରୁ ଅମ୍ଭମାନଙ୍କ ବର୍ତ୍ତମାନ ଗବର୍ଣ୍ଣର ଜେନରଲ ଲର୍ଡ ଡଫରିନଙ୍କ ହାତରେ ଶେଷ ନିଷ୍ପତ୍ତିର ଭାର ପଡ଼ିଲା । ଏଥିରୁ ଅମ୍ଭେମାନେ ଆନନ୍ଦସହିତ କହୁଅଛୁଁ ଯେ ଲର୍ଡ ଡଫରିନ ଯେମନ୍ତ ଉଦାର ଏବଂ ନିରପେକ୍ଷ ଭାବରେ ଏ ଗୁରୁତର ବିଷୟର ମୀମାଂସା କରିଅଛନ୍ତି ତହିଁରେ ସର୍ବସାଧାରଣ ସନ୍ତୁଷ୍ଟ ହୋଇଅଛନ୍ତି । ଲର୍ଡ ଡଫରିନ ମୁସଲମାନଙ୍କର ଜଣେ ପ୍ରଧାନ ବନ୍ଧୁ ବୋଲି ପରିଚିତ ଏବଂ ମୁସଲମାନଙ୍କ ଉନ୍ନତି ଦେଖିବାକୁ ସେ ସର୍ବଦା କାମନା କରନ୍ତି ବୋଲି ଭାରତବର୍ଷରେ ପଦାର୍ପଣ କରିବା ମାତ୍ରକେ ପ୍ରକାଶ୍ୟ ସଭାରେ କହିଥିଲେ । ବର୍ତ୍ତମାନ ନିଷ୍ପତ୍ତିରୁ ଜଣାଯାଏ ଯେ ସେହି ଭାବ ତାହାଙ୍କ ମନରେ ଜାଗ୍ରତ ଅଛି ଅଥଚ ମୁସଲମାନଙ୍କର ଅବେଦନପତ୍ରରେ ଯେ ସମସ୍ତ ଅସଙ୍ଗତ କଥା ଅଛି ସୁଯୁକ୍ତିଦ୍ୱାରା ସେ ସମସ୍ତ କାଟିଦେଇ ଅତ୍ୟନ୍ତ ବନ୍ଧୁଭାବରେ ସେମାନଙ୍କ ଉନ୍ନତିର ପ୍ରକୃତବାଟ ଦେଖାଇ ଦେଇଅଛନ୍ତି ଏବଂ ତହିଁରେ ଚାଲିବା ନିମିତ୍ତ ସେମାନଙ୍କୁ ଉପଦେଶ ଦେଇଅଛନ୍ତି । ମହାମାନ୍ୟ ଡଫରିନ ମହୋଦୟ ଦେଖାଇ ଦେଇଅଛନ୍ତି ଯେ ମୁସଲମାନଙ୍କ ଉନ୍ନତି ନିମିତ୍ତ ବ୍ରିଟିଷ ଗବର୍ଣ୍ଣମେଣ୍ଟ ଆଜିକାଲି ନୁହଇ ଏ ଦେଶରେ ପଦାର୍ପଣ କଲା ଦିନଠାରୁ ବିଶେଷ ଚେଷ୍ଟା କରି ଆସୁଅଛନ୍ତି । ପ୍ରଥମେ ଯେସମସ୍ତ ଉପାୟ ହୋଇଥିଲା ତହିଁରେ ଭଲ ଫଳ ନ ହେବାରୁ ଲର୍ଡମେଓ ମୁସଲମାନମାନଙ୍କ ବିଦ୍ୟାଶିକ୍ଷା ନିମିତ୍ତ ବିଶେଷ ଉପାୟ ଅବଲମ୍ବନ

Digitized by srujanika@gmail.com

Split by PDF Splitter



କରିବାକୁ ସମସ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କଲେ ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଆଗ୍ରହପୂର୍ବକ ସେ ସମସ୍ତ ଆଜ୍ଞା ପାଳିଲେ । ଯେଉଁଠାରେ ଉର୍ଦ୍ଦୁ ଭାଷା ପ୍ରଚଳିତ ସେଠାରେ ମୁସଲମାନମାନେ ଶିକ୍ଷାପ୍ରତି ଅଧିକ ମନୋଯୋଗୀ ହୋଇ କେତେ ପରିମାଣରେ ଉନ୍ନତି ଲଭିଲେ ମାତ୍ର ଯେଉଁଠାରେ ଅନ୍ୟଦେଶୀୟ ଭାଷା ପ୍ରଚଳିତ ସେଠାରେ ସେମାନେ ସେ ଭାଷା ଶିକ୍ଷିବାକୁ ମନୋଯୋଗୀ ହେଲେ ନାହିଁ ତଥାପି ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଯତ୍ନ ହେଳା ହୋଇନାହିଁ । ମୁସଲମାନଙ୍କ ଶିକ୍ଷାନିମନ୍ତେ ବିଶେଷ ଛାତ୍ରବୃତ୍ତି ସ୍ଥାପିତ ଏବଂ ଅଧିକ ବ୍ୟୟ ମଞ୍ଜୁର ହୋଇଅଛି । ସ୍କୁଲ ଏବଂ କଲେଜମାନଙ୍କରେ ସେମାନଙ୍କୁ ଭାଷା ଶିଖାଇବା ନିମିତ୍ତ ବିଶେଷ ଉର୍ଦ୍ଦୁ ଶିକ୍ଷକ ନିଯୋଗ ହୋଇଅଛନ୍ତି ଶିକ୍ଷା କମିସନ ସେମାନଙ୍କର ଶିକ୍ଷା ବିଷୟରେ ବାହୁଲ୍ୟ ପ୍ରକାର ଅନୁସନ୍ଧାନ କରି କେତେଗୁଡ଼ିଏ ବିଶେଷ ପ୍ରସ୍ତାବ କରିବାରୁ ଗବର୍ଣ୍ଣମେଣ୍ଟ ସେ ସମସ୍ତ କାର୍ଯ୍ୟରେ ଖଟାଉଅଛନ୍ତି । ସୁତରାଂ ଶିକ୍ଷା ବିଷୟରେ ଗବର୍ଣ୍ଣମେଣ୍ଟ ଅମନୋଯୋଗୀ ବୋଲି କୁହାଯାଇ ନ ପାରେ । ମୁସଲମାନଙ୍କଠାରୁ ହିନ୍ଦୁଙ୍କୁ ଅଧିକ ସରକାରୀ କାର୍ଯ୍ୟ ଦେବାର କଥା ମଧ୍ୟ ଅମୂଳକ ଅଟଇ । ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ପ୍ରଦର୍ଶିତ ତାଲିକାରୁ ଜଣାଯାଏ ଯେ ସରକାରୀ ଦପ୍ତରମାନଙ୍କରେ ମୁସଲମାନମାନେ ପ୍ରଚୁର ପରିମାଣରେ କର୍ମ ପାଇଅଛନ୍ତି ଏବଂ ଦେଶୀୟ ସିଭିଲ ସର୍ଭିସରେ ନିଯୁକ୍ତ ହୋଇଥିବା ଜ ୩୭ ଣ କର୍ମଚାରୀ ମଧ୍ୟରେ ଜ ୧୦ ଣ ମୁସଲମାନ ଅଛନ୍ତି । ଭାରତବର୍ଷର ଲୋକସଂଖ୍ୟା ଅନୁସାରେ ଚାରିଭାଗ ହିନ୍ଦୁ ଓ ଏକଭାଗ ମୁସଲମାନ ହେବନ୍ତି [illegible] ଅଥଚ ମୁସଲମାନ ସଂଖ୍ୟା ସ୍ଥଳେ ଅଳ୍ପ [illegible] କାର୍ଯ୍ୟ ପାଇଅଛନ୍ତି ସ୍ପଷ୍ଟ ଦେଖାଯାଉଅଛି । ଯେସମସ୍ତ ସ୍ଥଳରେ ପ୍ରତିଯୋଗିତା ପରୀକ୍ଷାଦ୍ୱାରା କର୍ମଚାରୀ ନିଯୁକ୍ତ ହେଉଅଛନ୍ତି କେବଳ ସେହି ସ୍ଥଳମାନଙ୍କରେ ମୁସଲମାନ କର୍ମଚାରୀଙ୍କ ସଂଖ୍ୟା ଊଣା ଥିବାର ଦେଖାଯାଏ । ଏଥିକୁ ମହାମାନ୍ୟ ଲର୍ଡ ଡଫରିନ ଯଥାର୍ଥ କହୁଅଛନ୍ତି ଯେ ଏପ୍ରକାର ସ୍ଥଳରେ ମୁସଲମାନଙ୍କ ପକ୍ଷରେ ବିଶେଷ ନିୟମ କଲେ କମ୍ପିଟିସନ ପରୀକ୍ଷାର ସୀମା ଊଣା କରିଦେଲେ ମୁସଲମାନଙ୍କର ଅମଙ୍ଗଳ ବିନା ମଙ୍ଗଳ ହେବ ନାହିଁ କାରଣ ସ୍ୱଚ୍ଛନ୍ଦ ଉପାୟରେ କର୍ମ ପାଇବାକୁ ସମର୍ଥ ହେଲେ ଅଧିକ ଶିକ୍ଷାଲାଭ କରିବାକୁ ସେମାନଙ୍କର ମନ ବଳିବ ନାହିଁ ସୁତରାଂ ଅମଙ୍ଗଳ ହେବ । ଗବର୍ଣ୍ଣମେଣ୍ଟ ହିନ୍ଦୁ ମୁସଲମାନ ସମସ୍ତଙ୍କୁ ଏକଦୃଷ୍ଟିରେ ଦେଖିବେ ଏବଂ ସମସ୍ତଙ୍କ ନିମିତ୍ତ ଲାଭ ଓ ଉନ୍ନତିର ଏକ ବାଟ ଫିଟାଇ ଦେଇଅଛନ୍ତି । ଯେବେ ହିନ୍ଦୁମାନେ ଅଧ୍ୟବସାୟ ପୂର୍ବକ ସେ ବାଟରେ ଚାଲିଯାଇ ବଡ଼ ସ୍ଥାନରେ ଉପସ୍ଥିତ ହେଲେ ଆଉ ମୁସଲମାନମାନେ ସେ ବାଟକୁ ଅଡ଼େଇ ମାଡ଼ିଲେ ନାହିଁ ତେବେ ସେ ଦୋଷ ଗବର୍ଣ୍ଣମେଣ୍ଟଙ୍କର ନୁହଇ । ଅତଏବ ମୁସଲମାନମାନଙ୍କୁ କହି ଦିଆଯାଇଅଛି ତମମାନଙ୍କ ସକାଶେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ କୌଣସି ତ୍ରୁଟି ନାହିଁ ଏବଂ ତାହାଙ୍କର ଦୁର୍ଦ୍ଦଶାର ଯେ କିଛି କାରଣ ଅଛି ତହିଁପାଇଁ ସେମାନେ ନିଜେ ଦାୟୀ ଅଟନ୍ତି । ବରଂ ଗବର୍ଣ୍ଣମେଣ୍ଟ ହିନ୍ଦୁଙ୍କ ଅପେକ୍ଷା ମୁସଲମାନମାନଙ୍କୁ ଅଧିକା ସୁବିଧା ଦେଇଥିବାରୁ ହିନ୍ଦୁମାନେ ତହିଁରେ ଅସନ୍ତୁଷ୍ଟ ହୋଇପାରନ୍ତି । ଅତଏବ ଲର୍ଡ ଡଫରିନ ମୁସଲମାନମାନଙ୍କୁ ଏହି ଉପଦେଶ ଦେଇଅଛନ୍ତି ଯେ ସେମାନେ ଜାତୀୟ କୁସଂସ୍କାର ଗତ ବିଦ୍ୟାଶିକ୍ଷା ବିଷୟରେ ଯଥାସାଧ୍ୟ ଯତ୍ନବାନ ହେଉନ୍ତୁ ଏବଂ ହିନ୍ଦୁଙ୍କ ସହିତ ଓ ସମସର ଭାବରେ ବିଦ୍ୟା ଉପାର୍ଜନ କରନ୍ତୁ ତାହା ହେଲେ ସେମାନଙ୍କର ପ୍ରକୃତ ଉନ୍ନତି ହେବ ଏବଂ ସାହାଯ୍ୟ କରିବାର ଆବଶ୍ୟକ ହେବ ନାହିଁ ।

---

। ବ । ଭିଶପୁରର ବଞ୍ଜପଗା ।
( ଗତ ପ୍ରକାଶିତ ହିସାବରୁ )

୨ । ପୋଲିସ — ପୋଲିସ ସାଲତମାମିମାନଙ୍କ ମଧ୍ୟରେ ପୋଲିସ ବିଗ୍ରାହ୍ୟ ମୋକଦ୍ଦମାମାନଙ୍କର ତାଲିକା ସର୍ବ ପ୍ରଥମ ଅଟେ । ଏହି ସାଲତମାମିରୁ ଦେଖାଯାଏ ଯେ ଗତବର୍ଷ ମୋଟରେ ନ ୧୬୬ ମ୍ବର ଏଜଲା ପୋଲିସରେ ହୋଇଥିଲା । ଏଥି ମଧ୍ୟରୁ ନ ୧୫୧ ମ୍ବର ଓ ପୂର୍ବ ବର୍ଷର ବାକି ନ ୭ ମ୍ବର ଏରୂପ ମୋଟରେ ନ ୧୬୫ ମ୍ବର ଏଜଲା ତଦାରଖ ହୋଇଥିଲା ଓ ବର୍ଷ ଶେଷକୁ ନ ୨ ମ୍ବର ମୋକଦ୍ଦମା ପୋଲିସ ତଦାରଖରେ ବାକି ଥିଲା । ଉପରୋକ୍ତ ନ ୧୬୫ ମ୍ବର ମୋକଦ୍ଦମା ମଧ୍ୟରୁ ନ ୨ ମ୍ବର ଖାରଜ ହୋଇ ବାକି ନ ୧୬୩ ମ୍ବର ମଧ୍ୟରୁ ପୋଲିସ ସ୍ୱଇଚ୍ଛାରେ ନ ୧୪୭ ମ୍ବର ଓ ମାଜିଷ୍ଟ୍ରେଟଙ୍କ ହୁକୁମଦ୍ୱାରା ନ ୧୬ ମ୍ବର ମୋକଦ୍ଦମା ତଦାରଖ ହୋଇଥିଲା । ଉପରୋକ୍ତ ନ ୧୬୩ ମ୍ବର ମୋକଦ୍ଦମା ମଧ୍ୟରୁ ନ ୮୩ ମ୍ବର ମୋକଦ୍ଦମା ପ୍ରମାଣ ହୋଇ ଆସାମିମାନଙ୍କୁ ଦଣ୍ଡ ଦିଆଯାଇଅଛି ଓ ନ ୮୦ ମ୍ବର ମୋକଦ୍ଦମା ମାଜିଷ୍ଟ୍ରେଟଙ୍କ ବିଚାରରେ ମିଥ୍ୟା ଓ ଅପରାପର କାରଣରୁ ଖାରଜ ହୋଇଅଛି । ମୋଟରେ ଜ ୨୦୭ ଣ ଆସାମି ବିଚାର ସକାଶ ମାଜିଷ୍ଟ୍ରେଟଙ୍କ ହଜୁରକୁ ପ୍ରେରିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜ ୧୧ ଣ ବିଚାରରେ ଖଲାସ ଓ ଜ ୨୦୬ ଣ ଦଣ୍ଡ ଭୋଗକର ଅଛନ୍ତି । ପୋଲିସ ବିଗ୍ରାହ୍ୟ ମୋକଦ୍ଦମା ମଧ୍ୟରେ ନାନାପ୍ରକାର ଚୋରୀ ମୋକଦ୍ଦମାର ସଂଖ୍ୟା ଅଧିକ ଅଟେ । ନ ୧୦୧ ମ୍ବର ଚୋରୀ ମୋକଦ୍ଦମା ମଧ୍ୟରୁ ନ ୭୦ ମ୍ବର ମୋକଦ୍ଦମାରେ ଜ ୨୧୦ ଣ ଆସାମି ବିଗ୍ରହିଥିଲେ ଅଣାଯାଇ ଜ ୫୦ ଣ ଖଲାସ ଓ ଜ ୧୬୦ ଜଣ ଦଣ୍ଡଭୋଗ କରିଥିଲେ । ମୋଟରେ ଟ ୨୬୬୯ ମୂଲ୍ୟର ସମ୍ପତ୍ତି ଚୋରୀ ଯାଇଥିଲା ଏଥି ମଧ୍ୟରୁ ଟ ୧୧୮୯ ର ମୂଲ୍ୟର ସମ୍ପତ୍ତି ପ୍ରାପ୍ତ ହୋଇଅଛି ବାକି ସମ୍ପତ୍ତି ପ୍ରାପ୍ତ ହୋଇ ନାହିଁ । ଗତବର୍ଷ ଶେଷକୁ ନ ୨ ମ୍ବର ସିନ୍ଧିଚୋରୀ ହୋଇଥିଲା ତହିଁରେ ନଗଦ ଓ ମାଲ ମୋଟରେ ଟ ୧୦୦୦ ର ଚୋରୀ ଯାଇଅଛି । ଉକ୍ତ ମୋକଦ୍ଦମାମାନ ତଦାରଖ ହେଉଅଛି ଏବଂ ଚଳିତ ବର୍ଷରେ ନୟାଗଡ଼ ଇଲାକାରୁ କେତେକ ଜଣ ଆସାମି ବା ମାଲ ଗିରଫ୍ତାର ହୋଇ ଅଛି ।

୮ । ଗତବର୍ଷ ଜ ୨୪ ଣ ମନୁଷ୍ୟ ଅପମୃତ୍ୟୁ ହେତୁ ପ୍ରାଣତ୍ୟାଗ କରିଥିବାର ରିପୋର୍ଟ ହୋଇଥିଲା । ଏମାନଙ୍କ ମଧ୍ୟରୁ ସ୍ତ୍ରୀ ଜ ୧୦ ଣ ଓ ପୁରୁଷ ଜ ୧୪ ଣ ଅଟନ୍ତି । ଜ ୨ ଣ ବ୍ୟକ୍ତି ଶୂଳରୋଗର ଅସହ୍ୟ ଯାତନା ସହ୍ୟ କରି ନ ପାରି ଫାଶିଦ୍ୱାରା ପ୍ରାଣତ୍ୟାଗ କରିଥିଲେ ଓ ଦଶ ଜ ୧୦ ଣ ବ୍ୟକ୍ତି କୂପରେ ପଡ଼ି ମରି ଯାଇଥିଲେ । ଏ ଜିଲ୍ଲା ଇଲାକାରେ କୋଶ୍ୱ କୂପର ସଂଖ୍ୟା ଅଧିକ ଏବଂ ସେମାନଙ୍କ ଚତୁଃପାର୍ଶ୍ୱରେ ବାଡ଼ିବନ୍ଧ ନ ଥିବାରୁ ସାଧାରଣତଃ ମନୁଷ୍ୟମାନେ ପଡ଼ି ମରି ଯାଆନ୍ତି । ଗତବର୍ଷ ବୋର୍ଡ କମିଟି ଦ୍ୱାରା ସେଥିବା ବିଷୟରେ ବିହିତ ବନ୍ଦୋବସ୍ତ କରାଯାଉଅଛି । ଅପର ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ପାଘାତଦ୍ୱାରା ଜ ୨ ଣ, ଗଛରୁ ପଡ଼ି ଜ ୧ ଣ ଓ ଅଗ୍ନିଦ୍ୱାରା ଜ ୧ ଣ ପ୍ରାଣତ୍ୟାଗ କରିଥିଲେ ।

୯ । ଏ ଇଲାକାରେ ଏକଗୋଟି ପୋଲିସ ଷ୍ଟେସନ ଓ ଦୁଇଗୋଟି ଫାଣ୍ଡି ଅଛି । ଗତବର୍ଷ ମୋଟରେ

Digitized by srujanika@gmail.com

ଜ ୧ ଣ ଦାରୋଗା ଓ ଜ ୪ ଣ ଜମାଦାର ଏବଂ ଜ ୧୪ ଣ କନେଷ୍ଟବଲ ନିଯୁକ୍ତ ଥିଲେ । ଏହି କର୍ମଚାରୀମାନେ ପୋଲିଶ କର୍ମ ଛଡ଼ା ଦେଓ୍ୱାନି ଉଲ୍ଲଙ୍କାର ଉକିଲଙ୍କ ଜୋଙ୍ଗ ପ୍ରଭୃତି କର୍ମ ଓ ଜଙ୍ଗଲବିଭାଗର କର୍ମ ନିର୍ବାହ କରନ୍ତି । ସମସ୍ତ ସମୟରେ ରାଜସ୍ୱ ସମ୍ପର୍କୀୟ କେତେକ କର୍ମ ମଧ୍ୟ ଏମାନଙ୍କଦ୍ୱାରା ସାଧିତ ହୁଏ । ଏମାନଙ୍କର କର୍ମର ଦାୟୀତ୍ୱ ଦୃଷ୍ଟିରେ କର୍ମଚାରୀର ସଂଖ୍ୟା ଓ ବେତନର ପରିମାଣ ଅଲ୍ପ ଅଟେ । ଚଳିତ ବର୍ଷର ବଜେଟରେ ପୋଲିଶ କର୍ମଚାରୀମାନଙ୍କର ସଂଖ୍ୟା ବୃଦ୍ଧି କରା-ଯାଇ ବେତନ ବୃଦ୍ଧି କରାଯିବାର ବନ୍ଦୋବସ୍ତ ହୋଇଅଛି ଏବଂ ତଦନୁସାରେ ଚଳିତବର୍ଷ କର୍ମ ହେଉଅଛି । ପୂର୍ବେ ପୋଲିଶ କର୍ମଚାରୀଙ୍କ ହସ୍ତରେ ଜେଲ ଓ ଅପରାପର ବାଜେକର୍ମମାନ ନ୍ୟସ୍ତ ଥିଲା । ଗତବର୍ଷଠାରୁ ସେମାନ ରହିତ କରାଯାଇଅଛି ଏବଂ ନିୟମିତରୂପେ ବକ୍ସୀ-ଖାନା ଜାରି କରାଯାଇଥିବାରୁ ବସ୍ତୁତ ବାଜେ କର୍ମରୁ ପୋଲିଶ ରକ୍ଷା ପାଇଅଛି ।

କ୍ରମଶ

---

ରହସ୍ୟ ।

ଜଣେ ଶିଷ୍ୟ ଗୁରୁଙ୍କୁ ପଚାରିଲେ ।—ଗୁରୁଦେବ ! ବଡ଼ ଆଶ୍ଚର୍ଯ୍ୟ କଥା ଯେ—ସଂସାରରେ ଅନେକ ଲୋକ ନାନାବିଧ ଅନ୍ୟାୟ କାର୍ଯ୍ୟ କରି ଜୟ ଲାଭ କରୁଅଛନ୍ତି । ପୁଣି ଅନେକ ଲୋକ ନ୍ୟାୟ ପଥରେ ଥାଇଁ କଷ୍ଟ ଭୋଗ କରୁଅଛନ୍ତି । ଏରୂପ ଅବସ୍ଥାରେ ସ୍ୱଦେଶୀୟ ଶାସ୍ତ୍ରକର୍ତ୍ତାମାନେ କହି ବସି ଅଛନ୍ତି ଯେ

"ଯତୋ ଧର୍ମ୍ମ ସ୍ତତୋ ଜୟଃ"

ଏ ବଡ଼ ସୁନ୍ଦର ଦୂରଦର୍ଶୀ ଗୁଣ ! ! !

ଗୁରୁ ଉତ୍ତର କଲେ ବତ୍ସ ! ତୁମ୍ଭେ ମର୍ମ୍ମ ନ ବୁଝି ଧର୍ମ୍ମର ଓ ଶାସ୍ତ୍ରକାରମାନଙ୍କର ନିନ୍ଦା କରୁଅଛ । ସେମାନେ କଦାଚ ମିଥ୍ୟା କହି ନାହାନ୍ତି । ସତ୍ୟ କହିଅଛନ୍ତି ।—ଅମ୍ଭମାନଙ୍କର ଶାସ୍ତ୍ରରେ ଚାରିଗୋଟି ଯୁଗ ଲେଖାଅଛି । ପୁଣି ଯେଉଁ ଯୁଗରେ ଯେଉଁ ଧର୍ମ୍ମ ତାହା ମଧ୍ୟ ଲେଖାଅଛି । କହିଁରେ କଳିଯୁଗରେ ତିନିଅଂଶ ପାପ ଓ ଏକ ଅଂଶ ପୁଣ୍ୟ ଏହା ଏ ଯୁଗର ଧର୍ମ୍ମ ଅଟେ । ଏମାନଙ୍କୁ ଯୁଗଧର୍ମ୍ମ ବୋଲଯାଏ । ଅତଏବ ଯେଉଁମାନେ ଯୁଗଧର୍ମ୍ମ ଆଚରଣ କରନ୍ତି ଅର୍ଥାତ୍ ଏ ଯୁଗରେ ବେଶୀ ଅନ୍ୟାୟା-ଚରଣ କରନ୍ତି ସେହିମାନଙ୍କର ଜୟ । ଏହେତୁ "ଯତୋଧର୍ମ୍ମ ସ୍ତତୋ ଜୟଃ" କଥାଟି ମିଥ୍ୟା ନୋହେ । ଏଥିର ଶାସ୍ତ୍ରୀୟ ପ୍ରମାଣ ଅନେକ ଅଛି ଜାଣିବ ।

---

# ସାପ୍ତାହିକ ସଂବାଦ ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଲେଖୁଅଛୁଁ ଯେ ଅଲ୍ପଦିନତଳେ ଛତ୍ରୋଲ ରାଜାଙ୍କର ଯେଉଁ ପୁତ୍ର ଜାତ ହୋଇଥିଲା ଗତ ଶନିବାର କାଳଗ୍ରାସରେ ପତିତ ହେଲା । ରାଜା ଓ ରାଣୀ ଏଥିରେ କି ପର୍ଯ୍ୟନ୍ତ ଶୋକାକୁଳ ହୋଇ ଅଛନ୍ତି କହିବାର ନୁହଇ । ପରମେଶ୍ୱର କି ପୁନଃ ଏମାନଙ୍କୁ ଏହି ଦାରୁଣ ଦଣ୍ଡ ଦେଉ ଥିବେ ?

ଏ ସପ୍ତାହରେ ଏ ନଗରରେ ପ୍ରାୟ ପ୍ରତିଦିନ ଆକାଶ ମେଘାଚ୍ଛନ୍ନ ଓ କିଛି ବୃଷ୍ଟି ହୋଇଅଛି ମାତ୍ର ବୃଷ୍ଟିର ପରିମାଣ ଅତ୍ୟଳ୍ପ ଥିଲା ।

ଓଲାଉଠା ରୋଗ ଅଦ୍ୟାପି ଏ ନଗରରେ ଲାଗି ରହିଅଛି କେବଳ ଗତ ସପ୍ତାହଠାରୁ ମୃତ୍ୟୁ ସଂଖ୍ୟା କିଛି ଊଣା ପଡ଼ିଅଛି ।

ଗତ ଓଡ଼ିଆ ଗଜେଟରେ ଏଠା ନର୍ମାଲ ସ୍କୁଲର ପଣ୍ଡିତ ବର୍ଗଙ୍କର ପରୀକ୍ଷା ଫଳ ବାହାରି ଅଛି । ଉତ୍ତୀର୍ଣ୍ଣ ଛାତ୍ରମାନେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀକୁ ଆଶ୍ରୟ କରି ଅଛନ୍ତି ପ୍ରଥମ ଶ୍ରେଣୀରେ କାହାରି ନାମ ନାହିଁ ।

ଶିଶୁଶିକ୍ଷା ନାମରେ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହା ଏ ନଗରସ୍ଥ ବାପ୍ଟିଷ୍ଟ ମିସନ ପ୍ରେସରେ ମୁଦ୍ରିତ ଏବଂ ବାବୁ ଭଗବାନ୍ ସାନ୍ତରାଙ୍କଦ୍ୱାରା ପ୍ରକାଶିତ ହୋଇଅଛି । ଏଥିରେ ବାଳକ ବାଳିକାଙ୍କ ନିମନ୍ତେ କେତେ ସୁନ୍ଦର ଉପଦେଶ ବାକ୍ୟ ଲେଖାଅଛି ।

ବାବୁ ଶ୍ରୀନାଥ ଚକ୍ରବର୍ତ୍ତୀ ଛୁଟି ନେବାରୁ ନମ୍ବରଦ ଖାସମହାଲର ତହସିଲଦାର ବାବୁ ରାଧିକାପ୍ରସାଦ କୃଷ୍ଣ କଟକ କଲେକ୍ଟରୀର ଏକ୍ଟିଂ ସବ୍‌ଡେପୁଟୀ ଓ ମାନେଜର ନିଯୁକ୍ତ ହୋଇଅଛନ୍ତି ।

କାଲେକ୍ଟର କେଭେନ୍ଦିସ୍ ମହାଶୟଙ୍କ ରାଜୋଇଣ କାର୍ଯ୍ୟର ସାହାଯ୍ୟ ନିମନ୍ତେ ଜ ୮ ଣ ଠିକା ମୋହରର ଗତ ଶନିବାର ଏଠାରେ ନିଯୁକ୍ତ ହୋଇ ଯାଇଅଛନ୍ତି ।

ଡିଙ୍ଗାପୁରର ଏକ ଫରାସିଭାଷାରେ ଅପ୍ରତିପକ୍ଷର ମତ ପ୍ରସ୍ତୁତ ହୋଇ ତାହାକୁ ପରୀକ୍ଷା କରିବା ଯାଉଅଛି । ଯେବେ ପରୀକ୍ଷାର ଫଳ ଅନୁକୂଳ ହେବ ତେବେ ମନୁଷ୍ୟର ଆନନ୍ଦର ସୀମା ରହିବ ନାହିଁ । ଗୋଟିଏ ନୂତନ ମତର ବ୍ୟବସାୟ ହେବ ବରଂ ମତ ବ୍ୟବସାୟିକ କ୍ଷତିରେ ସମ୍ପ୍ରଦାୟକ ଖାଇବାକୁ ମିଳିବ କି ନାହିଁ ସନ୍ଦେହ ।

ସହୋଦରର ଏକ ସମ୍ବାଦ ପତ୍ରରେ ଲେଖା ଅଛି ଯେ ଅଫ୍ରିକା ଦେଶର ପଶ୍ଚିମ ଉପକୂଳର ଏକ ରାଜା ଜ ୧ ଣ କଏଦୀକୁ ହତ୍ୟା କରି ସେମାନଙ୍କର ମୃତଦେହ ରାନ୍ଧି ଖାଇବା ନିମିତ୍ତ ଆପଣା ଆପଣା ସଙ୍ଗୀବର୍ଗଙ୍କୁ ଦାନ କଲେ । ଉକ୍ତ ଦେଶରେ ସ୍ୱୟଂ ରାଜା ଉପସ୍ଥିତ ଥାଇ ଏଥି ବୃତ୍ତି ତଦାରଖ କରୁଥିବାର ସମ୍ବାଦ ମିଳିଅଛି ।—ଏ ସମ୍ବାଦ ସତ୍ୟ ହେଲେହେଁ ସହଜରେ ବିଶ୍ୱାସଯୋଗ୍ୟ ନୁହେ ।

ଜଣେ ମାନ୍ଦ୍ରାଜୀ ଲୋକ ଗୋଲକୁଣ୍ଡ ଡାକଘରୁ ଅନ୍ୟ ଏକଜଣ ଲୋକର ମନିଅର୍ଡର ଟଙ୍କା ଏଠାରୁ ଦୂରକୁ ନେଇ ଯାଇ ଥିବାରୁ ଧୃତ ହୋଇ ବିଚାରାଧୀନ ଅଛି ପ୍ରକୃତ ବ୍ୟକ୍ତିର ନାମ ନରସିଂହ ରାଓ । ସେ ଅନେକ ଦିନ ବନାରସଠାରୁ ମନିଅର୍ଡର ଅପେକ୍ଷାରେ ଗୋଲକୁଣ୍ଡଠାରେ ଥାଇଁ ଶେଷକୁ ଉକ୍ତ ନଗର ତ୍ୟାଗ କରି ଗଲା ପରେ ମନିଅର୍ଡର ପହଞ୍ଚିଲା । ମାନ୍ଦ୍ରାଜୀ ଉକ୍ତ ମଧ୍ୟରେ ଉକ୍ତ ଟଙ୍କା ଆତ୍ମସାତ୍ କରିବାର ଉତ୍ତମ ଅବସର ଦେଖି ଆପଣାକୁ ନରସିଂହ ରାଓ ବୋଲି ପରିଚୟ ଦେଇ ଟଙ୍କା ହସ୍ତଗତ କରି ନେଲା । ପରଶେଷରେ ଯେତେବେଳେ ପ୍ରକୃତ ବ୍ୟକ୍ତି ଗୋଲକୁଣ୍ଡଠାରେ ପହଞ୍ଚିଲେ ତାଙ୍କୁ ଟଙ୍କା ଦିଆ ଯିବା ମର୍ମରେ ବନାରସଠାରୁ ତାରବାର୍ତ୍ତା ଆସିଲା ସେତେବେଳେ ଅନୁସନ୍ଧାନଦ୍ୱାରା ମାନ୍ଦ୍ରାଜୀ କାର୍ଚ୍ଚୁପ ଗ୍ରାମଠାରେ ଧରା ଗଲା ।

ବଙ୍ଗଳାର ଦୁର୍ଭିକ୍ଷ ସମ୍ବନ୍ଧରେ ସେଠା ଦେଶୀୟ ନୂତ୍ୟାଳ-ୟରେ ଯେତେ ବକ୍ତୃତା ପ୍ରକାଶିତ ହୋଇ ଅଛି ତତ୍ସମସ୍ତ ଅନୁବାଦ କରି ପଠାଇବା ମର୍ମରେ ଲେଫ୍‌ଟେନାଣ୍ଟ ବାହାଦୁର ଆଦେଶ ପ୍ରଦାନ କରି ଅଛନ୍ତି । କଥା ବୁଝା ଯାଇଁ ଦୁର୍ଭିକ୍ଷ ପୀଡ଼ିତଙ୍କର କଥା ସବୁ ଥିବ । କେବଳ ଯେତେକ୍ଷଣ ବାହାଦୁରଙ୍କ କାର୍ଯ୍ୟନିର୍ଦ୍ଧାରଣର ବର୍ତ୍ତମାନ ବୋଧ ପାଇବ ।

ମାନ୍ଦ୍ରାଜଠାରୁ ଆସିଥିବା ଗତମାସ ତା ୨୪ [illegible] ସମ୍ବାଦରୁ ପ୍ରକାଶ ଯେ [illegible] ପୁଣି ପ୍ରବଳରୂପେ ଆବିର୍ଭୂତ ହୋଇ ଅଛି ।

କାବୁଲର ଅମୀରଙ୍କ [illegible] ଉପାଧି ପ୍ରଦତ୍ତ କରି [illegible] ଅଛି । ଯେତେବେଳେ ଉକ୍ତ ଉପାଧି [illegible] ନିକଟରେ ପହଞ୍ଚିଲା ସେତେବେଳେ [illegible] ତୋପ ଧ୍ୱନିତ ହେଲା । [illegible] ବାହାରେ ବହୁଦୂର ପର୍ଯ୍ୟନ୍ତ [illegible] ହୋଇ ଥିଲା । କାବୁଲ ନଗର ତ ୩ ଦିନ ପର୍ଯ୍ୟନ୍ତ ଉତ୍ତମରୂପେ ଆଲୋକିତ ଓ ଖାନେ ଉକ୍ତ ସମୟର ନଗରିମାନ ସର୍ବସାଧାରଣଙ୍କ ଖାଇବା ନିମିତ୍ତ ଟଙ୍କା ହୋଇ ଥିଲା । କଥିତ ହୁଏ ଅମୀରଙ୍କ ଅଧୀନସ୍ଥ ସମସ୍ତ ରାଜ ଖଣ୍ଡରେ ଏ ଉପାଧି ଧାରଣ ନିଷ୍ପତ୍ତିର ଘୋଷଣା ଦିଆ ଯାଇ ଅଛି ।

ମାନ୍ଦ୍ରାଜରେ ଏକ ଇଙ୍ଗରେଜ ଉଚ୍ଚ ଖଣ୍ଡିଏ କାନ୍ଥ ହଠାତ୍ ଭୂମିସାତ୍ ହେବାରୁ ବାଳକମାନଙ୍କ ମଧ୍ୟରୁ ଜ ୪ ଣ ତହିଁ ତଳେ ପଡ଼ି ଗଲେ । ତତ୍‌କ୍ଷଣାତ୍ ଇଟ ପଥର ଉଠାଇ ନେଇ ସେମାନଙ୍କୁ ବାହାର କରିବାକୁ ଚେଷ୍ଟା ହେଲା ମାତ୍ର ତାହାର କରି ଆସିଲା ବେଳକୁ ଜ ୨ ଜଣର ମୃତ୍ୟୁ ହୋଇ ଥିବାର ଦେଖା ଗଲା । ଦୁର୍ଘଟଣାରେ ଅନ୍ୟ ଜ ୨ ଣ ଲୋକ ସାଂଘାତିକରୂପେ ଆହତ ହେଲେ ।

କଷ୍ଟା ବୁଜଙ୍ଗ ଓ ସଜନୁଠା ମାହାଲମାନ ବର୍ତ୍ତମାନର ମୁନାଫ ରାଜା ମହତାପ ଚନ୍ଦ ବାହାଦୁରଙ୍କ ମାତାଙ୍କ ନାମରେ କ୍ରୀତ ହୋଇ ଥିବାରୁ ରାଜମାତା ସେ ସମସ୍ତର ଦଖଲ ନେବାକୁ ମନସ୍ଥ କରି ଅଛନ୍ତି ।—ତେମେ ରାଜସ୍ୱାରର କଳହ କଲହ ସମ୍ମୁଖ ହେଉ ଅଛି ।

ବର୍ତ୍ତମାନର ସମ୍ବାଦଦାତା ଷ୍ଟେଟ୍‌ସମାନକୁ ଲେଖି ଅଛନ୍ତି ଯେ ବର୍ତ୍ତମାନର ମହାରାଣୀଙ୍କ ଜଣେ ଇଂରାଜ ମହିଳା ପଢ଼ାଇବା କାରଣ ଅଲ୍ପଦିନ ତଳେ ସେଠା କଲେକ୍ଟର ସାହେବ ପ୍ରସ୍ତାବ କରି ଥିଲେ ଏବଂ ମହାରାଣୀ ସେ ପ୍ରସ୍ତାବ-ରେ ସମ୍ମତ ପ୍ରକାଶ କରି ଅଛନ୍ତି ।—କିନ୍ତୁ ବିଧବା ଇଂରାଜ ମହିଳାଙ୍କଠାରୁ କି ଶିକ୍ଷା କରି ପାରିବେ ? ଅଥବା ଦେଶୀୟ ଯୋଗ୍ୟ ମହିଳା ଅପ୍ରାପ୍ୟ ହେଲା ।

କଥିତ ହୁଏ ଲର୍ଡ ନର୍ଥବ୍ରୁକ୍ ଭାରତର ରାଜ ସେକ୍ରେଟାରି ହେବେ ।

କୋଲମ୍ବୋ, ଷମ୍ୱଲପୁର ଏବଂ ମାଲ୍‌ଦ ପ୍ରଭୃତି ଅନେକ ସ୍ଥାନରେ ଗତମାସ ତା ୨୧ ରାତ୍ର ପର୍ଯ୍ୟନ୍ତ ଭୂମିକମ୍ପର ଉତ୍ପାତ ଦେଖା ଯାଇ ଥିବାର ସମ୍ବାଦ ମିଳିଲା ।—ବାସ୍ତବିକ ଏଥିର ପୃଥିବୀର ସବୁ ଅସାଧ୍ୟ ହୋଇ ଅଛି ପରା !

Split by PDF Splitter

Digitized by srujanika@gmail.com

Split by PDF Splitter



ଭାରତର ପ୍ରଧାନ ସେନାପତି ସର ଫ୍ରେଡରିକ୍ ରବର୍ଟ୍ସ ସାହେବ ବର୍ତ୍ତମାନ ଉଣ୍ଟିଆ କାଉନସିଲର ମେମ୍ବର ସ୍ୱରୂପ ନିଯୁକ୍ତ ହୋଇ ଯାଇଥିବାରୁ ତାଙ୍କ କାର୍ଯ୍ୟରେ ସର ଫ୍ରେଡରିକ ଇବର୍ଷ୍ଟସ ନିଯୁକ୍ତ ହୋଇଅଛନ୍ତି ।

ସର୍ପ ରୋଗ ଲକ୍ଷଣ କହିବାର ଦେଖା ଅଛି । ବର୍ତ୍ତମାନ କଲିକତା ଭନକୁମ୍ବଲଠାରେ ଏକ ଲୋକ ସର୍ପ ହିଂସ ଉଦଭାସ କର ହର୍ଷୋତ୍ପତ୍ତି ନଜରେ ସ୍ତବ୍ଧ ଗୃହ ଯାଇ ଥିବାର ସ୍ୱେଃସମାଜରେ ଲେଖା ଅଛି ।

ଏଲାହାବାଦ ହାଇକୋର୍ଟରେ ବୋଲିସ ନାମକ ଜଣେ ସାହେବ ଜାନରେ ଜ ୨ ଣ ଦେଶୀୟ ଲୋକକୁ ଗୁଳିଦ୍ୱାରା ମାରି ପକାଇ ଥିବା ବଷୟକ ଖୁଣି ମୋକଦମା ଦ୍ୱିତୀୟଥର ବାସ୍ତବ ହୋଇ ଥିବାର ସମ୍ବାଦ ଅସିଅଛି । ଜୁପର ମଧ୍ୟରୁ ଜଣେ ଇଂରାଜ ଅବଶିଷ୍ଟ ଜ ୮ ଣ ନିର୍ଦ୍ଦୋଷୀ ଥିବାର କହିଲେ । ସୁତରାଂ ଅସାମୀ ଖଲାସ ହୋଇ ଗଲା । ଫଳରେ ଜ ୨ ଣ ସାକ୍ଷୀଙ୍କି ମିଥ୍ୟା ସାକ୍ଷ୍ୟ ଦେଇଥିବା ହେତୁ ପୌଜ ଦାରି ସ୍ପର୍ଦ୍ଦ କର ଯାଇଅଛି ।—ପରଃ ପର° ଲୋକଥଃ ।

ଦକ୍ଷିଣ ଭାରତବର୍ଷରୁ ସମ୍ବାଦ ମିଳଇ ଯେ ଖାଲ୍ଲରର ମେଷର ମାଷ୍ଟରଙ୍କ ବ ୧୧।୧୨ ବର୍ଷୀୟ ଏକମାତ୍ର ପୁତ୍ରକୁ ବୁକ୍‌କ୍ଷୁର ଦଂଶିଥିଲା । ବାମଡ଼ିଲା ବେଳେ ବୁକ୍‌କ୍ଷୁର ଲାଗୁଃ ଥିବାର କୌଣସି ଚିହ୍ନ ଦେଖା ଯାଇ ନ ଥିଲା । ମାତ୍ର ଅଳ୍ପଦିନ ଭିତରୁ ବାଳକଟି ଅସୁସ୍ଥ ହେବାରୁ ପିତା ମାତା ସନ୍ଦେହ କରି ଡାକ୍ତର ଖାଁଙ୍କୁ ଯେନ ଅଣିଲେ । ଡାକ୍ତର ବଳିଷ୍ଠ ଜଳ ଦେଖାନ୍ତେ ବାଳକଟି ଉତ୍ତେଜିତ ହୋଇ ପଡ଼ିବାର ଦେଖା ଗଲା ମାତ୍ର ଡାକ୍ତର ହସ୍ତ ଜଳରେ କିଛି ମିଠା ମିଶାଇ ତାହାକୁ ଦେବା ମାତ୍ରକେ ସେ ତତ୍‌କ୍ଷଣାତ୍ ତାର ପର ଦିବସ ମୃତ୍ୟୁ ହେଲା । ଏ ଅତ୍ୟନ୍ତର ବିଷୟ ।—ଯେଉଁମାନେ କୁକ୍କୁର ପାଳନ୍ତି ସେମାନେ ଏଥିଁ ସାବଧାନ ହେବାକୁ ଚେଷ୍ଟା କରିବେ ।

କଲ୍ୟାଣଠାରେ ଗଲଣ୍ଟ ନାମକ ଏକ ସୈନିକ ଜନ ସ୍ତ୍ରୀ ସଙ୍ଗେ ଗାଡ଼ ବାଣକ୍ୟରେ ଲିପ୍ତ ଥିବାରୁ ଖଣ୍ଡେଳ କର ଜଣେ ସଙ୍ଗୀ ସିପାହିକୁ ଗୁଳିଦ୍ୱାରା ହତ୍ୟାକର ଅପଣା ସ୍ତ୍ରୀର ମଧ୍ୟ ସେହି ଦଶା କରିଥିଲା । ତ୍ୱ.ପରେ ବନ୍ଧୁକ ଓ ସ୍ୱୟଂ ଥିବାରୁ ସେ ଆତ୍ମହତ୍ୟା କରି ତାକୁ ଧରି ପାରିଲେ ନାହିଁ । ଏ ସାହେବ ଉକ୍ତ ସ୍ତ୍ରୀଃ ଗୃହ ମାତ୍ର ଶେଷ ଗୁଳିଦ୍ୱାରା ଅତ୍ମହତ୍ୟା କରି ନିଜ ପାପର ଯଥୋଚିତ ପ୍ରାୟଶ୍ଚିତ୍ତ କରି ଗଲେ । ଦୁଶ୍ଚାରୀ କେତେ ଅନର୍ଥର ମୂଳ ।

## କେନ୍ଦ୍ରାପଡ଼ା ସମ୍ବାଦ ।

ଉଦାସୀଂ ଅତର ସ୍ଥଳ ବାସୁଦେବରେ ଅତ୍ୟନ୍ତ ପୀଡ଼ିତ ହୋଇ ଉତ୍ପତ୍ତିତ ଶ୍ରୀ ବଳଦେବ ଜଉ ମହାପ୍ରଭୁଙ୍କଠାରେ ଅନୁ- ସନ୍ଧାନରେ ବାହୁ ସେଠାରେ ଅଳବୁ ୨ ୬ ଜ ଦେଶ ପ୍ରଚଳନ ୭ ୬୦୦ ଣ ପଣ୍ଡାମାନଙ୍କ ବ୍ରାହ୍ମଣ ଓ ଦୁଃଖୀ କାଙ୍ଗାଳମାନଙ୍କ ନିମନ୍ତେ ଲେଖକ ଦେଇ ୫ ୬/ ଏକତଣା ଓ ବୁଭୁକ୍ଷା ଲେଖାଏ ପଇସା ପ୍ରଦାନ କରୁ ଅଛନ୍ତି ମଧ୍ୟ ଏପର ଏକଲକ୍ଷ ଟଙ୍କା ବ୍ୟୟ କରି ପାଲଗ୍ରସ୍ତ ଓ ୫ ୬୦୦ ଜଣ ମୂର୍ଖ ପଣ୍ଡାମାନଙ୍କ ରେ ଏକ ଉତ୍ସବସ୍ଥ ପ୍ରକାର ହେଉଅଛି ଏହା ମହାଶୟଙ୍କ ବେଦ ପ ୮ ଣରେ ସ୍ୱସ୍ଥ ହୋଇଅଛି ଏହା କୋଟିଏ ମୁଖର ଜଣସ୍ୱ କୋଟିକାକୁ ହେବ ।

ଏହି ଅଳ ଥାନାନ୍ତର୍ଗତ ପଶ୍ଚିମ ଓ ଦାକ୍ଷିଣ୍ୟ ଓ ଭୋମଡ଼ା ଏବ କଣ୍ଡିଆ ଏପଟାରେ ଏକ କୁମ୍ଭୀର ଅତ୍ୟନ୍ତ ପ୍ରବଳ ହୋଇଅଛି ସେ ସ୍ଥଳପଥରେ ସଦାସ୍ୱାଦ କର ଜ ୫ ଣ ଲୋକ କ୍ଷତ କରିଛି ବୋଲି ଶୁଣିଲୁଁ ।

ମୁକ୍ତବାଳକୁ ଜାହାଜ ଆସିବାର ବନ୍ଦ ଯୋଗରେ ବଞ୍ଚନ୍ତୁ ହେବାରୁ ଅନେକ ଯାତ୍ରୀ ସେଠାରେ ଏକତ୍ରିତ ହୋଇ ଓଲାଉଠା ରୋଗର ପ୍ରବଳ କଠ ଅଛନ୍ତି ଯେ ପ୍ରତ୍ୟହ କଲ୍ଲ ଗେଲରେ ତାଳହାଟ ୧୦।୧୨ ଜଣ ଲେଖାଏ ମୃତ ହେଉ ଅଛନ୍ତି ମଧ୍ୟ କେନ୍ଦ୍ରାପଡ଼ା ଭେତ ଗ୍ରାମବାସୀକୁ ଯାଉଥିବା ସମୟରେ ମଧ୍ୟ ସ୍ଥଳରେ ରୋଗ ନଷ୍ଟ ହୋଇଥିବାର ଦେଖା ଯାଉଅଛି ବର୍ତ୍ତମାନ ୯ ଅଞ୍ଚଳରେ ଓଲାଉଠା ରୋଗ ଅତ୍ୟନ୍ତ ପ୍ରବଳ ହୋଇଅଛି ।

ଏବର୍ଷ କେନ୍ଦ୍ରାପଡ଼ା ରଥଯାତ୍ରା ସମୟରେ ଅତ୍ୟନ୍ତ ବର୍ଷା ହେତୁ ଯାତ୍ରିମାନଙ୍କର ବିଶେଷ କଷ୍ଟ ହୋଇ ଅଛି ତଥାପି ୩୦ ହଜାର ଯାତ୍ରୀ ଉପସ୍ଥିତ ଥିଲେ, ୧୪ ତାରିଖ ଦିନ ଠାକୁର କେବଳ ରଥ ଉପରକୁ ପହଣ୍ଡି ହୋଇ ଗଲେ ତହୁଁ ଅଗ୍ରବନ ଗଣ ଏକାବେଳକେ ଗୁଣ୍ଡି ଗୁସର ତର୍ଜମ ଗଳ ବାହୁଡ଼ା ସମୟରେ ମଧ୍ୟ ଅତ୍ୟନ୍ତ ବର୍ଷା ହେତୁ ଯାତ୍ରି- ମାନଙ୍କ ବିଶେଷ କଷ୍ଟ ୨୩ ତାରିଖ ରଜ ପହଣ୍ଡି ହୋଇ ରଥ ଉପରକୁ ବଜେ କଲେ ୨୪ ତାରିଖ ଦିନ ଅଧିକାଂଶରେ ଅସି ରହିଲେ ୨୫ ତାରିଖ ଦିନ ଦେଉଳ ପାଶରେ ଅସି ପହଞ୍ଚିଲେ ୨୬ ତାରିଖ ଦିନ ମନ୍ଦିରକୁ ବଜେ କଲେ ୨୪ ତାରିଖ ଦିନ କେବଳ ବର୍ଷା ନ ଥିଲା । ଏବର୍ଷ ଅତି ଯୋଗ୍ୟ ନୂଆ କଥା ହୋଇଅଛି ବାବୁ ଜଗନ୍ନାଥ ଭ୍ରମରବରରାୟ ପ୍ରତି ବର୍ଷ ଗେଲପଡ଼ିବା କର୍ମ କରନ୍ତି ଏବର୍ଷ ସେ କୌଣସି କାରଣ ବଶତଃ ସେ ସ୍ୱସ୍ଥ ଯଇ ଥିବାରୁ ତାହାଙ୍କ ପୁତ୍ର ବାବୁ ବଇକମ କୁମାର ସେ କାର୍ଯ୍ୟ ନିର୍ବାହ କରି ଅଛନ୍ତି ।

କେନ୍ଦ୍ରାପଡ଼ାଠାରୁ ଲକ୍ଷ୍ମୀପୁରକୁ ଯେ ସଡ଼କ ଯାଇଅଛି ତାହା ମିଲଣିସିପାଲିଟି ମଧ୍ୟରେ ହେଲେହେଁ ରଥଯାତ୍ରା ସମୟରେ ଏପରି ଦୁର୍ଗମ ହୋଇଥାଏ ଯେ ସେଥିରେ ଅନେକ ଯାତ୍ରୀ କଷ୍ଟ ପାଉ ଅଛନ୍ତି ।

ଭର୍କୁଣ୍ଡ ଓ ପ୍ରଭଣ୍ଡ ଜମିଦାରମାନଙ୍କ ମଧ୍ୟରେ ସୀମା ସମ୍ବନ୍ଧ ଲାଗିଥିବା ବିଷୟ ନେଇ ଯେଉଁ ଗଣ୍ଡଗୋଳ ଉପସ୍ଥିତ ହୋଇଅଛି ସେ ମୋକଦମାର ଶେଷ ବିଚାରର ତାରିଖ ଜୁଲାଇମାସ ୨୧ ତାରିଖ ନିର୍ଦ୍ଧାରିତ ହୋଇଅଛି ଏହାର ଫଳାଫଳ ଓ ମୋକଦମାର ବୃତ୍ତାନ୍ତ ଜଣାଇବା ପଶ୍ଚାତ୍ ଜଣା ଯିବ ।

## ଅନଗୁଳ ସମ୍ବାଦ ।

ଏଠାରେ ଗତବର୍ଷ ଜୁଲାଇରେ ଏପର୍ଯ୍ୟନ୍ତ ଭଲ ବର୍ଷା ହୋଇ ନାହିଁ ଶସ୍ୟମାନ କ୍ରମଶଃ ବୃଦ୍ଧି ହେଉ ଥିବାର ଦେଖା ଯାଏ ଓ ତାଳଗ୍ରାମପ୍ରଭାତ ଓ ମାଣପୁର ପ୍ରଭୃତି କେତେକ ସ୍ଥାନରେ ବସନ୍ତ ରୋଗର ପ୍ରାଦୁର୍ଭାବ ହୋଇ ଅଛି । ଏ ରୋଗରେ ଅବଧି ପ୍ରାୟ ୩୪ ଜଣ ମରି ଯାଇ ଅଛନ୍ତି ।

ଏ ବର୍ଷ ଅଗସ୍ତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା କୌଣସିରୂପେ ଶେଷ ହୋଇ ଯାଇ ଅଛି । ମହାପ୍ରଭୁଙ୍କର ଉତ୍ତର ପଟେତଥା କେଉଁଠାକୁ ହେବ କେବା ଜାଣନ୍ତି ଏଣୁ ସ୍ତୁତିର ଅପୂର୍ବ ବାଣିଜ ସକଳ ଲକ୍ଷଣରୁ ଯେ କହି ପାରେ ନାହିଁ, ଅଭ କ କାର୍ଯ୍ୟ ହେବ । ମନ୍ଦ ଯୋଗ୍ୟ ସେବେଯାହା ଏଣୁ ଅଣା ହୋଇ ପଡ଼ ଅଛି ସଦଭାବ ମହାରାଜ ଶ୍ରୀଯୁତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ପ୍ରାର୍ଥନା ଯେ ଜଗନ୍ନାଥ ମହାପ୍ରଭୁଙ୍କର ଅନୁଦାନ ଦୂର କରି ସେବା ପ୍ରତି ସୁଦୃଷ୍ଟି ନିକ୍ଷେପ କରନ୍ତୁ ।

ଏ ବର୍ଷର ଗଞ୍ଜେଇ ପ୍ରତି ଡି ଭରିରେ ୫ ୬୯ କା ବୃଦ୍ଧି ଧାର୍ଯ୍ୟ ଧାର୍ଯ୍ୟ ହୋଇ ଅଛି ।

ଏଠାର ସହରର ରାସ୍ତା ବଡ଼ ହେଉ ବାହାରୁ ସଡ଼କାରୁ ସହରର ଅଣା ଯାଇ ଦଶୀ ହେବା ସକାଶ ଯୋଗ୍ୟ ସହରର ହୋଇବାର ଶୋଲ ଅଛି ।

ଏଠାରେ ଡେପୁଟି କାର୍ଯ୍ୟାଳୟର ୪। ୩୨ ସ ଜାଣ ହେବାରୁ ମାନଲତକାର ଓ ମୁକ୍ତାର ରଇସୁଙ୍କର କଷ୍ଟ ହୋଇ ଅଛି । କେହି ମୁକ୍ତାର ପାଶ ନ କଲେ ଜମାଦାର ସର୍ବେଳ ନଦବାର ନଭେଧାଜ୍ଞ ପ୍ରସ୍ତୁତ ହୋଇ ଅଛି । ଏଠାରେ ଶୀଘ୍ର କୋର୍ଟପିସ ଅଇନ ଜାରି ହେବାର ମଧ୍ୟ ଶୁଣା ଯାଏ । [illegible] ଏଠାକୁ କୌଣସି ପାଶ କରି ମୁକ୍ତାର ଅସିଲେ ଉତ୍ତମ ହେଲ ବଧ [illegible] ।

ଏଠାରେ ଅତି ବାର ସ୍କୁଲ ପ୍ରଚାର କରିବାକୁ ମିଳି ନ ଥିବାରୁ ସେବକର ବିଶେଷ କଷ୍ଟ ହେଉ ଅଛି । ସେହି ସ୍କୁଲ ପ୍ରାୟ ୧୦।୧୮ ଶ ଟଙ୍କା ଅଛି ।

ଶ୍ରୀଯୁକ୍ତ ବାବୁ ନାବଶ୍ୟକରୁ ନାମକ ତହସିଲଦାର ଜୁଲାଇ ପେଇ ଅଣି ଉଡ଼ମାସ ତା ୧ ରଣଠାରୁ ଅପଣ କାର୍ଯ୍ୟ ଭାର ଗ୍ରହଣ କରି ଅଛନ୍ତି ।

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ସା । ଖୁଦଙ୍ଗ । ପ୍ର । କଉଦରପୁର କଟକ ଜିଲ୍ଲାର ଜମିଦାର ଓ ବଡ଼ଲୋକ ଶ୍ରୀମତୀ ସ୍ୱଲୋଚନା ଦାସୀ ଏକ ନନ୍ଦାଗାର୍ଣ୍ଣ ରଖିଅଛନ୍ତି ଯେ ସେ କଟକ ଗୋପାଳଜୀ ମଠର ଷଣ୍ଢଠାରୁ ବଡ଼ ହେବ ତାହାକୁ ସମ୍ଭବଲେ ଜୁଦା ଗଣ ଦେଇଥାନ୍ତି ସେ ଖସ୍ୱଦନରେ ଲୋକଙ୍କର ଦାନ୍ତ ଉଜାଡ଼ ଖାଏ ଫସଲଦଳ କହେଲେ ଧଂଳ ଦେଇ ଇତ୍ୟାଦ ଉଜାଡ଼ କରି ଖାଏ ଏହାପର ପାଞ୍ଚ ବର୍ଷ ହେଲା ଉଅଣ୍ଡି ମଲୁଡା ଅର୍ଥାତ୍ ଖୁଦଙ୍ଗ, ବାଂଜବଡ଼ା, ମଙ୍ଗଳପୁର, ଏନ୍ଦଣୀ ଦେଉଳ, କଉଳପୁର, ଓ ମାର୍କଣ୍ଡପୁର ଉଜାଡ଼ କରୁଅଛି । ସେ ଏପରି ବଳବାନ ଯେ ଜ ୫୦ ଣ ଲୋକ ହେଲେ ସୁଦ୍ଧା ତାହାକୁ ଉଗାଳ ପାରନ୍ତି ନାହିଁ ୨।୪ ଜଣ ଗଲେ ମାରି ସୁନା କରିବ ଆଖି ଦଉଡ଼ାଇ ଗୋଡ଼ୁ ଗୋଠରେ ଥାଏ ସହରର ଯାଉଁ ବାଲରେ ଧାନ ଖାଏ ଗରିବ କୃଷକମାନେ ପ୍ରହରେ ସ୍ଥାନ ପର୍ଯ୍ୟନ୍ତ ବଲରେ ଜଗି ଓ ଗୋ- ବର ପାଣି ଛେଞ୍ଚ ସୁଦ୍ଧା ତାହାକୁ ପାରନ୍ତି ନାହିଁ ସେ ଅଦ୍ଭୁତପର୍ଯ୍ୟନ୍ତ ଦୁଃଖ ଖାଉଥିଲେ କେତେ ମାଳ ଦୁଃଖ ଦେଇଛି ହେବାରୁ କାହାର ଭଞ୍ଜଧାନ ଯାକ ଖାଇ ଉଜାଡ଼ କରୁଅଛି ଏଥିରେ ଲୋକମାନେ ଯାଇ ତାହାଙ୍କ ଦ୍ୱାରେ ଯୋଡ଼ ହାତ ଜଣାଇଲେ ଉଦାତ ତାଙ୍କ ଦୟା ହେଲା ନାହିଁ ବରଂ ତାଙ୍କର କାରବାରୀମାନେ ଅସି ଦେଖାଇ ଧମକାଇଲେ

Digitized by srujanika@gmail.com

ସନ୍ତାନି ସର୍ବଦା କଟକରେ ଥାଆନ୍ତି ଅତଏବ ଗତବର୍ଷ ଚେଞ୍ଚୁଡ଼ କେନ ସେଠାରୁ ମୁଦ୍ରା ଯାହା ଜଣାଇଲେ ସେ ଶୁଣିଲେ ନାହିଁ ସେ ଏଠାରେ ପ୍ରଧାନ ଜମିଦାର ଅତଏବ ତାହାଙ୍କ ନାମରେ ଯେ କେହି ଦରଖାସ୍ତ ଦେଇ ଇଷ୍ଟା ପାଇପାରିବେ ତାହା ନୁହେ ଅତଏବ "ଦୁର୍ବଳସ୍ୟ ବଳଂ ରାଜା" ଏହି ସହାଶେ ଜଣାଉଅଛୁଁ ଯେ ଏଥିରୁ ଅବଗତ ହୋଇ ଯେବେ ମାନ୍ୟବର ଓ ପ୍ରଜାବତ୍ସଳ ଶୀଳ ଶ୍ରୀଯୁକ୍ତ କଲେକ୍ଟର ସାହେବ ମହାଶୟ କୃପାକରି ଷଣ୍ଢରୁ ତାଯୁଦା କରି ରଖିବା ସହାଶେ ଉକ୍ତ ଜମିଦାରଙ୍କ ପ୍ରତି ଆଜ୍ଞା କରନ୍ତି ତେବେ ଗରିବ ପ୍ରଜାମାନେ ରକ୍ଷା ପାଆନ୍ତି ନଚେତ୍ ମରିଲେ । ଅତଏବ ଜଣାଉଅଛୁଁ ଯେ ମହାଶୟ ଆପଣଙ୍କ ଜଗତ୍‌ବିଖ୍ୟାତ ପତ୍ରିକାରେ ଏ ବିଷୟ ଅଙ୍କିତ କରି ଆମ୍ଭଙ୍କୁ ଚିରବାଧିତ କରିବେ ଇତି । ତା ୧ ଇଖ ଅଗଷ୍ଟ ସନ ୧୮୮୫ ମସିହା

ଶ୍ରୀ ନିମାଇ ଚରଣ ଭଟ୍ଟାଚାର୍ଯ୍ୟ

। ସା । ପୁନଙ୍ଗ । ପ୍ର । ହରିହରପୁର ।

---

ମହାଶୟ !

ନିମ୍ନଲିଖିତ କତିପୟ ବିଷୟଗୁଡ଼ିକୁ ଆପଣଙ୍କ ପତ୍ରିକାର ସ୍ଥାନ ପ୍ରଦାନ କରି ବାଧିତ କରିବେ

ଗତମାସ ତା ୩୦ ଇଖରେ ଅନୁଗୁଳ ବିଦ୍ୟାଳୟରେ, ସ୍କୁଲସମୂହର ସବ୍‌ଇନ୍‌ସ୍‌ପେକ୍ଟର ମହାଶୟଙ୍କ ଯତ୍ନରେ ଏ ଅଞ୍ଚଳର ଇନ୍‌ସ୍‌ପେକ୍ଟିଂ ପଣ୍ଡିତ ପ୍ରଭୃତିଙ୍କଦ୍ୱାରା ଗୋଟିଏ ସଭା ସ୍ଥାପିତ ହେଲା । ଉକ୍ତ ସଭାର ନାମ "ଜ୍ଞାନଦାୟିନୀ", ପ୍ରତିମାସରେ ଏଥିର ଅଧିବେଶନ ହେବ । ଏଥିରେ ଏ ଅଞ୍ଚଳର ସମସ୍ତ ଇନ୍‌ସ୍‌ପେକ୍ଟିଂ ପଣ୍ଡିତ ଓ ଶିକ୍ଷକମାନେ ଯୋଗ ଦେବେ । ପୁନଶ୍ଚ ଅନୁଗୁଳ ବିଦ୍ୟାଳୟର ଛାତ୍ରମାନଙ୍କଦ୍ୱାରା ସ୍ଥାପିତ ସଭାର ପୂର୍ବତନ ନାମ ପରିବର୍ତ୍ତେ "ଜ୍ଞାନସଂରକ୍ଷିଣୀ" ନାମ ପ୍ରଦାନ କରାଗଲା ।

କେତେକ ଦିବସ ଗତ ହେଲା, ଦେବାଦେଉଳ ଚକ୍ରବର୍ତ୍ତୀ କେନ୍ଦୁଡ଼ିଏ ଗ୍ରାମରେ ଗୋଟିଏ ବ୍ୟାଘ୍ରର ଅତ୍ୟନ୍ତ ଦୌରାତ୍ମ୍ୟ ଦେଖାଯାଉଥିଲା, ଏବଂ ଉକ୍ତ ବ୍ୟାଘ୍ର କେତେକ ଜଣ ଲୋକଙ୍କୁ ବିଶେଷ ଆଘାତ କରିଥିଲା । ଶ୍ରୀଯୁକ୍ତ ଅଟକିସନ୍ ସାହେବ ବାଘ ମାରିବା ନିମନ୍ତେ ଯାଇଥିଲେ, କିନ୍ତୁ ଫଳରେ ତାହା ଘଟି ନାହିଁ । ସାହେବ ମହୋଦୟଙ୍କୁ ବ୍ୟାଘ୍ର ବିଶେଷରୂପେ ଆଘାତ କରିଅଛି ।

---

ବସୂରିକା ଗ୍ରାମେ ପ୍ରବଳ ହୋଇଅଛି । ପୁନଶ୍ଚ କଣ୍ଟାବଣିଆପୁର, ସରମ, ଗୁନ୍ଦପୁର (ନାଉଗାଁ), ପୁନାମୁହିଁ, କଦଙ୍ଗା, ଏବଂ ଜଳ ଡ଼ାପଡ଼ାଗ୍ରାମମାନଙ୍କରୁ ଯଥାକ୍ରମେ ୭, ୧୦, ୨୭, ୧୪, ୪, ଏବଂ ୭ ଜଣଙ୍କର ମୃତ୍ୟୁ ହୋଇଅଛି ।

ଅଦ୍ୟକାଲି ଏଠାରେ ମୋଟଚାଉଳ ସେ ୧୩ ଓ ସରୁ ଚାଉଳ ସେ ୧୦ ର ଲେଖାଏ ମିଳୁଅଛି ।

୩।୫।୮୫ } ଶ୍ରୀକୃଷ୍ଣ ମହାପାତ୍ର ।
ଜଗତ୍‌ସିଂହପୁର } ଛାତ୍ର ।

---

## ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ବାବୁ ଶ୍ରୀନାଥ ଚକ୍ରବର୍ତ୍ତୀ | କଲିକତା | ବଜାପ୍ରା | ଟ ୩୷ |
| " ଗିରିଧାରିଲାଲ ମିଶ୍ର | ଯାଜପୁର | " | ଟ ୨ |
| " ବଳରାମ ଦାସ | କଟକ | " | ଟ ୨ |
| " ଭଗୀରଥ ଷଡ଼ଙ୍ଗୀ | " | " | ଟ ୩୷ |
| " ଗୋପବନ୍ଧୁ ପଟ୍ଟନାୟକ | " | " | ଟ ୧୷ |
| ପରୀକ୍ଷା ବଧାର୍ଥେ ମହାପାତ୍ର ବ୍ରଜକିଶୋର | " | | ଟ ୧୦୷ |
| ଶ୍ରୀଯୁକ୍ତ କଲେକ୍ଟର ସାହେବ | କଟକ | ଅଗ୍ରିମ | ଟ ୫ |

---

## ବିଜ୍ଞାପନ ।

କେନ୍ଦ୍ରାପଡ଼ା ହାଇସ୍କୁଲ ର ତୃତୀୟ ଶିକ୍ଷକ ବାବୁ ଲକ୍ଷ୍ମୀନାରାୟଣ ଦାସଙ୍କ ନିକଟରେ ଓଲଉଠା ରୋଗର ୪ ଗୋଟି ଅତି ଉତ୍କୃଷ୍ଟ ଯୋଗ ପ୍ରସ୍ତୁତ ଅଛି ମୂଲ୍ୟ ଟ ୧୷ ଏଥିରେ ୭ ଜଣ ରୋଗୀ ଅକ୍ଲେଶରେ ଆରୋଗ୍ୟ ଲାଭ କରିବେ ଏହା ପରୀକ୍ଷିତ ।

Kendrapara } Bhagbutty Charan
26—7—85. } Das.

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଆଗାମୀ ତା ୮ ଇଖ ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ କଟକ ପ୍ରିଣ୍ଟିଂ କମ୍ପାନୀର ଘରରେ "ଶିକ୍ଷାବିଧାୟିନୀ" ସଭାର ବାର୍ଷିକ ଅଧିବେଶନ ହେବ । ଭଦ୍ର ମହୋଦୟଗଣ ଉକ୍ତ ସମୟରେ ସଭାସ୍ଥଳେ ଉପସ୍ଥିତ ହୋଇ ବାଧିତ କରିବେ ।

୬।୮।୮୫ } ଶ୍ରୀ ହରିବଂଶ ଘୋଷ
କଟକ } ସମିତିର ସମ୍ପାଦକ ।

---

## NOTICE.

Tenders are invited, with the sanction of the Government, for a loan of Rs. 15000 on the security of the assets of the Narsingpur state which on account of the minority of its chief has recently come under the management of this office. The tenders will be received up to the 10th of August next, the rate of interest and the period for which the loan is tendered should be stated.

Office of the Supdt. of Tributary Mehals Dated Cuttack the 21st July, 1885. } By order (Sd.) N. K. Das *Assistant Supdt. of Tributary Mehals.*

---

ସର୍ବସାଧାରଣଙ୍କୁ ଏଥି ଦ୍ୱାରା ଜଣାଇ ଦିଆଯାଉ ଅଛି କି ବସନ୍ତ ବା ଓଲଉଠା ରୋଗର ଏକ ନୂତନ ପ୍ରକାର ଔଷଧ ଆମ୍ଭେ ବିନା ମୂଲ୍ୟରେ ବିତରଣ କରୁଅଛୁଁ । ଯେଉଁମାନଙ୍କର ପ୍ରୟୋଜନ ହେବ ସେମାନେ ଆମ୍ଭ ନିକଟରେ ତତ୍ତ୍ୱ କଲେ ଶୀଘ୍ର ପାଇ ପାରିବେ । ଗୋଟିଏ ଖଡ଼ା ହୋଇଥିବା ସମୟରେ ଏହି ଔଷଧ ଖୁଆଇବାକୁ ହେବ ଓ ଆମ୍ଭ ନିକଟରୁ ଔଷଧ ନେବା ସମୟରେ ସେବନର ନିୟମ ମୌଖିକ ଜଣାଇ ଦେବୁଁ । ଇତି ।

୨୪।୭।୮୫ } ଶ୍ରୀ ଫକୀର ତ୍ରିପାଠୀ
ଉତ୍କଳ ଆୟୁର୍ବେଦୀୟ } କବିରାଜ
ଔଷଧାଳୟ
ଦରଘା ବଜାର

---

## ବାଲିକାଚାଳ ।

ନିମ୍ନଲିଖିତ ଦସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବନ୍ଧୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | | | |
|---|---|---|---|---|---|---|
| ୧୬ | ପଣ | ବାହାମି ତମାଲ ର ୧୪ | ଟ ୨୷ | ଦ ୧ | ଟ° ୷ | |
| ୧୮ | ପଣ | " | " | ଟ ୨୷ | " | ଟ° ୷ |
| ୧୨ | ପଣ | " | " | ଟ ୧୩ | " | ଟ° ।୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୫ ମଣରୁ ଅଧିକ କିଣି କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କର ଦୋକାନରେ ତନ୍ଦରକୋଣା ଓ କଲିଙ୍ଗ ଓ ରେଷମୀଓରେ ଲୁଗା ଓ ଷ୍ଟେସନେରୀ ଓ କଲକତା ଇତ୍ୟାଦି ସଉଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଆଉ କେତେକ ଫେନସି ଜିନିଷର ବିକ୍ରୟ ସହାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନେ-

Split by PDF Splitter



ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ କଲିକତାର ଖାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି-ଅଛୁଁ । କେହି ଖରିଦ କରିବାକୁ ଇଚ୍ଛା କଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ରାତିକୁ ପ୍ରତି ଖଣ୍ଡି ଟ ୦।୬ ହିସାବ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ସବୁ ଖର୍ଚ୍ଚାଦିର ଭାର ତାଙ୍କ ଉପରେ ଥିବ । ନଷ୍ଟ ହେଲେ ଖାଡ଼ିର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଷ୍ଟେସନେରି ।

- ବଜାର ଶେଯଣ ବ ଠ-ହିଁରେ ଶୁଦ୍ଧ ହେଲେ ସ୍ଥଳେ ।
- ବସୈକିଣାଡ଼
- ବିଲ୍ଲେଷୀନ୍ ତେଲ ଜଦଣା ଶେଳ ସାଦା ଓ ରୋଗ ସହିତ ।
- ଗୁଲ୍ ଅର୍ଥାତ୍ ଛକସା କରିବା ଧାଗର ପେନ୍-ସିଲ ଓ କଲମ ।
- ପେନ୍ସିଲ କାଟିବା ଛୁରୀ ।
- ନାନା ପ୍ରକାରର ଚିଠି-କାଗଜ ଓ ଲଫାଫା ।
- ଦୃଷ୍ଟିଣୀ ବ୍ରାଶ ।
- ପିତଳ ଛଞ୍ଚ ।
- ବସନା ବାକୁଜ ।
- ଡାକାଦି ସାବାନ ପର୍ଯ୍ୟନ୍ତରେ ଲୁଗା ପରିଷ୍କାର ହୁଏ ।
- ଅକ୍ଷୋଭ ରୋଗ—ଅର୍ଥାତ୍ ଯୁଦ୍ଧର ଦ୍ରବ୍ୟ ।
- ଅଏଲ କ୍ଲଥ ।
- ଓ୍ବାଟର ପ୍ରୁଫ୍ ଛତା ।
- ଚର୍ଦ୍ଦିଭ ଅର୍ଦ୍ଧ ।
- ହୋସିୟାରୀ ।
- ପୋଷାକ୍ଲୁବଲ ବେଷ୍ଟର-ମେଲ ଓ ଠହର ଗୋ ଲରେ ସର୍ଗେ
- ମାରବଣ୍ଡି ଘଣ୍ଟ ଗର୍ଥାତ୍ ଲୁହାରେ ଏହି ସିଦ୍ଧା ଲଗେ ନସ କ ହେଲେ ଖେଦା ପରେ ବଦଳ ହେବ ନାହିଁ ।
- ବୃକ୍କାଳ ବାଦ ଗର୍ଥାତ୍ ଲେଖିବାବେଳେ ଘଷି ଓ ଶୁଖିଲେ କଳା ହେବ ।
- ଅର୍ଗିନା ଚକ୍ସା
  - ୧୨ × ୧୦ ଇଞ୍ଚ
  - ୧୪ × ୧୨ ଇଞ୍ଚ
- ପକେଟବୁକ ଡାଏରୀ ପାଞ୍ଜି ସହିତ ଟ ୦।୬ ତ
- ବସନ୍ତ ଘୋଡ଼ା ବୁଷ ଓ ସିଡ଼ାର
- ମୋଜା ଓ ମୋଜାବନ୍ଦ
- ଉତ୍ତମ ଖୁଅ ଓଳଷାଇଟ
- ବସନ୍ତ ସାଷ୍ଟିକ କଳା
- କବି ଓ ପାଇକର ଚୌକି ପିଢ଼ା
- ବାଉ ଭିଷ୍ଟ ସାଜ ଓ ବନ୍ଦ ରଙ୍ଗିନ ଓ ସାଦା
- ବସନ୍ତ ବେହେଜ
- ଇଙ୍ଗ୍ଲିଶ ଫୁଲଫଳ କୁସ
- ,, ଏକଫଲ କୁସ
- କେଲସନ୍ ଜିପୋଇ ନେ-କେଷ୍ଟର ଅଏଲ

ଅଚ୍ଛୁତାନନ୍ଦ କର କମ୍ପାନୀ

ଚୌଧୁରୀ ବଜାରସ୍ଥ ଅମ୍ଭ ଦୋକାନ ନିକ-ଟରେ ସୁନା ଓ ରୂପାର ମୋଟା ଓ ସରୁ ଅଳ-ଙ୍କାର ଓ ନାନାକିସି କର୍ମର ଦୋକାନ ଖୋଲିଅଛୁ । ଯେ ଯାହା ଫରମାସ କରିବେ ସୁଲଭ ମୂଲ୍ୟରେ ନିଶ୍ଚୟମତରେ ପାଇ ପାରିବେ ।

ଡାମ ଶେଷ ହେଲାରୁ ମେହେନ୍ତାନୀ ଦେଇ ଗ୍ରାହକେ ଅଳଙ୍କାର ନେଇ ଯିବେ । ଧାର ଦେବାର ନିୟମ ନାହିଁ ।

ନାମାଙ୍କିତ ମୋହର, ମୁଦା ଓ ସ୍ଥାପାଯୋଗ୍ୟ ଛାପ ଖୋଦିତ ହୋଇଅଛି ।

୧୧।୨।୮୫ }
କଟକ } ଶ୍ରୀ ଅଚ୍ଛୁତାନନ୍ଦ କର

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଅମ୍ଭ ଔଷ-ଧାଳୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ୱ କଲେ ପାଇ ପାରିବେ । ବିଦେଶୀୟ ଗ୍ରାହକମାନେ ଡାକମା-ସୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆଯିବ ।

### କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକ-ମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଜ୍ୱରସ-ମସ୍ତ ଭଲ ହୁଅଇ । ମା ୭ ଡ଼ି ଟ ୧।୮ ।

### ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମ-ରୋଗ ଓ ପ୍ରଦର ଭଲ ହୁଅଇ । ମୂଲ୍ୟ ମା ୭ ଡ଼ାଲି ଟ ୨୧ ଙ୍କା ।

### ବଟିକା ପୂର୍ଣ୍ଣଚନ୍ଦ୍ରୋଦୟ ।

ଭୋଗୀପ୍ରିୟ ରୋଗୀପ୍ରିୟ ଓ ବଳ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଣ୍ଣ ବୃଦ୍ଧି ଓ ଶରୀର ଅପୂର୍ବ ମୂର୍ତ୍ତି ଯୁକ୍ତ ହୁଅଇ, ବଳକ୍ଷଣ କ୍ଷୁଧା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—ଶ୍ୱାସକ୍ଷୟ (ନାସଦ୍ୱାର ରକ୍ତ-ପତନ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ଜମ୍ପ-ଶୂଳ, ଧଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଅଇ । ମୂଲ୍ୟ ମା ୧୨ ଡ଼ି ଟ ୧୧ ଙ୍କା ।

ଉତ୍କଳଅ ସୂର୍ଯ୍ୟବଂଶୀୟ } କବିରାଜ,
ଔଷଧାଳୟ ଦରଘା }
ବଜାର କଟକ } ଶ୍ରୀ ଫକୀରତ୍ରିପାଠୀ ।

### ଏକଣିସର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବିଆ ଟ ୨୧ ପ୍ୟାକିଂ ଖର୍ଚ୍ଚ ଟ ୦। ଅଣା ।

### ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ବେକ ଓ ନାକ ଭିତରର ଘା, ଗୋଲ ଘା, କାନ ଘା, ନାକର ଦୁକ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପ ଗଣ୍ଠିବ୍ୟଥା, ବାତ, ସନ୍ଧିବାତ, ପ୍ରସ୍ରାବପୀଡ଼ା, କ୍ରିମିଅ, ଧାତୁଦୌର୍ବଲ୍ୟ ଏବଂ ଉନ୍ମାଦର ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

### ନାମ୍ବର ତେଲ ।

ଡାକ୍ତରୀ ଉପାୟରେ ନାମ୍ବରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେବେ କିଛି ଔଷଧ ଥାଏ ତେବେ ତାହା ନାମ୍ବ । ନାମ୍ବର ତେଲ ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଦାଦୁ, ଖାଉ, କୁଣ୍ଡିଅ, ଛୁଲି, ପଦ୍ମଖାଉ, ଧବଳ, କୁଷ୍ଠ, ଗଳତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧି । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁରେ ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୧ ଙ୍କା ଓ ଛୋଟ ବୋତଲ ଟ ୨୧ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରନ୍ତ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୫୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟ-ଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକମାସୁଲ ଟ ୧।୦ ଅଣା ।

## ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲି-ଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା :—

ପ୍ରଥମଥର ଛପାରେ

| | |
|---|---|
| ଆଡ଼ ଧାଡ଼ି | ଟ ୦।୬ |
| ଅଧ ଧାଡ଼ିକୁ | ଟ ୦।୧ |
| ପୂର୍ଣ୍ଣ ଧାଡ଼ିକୁ | ଟ ୦। |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଅର୍ଦ୍ଧ ଟ ୦।୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାରେ ଉକ୍ତ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥ ଥରଠାରୁ ଚତୁର୍ଥାଂଶ ହେବ ।

ଅଧିକ ଥର ଛପାରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସମ୍ପାଦକ ଏବଂ ପ୍ରକାଶକଙ୍କ ଆଜ୍ଞାରେ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୦ ଗ
ସଂ ୩୩ ଖ୍ୟା

ତା ୧୪ ଉଗ ମାହେ ରବଶ ଶକ ୧୮୧୪ ମସିହା । ମୁ । ଉତ୍ର ତ ୧ ଜ ଶକ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୫ ୧ | ଟ ୩୧ |
| ଡାକମାସୁଲ | ଟ ୦ ୪ | ଟ ୧୧ |

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ କଲିକତାର ବିଖ୍ୟାତ ସଙ୍ଗୀତ ପଣ୍ଡିତ ଏବଂ ମହାରାଜା ଶୌରେନ୍ଦ୍ର ମୋହନ ଠାକୁରଙ୍କର ସଙ୍ଗୀତଗୁରୁ ବାବୁ କ୍ଷେତ୍ରମୋହନ ଗୋସ୍ୱାମୀ ମାନବଲୀଳା ସମ୍ବରଣ କରିଅଛନ୍ତି । ଏହାଙ୍କର ବୟସ ପ୍ରାୟ ୬୦ ବର୍ଷ ହୋଇଥିଲା । ସ୍ୱଦେଶୀୟ ସଙ୍ଗୀତ ବିଦ୍ୟାର ପୁନରୁଦ୍ଧାର ଏବଂ ଉନ୍ନତିସାଧନ ବିଷୟରେ ଏହାଙ୍କର ନାମ ଚିରସ୍ମରଣୀୟ ହୋଇ ରହିବ । ଏବଂ ଆପାତତଃ ଏହାଙ୍କସ୍ଥାନ ପୂର୍ଣ୍ଣ ହେବା କଠିନ ।

---

ଗତ ସପ୍ତାହର ସମ୍ବାଦଦାତାର ଏକ ଇଂରାଜୀ ପ୍ରବନ୍ଧରେ ଅନ୍ୟାନ୍ୟ କଥାମଧ୍ୟରେ ଲେଖା ଅଛି ଯେ କେହି୨ ବ୍ୟକ୍ତି ପୁସ୍ତକାଳୟ କମିଟିର ସାହାଯ୍ୟ କୌଣସି ରାଜଭକ୍ତ ସଭ୍ୟ ପ୍ରଭୃତି ନମିତ୍ତ ଲୋକଙ୍କଠାରୁ ଦେବା ସଂଗ୍ରହକର ପରେ ଅନ୍ତର୍ଦ୍ଧାନ ହୁଅନ୍ତି । ଏକଥା ଏ ନଗରବାସୀ ବାବୁ ଜଗନ୍ନାଥ ବାନାର୍ଜ୍ଜୀଙ୍କୁ ଲକ୍ଷ କରି ଲେଖା ହୋଇଅଛି ବୋଲି କେତେଲୋକ ଅନୁମାନ କରିବାର ଅମ୍ଭେମାନେ ଶୁଣିଅଛୁଁ । ଯେବେକି ଏ ଅନୁମାନ ଯଥାର୍ଥ ହେବ ତେବେ କହିବାକୁ ହେବ ଯେ ସମ୍ବାଦଦାତା ଅବଶ୍ୟ ବ୍ୟକ୍ତିଗତ ଆକ୍ରମଣ ଖଣ୍ଡନାହାନ୍ତି ଅଥବା ତାହାଙ୍କ ଭାଷା ସଙ୍ଗେ ଉଦ୍ଦେଶ୍ୟର ମେଳ ନାହିଁ ।

---

ଗତ ପ୍ରବେଶିକା ପରୀକ୍ଷା ବିରୁଦ୍ଧରେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ନିକଟରେ ଯେଉଁ ଆବେଦନ ହୋଇ ଥିଲା ତହିଁରେ କିଛି ଫଳ ହେଲା ନାହିଁ । ବିଶ୍ୱବିଦ୍ୟାଳୟର ସିଣ୍ଡିକେଟମାନେ ଉକ୍ତ ଆବେଦନ ପତ୍ରର ଏହି ଉତ୍ତର ଦେଲେ ଯେ ଫେଲ ହୋଇ ଯାଇଥିବା ପିଲାଙ୍କର ଉତ୍ତର କାଗଜମାନ ପୁନର୍ଦୃଷ୍ଟି କରିବା କିମ୍ବା ସେମାନଙ୍କର ଆଉ ଥରେ ପରୀକ୍ଷା ଗ୍ରହଣ କରିବାର କୌଣସି ହେତୁ ନାହିଁ ଏବଂ ତହିଁ ସଙ୍ଗେ କେବଳ ଏତିକି ସାନ୍ତ୍ୱନା ଦେଲେ ଯେ ଭବିଷ୍ୟତକୁ ଆହୁରି ସତର୍କତା ସହିତ ପରୀକ୍ଷା ଗ୍ରହଣ କରିବା ବିଷୟରେ ଉଚିତ ଚେଷ୍ଟା କରିବେ । ସିଣ୍ଡିକେଟର ଏପରି ଉତ୍ତର ସନ୍ତୋଷଜନକ ନୁହଇ ଏକଥା କହିବାର ପ୍ରୟୋଜନ ନାହିଁ । କର୍ତ୍ତା ଇଚ୍ଛା କର୍ମ ।

---

ଶ୍ରୀଯୁକ୍ତ ଉଇଲ୍ସନ ସାହେବ ଡେପୋଟୀ କଲେକ୍ଟର ଜଲଙ୍କର ସାର୍ଟିଫିକେଟ ମକଦ୍ଦମାର ବିଚାର କରୁ ଥିବାର ପାଠକମାନେ ଅବଗତ ଅଛନ୍ତି । ସାହେବ ମହୋଦୟ ମୋଫସଲ ନ ଯାଇ ସ୍ଥାନୀୟ ତଦନ୍ତ ନ କରି ମିସିଲରେ ବସି ମାମଲା ନିଷ୍ପତ୍ତି କରୁ ଥିବାରୁ ଅମ୍ଭେମାନେ ଏଥି ପୂର୍ବେ ଆକ୍ଷେପ ପ୍ରକାଶ କରି ଥିଲୁଁ । ଯାହା ହେଉ ଆମ୍ଭମାନଙ୍କ କଥା ବୃଥା ଯାଇ ନାହିଁ । ସାହେବ ପ୍ରଶଂସିତ ଗତ ମଙ୍ଗଳବାର ଜଗତସିଂହପୁର ଅଞ୍ଚଳକୁ ଯାଇ ଅଛନ୍ତି ସେଠାରେ ଏମାସ ତା ୨୨ ରଖ ପର୍ଯ୍ୟନ୍ତ [illegible] ସେ ଅଞ୍ଚଳର ମକଦ୍ଦମାମାନର ତଦନ୍ତ ଓ ବିଚାର କରିବେ । ଏଥିରେ ଲୋକଙ୍କର ଓ ବିଚାରର ଅନେକ ପ୍ରକାର ସୁବିଧା ହେବ । କେବଳ ମୁକ୍ତାରଙ୍କ ଅଭାବ କିଞ୍ଚିତ ଅନୁଭବ ହୋଇ ପାରେ ।

---

ଅଳ୍ପଦିନ ତଳେ ବିଲାତର ପାଲମାଲ ଗଜେଟ ନାମକ ଏକ ପ୍ରସିଦ୍ଧ ସମ୍ବାଦପତ୍ରରେ ୟୁରୋପୀୟ ଏବଂ ବିଲାତି ବାଳିକାମାନଙ୍କର ବେଶ୍ୟାବୃତ୍ତି ଜନକ ବ୍ୟବସାୟ ପ୍ରଚଳିତ ଥିବା ଓ ସେହି ଘୃଣାର୍ହ କାର୍ଯ୍ୟଦ୍ୱାରା ଦଲାଲ ଇତ୍ୟାଦି ଜନ ମଧ୍ୟ ଅନେକ ପ୍ରତିପୋଷିତ ହେଉଥିବା ବିଷୟମାନ ପ୍ରକାଶିତ ହୋଇ ଥିବାରୁ ସେ ସେନ ବିଲାତରେ ଘୋର ଆନ୍ଦୋଳନ ଲାଗି ଯାଇ ଅଛି । ଏ କାଣ୍ଡରେ ଅନେକ ବଡ଼୨ ଲୋକମାନେ ଲିପ୍ତ ଥିବା ଓ ସେମାନଙ୍କର ଦୋଷ ସିଦ୍ଧ ହୋଇ ଥିବାର କଥିତ ହୁଏ । ଅନେକେ ଉକ୍ତ ସମ୍ବାଦପତ୍ର ନାମରେ ଅପବାଦ ମୋକଦ୍ଦମା ଆଣିବା କାରଣ ପ୍ରସ୍ତାବ କରୁ ଥିଲେ ମାତ୍ର ପାର୍ଲିଅମେଣ୍ଟ ତହିଁରେ ସମ୍ମତ ହେଲେ ନାହିଁ । ବର୍ତ୍ତମାନ ଉକ୍ତ ମହାସଭାରେ ତର୍କ ବିତର୍କ ହୋଇ ୧୬ ବର୍ଷ ବୟସ ପର୍ଯ୍ୟନ୍ତ ବାଳିକାମାନଙ୍କୁ ରକ୍ଷା କରିବାର କର୍ତ୍ତବ୍ୟତା ସ୍ଥିର ଏବଂ ସେ ବିଷୟରେ ଗୋଟିଏ ଆଇନ ବିଧିବଦ୍ଧ ହୋଇ ଅଛି ।

Split by PDF Splitter
Digitized by srujanika@gmail.com

ଗତ ପ୍ରକାଶିତ ସମ୍ବାଦରେ ଲେଖା ଅଛି କି 'କାଳ କି ନ କରେ' ପ୍ରବନ୍ଧଦ୍ୱାରା କୌଣସିରୂପେ ବ୍ୟକ୍ତିଗତ ଆକ୍ରମଣ କରିବା ଉକ୍ତ ପ୍ରବନ୍ଧ ଲେଖକଙ୍କର ଉଦ୍ଦେଶ୍ୟ ନ ଥିଲା ଯଦ୍ୟପି ଆମ୍ଭେମାନେ ଉକ୍ତ ଲେଖାକୁ ବ୍ୟକ୍ତିଗତ ଆକ୍ରମଣ ମନେ କରି ମନସ୍ତାପ ପାଇ ଥିଉଁ ତେବେ ତହିଁପାଇଁ ସେ ଦୁଃଖିତ ଅଛନ୍ତି। ମନୁଷ୍ୟର ମନର ଭାବ ବା ଉଦ୍ଦେଶ୍ୟ ବାକ୍ୟର ଅର୍ଥରୁ ଜଣା ଯିବା ସାଧାରଣ ନିୟମ କିନ୍ତୁ ସମ୍ବାଦଦାତାଙ୍କର ସକଳ କଥା ଅସାଧାରଣ ତାହାଙ୍କ ଉଦ୍ଦେଶ୍ୟ ତାହାଙ୍କ ବାକ୍ୟର ଅର୍ଥରୁ ଜଣା ଯିବାର ନୁହଇ। ସୁତରାଂ ଆମ୍ଭେମାନେ ଭ୍ରମ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛୁଁ। ଆଉ ମନସ୍ତାପର କଥା ଯାହା କହି ଅଛନ୍ତି ତହିଁର ବକ୍ତବ୍ୟ ଏତିକି କେହି ଆମ୍ଭମାନଙ୍କୁ ଏଣୁ ତେଣୁ ଦୁଇ କଥା କହିଲେ ଆମ୍ଭମାନଙ୍କର ମନସ୍ତାପ ହୁଅଇ ନାହିଁ କିନ୍ତୁ ଯେତେବେଳେ ଦେଖୁଁ କି ଯେଉଁମାନେ ସରଳତା ସହିଷ୍ଣୁତା ଏବଂ ସ୍ୱାଧୀନତାର ଆଦର୍ଶ ହେବାକୁ ସର୍ବଦା ବ୍ୟସ୍ତ ସେମାନଙ୍କ ଭାଷା ଏକରୂପ ଏବଂ ଉଦ୍ଦେଶ୍ୟ ଅନ୍ୟରୂପ ତେତେବେଳେ ବାସ୍ତବରେ ବଡ ମନସ୍ତାପ ହୁଅଇ। ମୂଳ ବିଷୟରେ ସହଯୋଗୀ ଶିକ୍ଷାବନ୍ଧୁଙ୍କ ମତରେ ଐକ୍ୟ ହୋଇ ଅଛନ୍ତି। ପ୍ରକୃତରେ ଯେଉଁଠାରେ ମତର ମେଳ ସେଠାରେ ମନର ମେଳ ବାହ୍ନ ନ ହେବ।

---

ଭାରତବର୍ଷର ଆୟବ୍ୟୟର ବଜେଟ ଗତମାସ ତା ୬ ଦିନରେ ପାର୍ଲିମେଣ୍ଟରେ ଉପସ୍ଥିତ ହୋଇ ଥିଲା। ଲର୍ଡ ଚର୍ଚ୍ଚିହିଲ କହିଲେ ଯେ ରୁଷିୟଙ୍କର ଅଫଗାନ ସ୍ଥାନର ସୀମା ଦଖଲୁ ମାଡି ଆସିବା ହେତୁ ସୁଦ୍ଧାଦୋଷ ୯୬ ଲକ୍ଷ ଟଙ୍କା ଅଧିକା ବ୍ୟୟ ହୋଇ ଅଛି ଏବଂ ଅମିରଙ୍କୁ ଦିଆ ଯାଇଥିବା ଖର୍ଚ୍ଚ ୨୫ ଲକ୍ଷ ଟଙ୍କା ଏଥିର ଅନ୍ତର୍ଗତ ଅଟଇ। ସାମ୍ରାଜ୍ୟର ବ୍ୟୟ କାଟକୁଟ କରିବାରେ ଅଧିକା ବ୍ୟୟର ପରିମାଣ କୋ ୩ ରୁ ୧୦ ଲକ୍ଷ ଟଙ୍କା ରହି ଅଛି। ଜଳସେଚନ କାର୍ଯ୍ୟ ସକାଶେ ସାଢେ ତିନିକୋଟି ଟଙ୍କା ଋଣ କରିବାଦ୍ୱାରା ଉକ୍ତ ନିଅଣ୍ଟ ପୂର୍ଣ୍ଣ କରିବାକୁ ହେବ। ଦେଶୀୟ ସୈନ୍ୟ ସଂଖ୍ୟା ୧୧୭୫୦ ଜଣ ବୃଦ୍ଧି ହୋଇ ଅଛି ଏବଂ ସେହି ପରିମାଣରେ ଗୋରା ସୈନ୍ୟ ବୃଦ୍ଧି କରିବାର ଆବଶ୍ୟକ ହୋଇ ଅଛି। ରୁଷିୟଙ୍କ ଅଗ୍ରସର ହେତୁ ଲର୍ଡ ଚର୍ଚ୍ଚିହିଲ ଆମ୍ଭମାନଙ୍କ ଏବାହ୍ନଦ ଲର୍ଡ ରିପନଙ୍କ ଭଳି ନିନ୍ଦା କରି ଅଛନ୍ତି। ବକ୍ତୃତା ଶେଷରେ ଲର୍ଡ ଚର୍ଚ୍ଚିହିଲ ବ୍ୟକ୍ତ କଲେ ଯେ ଭାରତବର୍ଷର ଭୂମି ସଂକ୍ରାନ୍ତ ନୂତନ ବନ୍ଦୋବସ୍ତ ହେବ ଏବଂ ଜଙ୍ଗଲ ସମ୍ପର୍କୀୟ ଆଇନର କାର୍ଯ୍ୟ କାରିତା ଅନୁସନ୍ଧାନ ସକାଶେ ଗୋଟିଏ କମିଟି ବସିବ। ଏପରି ଭାରତଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟ ପ୍ରଣାଳୀର ତଦନ୍ତ ନିମିତ୍ତ ଆଗାମୀବର୍ଷ ପାର୍ଲିମେଣ୍ଟରେ ପ୍ରସ୍ତାବ ହେବ। ଏ ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ ହେଲେ ଶୁଭଫଳ ଘଟିବାର ସମ୍ଭାବନା।

---

ଉତ୍ତରପଶ୍ଚିମ ଅଞ୍ଚଳରେ ଗୋଟିଏ ଅପୂର୍ବ ମୋକଦ୍ଦମା ସମ୍ପ୍ରତି ନିଷ୍ପତ୍ତି ହୋଇଅଛି। ମୋକଦ୍ଦମାର ବୃତ୍ତାନ୍ତ ଏହି କି ଲେଡମାନ ସାହେବ ନାମରେ ଜଣେ ସିବିଲସର୍ଜନ ସବ୍ ଜଜ ମିସଲରେ ବସି ମାମଲତକାରମାନଙ୍କୁ ବଦମାସ ହାରାମଜାଦା ଇତ୍ୟାଦି ମିଷ୍ଟ ବାକ୍ୟରେ ସର୍ବଦା ସମ୍ବୋଧନ କରିବାକୁ ବଡ ଖୁସି ପାନ୍ତି। ଦିନେ କପ୍ତାନ ହୁଏଲସେ ନାମରେ ଏକଜଣ ସାହେବ ଉକ୍ତ ଅଦାଲତକୁ କାର୍ଯ୍ୟ ବଶତଃ ଯାଇ ଜଣେ ଦେଶୀୟ ବ୍ୟକ୍ତିକି ଏହି ପ୍ରକାର ସମ୍ବୋଧନ କରିବାର ଦେଖିଲେ। ଏ କଥା ତାହାଙ୍କ ସହ୍ୟ ନ ହେବାରୁ ସେ ଉତ୍ତରପଶ୍ଚିମର ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ। ଗବର୍ଣ୍ଣମେଣ୍ଟ ତହିଁର ତଦନ୍ତ ନ କରି ଲେଡମାନ ସାହେବଙ୍କ ଦୁର୍ନାମ ରଟାଇବାର ଅଭିଯୋଗ କପ୍ତାନ ହୁଏଲସେ ନାମରେ ଫଉଜଦାରୀ ଅଦାଲତରେ ଆଣିବାର ଉପଦେଶ ଦେଲେ। ତଦନୁସାରେ ଲେଡମାନ ସାହେବ ନାଲିଶ କଲେ ମାତ୍ର ତାହାଙ୍କର ଉକିଲର ଏବଂ ଗୁହାରି ଯୋଗାଡକରିବାରୁ ବରଂ ଲେଡମାନ ସାହେବଙ୍କ ଦୋଷ ପ୍ରକାଶ ହେଲା ସୁତରାଂ ଅସାମୀ ନିର୍ଦ୍ଦୋଷୀ ବୋଲି ମୁକ୍ତ ପାଇଲେ। ବିଚାରର ଏ ପ୍ରକାର ସୁନ୍ଦର ଫଳରେ ସର୍ବସାଧାରଣ ସନ୍ତୁଷ୍ଟ ହୋଇଅଛନ୍ତି ମାତ୍ର ଉତ୍ତର ପଶ୍ଚିମ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ପ୍ରଣାଳୀରେ ଲୋକେ ନିରାଶ ହୋଇଅଛନ୍ତି। କପ୍ତାନ ହୁଏଲସେ ସାଧାରଣ ହିତୋପଦେଶରେ ଜଣେ କର୍ମଚାରୀର ଦୋଷ ଜଣାଇଲେ କିନ୍ତୁ ଗବର୍ଣ୍ଣମେଣ୍ଟ ତହିଁ ପାଇଁ ତାହାଙ୍କୁ ଫଉଜଦାରୀ ଅସାମୀ କଲେ ଅଣାଇ ଯଥୋଚିତ ଶାସ୍ତି ଓ କ୍ଲେଶରେ ପକାଇଲେ ଏହାର ନ୍ୟାୟ ବିଚାର ହେଲା ? ଯେବେ ଗବର୍ଣ୍ଣମେଣ୍ଟ ପ୍ରଥମରୁ ସ୍ୱୟଂ ଅନୁସନ୍ଧାନ କରିଥାନ୍ତେ ତେବେ ଲେଡମାନ ସାହେବଙ୍କ ଦୋଷ ପ୍ରକାଶ ପାଇଥାନ୍ତା ଏବଂ କପ୍ତାନଙ୍କର ଏତେ ଦୁଃଖ ହୁଅନ୍ତା ନାହିଁ। ଏଥର ଯେବେ ଗବର୍ଣ୍ଣମେଣ୍ଟ କପ୍ତାନ ସାହେବଙ୍କର କ୍ଷତିପୂରଣ କରନ୍ତି ତେବେ ଉତ୍ତମ କଥା ହେବ। ଏଥି ମଧ୍ୟରେ ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ କପ୍ତାନ ସାହେବଙ୍କ କ୍ଷତିପୂରଣ ନିମିତ୍ତ ଦେଶୀୟ ଲୋକଙ୍କ ପକ୍ଷରୁ କେତେକ ସ୍ଥାନରେ ଉଦ୍ୟମ ଲାଗିଅଛି।

---

ପୁରୀ ଜିଲ୍ଲାରେ ପ୍ରାଚୀ ନଦୀର ପୂର୍ବତଟରେ କାକଟପୁର ମଙ୍ଗଳା ବୋଲି କହି ଥିବାରୁ ଗୋଟିଏ ପ୍ରସିଦ୍ଧ ସ୍ଥଳ ବୋଲି ଜଗଦ୍ୱିଦିତ ହୋଇଅଛି। ପ୍ରାଚୀ ନଦୀ ତଟରେ ବହୁସଂଖ୍ୟକ ପ୍ରାଚୀନ ଋଷିମାନଙ୍କର ଆଶ୍ରମ ଅଛି। ମଧ୍ୟ ସ୍ତମ୍ଭମାନ ବର୍ତ୍ତମାନ ଦେଖାଯାଏ। ଗୋଟିଏ ଲୁଗାବୁଣା ତାନ୍ତି ସେ ବିବାହ ହେଲା ପରେ ଗୋଟିଏ ବୋହୂକୁ ଜନ୍ମ କରି ଭାର୍ଯ୍ୟାର ମୃତ୍ୟୁ ହୁଏ ତାହାର ଝିଅଟିକୁ ଅପଣା ଲୋକ ଘରେ ରଖାଇ ଦେଇ ବିରକ୍ତ ହୋଇ ପ୍ରାଚୀ ନଦୀ ନିକଟସ୍ଥ ବନ ମଧ୍ୟରେ ଗୋଟିଏ ସ୍ତମ୍ଭ ଓ ନିକଟସ୍ଥ ଗୋଟିଏ ମହାଦେବଙ୍କ ସ୍ଥାନ ପରିସର କରି ଅନେକଦିନ ସେଠାରେ କାଳ ଯାପନ କଲା। ସେଠାରୁ କାହାଠାରୁ କି ଦୁର୍ଲ୍ଲଭ ପାଇ ମଫସଲରେ ଓଳାଉଠା ରୋଗୀମାନଙ୍କୁ ମନ୍ତ୍ର କରିବାକୁ ଲାଗିଲା। ବର୍ତ୍ତମାନ ଦଶବାର ଦିନ ହେଲା ସେ ବାବାଜୀ ପୁରୀରୁ ଆସି ଅଛନ୍ତି। ଏଠାରେ ଓଳାଉଠା ରୋଗୀ ପ୍ରାୟ ୫୦।୬୦ ଜଣ କହନ୍ତି ସେ ଯେପରି କାଣ୍ଡ କରୁଅଛନ୍ତି ତହିଁରୁ ରୋଗର କାରଣ କେହି ଜାଣି ପାରୁ ନାହିଁ। ଯେପରି ଗୁଣିଆମାନେ ଡାହାଣୀ ଗୋସାଣୀ ଛଡାନ୍ତି ସେହିପରି ବାବାଜୀ ଛଡାଉଅଛନ୍ତି। ବାବାଜୀ ସମ୍ବାଦ ପାଇବା ମାତ୍ରେ ରୋଗୀ ଘରେ ଉପସ୍ଥିତ। ତାକୁ ଦେଖି ପଚାରୁଅଛନ୍ତି କି ଏ ବାଳା ମାନୁ ? ରୋଗୀ ହଁ। ଆମ୍ଭଙ୍କୁ ମାନୁ ? ହଁ। ତହୁଁ ବାବାଜୀ ଯୋଡିଏ ବେତରେ ବାଳା ବାନ୍ଧି ଧରିଥାନ୍ତି। ସେ ବାଳା ରୋଗୀ ହାତରେ ଦେବା ମାତ୍ରେ ରୋଗୀ ଉଠି ବସୁଅଛି। କେଉଁଠାରୁ ଆଇଲୁ ? ଅମୁକ ଘରରୁ। କୋ କା କ ? ଅମୁକ। କଣ ଖାଇଲୁ ? ଏ ବ୍ୟକ୍ତିକି ଖାଇବ। ନା ଆଉ ପାଣି ଅଣ ବାଟିଏ ପଣା ଗାଈର ଦେଉଅଛି ତହିଁରୁ ତାକୁ କଡାଏ ଅପେ ବଢାଏ ଯାନ କର ଚୁଡାଘସା ମଧ୍ୟ କସ୍ତୁରୀ ଲେଖ କର ସେହି ପଣା ବାଣ୍ଟିକ ରୋଗିକି ବୋଲେ ଧର ? ରୋଗୀ

Split by PDF Splitter

Digitized by srujanika@gmail.com

ଗୋଟିଏ ହାତରେ ବାଜା ଅପର ହାତରେ ପଣା ବଡ଼ାଏ ଧରିଥିଲା ମାତ୍ରେ ବାବାଜୀ ନଇଁପଡ଼ି ପଟ୍ଟି ଘଣ୍ଟ ଧରି ରୋଗୀ ଛଡ଼ା ହେଲା ପରେ ଫେରି ଥାଇ ଗୋଡ଼ ପାଖେ ବାବାଙ୍କ ଘଣ୍ଟ ବଜାଇଲେ ରୋଗୀ ଦଉଡ଼ି ଯେଉଁ ଗଛରୁ ଆସି ଅଛି ବୋଲି କହିଥିଲା ସେହି ଗଛଠାରୁ ରୋଗୀ ଯାଉଁ ଅଛି ବାବାଜୀ ତାହା ପଛରେ ଘଣ୍ଟ ବଜାଇ ଧାଉଁ ଅଛନ୍ତି ସେ ଗଛ ପାଖେ ରୋଗୀ ପଣା ରଖି ଦେଲାପରେ ରୋଗୀର ଜ୍ଞାନ ମୋକ୍ଷ ହେଉଅଛି ତାହା ନାକ କାନ ଫୁଙ୍କି ସଚେତ କରି ଘରକୁ ଘେନି ଆସି ରୋଗୀର ଯାହା ଖାଇବାକୁ ଇଚ୍ଛା ହେଉଅଛି ତାହା ଖାଇ ବଳ ହେଉଅଛି। ଏପରି ବଳ ହେବାରୁ ତାଙ୍କର ବଡ଼ ପ୍ରଖ୍ୟାତ ହୋଇଅଛି। ଅଦ୍ୟ ସହରର ... ସବୁ ଯାହାର ଯେତେ ଦେବାର ଇଚ୍ଛା /, ୵, ।, ୳ ଯେ ଯାହା ଦେଲା ସବୁ ପଣା କରି ଦେଉଳ ସିଂହଦ୍ୱାର ଚକଡ଼ା ଉପରେ ତାକୁ ରଖି ୫୦।୵୦ ହାଣ୍ଡି ପଣା ଜମା ହେଲା। ...ଲୀ ହଆଗଲା ପଣା, ସେ ପଣା ସବୁ ଗାଈ ଓ ...ଙ୍କର ଚରୁକ୍ଷଣାରୁ ନଷ୍ଟ କରି ଦେଲେ ବାବାଜୀ କହନ୍ତି ମୁଁ ଠାକୁରାଣୀଙ୍କି ସନ୍ତୋଷ କରି ସଙ୍ଗେ ନେଇ ଯାଉଅଛି ଆଉ ଓଲାଉଠା ହେବ ନାହିଁ।

———

## ସମ୍ବାଦପତ୍ରର ସ୍ୱତ୍ୱରକ୍ଷା ଆଇନ।

ସମ୍ବାଦପତ୍ରର ସ୍ୱତ୍ୱରକ୍ଷା ବିଷୟରେ ଯେଉଁ ନୂତନ ଆଇନ ହେବାର ପ୍ରସ୍ତାବ ହେଉଥିଲା ତହିଁର ପାଣ୍ଡୁଲିପି ବାହାର ଅଛି ଏବଂ ଏଥିର ଇଂରାଜୀ ଭାରତର ସମ୍ବାଦପତ୍ରମାନଙ୍କରେ କେତେ ଆନ୍ଦୋଳନରେ ଲାଗି ରହିଅଛି। ଆଇନର ମର୍ମ ଏହି ଯେ କୌଣସି ଦୈନିକ ସମ୍ବାଦପତ୍ର କେଉଁ ନୂତନ ତାରବାର୍ତ୍ତା ପ୍ରକାଶ କଲେ ତ ୨୪ ଘଣ୍ଟା ମଧ୍ୟରେ ଅପର କେହି ସମ୍ବାଦପତ୍ର ତାହାକୁ ପ୍ରକାଶ କରି ପାରିବ ନାହିଁ କଲେ ଦଣ୍ଡନୀୟ ହେବ। ପାଠକମାନେ ଜାଣନ୍ତି ଯେ ତାରସମ୍ବାଦ ବହୁ ବ୍ୟୟସାଧ୍ୟ ବ୍ୟାପାର। ରୁଟର ଯେଉଁ ତାରସମ୍ବାଦ ପ୍ରତିଦିନ ପ୍ରକାଶ କରନ୍ତି ଦୈନିକସମ୍ବାଦପତ୍ରର ଅଧିକାରମାନେ ଜଣକେ ମାସକୁ ୫୦୦୲ଙ୍କା ଲେଖାଏଁ ଦେଇ କ୍ରୟ କରନ୍ତି। ଅପର ସ୍ଥାନରୁ ଆପଣା ସମ୍ବାଦଦାତାଦ୍ୱାରା ଯେ ଯେଉଁ ସମ୍ବାଦ ଅଣାଇ ପ୍ରକାଶ କରେ ତହିଁରେ ମଧ୍ୟ ତାହାର ଅନେକ ବ୍ୟୟ ହୁଅଇ। ଏଥିକୁ ଯେଉଁ ବ୍ୟକ୍ତି ଯହିଁରେ ଟଙ୍କା ଲଗାଏ ସେ ଦ୍ରବ୍ୟ ତାହାର। ଏକଜଣ ଟଙ୍କା ଖର୍ଚ୍ଚ କରି ତାରସମ୍ବାଦ ଅଣାଇବ ଓ ତତ୍କ୍ଷଣାତ ତାହା ଅନ୍ୟ କାଗଜମାନଙ୍କରେ ଛପା ହେବ। ଏପରି ହେଲେ ଟଙ୍କା ଲଗାଇବାକୁ କାହାର ଇଚ୍ଛା କରିବ ଏବଂ ତହିଁରେ ଅବା ତାହାର କ ସ୍ୱାର୍ଥ ହେବ। ସୁତରାଂ ଯେ ବ୍ୟକ୍ତି ଟଙ୍କା ବ୍ୟୟ କରି ସମ୍ବାଦ ଅଣାଇବ ଉକ୍ତ ସମ୍ବାଦ ପ୍ରତି ତାହାର ସ୍ୱତ୍ୱରକ୍ଷା କରିବା ନ୍ୟାୟସଙ୍ଗତ ଅଟଇ। ପକ୍ଷାନ୍ତରେ ସାଧାରଣ ସମ୍ବାଦମାନଙ୍କ ଉଦ୍ଦେଶ୍ୟ ସାଧାରଣ ଉପକାରର ସାମଗ୍ରୀ। ସେ ସବୁ ଲୁଚ୍ଛାଇ ରଖିବା ସାଧାରଣ ଅନିଷ୍ଟର କାରଣ ଅଟଇ। ଅତଏବ ତହିଁର ପ୍ରଚାର ପକ୍ଷରେ ବାଧା ଦେବା ଗବର୍ଣ୍ଣମେଣ୍ଟଙ୍କର ଉଚିତ ନୁହଇ। ଏଥିପାଇଁ ବ୍ୟବସ୍ଥାପକସଭାରେ ପ୍ରସ୍ତାବ ହୋଇଅଛି କ କୌଣସି ସମ୍ବାଦପତ୍ର କିଛି ନୂତନ ସମ୍ବାଦ ପ୍ରକାଶ କଲେ ଘ ୨୪ଘଣ୍ଟା ମଧ୍ୟରେ ଅନ୍ୟ କେହି ତାହା ପ୍ରକାଶ କରି ପାରିବ ନାହିଁ। ଉକ୍ତ ସମୟ ଉତ୍ତାରୁ ତାହା ସାଧାରଣ ସମ୍ପତ୍ତି ହେବ ଅର୍ଥାତ ଯେତେବେଳେ ଯେ ଇଚ୍ଛା ସେ ପ୍ରକାଶ କରି ପାରିବ ସାପ୍ତାହିକ ସମ୍ବାଦପତ୍ର ପକ୍ଷରେ ଏ ଆଇନ ପ୍ରଚଳିତ ହେବ ନାହିଁ କାରଣ ଘ ୨୪ଘଣ୍ଟାର ନିୟମ ଏ ସମସ୍ତ ପକ୍ଷରେ ଖଟି ନ ପାରେ କେବଳ ଦୈନିକସମ୍ବାଦପତ୍ର ପକ୍ଷରେ ଏପରି ନିୟମ ହେବାରେ କିଛି ଆପତ୍ତି ଆମ୍ଭେମାନେ ଦେଖୁ ନାହୁଁ। ବସ୍ତୁତଃରେ ସ୍ୱତ୍ୱ ରକ୍ଷାର ନିୟମଟି ଉତ୍ତମ ଅଟଇ। ଅନେକ ସମ୍ବାଦପତ୍ର ସାଧାରଣ ଅନିଷ୍ଟ ଆଶଙ୍କାରେ ଏ ଆଇନର ପକ୍ଷପାତୀ ନହନ୍ତି କିନ୍ତୁ ଏ ଯୁକ୍ତିରେ ଆମ୍ଭେମାନେ ଐକ୍ୟ ହୋଇ ପାରୁ ନାହୁଁ। ସ୍ୱତ୍ୱରକ୍ଷା ନ ହେଲେ ଟଙ୍କା ଖର୍ଚ୍ଚ କରିବାର ପ୍ରବୃତ୍ତି ହେବ ନାହିଁ ଏବଂ ଟଙ୍କା ଖର୍ଚ୍ଚ ନ ହେଲେ ଭଲ ସମ୍ବାଦ ଆସି ପାରିବ ନାହିଁ। ସୁତରାଂ ସ୍ୱତ୍ୱରକ୍ଷାରେ ସାଧାରଣ ଉପକାର କିମ୍ବା ଅପକାରର ଆଶଙ୍କା କରିବା ଅମୂଳକ ଅଟଇ।

———

## ପୁରୀର ରଥଯାତ୍ରା।

( ଶେଷ ବିବରଣ )

ତା ୩୦ ରିଖ ଗୁରୁବାର ୭ ଟା ସମୟରେ ରଥର ଶୃଙ୍ଗାରମାନ ପୂର୍ବରୁ ବନ୍ଧା ହୋଇଥିଲା। ମାତ୍ର ଠିକ ସମୟରେ ହାକମମାନେ ପହଣ୍ଡି କଢେ ସକାଶେ ରଥଠାରେ ଆସି ହାଜର ହେଲେ ଘଣ୍ଟୁଆମାନେ ପ୍ର ୨୮ ଟି ଘଣ୍ଟ ଘେନି ହାଜର ହେଲେ। ବର୍ତ୍ତମାନ ରାଜହେଓ୍ୱାନ ବାବୁ ମହାଶୟ ଯେତେ ବହୁ ପରିଶ୍ରମ କରି ଦେଉଳ ମଧ୍ୟରେ ପ୍ରବେଶ ପୂର୍ବକ ରୋଷ ମଧ୍ୟରେ କୋଠଭୋଗ ଚୁଲିମାନ ପ୍ରସ୍ତୁତ ହେବା ଓ ରୋଷାଇଶାଳା ପରିଷ୍କାର ଫିହାସନର କାର୍ଯ୍ୟ ସବୁ ପରିଷ୍କାର ଥିବା ଦେଖି ହାକମମାନଙ୍କୁ ଜଣାଇ ପହଣ୍ଡିବିଜୟର ଅନୁମତି ନେଇ ଆରମ୍ଭ କଲେ। ସେବକମାନେ ଏବଂ ଦର୍ଶକମାନେ ଏକତ୍ରିତ ହୋଇ ଉତ୍ସାହରେ ପୂର୍ଣ୍ଣ ହୋଇଥିଲେ। ଶ୍ରୀଯୁତ ମେଜଷ୍ଟର ସାହେବ ଓ ପୁଲିସ ସାହେବ ଅସି ପୁଲିସ ସାହେବ ଠିକା କନେଷ୍ଟବଲମାନଙ୍କୁ ନେଇ ଦଉଡ଼ି ଧରାଇ ବନ୍ଦୋବସ୍ତ କଲେ ଯେ ଦଉଡ଼ିଅଡ଼ା ମଧ୍ୟରେ ଲୋକେ ପ୍ରବେଶ କରି ପାରିବେ ନାହିଁ। କେବଳ ଦୁଇ ସାହେବ ଆଉ ଶ୍ରୀ ପ୍ରାଣକୃଷ୍ଣ ବାବୁ ଡିପୋଟି ରାଜହେଓ୍ୱାନ ଏତିକ ମାତ୍ର ଅଡ଼ା ମଧ୍ୟରେ ରହିଲେ। ବିଜେ କରିବା ସମୟେ ଠାକୁରମାନେ ଭୂମିରେ ପହଣ୍ଡି ନ ହୋଇ ତୁଳାର ଶେଯ ପାହାଡ଼ାକୁ ତୁଳୀ ବୋଲାଯାଏ ତୁଳୀ ଘେନି ସେବକ ଉପସ୍ଥିତ ହେଲାପର ଶ୍ରୀ ରାମକୃଷ୍ଣଙ୍କର ପ୍ରଥମତଃ ବିଜେ ଆରମ୍ଭ ହେଲା। ଘଣ୍ଟ ମାଦଳ ତେଲଙ୍ଗିବାଜା କାହାଳ ଛତ୍ର ଚାମର ମେଘାଡ଼ମ୍ବର ( ଓଲାର ) ବୈଷ୍ଣବ ଓ ବୈଷ୍ଣବୀମାନେ ଆଲଟ ଓ ଚାମରମାନ ଘେନି ଉପସ୍ଥିତ ଥିଲେ। ପରେ ଶ୍ରୀ ମଦନମୋହନଙ୍କ ବିଜେ ବଢିଲା। ସୁଦର୍ଶନଙ୍କ ବିଜେ ଆରମ୍ଭ ଗୋଟି ପହଣ୍ଡି ହେଉ ଏକ ଠାକୁରଙ୍କ ପହଣ୍ଡି ବଢ଼ିଲେ ଅନ୍ୟ ଠାକୁରଙ୍କର ପହଣ୍ଡି ଆରମ୍ଭ ହୁଏ। ପରେ ବଡ଼ ଠାକୁରଙ୍କର ଡୋରଲାଗି କରି ପୁଷ୍ପମୁକୁଟ ଧାରଣ କରି ବିଜେ କଲେ। ଠାକୁରମାନେ ମନ୍ଦିର ମଧ୍ୟରେ ସନ୍ନ୍ୟାସୀ ଓ ସେବକମାନଙ୍କର ପଲ୍ଲି ଭୋଗ ମଣୋହି କରି ଜଗନ୍ମୋହନ ମଧ୍ୟରେ ବିଶ୍ରାମଣି କରାଯିବା ହୋଇ ସିଂହାସନରେ ବିଜେ କରନ୍ତି ଏହି ପରି ସୁଭଦ୍ରା ଠାକୁରାଣୀଙ୍କର ବିଜେ ବଢିଲା ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଡୋରଲାଗି ଓ ପୁଷ୍ପମୁକୁଟ ଧାରଣ ପରେ ରଥ ଉପରୁ ରଥ ବାହାରର ଉପରେ ବିଜେ କଲା ସମୟରେ ଶ୍ରୀ ଲକ୍ଷ୍ମୀଠାକୁରାଣୀଙ୍କୁ ବିଜେ କରାଇ ଭେଟ ମଣ୍ଡପରେ ଆଣି ବିଜେ କରାଇଲେ। ଉଭୟ ପକ୍ଷରୁ ସଙ୍କେତରୂପ କାହାଳ ଧ୍ୱନି ହୋଇ କନାପଲା ପରସ୍ପରରେ ହୋଇ ହରିବୋଲ ଧ୍ୱନିରେ ମେଦିନୀ ଚମକି ଉଠିଲା। ଦର୍ଶକମାନେ ସେ ସମୟ ଦର୍ଶନରେ ଆନନ୍ଦାମୃତ ପାନରେ

Digitized by srujanika@gmail.com

ମନ୍ତ୍ର ହୋଇ ଧର୍ମାର୍ଥକାମମୋକ୍ଷ ଚତୁର୍ବର୍ଗପଦକୁ ତୁଚ୍ଛ ଜ୍ଞାନ କରୁଥିଲେ । ଅହା ଭକ୍ତମାନଙ୍କର ମନର ଭାବ ଈଶ୍ୱରଙ୍କ ପ୍ରତି ଯେପରି ଉଦୟ ହୋଇଥିଲା ତାହା ଲେଖି ଜଣାଇବା ସାଧ୍ୟାତୀତ ଲକ୍ଷ୍ମୀନାରାୟଣ ବନାପନା କରି ମହାପ୍ରଭୁ ଶ୍ରୀରକୁ ଓହ୍ଲାଇ ଶ୍ରୀରଭଲେ ଭୂଲ ଉପରେ ଚଳେ କରିଅଛନ୍ତି ଏପରି ସମୟରେ କେତେକ ଭକ୍ତ ସମ୍ଭାଳ ହୋଇ ନ ପାରି ଦଇତାଙ୍କ ଆବରଣ ନିଷ୍ଫଳ ପ୍ରାଣ ଓ ମାନର ଆଶା ନ ରଖି ମହାପ୍ରଭୁଙ୍କ ସମ୍ମୁଖରେ ଆସି ସ୍ପର୍ଶ କରିବା ଇଚ୍ଛାରେ ଜମା ହୋଇଗଲେ ପୁଲିସ ସାହେବ ଜନତା ଦେଖି ଲୋକମାନଙ୍କୁ ସେଠାରୁ ଦୂର କରି ଦେଲେ । କିନ୍ତୁ ସେଠାରେ ଶ୍ରୀଯୁତ ଗଗନଚନ୍ଦ୍ର ଦାସ ଡେପୋଟି ଦର୍ଶନ କରୁଥିଲେ ପୁଲିସ ସାହେବ ତାଙ୍କୁ ( ତୁମ୍ଭୁ କୌଣ ହେଉଲେ ଯାଓ ) ହୁକମରେ କହି ବାହା ଧରି ଟାଣି ଆଣିଲେ । ବାବୁ ମହାଶୟ ଆପଣାକୁ ଡେପୋଟୀ ହୋଇ ପରିଚୟ ଦେଲେ ସୁଦ୍ଧା ସାହେବ ଅଗ୍ରାହ୍ୟ କରି ସ୍ଥାନାନ୍ତରିତ ହେବାର ଆଦେଶ ଦେଲେ । ବାବୁ ଅପମାନିତ ହୋଇ ସେଠାରେ ବଡ଼ ସାହେବଙ୍କୁ ଏତ୍ତଲା ଦେଲେ । ବଡ଼ ସାହେବ ଶୁଣି ଅଶ୍ରୁ ବୁଝିବା କହି ବାବୁଙ୍କୁ ବିଦାୟ ଦେଲେ । ପରେ ମହାପ୍ରଭୁ ବଙ୍କେ ହୋଇ ସିଂହଦ୍ୱାରରେ ଉପସ୍ଥିତ ହେବା ମାତ୍ର ଶ୍ରୀ ଠାକୁରାଣୀ ଆସି କବାଟ ବନ୍ଦ କଲେ କିଛିକ୍ଷଣ ପରେ କବାଟ ଫିଟି ମହାପ୍ରଭୁ ବଙ୍କେ ହେଲେ । ଭିତର ପଣ୍ଡିମାନେ ଶାଉ ଲକ୍ଷ୍ମୀଙ୍କଣ ବନାପନା ଓ ଗରୁଡ଼ ଗୋବନ ବନାପନା କରି ମହାପ୍ରଭୁ ଜୟ ବିଜୟ ଦ୍ୱାରସ୍ଥ ହେବା ସମୟେ ଶ୍ରୀ ଠାକୁରାଣୀ ଆସି କବାଟ ବନ୍ଦ କଲେ ଲକ୍ଷ୍ମୀଠାକୁରାଣୀଙ୍କ ତରଫରୁ ଦେବଦାସୀମାନେ କବାଟ ଅରପାଖେ ଥାଇ ଶ୍ଳୋକ ପାଠ କଲେ ଯଥା,—

ବ୍ରହ୍ମାଦଦ ସମାଗତୋ ନ ଭବ ଶ୍ରୀଶ୍ରିମ୍ ମଣ୍ଡପଃ
ସନ୍ଧ୍ୟାକ ଯୁବତୀବୃନ୍ଦୋ ବଦଧ ନୃତ୍ୟ ଗୀତୋତ୍ସବଃ
ଇଦଂ ହରିହଣୀ ଶୃହଂ ନୟନ ନୀରପସ୍ପନ୍ଦିତଂ
ନ ଭଜନ ସୁବାସିତଂ ସପଦ ଇନ୍ଦୁ ଯାହି ପ୍ରଭୋ ।

ମହାପ୍ରଭୁଙ୍କ ତରଫରୁ କତକବା ହେଲା ଏହି ପରି ପରସ୍ପର କଥୋପକଥନ ପରେ କବାଟ ଫିଟିଲା ପ୍ରଭୁ ବଙ୍କେ କଲେ । ଭଣ୍ଡାରଦ୍ୱାରଠାରେ ଠାକୁରାଣୀ ବଙ୍କେ କଲେ ମହାପ୍ରଭୁ ସେଠାରେ ଆସି ବଙ୍କେ କଲେ । ସେଠାରେ କବାଟ ସମୟର ଶିଳଠିଅଳ ଫିଟିବାର ଗୀତ ହୋଇଗଲା ।

ମହାପ୍ରଭୁ ବଙ୍କେ କରି ସିଂହାସନାରୂଢ଼ ହେଲେ । ସେନାପଟ୍ଟାମାନ ଠାକୁରମାନଙ୍କ ଶ୍ରୀ ଅଙ୍ଗରୁ ଫିଟିଲା । ଠାକୁରମାନେ ଦୃଢ଼ରୂପେ ଲୁଚା ହେଲେ । ସିଂହାସନ ଶ୍ରୀର ଫିଟିଲା । ଠାକୁରମାନଙ୍କର ମହାସ୍ନାନ କରିଲେ । ଏଥି ଉପରେ ଠାକୁରମାନଙ୍କର ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ହୋଇଥିଲା । ସିଂହାସନାରୂଢ଼ ଠାକୁରମାନଙ୍କର ଚଳନ ଲାଗି ବଡ଼ ସିଂହାର ବେଶ ଓ ଭୋଗ ଇତ୍ୟାଦି କରିଗଲା । କରୁଣାକର ରଥ ଯାତ୍ରା ନୀତି ଏଠାରୁ ସମାପ୍ତ ହେଲା ।

ତା ୩୧ ରଖେ ଡେପୋଟୀ ବାବୁ ଦରଖାସ୍ତ ଦେବାରୁ ବଡ଼ ସାହେବ ପୁଲିସ ସାହେବଙ୍କୁ କଇଫିୟତ ତଲବ କରିବାରୁ ସାହେବ ମହାଶୟ ଭକ୍ତ କାର୍ଯ୍ୟ କରିଥିବାର ସ୍ୱୀକାର କରି ସନ୍ତୋଷଜନକ କଇଫିୟତ ଦେଇଅଛନ୍ତି । ଏ ମକଦମାର ଅବସ୍ଥା ଯାହା ହେବ ଏପରି ଜଣାଇବୁ ।

ଗଇଲ ମାସ ତା ୧ ରଖ ଶନିବାର ଦିନ ୭ ଟା ସମୟରେ ବଡ଼ଦେଉଳରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି ସମୟରେ ଅବକାଶ ହୋଇଥିବା ଠାକୁରଙ୍କ ନିକଟସ୍ଥ ଲୁହା ଶିକୁଳ ଓ ଦୀପ ଛୁଟି ଗୋଟିଏ ପୂଜା ପଣ୍ଡାଙ୍କ ମୁଣ୍ଡରେ ପଡ଼ିଲା ଯେ ପଣ୍ଡାର ମୁଣ୍ଡ ଫାଟି ହୋଇ ରକ୍ତପାତରେ ଅଜ୍ଞାନ ହେଲା । ତାଙ୍କୁ ଲୋକେ ଲାଗି ଉଠାଇ ଘରେ ନେଇ ଛାଡ଼ି ଦେଲେ । ଠାକୁରମାନେ ରଥ ଉପରରୁ ଆସିଲେ ସିଂହାସନଠାରୁ ଗରୁଡ଼ଙ୍କ ପର୍ଯ୍ୟନ୍ତ ଭିତର ଓ ଉପର ଚତୁଃପାର୍ଶ୍ୱ ଏ ସମସ୍ତ ପରିଷ୍କାର କରିବାର ତୁଳସୀମାନଙ୍କର କର୍ତ୍ତବ୍ୟ କର୍ମ ବୋଲି ପୂର୍ବରୁ ଦସ୍ତୁର ଅଛି । ଯେଉଁ ଲୁହା ଶିକୁଳ ଦନ୍ତରେ ବନ୍ଧା ହୋଇଥିଲା ସେ ଦଉଡ଼ି ବଦଳାରେ ନୂଆ ଦଉଡ଼ି ନ ହେବାରୁ ଏପରି ଘଟିବାର ଶୁଣାଯାଏ । ଏ ତ୍ରୁଟି କେବଳ ତୁଳସୀମାନଙ୍କର ବୋଲି କଥିତ ହୁଏ ।

---

। ବ । ରଣପୁରର ବନ୍ଦୋବସ୍ତ ।

( ଗତ ପ୍ରକାଶିତ ପତ୍ରରୁ )

୧୦ । ଅପୀଲ—ଗତ ବର୍ଷ ମଇମାସଠାରୁ ଏହି ଗଡ଼ଜାତ ଅଦାଲତରେ ସରେଜମୀ ଏବଂ ଅପୀଲବିଭାଗମାନ ସ୍ଥାପିତ ହୋଇଅଛି । ଫୌଜଦାରି ଇଲକାରେ ନ ୧ ମୂର ଦେଓ୍ୱାନୀ ଇଲକାରେ ୨୭ ମୂର ଏରୂପ ମୋଟ ୨୭ ମୂର ଅପୀଲ ମୋକଦ୍ଦମା ଦାଏର ହୋଇଥିଲା ଫୌଜଦାରି ଅପୀଲ ୨୧ ମୂର ଦେଓ୍ୱାନୀ ଅପୀଲ ୨୧ ମୂର ଏରୂପ ୨୨ ମୂର ଅପୀଲ ମୋକଦ୍ଦମା ଫଇସଲ ହୋଇ ନିମ୍ନ ଅଦାଲତର ହୁକୁମ ବାହାଲ ରଖାଯାଇ ଥିଲା । ବାକି ନ ୫ ମୂର ମୋକଦ୍ଦମା ବିଚାରାଧୀନରେ ବାକିଅଛି ।

୧୧ । ରେଜେଷ୍ଟ୍ରି—ଗତ ବର୍ଷ ସେପ୍ଟେମ୍ବର ମାସଠାରୁ ଏ ରାଜ୍ୟରେ ରେଜେଷ୍ଟ୍ରି ଆଇନ ଜାରି ହୋଇ ଯାଇଅଛି । ଏଥିପୂର୍ବେ ଦସ୍ତାବିଜମାନ ନିୟମିତରୂପେ ରେଜେଷ୍ଟ୍ରି ହେଉ ନ ଥିଲା ଏବଂ ରଯ୍ୟତ ଜମି ଖରିଦ ବିକ୍ରି ବନ୍ଧା ବଗେର ହେଉ ଥିଲେହେଁ ତାହା ଗୁପ୍ତରୂପେ ରାଜସରକାରଙ୍କ ଗୋଚରରେ ଅପ୍ରକାଶ ଥିଲା । ସମ୍ପ୍ରତି ଏହି ରେଜେଷ୍ଟ୍ରି ନିୟମ ବନ୍ଧୋବସ୍ତ ହେବାଦ୍ୱାରା ପ୍ରଜାମାନେ ନିର୍ଭୟରେ ଆପଣା ସ୍ୱତ୍ୱ ଖରିଦ ବିକ୍ରି କରିବାକୁ ସକ୍ଷମ ହେଉ ଅଛନ୍ତି ଏବଂ ଉଦ୍ୟାସ ବିଦେଶ ପୁରୁଷର ମହାଜନ ସାହୁକାର ରାଜାଙ୍କ ଗୋଳମାଲ ଭୟ ହେଉଥିବାର ମଧ୍ୟ ଦେଖାଯାଏ । ଗଡ଼ର ଇଲକାର ପ୍ରଜାମାନେ ଏହି ରାଜଗି ଇଲକାରେ ରଯ୍ୟତ ଜମି କ୍ରୟ କଲେ ଏହି ଇଲକା ପ୍ରଜାମାନଙ୍କ ପରିବାର ପ୍ରଥାନୁସାରେ ବେଠି ଓ ମାଗଣ ପଡ଼ିଲ ସକାଶ ବାଧ୍ୟ ଅଟନ୍ତି ମାତ୍ର ଉକ୍ତ ଗଡ଼ର ଇଲକା ପ୍ରଜାମାନେ ସହଜରେ ଏହିବିଷୟରେ ସମ୍ମତ ହେବାର ଦେଖାଯାଉ ନାହିଁ ଏବଂ କେହି ସମ୍ମତ ଥିଲେ ସୁଦ୍ଧା ସେମାନଙ୍କୁ ତଲବ କରି ଯାଇ ଉକ୍ତ କର୍ମମାନ ସମାଧା କରିବା ସହଜ ନୁହେଁ, ଏଥି ସକାଶେ ଗଡ଼ର ଇଲକା ପ୍ରଜାମାନେ ଏ ଇଲକାର ଜମି କ୍ରୟ କରିବାକୁ ଇଚ୍ଛା ଥାଇଁ ମଧ୍ୟ ସାହସୀ ହେଉ ନାହାନ୍ତି । ଏବିଷୟରେ ଗୋଟିଏ ମୀମାଂସା କରିଦେବା ଉଚିତ ଏବଂ ତାହା ନ ହେବା ପର୍ଯ୍ୟନ୍ତ ଏଠା ରେଜେଷ୍ଟ୍ରି ନିୟମ ଗଡ଼ର ପ୍ରଜା ମହାଜନମାନଙ୍କ ପକ୍ଷରେ ଫଳପ୍ରଦ ହେବ ନାହିଁ । ଗତବର୍ଷ ମୋଟରେ ନ ୩୩ ମୂର ଦସ୍ତାବିଜ ରେଜେଷ୍ଟ୍ରି ହୋଇଥିଲା ଏଥି ମଧ୍ୟରୁ କବଲା ୨୭ ମୂର, ସମର୍ପଣପତ୍ର ୨୪ ମୂର ଓ ମୂଲ୍ୟାର ନାମା ୨୧୨ ମୂର ଅଟେ । ମୋଟରେ ଟ ୨୦୯୬/୦ ଦାମର ଦସ୍ତାବିଜମାନ ରେଜେଷ୍ଟ୍ରି ହୋଇଅଛି । କ୍ରମଶଃ

---

# ସାପ୍ତାହିକ ସଂବାଦ ।

ଗତ ସୋମବାର ଏଠାରେ ଗ୍ରହଣ ରେଭେନ୍ସ କଲେଜ ପରୀକ୍ଷା ହେଇଥିବାରେ ଆଜ ହୁଗଳି ବର୍ଷ ଏହି ଜଣେ ସୁଦ୍ଧା ଉତ୍ତୀର୍ଣ୍ଣ ହୋଇ ପାରିଲେ ନାହିଁ । ପ୍ରଭୁ ସୁଜନ ସୁନର ଓ ଏତ ସହଜ ସ୍ୱର ଏହିଲାଗି ପରୀକ୍ଷାର୍ଥୀଙ୍କ ନିକାସ

ଅପକ୍ଷତା କିମ୍ବା ପରୀକ୍ଷକଙ୍କ କୃପଣତା ଏ ଅସନ୍ତୋଷଜନକ ଫଳର କାରଣ ହୋଇ ପାରେ । ଶୁଣିବାରେ ପରୀକ୍ଷାର୍ଥୀ ପୁନଃ ବିଚାରର ପ୍ରାର୍ଥନା କରିବାକୁ ବସିଥ ଅଛନ୍ତି ।

କୃଷ୍ଣଲାଲ ଗୋସାଇଁ ଓ ମଦନ ବାଇ ମୋକଦ୍ଦମାରେ ଜଜସାହେବ ବାବୁ ରମାକ୍ଷୟ ଗଙ୍ଗୋପାଧ୍ୟ ଡେପୁଟୀ ମାଜିଷ୍ଟ୍ରେଟଙ୍କ ରାୟ ରଦ ହୋଇ ମଦନ ବାଇ ଖଲାସ ପାଇଅଛି । ଡେପୁଟୀଙ୍କ ବିଚାରରେ ସାହେବ ଅନେକ ଦୋଷ ଦେଖାଇ ଦେଇଅଛନ୍ତି ।

ପୁରୀର ମିଉନିସିପାଲ ଭାଇସେଶା ବାବୁ ଗୋପୀମୋହନ ଦେ ଯେଉଁ ଘୁଷ ମୋକଦ୍ଦମାରେ ଦଣ୍ଡ ପାଇଥିଲେ ଜଜ ସାହେବଙ୍କ ବିଚାରରେ ଖଲାସ ପାଇଅଛନ୍ତି । ବାବୁ ପ୍ରାଣକୃଷ୍ଣ ରାୟ ଡେପୁଟୀ ଏ ମୋକଦ୍ଦମାର ବିଚାର କରିଥିଲେ ଏବଂ ତହିଁରେ ଅନେକ ଦୋଷ ଥିଲା ।

ବର୍ଷା ନ ହେବାରୁ ଗ୍ରାମସ୍ଥ ଲୋକଙ୍କ ମନ ପ୍ରଫୁଲ୍ଲ ହେଉ ନାହିଁ । କଥିତ ପ୍ରାୟ ଜରୁରି ଗଛଣି କଳି ଶାଗଧ ପକ୍ଷରେ ଏତକ ହୋଇଯାଇ ପାରେ ଯେ କେବଳ ପ୍ରାଣ ମାତ୍ର ରହିଅଛି ।

ଏଠା ପୋଷ୍ଟମାଷ୍ଟର ବିଜ୍ଞାପନ ଦେଇଅଛନ୍ତି କି ବଦୋବସ୍ତ କୌଣସି ପାର୍ଶଲ ପଠାଇବାକୁ ହେଲେ ପ୍ରତି ସୋମ ବାର ଅପରାହ୍ନ ସ ୪ ଘଣ୍ଟା ପୂର୍ବରେ ଏଠା ଡାକଘରରେ ଅର୍ପଣ କରିବାକୁ ହେବ ।

କଟକ ମେଡ଼ିକେଲ ସ୍କୁଲର ନିମ୍ନଲିଖିତ ଛାତ୍ରମାନେ ସନ ୧୮୮୫ ସାଲର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଯଥା ।—ସତେନ୍ଦ୍ର ଚାଟୁର୍ଯ୍ୟା, ଦଶରଥ ଦେ, ସୁବୋଧ ମୋହନ ଅଧଡ୍ୟ, ବୈଷ୍ଣବଚରଣ ସାହୁ, ବହ୍ମାଦତ୍ତର ବସୁ, ମଦନମୋହନ ପଟ୍ଟନାୟକ, ମୃତ୍ୟୁଞ୍ଜୟ ବସୁ, ଲକ୍ଷ୍ମୀନାରାୟଣ ନାୟକ, ଚନ୍ଦ୍ରଶେଖର ମହାପାତ୍ର, ବ୍ରଜମୋହନ ମହାନ୍ତି ଓ ନାରାୟଣପ୍ରସାଦ ଗୁପ୍ତ ।

ଏ ନଗରରେ ଓଲାଉଠା ରୋଗ ପୂନ ପ୍ରାୟ ଯଦି ଉଠି ଅଛି ଏବଂ ଲୋକଙ୍କ ଭୟ ବୃଦ୍ଧି ହେଉଅଛି । ଏ ସପ୍ତାହ ଅବଧିରୁ ପ୍ରାୟ ବୃଷ୍ଟି ହେବାର ଦେଖା ନାହିଁ ଏବଂ ଗ୍ରୀଷ୍ମ ଅଧିକ ହେବାରୁ ପୀଡ଼ା ବଢ଼ିବାର ଅନୁମାନ ହୁଅଇ ।

କେନ୍ଦ୍ରାପଡ଼ାର ଦୁଇ ବଡ଼ ଜମିଦାରଙ୍କର ଯେଉଁ କଳହ ଲାଗିଥିଲା ତହିଁରେ ଶ୍ରୀ ଚୌଧୁରୀ ହରେକୃଷ୍ଣ ଦାସଙ୍କ ପକ୍ଷର ପନ୍ଦରଜଣ ଅସାମୀ ପ୍ରତି ଟ ୫୨୦୮ଙ୍କା ଜରିମାନା ହୋଇ ଅଛି । ମୋକଦ୍ଦମା ଅପୀଲରେ ଦାଏର ଅଛି ।

ଗତ ଗୁରୁବାର କେନ୍ଦ୍ରାପଡ଼ା ସହରରେ ଗୋଟାଏ ଘର ପୋଡ଼ି ଗଲା ଧାରାଶ୍ରାବଣରେ ଘର ପୋଡ଼ି ଯିବା ନୂତନ ଦୁର୍ଘଟଣାର କଥା ବୋଲିବାକୁ ହେବ ।

ଯାଜପୁର ଅଞ୍ଚଳରେ ଜଣେ ଡାକହରକରା ଡାକ ନେଇ ଯାଉଥିବା ବାଟରେ ସନ୍ଧ୍ୟାରେ ଏକ ଗୌଡ଼ଣୀକ ଲୋଟବାକୁ ଡାକବୁଜୁଳା ସନ୍ଧ୍ୟାରେ ରଖିଦେଇ ନଇକୂଳକୁ ଟାଣି ନେଇ ଚଳାଇବାକୁ କରିବା ଅପରାଧରେ ଏହି ସପ୍ତାହର ପୌଷରେ ଦଣ୍ଡବର୍ଷ କାରାଦଣ୍ଡ ପାଇଅଛି । ଡାକ ଚର କରମାନେ ଏପରି କଲେ ଡାକ ବିଲମ୍ବ କାହିଁକି ନ ହେବ ।

ପୁରୀର ଡେପୁଟି କଲେକ୍ଟର ବାବୁ ପ୍ରାଣକୃଷ୍ଣ ରାୟ ପୀଡ଼ିତ ହେବାରୁ ଦୁଇମାସର ଛୁଟି ନେଇଅଛନ୍ତି ଏବଂ କଟକର ବାବୁ ଅଟଲବିହାରୀ ମୈତ୍ର ଡେପୁଟିକଲେକ୍ଟର ତାହାଙ୍କ କର୍ମରେ ନିଯୁକ୍ତ ହୋଇଅଛନ୍ତି ।

ଓଡ଼ିଶା ଗଡ଼ଜାତ ପୁଲିସର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଜର୍ଣ୍ଣାଲ ସାହେବ ବାଲେଶ୍ୱର ଜିଲ୍ଲା ପୁଲିସର ଭାର ବହିବାର ହୁକୁମ ପାଇଅଛନ୍ତି ଏବଂ ଏଠା ଗଡ଼ଜାତ ପୁଲିସର ମହକୁମାର ଭାର ଏଠା ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶ୍ମିଥ୍ ସାହେବଙ୍କୁ ଅସ୍ଥାୟୀରୂପେ ଅର୍ପିତ ହୋଇଅଛି ।

ମେଦିନୀପୁର ପୁଲିସର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ଗୋପାଳଚନ୍ଦ୍ର ମଲ୍ଲିକ ହିଜିଲିକୁ ବଦଳି ହୋଇ ଉକ୍ତ ଜିଲ୍ଲା ପୁଲିସର ଭାର ପାଇଅଛନ୍ତି ।

କଣ୍ଟାକାଞ୍ଚିର ସବଡେପୁଟୀ କଲେକ୍ଟର ବାବୁ ଚଳ ଗମ ଘୋଷ ଫଉଜଦାରୀ ମୋକଦ୍ଦମାରେ ସାକ୍ଷୀଙ୍କ ଜବାନବନ୍ଦୀ ଇଂରାଜୀ ଭାଷାରେ ଲେଖି ନେବାର ଅଧିକାର ପାଇ ଅଛନ୍ତି ।

ପ୍ରଥମ ଶ୍ରେଣୀ ଅସିଷ୍ଟାଣ୍ଟ ଇଞ୍ଜିନିୟର ବାବୁ ମଲ ସାହେବ କଚାରିର କଟକ ସୁଖ ରେଲବାଟ ସରକେ ମହକୁମାକୁ ବଦଳି ହୋଇଅଛନ୍ତି ।

ବଙ୍ଗଦେଶର ବାୟବୀୟ ଘଟନାବଳୀର ପରୀକ୍ଷକଙ୍କ ବିଜ୍ଞାପନରୁ ଜଣାଯାଏ ଯେ ଗତ ଜୁଲାଇମାସରେ ବୃଷ୍ଟିର ପରିମାଣ ହାରାହାରି ବାର୍ଷିକ ପରିମାଣରୁ ପ୍ରାୟ ସକଳ ସ୍ଥାନରେ ଊଣା ଅଛି ଓଡ଼ିଶାରେ ପ୍ରାୟ ପାଞ୍ଚପଣ ଊଣା କେତେକ ସ୍ଥାନରେ ସାମାନ୍ୟମାତ୍ର ଊଣା ଅଛି । କିନ୍ତୁ ମେଘଅଡ଼ରର ସ୍ପଷ୍ଟ ସମାନ ପଡ଼ିଅଛି । ଏଥିରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ସର୍ବତ୍ରରେ ନିୟମିତରୂପେ ବୃଷ୍ଟି ହେଉଥିଲେହେଁ ଜଳ ଅଳ୍ପ ବର୍ଷୁଅଛି ଖାଣ ଅଣ୍ଡା ବର୍ଷୁନାହିଁ ।

ଜର୍ମନିକ କେଉଁଠାରୁ ହାତ କରିବା ଅପରାଧରେ କଲିକତାର ଏକ ଉଦ୍ରସନ୍ତାନ ଚନ୍ଦ୍ରକାନ୍ତ ପାଲଙ୍କ ପାଶିଦଣ୍ଡ ହୋଇଥିବା କଥା ପାଠକଙ୍କୁ ଜଣାଅଛି । ବର୍ତ୍ତମାନ ସମ୍ପୂର୍ଣ୍ଣ ଉକ୍ତ ଦଣ୍ଡକୁ ଯାବଜ୍ଜୀବନ ଦ୍ୱୀପାନ୍ତର ବାସ ଦଣ୍ଡରେ ପରିଣତ କରିବା କାରଣ ଲେଫ୍ଟନାଣ୍ଟ ଗଭର୍ଣ୍ଣର ମହୋଦୟଙ୍କ ସମୀପରେ ଏକ ଆବେଦନପତ୍ର ଉପସ୍ଥିତ ହୋଇଅଛି । ଏ ଆବେଦନପତ୍ର ଅନ୍ୟୂନ ଛ ୭୫୦୦ ଶ ଲୋକଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଅଛି ଓ ସେମାନଙ୍କ ମଧ୍ୟରେ ଅନେକ ଇଂରାଜ ମଧ୍ୟ ଅଛନ୍ତି । ଚନ୍ଦ୍ରକାନ୍ତ ପାଲର ବୟସ କେବଳ ୨୧ ବର୍ଷ । ସେ ଜଣେ କଲିକତାର ମାନ୍ୟବାନ ଲୋକଙ୍କ ଦୁହିତାର ପାଣିଗ୍ରହଣ କରିଅଛି । ସ୍ତ୍ରୀର ବୟସ କେବଳ ୧୬ ବର୍ଷ ଏବଂ ଏହାଙ୍କ ଗର୍ଭରୁ ଚନ୍ଦ୍ରକାନ୍ତର ଫାଶୀ ପୂର୍ବେ ହେଇ ଗୋଟିଏ ସନ୍ତାନ ଜାତ ହୋଇଅଛି । ସ୍ତ୍ରୀ ବର୍ତ୍ତମାନ ଏକ୍ଟ ଘରେ ଅଛନ୍ତି ଏବଂ ସ୍ୱାସ୍ଥ୍ୟ ନିତାନ୍ତ ମନ୍ଦ । ଏମନ୍ତ କି ଏବେ ଯେବେ ସ୍ୱାମୀର ପ୍ରାଣଦଣ୍ଡର ଆଦେଶ ଶୁଣିଲେ ମୃତ୍ୟୁ ଘଟି ପାରେ । ଚନ୍ଦ୍ରକାନ୍ତ ପ୍ରାୟ ଚାରିବର୍ଷ ହେଲା ଉକ୍ତ ବେଶ୍ୟାକୁ ରଖିଥିଲା ଏବଂ ତାହାର ପ୍ରେମରେ ଅତଥା ଅସକ୍ତ ହେବାରୁ ଅନେକ ଲୋକ ସହବାସର ଈର୍ଷାରେ ଏ ଦୁର୍ଘଟନା ପ୍ରସବ ଜନ୍ମଇଛ । ଚନ୍ଦ୍ରକାନ୍ତର ପିତା ମାତା ବର୍ତ୍ତମାନ ଅଛନ୍ତି । ପିତାର ବୟସ ୬୦ ବର୍ଷ ଏବଂ ମାତାଙ୍କ ପ୍ରାୟ ୫୦ ବର୍ଷ ବୟସ ହେବ । ଏ ସମସ୍ତ ଘଟନା ପର୍ଯ୍ୟାଲୋଚନା କଲେ ଚନ୍ଦ୍ରକାନ୍ତ ଅବଶ୍ୟ କ୍ଷମାର ପାତ୍ର ହୋଇ ପାରେ ଅନନ୍ୟଗତି ଓ ଉନ୍ମତ୍ତାବସ୍ଥାରେ କାର୍ଯ୍ୟ କରିଅଛି କେବଳ ଏହି ହେତୁରୁ ବହୁତ ଲୋକ ତାହା ପ୍ରତି ଦୟା ଦେଖାଇବା ପ୍ରସ୍ତାବ କରୁଅଛନ୍ତି । ତଥାପି ଭରସା କରୁଁ ଉପରୋକ୍ତ ବିଷୟ ଏବଂ ଅସାମୀର ନିତାନ୍ତ ଅଳ୍ପବୟସ୍କତା ବିଚାର କରି ଲେଫ୍ଟନାଣ୍ଟ ମହୋଦୟ ଦୟା କରି ଏଥି ଲୋକଙ୍କର ଆବେଦନ ଗ୍ରାହ୍ୟ କରିବେ ।

ଗତ ଶୁକ୍ରି ଗ୍ରଯାନା ଦିନ ସମସ୍ତ ଭାରତବର୍ଷରେ ଯେଉଁ ଭୂମିକମ୍ପ ପ୍ରତ୍ୟକ୍ଷ ହୋଇଥିଲା ତାହା ବ୍ରହ୍ମଦେଶ ଅକ୍‌ଯାବ ଠାରେ ମଧ୍ୟ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ ।

ଜେନେରେଲ ଉକର୍ଟିଙ୍ଗ୍ ସାହେବ ଭାରତବର୍ଷର ସୈନ୍ୟ ଅଂଶ ପଦରେ ନିଯୁକ୍ତ ହେଲେ ତାଙ୍କ ସ୍ଥାନରେ ସର୍ ପିଟର ଲମ୍‌ସଡ଼ନ ସାହେବ ନିଯୁକ୍ତ ହେବେ ବୋଲି ଜନରବ ଉଠିଅଛି । ଏହି ଲମସ୍‌ଡ଼ନ ସାହେବ ଅଫଗାନ ସ୍ଥାନର ସୀମା ନିରୂପଣ କରିବାରେ ନିଯୁକ୍ତ ଥିବା କମିଶନର ସଭାପତି ଏବଂ ପାଠକଙ୍କ ମଧ୍ୟରେ ପରିଚିତ ଅଟନ୍ତି ।

ସିମଲାଠାରୁ ସମ୍ବାଦ ମିଳଇ ଯେ ଯୁଦ୍ଧ ହେବାର ଠିକ ହେଲେ ବଡ଼ଲାଟ ମହୋଦୟ ଶୀତକାଳ ସେଠାରେ ବାସ କରିବେ । ନୋହିଲେ ଆଗାମୀ ନବମ୍ବର ମାସରେ କଲିକତାକୁ ବାହୁଡ଼ି ଆସିବେ ।

ଖାନ୍ଦେଶ ଅନ୍ତର୍ଗତ ମାହମିଦଲ ଜଙ୍ଗଲରେ ଭିଲଜାତୀୟ ଗୋଟିଏ ବାଳକ ଗୋରୁ ଚରାଉଥିବା ସମୟରେ ଏକ ବାଘ ତାହାର ଗୋରୁଙ୍କ ମଧ୍ୟରୁ ଗୋଟିକୁ ନେଇ ପଳାଇ ଗଲା । ବାଳକଟି ଗୋରୁକୁ ଉଦ୍ଧାର କରିବା ଆଶାରେ ବାଘ ଉପରକୁ ପଥର ଫୋପାଡ଼ନ୍ତେ ବାଘ ଗୋରୁକୁ ଛାଡ଼ି ବାଳକକୁ ଝାମ୍ପି ତାହାର ଗଳାରେ ମୁଁହ ଲଗାଇ ଦେଲା । ନିକଟବର୍ତ୍ତୀ ଜଣେ ମେଷପାଳକ ବାଳକର ଏରୂପ ଦୁର୍ଦ୍ଦଶା ଦେଖି ଦଉଡ଼ି ଆସି ଆପଣାର ଏକହାତରେ କୁରାଢ଼ିଦ୍ୱାରା ବାଘ ମୁହଁରେ ଭର୍ତ୍ତି କରିଦେଇ ଅପର ହାତରେ ବଳପୂର୍ବକ ବାଘମୁହଁ ମେଲକରି ଦେବାରୁ ବାଳକଟି ଖସି ଆସିଲା ମାତ୍ର ମେଷପାଳକର ହାତ ତାହା ମୁହଁରେ ରହିଗଲା । ତହୁଁ ମେଷପାଳକର ପରାମର୍ଶ ଅନୁଯାୟୀ ବାଳକଟି କତ୍ରୀ ଦେଇ ଓ ପଥରଦ୍ୱାରା ବାଘକୁ ଆଘାତ କରନ୍ତେ ବାଘ ଅସ୍ତବ୍ୟସ୍ତ ହୋଇଗଲା । ମେଷପାଳକ ହାତ ଖସାଇ ଆଣିଲା ଏବଂ ବାଘ ସେହିଠାରେ ପଞ୍ଚତ୍ୱପ୍ରାପ୍ତ ହେଲା । ବାଳକ ଓ ମେଷପାଳକର ସାହସ ଏବଂ ଉପସ୍ଥିତବୁଦ୍ଧି ପ୍ରଶଂସନୀୟ ।

ବ୍ରହ୍ମଦେଶ ମାଣ୍ଡଲେଠାରେ ଏକ ଦେବହସ୍ତୀ ମୃତ ହେବାରୁ ତନତକାଳ ସଙ୍ଗୀତ ଉତ୍ସବ ମହା ସମାରୋହରେ ତାହାର ସମାଧିକ୍ରିୟା ସମ୍ପନ୍ନ ହୋଇଥିବାର ସମ୍ବାଦ ମିଳଇ । ଏ ସମାରୋହରେ ଦୁଇଶତ ହସ୍ତୀ ସୁସଜ୍ଜିତ ହୋଇ ସମାଧି ସ୍ଥାପନ ପର୍ଯ୍ୟନ୍ତ ଯାଇଥିଲେ ଏବଂ ଛ ୭୦୦ ଶ ସିପାହି ମୃତହସ୍ତୀର ଶବ ଲଦା ହୋଇଥିବା ଗାଡ଼ି ଟାଣିଥିଲେ । ଏଥିରେ ସର୍ବସୁଦ୍ଧା ଟ ୩୦୦୦୦ଙ୍କା ଖର୍ଚ୍ଚ ହୋଇଥିବାର କଥିତ ହୁଏ ।

କଲିକତାଠାରେ ଏକ କୌତୁକଜନକ ଅତ୍ୟଦ୍ଭୁତ ଘଟଣା ହୋଇଥିବାର ସମ୍ବାଦ ମିଳଇ । ଛବାରଣ ଓରଫ କାଲୀ ନାମକ ଏକ ବେଶ୍ୟା ଆପଣାର ନାଗରକୁ ତାହାର ପୁତ୍ର ରକ୍ଷିତା ବେଶ୍ୟା ସଙ୍ଗେ ଆସକ୍ତ ଥିବାର ଦେଖି ଅନେକ ଗୁଡ଼ାଏ ଅଫିମ ସେବନ କରି ଜୀବନ ହରାଇ ଅଛି ।— ବେଶ୍ୟା ପକ୍ଷରେ ଏହା ଅପୂର୍ବ କଥା ନୁହେ ?

ଖାନ୍ଦେଶ ଅଞ୍ଚଳରେ ବୃଷ୍ଟିର ଅଭାବ ହେତୁରୁ ଦୁର୍ଭିକ୍ଷର ଆଶଙ୍କା ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ ।

## ଯାଜପୁର ସମ୍ବାଦ ।

ବର୍ତ୍ତମାନ ଏ ଅଞ୍ଚଳରେ ପ୍ରତିଦିନ ସାମାନ୍ୟରୂପେ ବୃଷ୍ଟି ହେଉ ଅଛି ଅବଧି ପର୍ଯ୍ୟନ୍ତ ବୈତରଣୀ ନଦୀ ସମ୍ପୂର୍ଣ୍ଣରୂପେ ଏକଥର ସୁଦ୍ଧା ବୃଦ୍ଧି ହୋଇ ନ ଥିବାରୁ ଫସଲ ଅବସ୍ଥା ଭଲ ହୋଇ ପାରି ନାହିଁ ବର୍ତ୍ତମାନ ଅବସ୍ଥାରେ ନଦୀ ଜଳ କ୍ଷେତରେ ପ୍ରବେଶ କଲେ ଫସଲପକ୍ଷରେ ବିଶେଷ ଉପକାର ହେବାର ଆଶା କରଯାଏ । ପ୍ରଚୁର ବୃଷ୍ଟି ଅଭାବରେ ପୁଷ୍କରିଣୀ ଓ ଜଳାଶୟମାନ ଅବଧି ଜଳ ପୂର୍ଣ୍ଣ ହୋଇ ନା [illegible] ଓଲାଉଠା ରୋଗ ବର୍ତ୍ତମାନ ଏ ନଗରରେ [illegible] ମାତ୍ର ଜ୍ୱର ଓ ଅମାଶୟ ରୋଗର ପ୍ରକୋପ [illegible] ଅଛି । ସର୍ବ ପୂର୍ବବତ୍ ଦୁର୍ମୂଲ୍ୟ [illegible]

ସରକାର କଚେରୀ [illegible] କୁଳମାନ [illegible]

Split by PDF Splitter

Digitized by srujanika@gmail.com

Split by PDF Splitter



ଜାଣୁ ଥିବା ଓ ଭଣ୍ଡସନ୍ନ୍ୟାସୀମାନଙ୍କ ଅନେକସମୟରେ ଅପ୍ରମ କରି ଜାଲ ପ୍ରଭୃତି କରିବାରୁ କ୍ଷତ୍ରପ୍ରକାର ଦସ୍ୟୁସେବୀ କେତେକ ତାହା ଶଙ୍କରେ ଉପସ୍ଥିତ ହେବାରୁ ସେମାନଙ୍କଠାରୁ ଔଷଧ ଖରଚ ପୁରତ ଦଣ୍ଡ ଓ ପାଞ୍ଚଟଙ୍କା ଜରିମାନ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ନେଇ ସେମାନଙ୍କ ଉପରୁ ଅଭିଯୋଗ ଗୋଟା ଶେଷ କରି ଦେଇ ଅଡାଇ ୫ ୨୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନ କରି ଦେଇଅଛନ୍ତି ପଳାୟନ କରି ଅଛନ୍ତି ଓ ସେହିମାନଙ୍କ ଉପରେ ଏହି ପ୍ରୟୋଗ କରି ଥିଲା ସେମାନେ ପୂର୍ବପରି ଅଧିକ କ୍ଲେଶରେ ଜଳପାନ କରୁ ଅଛନ୍ତି । ଏପ୍ରକାର ଶଠ ବ୍ୟକ୍ତି କେହିଣସି ସ୍ଥଳରେ ଧୃତ ହୋଇ ଦଣ୍ଡନୀୟ ହେଲେ ବଡ଼ୋଷ ସୁଖର ବିଷୟ ହେବ ।

ସ୍କୁଲ ସମୂହର ଇନ୍‌ସପେକ୍ଟର ବାବୁ ରାଧାନାଥ ରାୟ ଓ ଡେପୁଟୀ ଇନ୍‌ସ୍ପେକ୍ଟର ବାବୁ ମଧୁସୂଦନ ରାଓ କୁଲବଦ୍ଧ ହେଇ ଏ ନଗରରେ ପ୍ରବେଶ ହୋଇ ଏ ସବଡିଭିଜନର ସମସ୍ତ ସ୍କୁଲ ଓ ପାଠଶାଳାମାନଙ୍କର ଛାତ୍ରମାନଙ୍କ ପରୀକ୍ଷା କରୁଅଛନ୍ତି ।

ପୁଲିସ ଇନ୍‌ସ୍ପେକ୍ଟର ବାବୁ ଜଗନ୍ନାଥ ବୋଷ ଏସବ୍‌ଡିଭିଜନ ନିଜ କଟକ ମୁକାମ ସଦର ସବ୍‌ଡିଭିଜନକୁ ଶାନାନ୍ତରିତ ହେବାରୁ ଏଠାର ସବ୍‌ଡିଭିଜନ ଶୂନ୍ୟ ଅଛନ୍ତି ବାବୁ ମହୋଦୟଙ୍କ ସ୍ୱଭାବ ଶୁଣାଣିରେ ପ୍ରାୟ ସମସ୍ତ ଲୋକମାନେ ସନ୍ତୋଷ ଥିଲେ ଓ ମଧ୍ୟ ତାଙ୍କ ପ୍ରତି ଉଚ୍ଚ ଅଧୀନସ୍ଥ ପୁଲିସ କର୍ମଚାରୀମାନେ କେହି ଅସନ୍ତୁଷ୍ଟ ନ ଥିଲେ ।

## ରଣପୁର ସମ୍ବାଦ ।

ଗତ ଚନ୍ଦ୍ରବର୍ଷର ରଥଯାତ୍ରା ଶୁକ୍ଳ ମାସ ତା ୧୮ ଦିନଠାରୁ ଆରମ୍ଭ ହୋଇ ତାଙ୍କ ଦିନରେ ଶେଷ ହେବ । ଶ୍ରୀଶ୍ରୀ ଜଗନ୍ନାଥ ଦେବ ରଥାରୂଢ଼ ହୋଇ ଉତ୍ତରରେ ଗୁଣ୍ଡିଚା ମଣ୍ଡପରେ ଅବତୀର୍ଣ୍ଣ ହେଲେ ଶ୍ରୀଜିଉଙ୍କୁ ଏଠାରେ ଭୋଗ କରିବାକୁ ହୋଇଥିଲା ! ପରେ ଦେବଙ୍କୁ ବାହୁଡା କରାଯିବାରୁ ଏ ଉପଲକ୍ଷରେ ପ୍ରତିଦିନ ରଜା ନାଟ୍ୟ ଅଭିନୟମାନରେ ସମବେତ ହୋଇ ରାତ୍ରି ଦଶଟାଠାରୁ ରାତ୍ରି ଶେଷ ପର୍ଯ୍ୟନ୍ତ ସଙ୍ଗୀତ ଗୀତ ଗାୟନ ଆମୋଦ ଦେଖନ୍ତି ଏ ନାଟ ଦେଖିବା ଲୋକ ବହୁତ ଏହା ମଧ୍ୟରେ ତ୍ରିପୁରାର ଜମିଦାରୀ କର୍ମଚାରୀ ପ୍ରଥମ ଏ ଏବ ନୂତନ ଅଭିନୟ ବାବୁ ଓ ଦେଶୀ ବାବୁ ପ୍ରାୟ ଗୀତ ଗାଇ ଅଛନ୍ତି । ଏପରି ଭାବରେ ସ୍ତ୍ରୀ ଅଧିକ ଥିଲେହେଁ ଏକତ୍ର ରଂଗଶାଳା ଅର୍ଥାତ ବସୁଲ ଓ ଜ୍ଞାନାର୍ଜ୍ଜନ ପ୍ରସଙ୍ଗ ତାହାର ଭାବନ ସାହିତ୍ୟ ଶୋଭାସମ୍ପାଦନ କରୁଥିବ ଅତ୍ୟନ୍ତ ନାନାପ୍ରକାର ବହୁରୂପିଙ୍କ ପ୍ରଦର୍ଶନ ଦେଖାଯାଇଥିଲା ଯଥା ପ୍ରଥମ ଭଜନରେ ଶ୍ରୀକୃଷ୍ଣଚନ୍ଦ୍ର ମହାପ୍ରଭୁଙ୍କ ସୁବଳସ୍ଥାଙ୍କ ଅଶ୍ବାରୋହଣ ହୋଇଥିଲା ସେ ତାହାର ଦୃଶ୍ୟ ଅତି କମନୀୟ ଅଟେ ଏହା ଶ୍ରୀ ବାବୁ ଗୌରଚନ୍ଦ୍ର ସେନ ଦେଉଁଆନଙ୍କ ପୃଷ୍ଠପୋଷକତାରେ ସମ୍ପାଦିତ ହୋଇଥିଲା ୨୧ ତିଥି ଦିନରେ ଲକ୍ଷ୍ମୀ ସଭାମଣ୍ଡପ ଗଣେଶପୂଜା ଓ ଶିବ ଶଯ୍ୟା ଉତ୍ସବରେ ମଧୁର ବାଦନରେ ବାର୍ଷିକ ନାଟ ଉତ୍ସବ ସମ୍ପନ୍ନ ଶିବ ଓ କଳସ ପାର୍ଶ୍ୱରେ ଲକ୍ଷ୍ମୀ ସରସ୍ୱତୀ ଦଶାବତାର ପ୍ରକାର ଦେଖାଯାଇ ଏମାନଙ୍କର ବାଳକମାନଙ୍କୁ କେତେକ ଦେଖାଇ ଦେଉଥିଲେ ଉପରେ ଦଶାବତାର ଦୃଶ୍ୟ ହୋଇଥିବାରୁ ପ୍ରଥମରେ ଦେବେ ଭାଷ୍ୟ ଦିଆ ମୂର୍ତ୍ତିକା କେତେ ଜନ କରି [illegible] ଏସମସ୍ତ ଏ ଦେଉଁଆନ କୃଷ୍ଣଚନ୍ଦ୍ର ମହାଶୟଙ୍କ ଯତ୍ନରେ [illegible] । ଉପରୋକ୍ତ ପ୍ରଦର୍ଶନମାନ ଦର୍ଶକମାନଙ୍କର [illegible] ବାରୁ ସେମାନେ ବାବୁମାନଙ୍କୁ ଶତ [illegible] ପ୍ରଶଂସା ଏପରି ସମସ୍ତଙ୍କରୁ [illegible] ର ରଥଯାତ୍ରା ଉତ୍ସବ [illegible] ଓ

ଅଜ୍ଞାନାନ୍ଧ ମୂର୍ଖଲୋକମାନଙ୍କ ଜନ୍ମିଥିବାରୁ କୌଣସି ଦୁର୍ଘଟଣାମାନ ଘଟୁ ନାହିଁ ଏହା ସନ୍ତୋଷରେ ଦେଉଁଆନ ମହୋଦୟଙ୍କର ସାଧୁବାଦ ଅଟେ ।

ଏ ଅଞ୍ଚଳରେ କତ୍ତୁ ଦିବସରୁ ପ୍ରବଳବୃଷ୍ଟି ନ ହେବାରୁ ଚେନ୍ଦ୍ରା କେତୁଣ ବାର୍ଦ୍ଧ୍ୟ ଅଟେ ହୋଇ ନାହିଁ ଏବେରୁ ସେମାନଙ୍କର ତାଳଦୋଳ ପଡୁଅଛି ଆଜ ଗଛଳର ଜଳ ତଡ଼ା ହେଲେ ମଧ୍ୟ ମିଳୁ ନାହିଁ ଏବେରୁ କଣିଶିଅମାନେ ନିତାନ୍ତ ବିବର୍ଣ୍ଣ ହେଉଅଛନ୍ତି ।

ବାବୁ ଗୌରଚନ୍ଦ୍ର ସେନ ଅଞ୍ଚଳରେ ତହସିଲଦାର କାର୍ଯ୍ୟର ଗର୍ଭ ବୁଝାଇ ଦେଇ ଅଛି ଡଠଡମାସ ତା ୭ ଦିବସରେ ଏ କଷ୍ଟର ଦେଉଁଆନଙ୍କର ଗ୍ରହଣ କରିଅଛନ୍ତି ।

ଏଦେଶୀୟ ଅନ୍ତର୍ଗତ କେତେ ଗ୍ରାମରେ ଓଲଉଠା ରୋଗ ପ୍ରବଳ ହୋଇଅଛି ।

## ପ୍ରେରିତପତ୍ର ।

**ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।**

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ତା ୧ ଲା ଅଗଷ୍ଟ ପତ୍ରିକାରେ ଆପଣଙ୍କ ଜଣେ ବନ୍ଧୁଙ୍କ ପତ୍ରରେ ଲେଖାଅଛି ଯେ "ବିଶ୍ୱାସସୂତ୍ରେ ଅବଗତ ହେଲୁଁ ଯେ କମିଟୀର ଜଣେ ସଭ୍ୟ ଚତୁର୍ଭୁଜ ବାବୁ ଆପଣା ପାଣ୍ଡୁଲିପିଗଣ୍ଡି ସ୍ମୃତିଜନ୍ୟଦରେ ନେଇ ଦୋଷାଂଶମାନ ସଂଶୋଧନ କରିଦେବା ନିମିତ୍ତ ସଭ୍ୟମାନଙ୍କୁ ବାବାନୁବାଦରୂପେ ବହୁତ ଅନୁରୋଧ କଲେ ।" ଜାଣେ ଏହି ବଚନରେ କୌଣସି କୌଣସି ପାଠକଙ୍କ ମନରେ ଚତୁର୍ଭୁଜ ବାବୁଙ୍କ ସମ୍ବନ୍ଧରେ ସନ୍ଦେହ ଜନ୍ମିପାରେ, ଏଣୁ ଅନୁସନ୍ଧାନ କରି ଯାହା ନିରୂପଣ କରିଅଛୁଁ ତାହା ପ୍ରକାଶ କଲୁଁ ।

ରାମକୃଷ୍ଣ ବାବୁଙ୍କ ଶରୀର ରକ୍ଷା, ଯଦୁନାଥ ବାବୁଙ୍କ ଶରୀରପାଳନ ଓ ସରଳ ଶରୀରପାଳନ କମିଟୀଙ୍କ ହସ୍ତଗତାନରେ ଥିଲା । ଏଥିର ରଚୟିତା ବାବୁ ସଲ ନାୟକ ଓ ଚତୁର୍ଭୁଜ ବାବୁ । ଯେଉଁଦିନ କମିଟୀ ବସିଲା ସେଦିନ କେତେକ ଅସୁବିଧାବଶତଃ ଓ ନିଜର ପାଣ୍ଡୁଲିପି ଅଛି ବୋଲି ଚତୁର୍ଭୁଜ ବାବୁ ବିଳମ୍ବରେ କମିଟୀରେ ଉପସ୍ଥିତ ହେଲେ ଏବଂ ତାହାଙ୍କ ପହଞ୍ଚିଲା ବେଳକୁ କମିଟୀ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ନିର୍ଦ୍ଧାରଣ ନିଷ୍ପତ୍ତି କରି ରଖିଥିଲେ । କେବଳ ସମ୍ପାଦକ ଉକ୍ତ ନିର୍ଦ୍ଧାରଣ ଚତୁର୍ଭୁଜ ବାବୁଙ୍କୁ ଶୁଣାଇ ଦେଲେ । ନିର୍ଦ୍ଧାରଣ ଦେଖାଯିଲା ଏହି ମର୍ମର ହୋଇଥିଲା ଯେ କୌଣସି ପାଣ୍ଡୁଲିପି ମନୋନୀତ ନୋହିବାରୁ ରାଧାନାଥ ବାବୁ ଓ ମଧୁବାବୁ ଏକତ୍ର ରଚୟିତାମାନଙ୍କୁ ବାହାର କରିବେ, ଯଦ୍ୱାରା କି ଗ୍ରନ୍ଥକାରମାନେ ମିଳିତ ହୋଇ ପ୍ରାଥମିକ ବିଦ୍ୟାଳୟର ପାଠୋପଯୋଗୀ ସ୍ୱାସ୍ଥ୍ୟରକ୍ଷା ବିଷୟକ ପୁସ୍ତକ ରଚନା କରି ପାରିବେ । କୌଣସି ପାଣ୍ଡୁଲିପି ବିଷୟକ କାଳ କମିଟୀଙ୍କ ହସ୍ତସ୍ଥାନରେ ପହଞ୍ଚିବାରୁ, ଚତୁର୍ଭୁଜ ବାବୁ କହିଲେ ଯେ ଯଦ୍ୟପି ଉପସ୍ଥିତ ପୁସ୍ତକମାନଙ୍କୁ ସଂଶୋଧନ କରି ଦିଆଯାନ୍ତା ତାହା ହେଲେ ଭଲ ହୁଅନ୍ତା । ତହୁଁ ସମ୍ପାଦକ ଉପସ୍ଥିତ ପୁସ୍ତକମାନଙ୍କର ଦୋଷ ଦେଖାଇ ଦେଲେ ଏବଂ ଚତୁର୍ଭୁଜ ବାବୁଙ୍କ ପରିରକ୍ଷା ମତେ ତାଙ୍କ ପୁସ୍ତକର ଦୋଷ ମଧ୍ୟ କହିଦେଲେ । ତହୁଁପରେ ନନ୍ଦକିଶୋର ବାବୁ କହିଲେ ଯେ ଗୋଟିଏ ନିୟମାବଳୀ ପ୍ରସ୍ତୁତକରି ସ୍ୱାସ୍ଥ୍ୟରକ୍ଷା ବିଷୟକ ରଚନା କରିବା ନିମିତ୍ତ ସାଧାରଣଙ୍କୁ ଆହ୍ୱାନ କଲେ ଭଲ ପୁସ୍ତକ ମିଳି ପାରନ୍ତା । ଚତୁର୍ଭୁଜ ବାବୁ ନନ୍ଦକିଶୋର ବାବୁଙ୍କ କଥାରେ ସମ୍ମତ ହେବାରୁ କମିଟୀ ଅନ୍ୟାନ୍ୟ ବିଷୟର ଆଲୋଚନାରେ ପ୍ରବୃତ୍ତ ହେଲେ ।

ସମ୍ପାଦକ ମହାଶୟ ! ଉଲ୍ଲିଖିତ ପଂକ୍ତିମାନଙ୍କରୁ ଜଣାପଡ଼ିବ ଯେ ଆପଣଙ୍କ ପତ୍ରପ୍ରେରକ-ବନ୍ଧୁଙ୍କ ଲେଖାରେ ଭ୍ରମ ଅଛି ଓ ଆପଣଙ୍କ ଟୀକା ମନ୍ତବ୍ୟ ସେହି ଲେଖା ଉପରେ ସ୍ଥାପିତ ହୋଇଥିବାରୁ ତାହା ମଧ୍ୟ ଭ୍ରମାତ୍ମକ ହୋଇଅଛି । ଆଶା କରେଁ ଆପଣ ଭବିଷ୍ୟତରେ ପତ୍ରପ୍ରେରକମାନଙ୍କ ଉକ୍ତିରୁ, ପ୍ରତିବାଦ ନ ହେବା ପର୍ଯ୍ୟନ୍ତ, ମନ୍ତବ୍ୟର ଭୂମି ବୋଲି ଗ୍ରହଣ କରିବେ ନାହିଁ ।

କଟକ
୮।୮।୮୫

ଆପଣଙ୍କର ଏକାନ୍ତ ଅନୁଗତ
ଶ୍ରୀ ଗଣେଶ୍ୱର ଦାସ

ଅପଶଙ୍କ ଉପଦେଶ ସ୍ଥାନେ ଅଛି ହେଲୁଁ ମାତ୍ର ଆପଣ ଏତିକି ମନେ କରିବେ ନାହିଁ ଯେ କୌଣସି ବିଷୟରେ ଅଦ୍ଭୁତବୋଧ ନ ହେଲେ ତାହା ଲେଖାଯିବା ପୂର୍ବରେ ଚିନ୍ତା ପାଏ ଅଥବା ତତ୍ତ୍ୱସମ୍ପର୍କରେ ମନ୍ତବ୍ୟ ପ୍ରକାଶ କରୁ । ଅସ୍ମାନଙ୍କର ଜଣା ହେଉଅଛି ଯେ ଉପସ୍ଥିତ ପତ୍ରରେ ଆପଣଙ୍କର ଅନୁରୋଧ ଅସମ୍ପୂର୍ଣ୍ଣ ହୋଇଅଛି । ଚତୁର୍ଭୁଜ ବାବୁ ଆପଣାର ତଥା ଅନ୍ୟ କେଉଁ ବ୍ୟକ୍ତିର ପୁସ୍ତକ ସଂଶୋଧନ କରି ନେବାକୁ କମିଟିକି ଅନୁରୋଧ କଲେ ତାହା ଆପଣ ସ୍ପଷ୍ଟ କହୁ ନ ପାରି 'ଉପସ୍ଥିତ ପୁସ୍ତକମାନଙ୍କୁ' ସଂଶୋଧନ କରି ନେବାକୁ କହିଲେ ବୋଲି କେଉଁ ରହସ୍ୟ ଏ କଥା ଅସଙ୍ଗତ ଅଛି କାରଣ ଏହିପରି ପୁସ୍ତକ ବାହାରେ ନାହିଁ କଥା ଥିବ ।—ସମ୍ପାଦକ ।

Digitized by srujanika@gmail.com

To the Editor of the Dipika,

Sir,

At present there is a very great agitation going on with regard to the selection of prize-books in the Ba[illegible] sore District out of the primary grant of this year. The Hon'ble Kumar Baikunta nath [illegible], I hear, sent to [illegible] officials printed pamphlets containing passages from *Bichitra Ramayana Bachautisa Napoi* together with translation in English of those passages. His translations are, it is said, garbled and dressed in such languages as to shock one's feelings. I request the Commissioner to take note of the fact that the Honorable gentleman, who had the monopoly in the matter of supplying prize-books in Balasore, has been out of his humour, because of the small number of books purchased this year from his press. If an enquiry is to be made, that enquiry ought to be shifting and extend over 4 or 5 years and be conducted by officers who have no connection with the Education Department.

Suppose several copies of the Bible and Shakepear's works are selected as prize-books for distribution to the pupils of the grammar schools in London. What will Englishmen think of a book-seller who sends to the Lord Mayor the followings extracts from the Bible and Shakespeare, and informs him that the school-authorities have acted a miss.

"And they called unto Lot, and said unto him, where are the men which came unto thee this night? Bring them out unto us that we may know them!

Genesis Chap. XIX. 5.

'Know' means to have sexual intercourse ( Vide Chamber's Dictionary )

"I have two daughters which have not known man" ( known=had sexual intercourse with ).

Genesis Chap. XIX 8.

"Come let us make our father drink wine and we will be with him, that we may preserve seed of our father."  Do. Do. 32.

"The first-born went in and lay with her, and he perceived not when she lay down, nor when she arose."—  Do. Do. 33.

"Lucrece," quoth he, this night I must enjoy thee: If thou deny, then force must work my way."—

The Rape of Lucrece.
*Shakespeare.*

"Ten kisses short as one and one long as twenty.—Venus and Adonis."
*Shakespeare.*

"I will be a pack, and thou shalt be my deer;"
Feed where thou wilt, on mountain or on dale:
Graze on my lips; and if those lips be dry,
Stray lower, where the pleasant fountains lie,
Within this limit is relief enough,
Sweet bottom-grass, and high delightful plain,
Round rising hillocks, brakes obscure and rough.

Do. Do.

Is there any body in Orissa who denies that Bichitra Ramayana, Bachoutisa and Napoi are popular works and that the first is regarded as a religious book by the Rajas and Zemindars? Then why this out-cry? Does it not originate in selfishness, and nothing but selfiness?

A word of apology to the Christians. The above extracts from the Bible are not intended to throw discredit on the scriptures. In almost all religious books of old days we find the poets describing every incident faithfully, and the inspired writers were no exceptions to it. As for myself I have a great regard for the Bible, and my respect and love for it are no less than theirs. It is also my teacher and guide.

Your truly,
A genuine Uriya.

## ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ବାବୁ ଜଗନ୍ନାଥରାମଚରଣ ଜେନା,ପଡା | ବଙ୍ଗସ୍ତା | ଟ ୨ |
| ଶ୍ରୀଯୁକ୍ତ ସ୍ୱର୍ଣ୍ଣ ସାହେବ | କଟକ | " | ଟ୧୨ |
| ବାବୁ ଗଣେଶପ୍ରସାଦ ସିଂହ | " | " | ଟ ୨ |
| " ମହାଦେବ ପରମଗୁରୁ ସୁଅରୌଜା | | " | ଟ ୩ |
| ଶ୍ରୀଯୁକ୍ତ ସ୍ମିଥ୍ ସାହେବ | ଗାହା | ଅଗ୍ରିମ | ଟ ୪୦ |

## ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଏଥି ଦ୍ୱାରା ଜଣାଇ ଦିଆ ଯାଉ ଅଛି କି ବସନ୍ତ ବା ଓଲାଉଠା ରୋଗର ଏକ ନୂତନ ପ୍ରକାର ଔଷଧ ଅମ୍ଭେ ବିନା ମୂଲ୍ୟରେ ବିତରଣ କରୁଅଛୁଁ । ଯେଉଁମାନଙ୍କର ପ୍ରୟୋଜନ ହେବ ସେମାନେ ଅମ୍ଭ ନିକଟରେ ତତ୍ତ୍ୱ କଲେ ଶୀଘ୍ର ପାଇ ପାରିବେ । ଗୋଟିଏ ଝାଡ଼ା ହୋଇଥିବା ସମୟରେ ଏହି ଔଷଧ ଖୁଆଇବାକୁ ହେବ ଓ ଅମ୍ଭ ନିକଟରୁ ଔଷଧ ନେବା ସମୟରେ ସେବନର ନିୟମ ମୌଖିକ ଜଣାଇ ଦେବୁଁ । ଇତି ।

୨୯।୭।୮୫
ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ
ଦରଘା ବଜାର
} ଶ୍ରୀ ଫକୀର ତ୍ରିପାଠୀ
କବିରାଜ

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧବଣ୍ଟ ଦର ବର୍ମାଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | | |
|---|---|---|---|---|---|
| ୧୨ | ପଣି ବାଦାମି ଚମାର ର ୧୮ | ଟ ୨୷ | ଦ ୧ | ଟ[illegible] |
| ୧୮ | ପଣି | " | " | ଟ ୨୷ | " | ଟ୦୷ |
| ୧୨ | ପଣି | " | " | ଟ ୧୩ | " | ଟ୦/୨ |

ବେପାରମାନେ ଅର୍ଥାତ ଯେଉଁମାନେ ଏକାଥରେ ୧୦ ମ ବା ଅଧିକ କ୍ରୟ କରିବେ ଅଳ୍ପର ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କର ଦୋକାନରେ ଚନ୍ଦରକୋଣା ଓ ବଲାତି ଓ ରେଶମୀଓରେର ଲୁଗା ଓ ଷ୍ଟୋନକ ଓ କଲିକତା ଇମାଖି ସଓଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହାକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅଉ କେତେକ ଫେନସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ବେ[illegible]

Split by PDF Splitter
Digitized by srujanika@gmail.com

ଷଣି କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏଛଡା ଅମ୍ଭେମାନେ ବିଲେଡ ଖାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି-ଅଛୁଁ । କେହି ଖରଦ କରିବାକୁ ଇଚ୍ଛିଲେ ତାଙ୍କ ନିକଟ୍ର କରାଯିବ । ଯଦ ଉକ୍ତ ଖାଡ଼ମାନ ବିକ୍ରୟ ହେବା ପୂର୍ବ ଅପଣା ମଫସଲ ସକାଶେ ଭଡା ନ୍ଦ୍ୱାନ୍ତି ତେବେ ଏକ ଖଣ୍ଡକୁ ଫି ବଗ ଟ°୶୬ ହିସାବ ଭଡା ଦେଲେ ପାଇ ପାରିବେ ! ମାଣ୍ଡ ତାହାର ଖଣ୍ଡ ଖର୍ଯ୍ୟଦାରର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଖାଡ଼ର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଇଫସିଲ ।

| | |
|---|---|
| ଚଳର ଶେଷଣା ବ ଗ° ହିଁରେ ଗ୍ଭ ଦେବେ ସ୍ଵରେ । | ଦ୍ଵୃଷ୍ଟାବ ବାଇ ଭର୍ଥାତ୍ ଲେଫିତାବେଲେ ଗାର ଓ ଶୁଝିଲେ କଡା ହେବ । |
| ବଷ୍ଟେଭିଖାଡ଼ | ଅଇନା ତସ୍ତା |
| ବବେସିନ୍ ଟେଇ ଜଇଶା ସେଇ ଖାଦା ଓ ଭୋମ ସହିତ । | ୧୨ × ୧୦ ଇଞ୍ଚ |
| | ୧୪ × ୧୨ ଇଞ୍ଚ |
| ଡ୍ରଇଂ ଅର୍ଥାତ୍ ନକସା କରିବା ଯାଇଲ ପେନ୍-ସିଲ ଓ କଲମ । | ପକେଟବହି ଇଂରାଜୀ ପାଞ୍ଜି ସହିତ ଟ ° ।୶ |
| ପେନସିଲ କାଟିବା ଯନ୍ତ୍ର । | ମୋଜା ଓ ମୋଜାବନ୍ଧ |
| ନାନା ପ୍ରକାରର ଚିଠି-କାଗଜ ଓ ଲଫାପା । | କଲମ ଧୂଆ ଚଳାଇବାର ଦକାନ ସାହବ ବଗା |
| ଷ୍ଟେମ୍ପିଂ ବ୍ଲୁଅ । | ଇଡି ଓ ପାଇପର ଟୌଭା ଡିବା |
| ପିତଲ ଛାଞ୍ଚ । | କାଚ ଚିନେଇ ସାନ ଓ ବଡ ଗଲାସ ଓ ସାଦା |
| ଡଚ୍ଚାଗ ସାବୁନ । | କସ୍ତୁରୀ ଦେହେବ |
| ତାବାଇ ସାବାଇ ସହିଁରେ ଲୁଗା ପରିଷ୍କାର ହୁଏ । | ଇଙ୍ଗର୍ଷ ଦ୍ଵାରପଲ ତୁଷ |
| ଅଷ୍ଟୋଇ ସ୍ରେକ—ଅର୍ଥାତ୍ ସୁଗନ୍ଧ ଦ୍ରବ୍ୟ । | „ ଏକଫଲ ତୁଷ |
| ଅଏଲ କ୍ଲଥ । | ନେଲସନ୍ ଉପୋର ନୋ ବେଷର ଅଏଲ |
| ଓମାହିର ସୁସ୍ ଛତା । | ମାର୍କିଂ କାଳୀ ଲୁଗାରେ |
| କର୍ପୂର ଅର୍କ । | ଚିହ୍ନ ଦେଲେ ଧୋବା ସରେ କବଲ ହେବ |
| କ୍ଲୋରୋଡାଇନ୍ । | ନାହିଁ । |
| ସୋରସ୍ତୁକର ନ୍ଦ୍ରେଲ-ମେଇ ଓ ଡଇଷ୍ଟ ଲୋ-ଜରେ ସହେ | ଏ, ଗୋଷଙ୍କ ସାମ୍ବଟେଲ । |
| | ବାମ୍ବିଜ ଓ ଦୁଲ୍ଲଭ । |

ଅଭିଚନ୍ଦ୍ରିଦ କର କମ୍ପାନୀ

ଟୌଧୁରୀ ବଜାରସ୍ଥ ଅମ୍ଭ ଦୋକାନ ଇନ୍ଦ୍ର-ଟରେ ସୁନା ଓ ରୁପାର ମୋଟା ଓ ସରୁ ଅଳ-ଙ୍କାର ଓ ତାରକସି କର୍ମର ଦୋକାନ ଫିଟିଅଛୁ । ଯେ ଯାହା ଫରମାସ କରିବେ ସୁଲଭ ମୂଲ୍ୟରେ ମିଯ୍ୟାଦମଧ୍ୟେ ପାଇ ପାରିବେ ।

କାମ ଶେଷ ହେଲାରୁ ମେହେନ୍ତାନା ଦେଇ ଗ୍ରାହକେ ଅଳଙ୍କାର ନେଇ ଯିବେ । ଧାର ଦେବାର ନିୟମ ନାହିଁ ।

ନାମାଙ୍କିତ ମୋହର, ମୁଦ୍ରା ଓ ଛାପାଯୋଗ୍ୟ ଛବି ଖୋଦିତ ହେଉଅଛି ।

୧୧।୮।୮୫ } ଶ୍ରୀ ଅଭିଚନ୍ଦ୍ରିଦ କର
କଟକ }

ଚନ୍ଦ୍ରଭିଷିତ ପରୀକ୍ଷିତ ଔଷଧମାନ ଅମ୍ଭ ଔଷ-ଧାଳୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ଵ କଲେ ପାଇ ପାରିବେ । ବିଦେଶୀୟ ଗ୍ରାହକମାନେ ଡାକମା-ସୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆ ଯିବ ।

କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଅମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକ-ମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରା-ମୟ ଭଲ ହୁଅଇ । ମା ୭ ୰ ଟ ୧।୵ ।

ବଙ୍ଗେଶ୍ଵର ରସ ।

ଏଥିରେ ବିଂଶତି ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମ-ରୋଗ ଓ ପ୍ରଦର ଭଲ ହୁଅଇ । ମୂଲ୍ୟ ମା ୭ ଟାଙ୍କୁ ଟ ୵୧ ଙ୍କା ।

ବୃହତ୍ ପୂର୍ଣ୍ଣଚନ୍ଦ୍ରୋଦୟ ।

ଭୋଗୀପ୍ରିୟ ଯୋଗୀପ୍ରିୟ ମୋଦକ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଣ୍ଣ ବୃଦ୍ଧି ଓ ଶରୀର ଅପୂର୍ବ ମୂର୍ତ୍ତି ଯୁକ୍ତ ହୁଅଇ, କଳଷଣ କ୍ଷୁଧା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—ଯକ୍ଷ୍ମା (କାସହାର ରକ୍ତ-ପତନ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, କଣ୍ଠ-ଶୁଷ୍କ, ଧ୍ଵଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଅଇ । ମୂଲ୍ୟ ମା ୧୨ ୰ ଟ ୵୧ ଙ୍କା ।

ଉତ୍କଳଅ ସ୍ଵଦେଶୀୟ } କାଳିଜ୍ଞ,
ଔଷଧାଳୟ ଦରଘା }
ବଜାର କଟକ } ଶ୍ରୀ ଫକୀରତ୍ରିପାଠୀ ।

ଏଲକ୍ଷିସ୍ତର ମଲମ ।

ଦେଶୀୟ ଉପକରଣଦ୍ଵାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ ଶଙ୍ଖ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବାଅ ଟ୵୧ ଡାକବ୍ୟୟ ଖର୍ଚ୍ଚ ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ଵାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦ ଘା, ଗରମୀ ଘା, ଭାଙ୍ଗି ଘା, ଦେହ ଓ ନାକ ଭିତର ଘା, ଖୋଲ୍ ଘା, କାନ ଘା, ଗଳାର ଘା, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫୁଲା ଇତ୍ୟାଦିବ୍ୟଥା, ଯକ୍ଷ୍ମା, କ୍ଷୟକାଶ, ପ୍ରସ୍ରାବପୀଡ଼ା, ଭଗନ୍ଦର, ଧାତୁଦୌର୍ବଲ୍ୟ ~ ଉଦ୍ଭୂତ ଜ୍ଵର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରୋଗ୍ୟ ହୁଏ ।

ନିମ୍ବର ତୈଳ ।

ଡାକ୍ତରୀ ଉପାୟରେ ନିମ୍ବରୁ ପ୍ରସ୍ତୁତ ତୈଳ । ଧବଳ ଓ କୁଷ୍ଠ ରୋଗର ଯେବେ କିଛି ଔଷଧ ଥାଏ ତେବେ ତାହା ନିମ୍ବ । ନିମ୍ବର ତୈଳ ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରୁଅଛୁଁ । ଦାଦ୍ର, ଖାଦୁ, କୁଣ୍ଡିଆ ଘୂଲି, ଅଦୃଷ୍ଟାଦି, ଧବଳ, କୁଷ୍ଠ, ଗଳିତ ଇତ୍ୟାଦି ରୋଗର ମହୌଷଧି । ଏହା ବ୍ୟ[illegible] ଯେକୌଣସି ପ୍ରକାର ଘା ଅଛି, ତହିଁର ଏ[illegible] ସଙ୍ଗପ୍ରକାରେ ଉପକାର ଅଟେ । ପ୍ରତି ବଡ ବୋତଲ ଟ ୵୧ ଙ୍କା ଓ ଛୋଟ ବୋତଲ ଟ ୵୧ ଙ୍କା ।

ଯାଞ୍ଚା ଆରାମ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୭୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟ-ଙ୍କଦ୍ଵାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ ଙ୍କା, ଡାକବ୍ୟୟ ଟ ୦। ଅଣା । ଉଭୟ ଟ ୧୦। ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡି | ଟ ୦୶ |
| ଅଷ୍ଟ ଧାଡିରୁ | ଟ ୵୧ |
| ତତୋଧିକ ଧାଡି | ଟ ୦ |

ଯାହା କୌଣସି ବିଜ୍ଞାପନ ଲେଖେ ଛୋଟ ହେଲେହେଁ ତହିଁର ଦର ଟ ୦ ରୁ ଊଣା ହେବ ନାହିଁ ।

ଦ୍ଵିତୀୟ ଓ ତୃତୀୟଥର ସକାଶେ ଉକ୍ତ ପ୍ରଥମ ଥରର ଦେଢା ଓ ଦ୍ଵିଗୁଣ ଲଗାଯିବ ।

ଅଧିକ ଥର ସକାଶେ ସ୍ଵତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳବାସୀ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।


ଖ ୨୦ ଭ
ସଂ ୩୪ ସଂଖ୍ୟା

ତା ୨୨ ଋଣ ମାଘେ ଗତାବ୍ଦ ସନ ୧୮୮୫ ମହିହା । ମୁ । ସନ୍ ୭ ଚ ୮ ଜ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବର୍ଷାନ୍ତ |
| --- | --- | --- |
| ବାର୍ଷିକ | ଟ ୨ ୧ | ଟ ୨୧ |
| ଡାକମାସୁଲ | ଟ ୦ ୯ | ଟ ୧୧ |


ଗତ କଲିକତା ସିଭିଲସରଭିସ ପରୀକ୍ଷାରେ ଜ ୪୧ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ତହିଁ ମଧ୍ୟରେ ଜ ୪୦ ଣ ଇଂରାଜ ଏବଂ ଜଣେ ମାତ୍ର ଭାରତବାସୀ । ଶେଷଲିଖିତ ବ୍ୟକ୍ତିଙ୍କ ନାମ ମନ୍ଚେଲ ଉମ୍ବାବଜୀ ସେ ଜଣେ ବମ୍ବେଇ ବାସୀ ପାରସୀ ଅଟନ୍ତି । ପରୀକ୍ଷାର ବୟସ ସମ୍ବନ୍ଧରେ ସ୍ୱତନ୍ତ୍ର ନ ହେଲେ ଭାରତବାସିଙ୍କର ସମୁଚିତ ସୁବିଧା ହେବାର ଆଶା ନାହିଁ ।

---

ବଙ୍ଗବାସିର ଜଣେ ସମ୍ବାଦଦାତା ଶାନ୍ତିପୁରର ଲୁଗା ବ୍ୟବସାୟ ସମ୍ବନ୍ଧରେ ଲେଖିଅଛନ୍ତି କି, ପ୍ରଥମେ ଜଣେ ଶାନ୍ତିପୁରବାସୀ କଟକଠାରୁ ଲୁଗା ବୁଣିବା କାର୍ଯ୍ୟ ଶିଖି ଆସି ଅପଣା ଗ୍ରାମରେ ବ୍ୟବସାୟ ଆରମ୍ଭ କଲା ଏବଂ ସେଠାରେ ଏହି ଶିଳ୍ପକାର୍ଯ୍ୟ କ୍ରମଶଃ ଉନ୍ନତିଦ୍ୱାରା ଜଗଦ୍‌ବିଖ୍ୟାତ ହୋଇଅଛି । ଓଡ଼ିଶା ପକ୍ଷରେ ଏହା ସାମାନ୍ୟ ଗୌରବର କଥା ନୁହଇ କିନ୍ତୁ ବର୍ତ୍ତମାନକୁ ଆମ୍ଭେମାନେ ଏତେ ଅଧମ ହୋଇଁ ଯେ ପୁଣି ବଙ୍ଗଳାରୁ ଏହି ଶିଳ୍ପ ଶିଖିବାର ଆବଶ୍ୟକ ହେଲା ।

—୦—

ଡାକ୍ତର ସରଜେଣ୍ଟ ସାହେବ ଓଲାଉଠା ସମ୍ପର୍କରେ ଏକ ପୁସ୍ତକ ବାହାର କରିଥିବାର ସମ୍ବାଦ ମିଳଇ । ତହିଁରେ ଲେଖାଅଛି ଯେ ଡାକ୍ତର ସାହେବ ଅନେକ ସ୍ଥାନରେ ଓଲାଉଠା ରୋଗ ବ୍ୟାପିଥିବାର ଦେଖିଅଛନ୍ତି ମାତ୍ର ଓଲାଉଠା ରୋଗ ଯେ ସଂକ୍ରାମକ ତହିଁର କୌଣସି ପ୍ରମାଣ ସେ ଅଦ୍ୟାପି ପାଇ ନାହାନ୍ତି । ଓଲାଉଠା ରୋଗୀର ତାହାର ନିକଟ ଜ୍ଞାତିମାନେ ଅତି ନିକଟରେ ଥାଇଁ ସେବା ସୁଶ୍ରୂଷା କରନ୍ତି ମଧ୍ୟ ହସପାତଲରେ ଏପ୍ରକାର ଅନେକ ରୋଗୀ ଅନ୍ୟାନ୍ୟ ରୋଗୀଙ୍କସଙ୍ଗେ ଏକତ୍ରିତ ହୋଇ ଥାନ୍ତି ମାତ୍ର ସେମାନଙ୍କୁ କେବେହେଁ ଅନିବାର୍ଯ୍ୟରୂପେ ଓଲାଉଠା ଧରି ନାହିଁ, ଅନେକ ବିଜ୍ଞାନବିତ୍ ପଣ୍ଡିତଙ୍କ ମତରେ ଓଲାଉଠା କେବେହେଁ ସଂକ୍ରାମକ ନୁହଇ ମାତ୍ର ଲୋକଙ୍କର ବିଶ୍ୱାସ ତଦ୍‌ବିପରୀତ ।

---

ମାଲଗିଡ଼ି ପୋଷ୍ୟପୁତ୍ର ବିଷୟକ ମୋକଦ୍ଦମାର ବିଚାର ବାଲେଶ୍ୱରରେ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଅଛି । ଏଠାରୁ ବାବୁ ଦଉବନ୍ଧୁ ଘୋଷ ଉକୀଲ ରାଜାଙ୍କ ପକ୍ଷରୁ ବାଲେଶ୍ୱରକୁ ଯାଇଅଛନ୍ତି ଏବଂ ବାହାରୁ ଅବଗତ ହେଲୁଁ ଯେ ମେଦନୀପୁରଠାରୁ ବାବୁ ରାମଚରଣ ଚକ୍ରବର୍ତ୍ତୀ ଚକ୍ରଧର ବାବୁଙ୍କ ପକ୍ଷରୁ ଆସିଅଛନ୍ତି ମାଲଗିଡ଼ି ରାଜା ମଧ୍ୟ ଏହି ଉପଲକ୍ଷରେ ବାଲେଶ୍ୱରଠାରେ ଉପସ୍ଥିତ ଅଛନ୍ତି । ଯେଉଁରୂପ ଭାବ ମୋକଦ୍ଦମା ଅଳ୍ପକାଳରେ ଶେଷ ହେବାର ଜଣା ପଡ଼ୁ ନାହିଁ । ଉଭୟ ପକ୍ଷରୁ ଅନେକ ସାକ୍ଷୀର ଯୋବାନବନ୍ଦି ହେବ । ଏଥି ମଧ୍ୟରେ ବାବୁ ନନ୍ଦକିଶୋର ଦାସ ଅଶିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡ ସାହେବଙ୍କ ଇଜ୍‌ଲାସରେ ଗତ ମଙ୍ଗଳବାର ଏଠାରୁ ଯାଇଅଛନ୍ତି । କେଉଁ ବିଶେଷ କାର୍ଯ୍ୟ ହେତୁ ଏପରି ହୋଇଅଛି ଅବଧି ଜଣା ପଡ଼ି ନାହିଁ ।

---

ବଙ୍ଗ ପ୍ରଦେଶର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସର୍ ରିଭର୍ସ ଟ୍ରାମସନ ସାହେବ ପୀଡ଼ିତ ହେବାରୁ ଏକ ମାସର ଛୁଟି ନେଇ ସମୁଦ୍ର ବାୟୁ ସେବନ ଏବଂ ଆରୋଗ୍ୟ ଲାଭ କାମନାରେ ଲଙ୍କାଦ୍ୱୀପକୁ ଗମନ କରିଅଛନ୍ତି । ଆମ୍ଭେମାନେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ କି ସେ ଶୀଘ୍ର ଆରୋଗ୍ୟ ଲାଭ କରି ସବଳ ଶରୀରରେ ଫେରି ଆସନ୍ତୁ । ଏ ମହାଶୟ ଚଳିତ ମାସ ତା ୧୧ ଖଠାରୁ ଛୁଟି ଗ୍ରହଣ କଲେ ଏବଂ ରେଭିନ୍ୟୁ ବୋର୍ଡର ମେମ୍ବର ମାନ୍ୟବର ହୋରେସ, ଏ, କକରେଲ ସାହେବ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ଆଦେଶ ମତେ ବଙ୍ଗଦେଶର ଏକଟିଂ ଲେଫ୍‌ଟନଣ୍ଟ ଗବର୍ଣ୍ଣର ନିଯୁକ୍ତ ହୋଇଥିବାରୁ ସେହିଦିନ ପୂର୍ବାହ୍ଣରେ କାର୍ଯ୍ୟଭାର ଗ୍ରହଣ କଲେ । ମାନ୍ୟବର କକରେଲ ସାହେବ ସର୍ ଆସିଲି ଇଡନଙ୍କ ସମୟରେ ବଙ୍ଗଳାର ପ୍ରଧାନ ସେକ୍ରେଟେରୀ ଥାଇଁ ବଙ୍ଗଶାସନ କାର୍ଯ୍ୟରେ ବିଶେଷ ପାରଦର୍ଶିତା ଲାଭ କରିଅଛନ୍ତି ଏବଂ ଯଦ୍ୟପି କି ଏହି ଏକ ମାସ ମଧ୍ୟରେ ସେ କୌଣସି ଗୁରୁତର କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ପ୍ରବୃତ୍ତ ହେବେ ନାହିଁ ତଥାପି ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଆଶା ହେଉଅଛି ଯେ ଏହାଙ୍କ

Digitized by srujanika@gmail.com

ଦ୍ୱାରା ବଙ୍ଗଳାର ରାଜକୀୟ କାର୍ଯ୍ୟ ବିଚକ୍ଷଣତା ଏବଂ ନ୍ୟାୟ ସହକାରେ ଚାଳିତ ହେବ ।

---

ଏକ୍ଷଣେ ଶ୍ରୀମତୀ ମହାରାଣୀଙ୍କ ବକ୍ତୃତାରୁ ପ୍ରକାଶ ଯେ ରୁସିଆ ସଙ୍ଗେ ଇଂଲଣ୍ଡର ଯୁଦ୍ଧ ହେବାର କୌଣସି ଆଶଙ୍କା ନାହିଁ । ଅବିଲମ୍ବେ ସବୁ ବିବାଦ ଆପୋଷରେ ମୀମାଂସା ହୋଇ ଯିବ କିନ୍ତୁ ଅନ୍ୟ ଆଡେ ଯୁଦ୍ଧ ଲାଗିବାର ବିଳମ୍ବ ନାହିଁ ବୋଲି ନାନା ଲକ୍ଷଣରୁ ଜଣା ପଡୁଅଛି । ଗତ ତା ୧୪ ରିଖରେ ସିମଲାରୁ ଆସିଥିବା ତାର ସମ୍ବାଦରେ ଲେଖା ଅଛି କି ରୁଷୀୟମାନେ ଜୁଲଫିକାର ଅଧିକାର କରିଅଛନ୍ତି ବୋଲି ସେଠାରେ ଜନରବ ଉଠିଅଛି । ସରକାରୀ କର୍ମଚାରୀମାନେ ଅନୁମାନ କରୁଅଛନ୍ତି ଯେ ଏଟା ପୁରୁଣା କଥା । ଯେ ସମୟରେ ୨୦୦ ରୁଷୀୟ ଲୋକ ଜୁଲଫିକାରଠାକୁ ଆସିଥିଲେ ସତ୍ୟ ମାତ୍ର ସେମାନେ ସେ ସ୍ଥାନ ଅଥବା ଅନ୍ୟ କୌଣସି ବିବାଦୀୟ ସ୍ଥାନ ଅଧିକାର ନ କରି କେବଳ ସେହିଠାରେ ନିକଟବର୍ତ୍ତୀ ରୁଷୀୟ ସୈନ୍ୟାଗାରମାନଙ୍କର ବଳ ବୃଦ୍ଧି କରିଥିଲେ । ବାସ୍ତବରେ ଯେବେ କୌଣସି ବିବାଦୀୟ ସ୍ଥାନ ବଳପୂର୍ବକ ଅଧିକୃତ ହୋଇଥାନ୍ତା ତାହା ହେଲେ ଏଥି ମଧ୍ୟରେ ନିଶ୍ଚୟ ତହିଁର ତଥ୍ୟ ସମ୍ବାଦ ସେଠାରୁ ଆସିଥାନ୍ତା ମାତ୍ର ସେପରି କିଛି ଆସି ନାହିଁ । ଆମ୍ଭମାନଙ୍କର ମଧ୍ୟ ସେହି ବିଶ୍ୱାସ ମାତ୍ର ବେଳକୁ ବେଳ ଏପରି ସମ୍ବାଦମାନ ଆସିବା ଶୁଭଲକ୍ଷଣ ପରି ଜଣା ଯାଉ ନାହିଁ ଏବଂ ସେଠାର ଲୋକଙ୍କର ଦୃଢ଼ବିଶ୍ୱାସ ହୋଇଅଛି କି ଯେମନ୍ତ ଭାବରେ କାର୍ଯ୍ୟ ଚାଲୁଅଛି ତହିଁରେ ଯୁଦ୍ଧ ଅନିବାର୍ଯ୍ୟ ଅଟଇ ।

—୦—

ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରୁ ଜଣା ଗଲା ଯେ ଶ୍ରୀଯୁକ୍ତ କମିଶନର ସାହେବ ସେଠାରେ ବିରାଜମାନ ଥିବାରୁ ଏହି ଅବସରରେ ସେଠା ବିଦ୍ୟାଳୟମାନଙ୍କର ବାର୍ଷିକ ପାରିତୋଷିକ ବିତରଣ କାର୍ଯ୍ୟ ଗତ ସପ୍ତାହରେ ନିର୍ବାହ ହୋଇ ଗଲା । ଏକ ଦିନ ସେଠା ଜିଲା ସ୍କୁଲର ଛାତ୍ରମାନଙ୍କୁ ପୁରସ୍କାର ଦେବା ନିମିତ୍ତ ଅପରାହ୍ନ କାଳରେ ସେହି ସ୍କୁଲଗୃହରେ ସଭା ହୋଇଥିଲା ଏବଂ ଆଉ ଏକଦିନ ବାରବାଟି ମାଇନର ବାଳକ ଏବଂ ରେମଣା ସ୍କୁଲର ଛାତ୍ରମାନଙ୍କୁ ପୁରସ୍କାର ଦେବା କାରଣ ସଭା ସଭ୍ୟମାନଙ୍କ ହେବଙ୍କ ବୈଠକଖାନାରେ ସଭା ହୋଇଥିଲା । ଶେଷ ଲିଖିତ ସଭାର ଆଡମ୍ବର ଅଧିକ ଥିବାର ଜଣାଯାଏ । ଇଙ୍ଗଲଣ୍ଡପତାକା ଏବଂ ନାରିକେଳ ପତ୍ରରେ ବୈଠକଖାନା ବଡ଼ ସୁନ୍ଦର ରୂପେ ସଜ୍ଜିତ ହୋଇଥିଲା ଏବଂ କୁମାର ବୈକୁଣ୍ଠନାଥ ଦେଙ୍କ ଆମନ୍ତ୍ରଣମତେ ଇଂରେଜ ସାହେବ ମେମ ଓ ଦେଶୀୟ ଅନେକ ଭଦ୍ରଲୋକ ଉପଗତ ହୋଇଥିଲେ । ଉଭୟ ସଭାର କାର୍ଯ୍ୟ ରୀତିମତେ ନିର୍ବାହ ହୋଇଥିଲା ତହିଁରେ ନୂତନ କିଛି ନ ଥିବାରୁ ବାହୁଲ୍ୟ ବିବରଣ ଲେଖିବାର ପ୍ରୟୋଜନ ନାହିଁ । କେବଳ ଗୋଟିଏ ପ୍ରୀତିକର କଥା ଏହି କି ଉଭୟ ସଭାରେ ନିୟମିତ ପୁରସ୍କାର ଛଡ଼ା ଉପସ୍ଥିତ ସଭ୍ୟମାନେ କିଛି କିଛି ପୁରସ୍କାର ଦାନ କରିଥିଲେ ଏବଂ ତହିଁ ମଧ୍ୟରେ କୁମାର ବୈକୁଣ୍ଠନାଥଙ୍କ ଦାନ ଅଧିକ ଥିଲା । ଶିକ୍ଷା ବିଷୟରେ ଏ ପ୍ରକାର ଉତ୍ସାହଦାନ ବାଲେଶ୍ୱର ଛଡ଼ା ଓଡ଼ିଶାର ଆଉ କୌଣସି ଜିଲ୍ଲାରେ ପ୍ରତିବର୍ଷ ଦେଖା ଯାଇ ନାହିଁ ଏବଂ ଏ ବିଷୟରେ କୁମାର ଅଗ୍ରଗଣ୍ୟ ଅଟନ୍ତି ।

---

ବିଲାତର ପାର୍ଲିଅମେଣ୍ଟର ବର୍ତ୍ତମାନ ଅଧିବେଶନ ଗତମାସ ତା ୧୪ ରିଖରେ ଭାଙ୍ଗିଲା । ଏ ସମୟରେ ଶ୍ରୀମତୀ ମହାରାଣୀଙ୍କର ଯେଉଁ ବକ୍ତୃତା ଲର୍ଡ ଚାନସେଲର ପାଠ କଲେ ତହିଁର ସଂକ୍ଷେପ ମର୍ମ ଏହି କି ଜେନେରେଲ ଗର୍ଡନଙ୍କୁ ରକ୍ଷା କରିବାର ଉପାୟମାନ ନିଷ୍ଫଳ ହେବାରୁ ବଡ଼ ଦୁଃଖ ହେଉଅଛି ବର୍ତ୍ତମାନ ଏହା ସୁଆକିମ ଛଡ଼ା ସମସ୍ତ ପୂର୍ବ ସୁଦାନରୁ ଏବଂ ଅଲେକ୍ଷାର ପର୍ଯ୍ୟନ୍ତ ପଶ୍ଚିମ ସୁଦାନରୁ ସମସ୍ତ ଇଂରେଜ ସେନା ବାହାରି ଆସିଅଛନ୍ତି । ଇଂରେଜ ସେନାଙ୍କର ସାହସ ଏବଂ ଭାରତବର୍ଷର ଦେଶୀୟ ରାଜାଙ୍କ ସାହାଯ୍ୟ ଯାଚିବା କଥାକୁ ମହାରାଣୀ ପ୍ରଶଂସା କରୁଅଛନ୍ତି । ମାଧିଙ୍କ ମୃତ୍ୟୁ ହେବାରୁ ମିଶ୍ରଦେଶ ଶାସନ କାର୍ଯ୍ୟ ଅଳ୍ପ କଠିନ ହେବ ନାହିଁ ଏବଂ ଉକ୍ତ ରାଜ୍ୟର ଶାସନପ୍ରଣାଳୀ ଦୃଢ଼ କରିବାର ଚେଷ୍ଟା ହେବ । ସମସ୍ତ ବିଦେଶୀୟ ଶାସନ କର୍ତ୍ତାଙ୍କ ସଙ୍ଗେ ଇଂରେଜ ଗବର୍ଣ୍ଣମେଣ୍ଟର ସଦ୍ଭାବ ରହୁଅଛି ଏବଂ ଅଫଗାନସ୍ଥାନର ସୀମା ଘଟିତ ବ୍ୟାପାରରେ ଏକ ସମୟରେ ରୁସିଅ ସହିତ ବିବାଦ ବଢ଼ିବାର ଯେଉଁ ଆଶଙ୍କା ଥିଲା ତାହା ତିରୋହିତ ହୋଇଅଛି [illegible] ଗୋଟିଏ ସନ୍ତୋଷଜନକ ମୀମାଂସା ହେବାର ବିଶ୍ୱାସ ହେଉଅଛି । ଭାରତବର୍ଷର ଉତ୍ତର ପଶ୍ଚିମ ସୀମାକୁ ଦୃଢ଼ରୂପେ ରକ୍ଷା କରିବାର ବହୁଳ ଉପାୟ ହେଉଅଛି କାରଣ ତାହା ନ ହେଲେ ଭାରତବର୍ଷୀୟ ପ୍ରଜାମାନଙ୍କ ଶାନ୍ତି ପକ୍ଷରେ ସମୟେ ସମୟେ ବ୍ୟାଘାତ ଘଟିବାର ସମ୍ଭାବନା । ଏଥି ଉତ୍ତାରୁ ବର୍ତ୍ତମାନ ଅଧିବେଶନରେ ଯେ ସମସ୍ତ ପ୍ରଧାନ ଆଇନ ପାସ ହୋଇଅଛି ତହିଁର ଉଲ୍ଲେଖ କରି ଶ୍ରୀମତୀ ମହାରାଣୀ ସଭାକୁ ଜଣାଇଲେ ଯେ ବାଣିଜ୍ୟ କାର୍ଯ୍ୟ ର କାରଣକୁ ବର୍ତ୍ତମାନ ଜଣା ପଡୁଅଛି ତହିଁର ତଦନ୍ତ ନିମିତ୍ତ କେତେକଜଣ କମିଶନର ନିଯୁକ୍ତ ହୋଇଅଛନ୍ତି । ଏମାନଙ୍କର ଅନୁସନ୍ଧାନର ଫଳ ବାହାରିଲାରୁ କିଛି ଆଇନ କରିବାର ପ୍ରୟୋଜନ ଦେଖା ଗଲେ ତାହା କରିବାକୁ ହେବ ।

---

ବର୍ଦ୍ଧମାନର ରାଜମାତା ଏବଂ ରାଜମହିଷୀଙ୍କ ବିଷୟ ଯେଉଁ ଯେଉଁ ଗଣ୍ଡଗୋଳ ଉପସ୍ଥିତ ହୋଇଅଛି ତହିଁରେ ବଣ୍ଠା ଭୁଜଙ୍ଗ ସେନ ଟଣାଟଣି ଆରମ୍ଭ ହୋଇଅଛି ଏବଂ ଆମ୍ଭେମାନେ ପତ୍ରେ ଯାହା ଆଶଙ୍କା କରିଥିଲୁଁ ତାହା ଦେଖିବାରେ ଆସୁଅଛି । ବଣ୍ଠା ଭୁଜଙ୍ଗ ଖରଚ ହେବା ସମୟରୁ ରାଜମାତାଙ୍କ ନାମରେ ରହିଅଛି ଏବଂ ରାଜମାତା ତାହାକୁ ଆପଣର ସମ୍ପତ୍ତି ବୋଲି ପୃଥକ କରି ନେବାକୁ କୋର୍ଟରେ ଦରଖାସ୍ତ କରିଅଛନ୍ତି । କୋର୍ଟଙ୍କ ନିଷ୍ପତ୍ତି ଜଣା ପଡ଼ି ନାହିଁ କିନ୍ତୁ ରାଜମହିଷୀଙ୍କ ସମ୍ପତ୍ତି କୋର୍ଟଅଫୱାର୍ଡସରେ ଆସିବାର ବନ୍ଦୋବସ୍ତ ଲାଗି ଥିବାରୁ ଯେଉଁମାନେ ଏ ବନ୍ଦୋବସ୍ତ କରୁଅଛନ୍ତି ସେମାନେ କହନ୍ତି କି ବଣ୍ଠା ଭୁଜଙ୍ଗ ପ୍ରକୃତରେ ମହାରାଜାଙ୍କ ସମ୍ପତ୍ତି କେବଳ ରାଜମାତାଙ୍କ ନାମରେ ବେନାମୀ ହୋଇଥିଲା । ଅତଏବ ଏହା କୋର୍ଟ ଅବ ୱାର୍ଡସର ଅଧୀନରେ ଆସିବ ଏବଂ ମହାରାଜାଙ୍କ ଜୀବଦଶାରେ ଯେଉଁ ପ୍ରଣାଳୀରେ ଏ ବିଷୟର କାର୍ଯ୍ୟ ସୁଶୃଙ୍ଖଳା ହୋଇ ଥିଲା ଏବଂ ଆୟ ବ୍ୟୟର ଯେପରି ବ୍ୟବସ୍ଥା ଥିଲା କୋର୍ଟଙ୍କଦ୍ୱାରା ସେହିପରି ହେବ । ଏହି ବନ୍ଦୋବସ୍ତକୁ ସାର୍ଥକ କରିବା ନିମିତ୍ତ ବର୍ଦ୍ଧମାନ ଷ୍ଟେଟର ପ୍ରଧାନ କାର୍ଯ୍ୟ ।ଆସି ଶ୍ରୀଯୁକ୍ତ ମିଲର ସାହେବ ଗତ ସପ୍ତାହରେ ଏ ନଗରକୁ ଆସିଥିଲେ । ଭୁଜଙ୍ଗର ମ୍ୟାନେଜରଙ୍କୁ ଅପର ପକ୍ଷରୁ ମୁକ୍ତର କରି ଏବଂ ତାହାଙ୍କଠାରୁ [illegible] ଅର୍ ଏକସ୍ୱରନାମା ନେଇ ଏ ସମ୍ପତ୍ତିରେ ପ୍ରସ୍ଥାନ କଲେ । ଏହିବେଳେ ବଣ୍ଠା ଭୁଜଙ୍ଗ ରାଜମହିଷୀଙ୍କ ଦଖଲରେ ଆସିବ ବୋଲି [illegible]

Digitized by srujanika@gmail.com

Split by PDF Splitter



...ବ ହାକେ ଏହି ଉପଲକ୍ଷରେ କୌ-ଳମାଳ ହେବ ଏଥିପାଇଁ ଶାନ୍ତିରକ୍ଷା ...ବାବୁ ରଘୁନାଥ ବୋଷ ଟନ୍ ସ୍ପେକ୍-...ଙ୍କ ଅଧୀନରେ ଏକଦଳ ବିଶେଷ ପୁଲିସ ...ଙ୍କୁ ଦିନ ପୂର୍ବରୁ ଏଠାରୁ ପ୍ରେରିତ ହୋଇ ...ଲେ ସେମାନେ ଅଦ୍ୟ ସେଠାରେ ଅଛନ୍ତି । ...ମଧ୍ୟରେ ଷ୍ଟେଟସମାନଙ୍କ ଅବଗତ ହେଲୁଁ ...ଯେ ବାବୁ ମହାନନ୍ଦ ପଣ୍ଡିତ ସବଜମାଡାଙ୍କ ...ପକ୍ଷରୁ କୁଜଙ୍ଗର ମାନେଜର ନିଯୁକ୍ତ ହୋଇ ଅଛନ୍ତି । ସେ ଏଠାରେ ପହୁଞ୍ଚି କ କାର୍ଯ୍ୟ ...ଭବେ ଦେଖିବାରେ ଅସିବ । ଅମ୍ଭେମାନେ ...ଭରସା କରୁଁ କ ବୋର୍ଡ ସୁବିଚାର ପୂର୍ବକ ଏ ବିଷୟର ମୀମାଂସା କରିବେ ।

---

ଶିକ୍ଷାବିଭାଗ ଓ ଶିକ୍ଷାବନ୍ଧୁ ।

ଶିକ୍ଷାବନ୍ଧୁଙ୍କର ଅକାରଣ ବାକ୍ୟବାଣ ଏବଂ ଅସଙ୍ଗତ ବିଚାରରେ ଅମ୍ଭେମାନେ ...ହେଁଦ୍ଧ କଷ୍ଟ ପାଇ ' ତ୍ରାହି ମଧୁସୂଦନ ' ଡାକ ପକାଉଅଛୁଁ । ଏ ବିପଦରୁ ଉଦ୍ଧାର ପାଇବାର ଅନ୍ୟ ଉପାୟ ଦିଶୁ ନାହିଁ । ଅମ୍ଭେମାନେ ଆଶା କରିଥିଲୁଁ କ ଯେମନ୍ତ ଶିକ୍ଷାର ଉନ୍ନତି ସାଧନ ତେମନ୍ତ ଶିକ୍ଷାବିଭାଗୀୟ କର୍ମଚାରୀଙ୍କର ତ୍ରୁଟି ସଂଶୋଧନ ଏବଂ ସେମାନଙ୍କ ପ୍ରମାଦ ଶିକ୍ଷା ଦେବା ଶିକ୍ଷାବନ୍ଧୁ ଆପଣାର କର୍ତ୍ତବ୍ୟ କର୍ମ ବୋଲି ଜ୍ଞାନ କରିବେ । ମାତ୍ର କାର୍ଯ୍ୟତଃ ଦେଖା ଯାଉଅଛି ଯେ ଉକ୍ତ କର୍ମଚାରୀଙ୍କ କାର୍ଯ୍ୟ ପ୍ରତି ସେ ଅଟେଦୀ ଦୃଷ୍ଟି ରଖନ୍ତି ନାହିଁ ବରଂ କେହି ସେ ସମ୍ପର୍କରେ କିଛି କହିଲେ ତହିଁର ସତ୍ୟ ମିଥ୍ୟା ଅନୁସନ୍ଧାନ କରିବା ପୂର୍ବ ତାହାକୁ ଗାଳି ଦେବାକୁ ତତ୍ପର । ଅମ୍ଭେମାନେ ଯେଉଁ ଅନ୍ୟାୟ କାର୍ଯ୍ୟର ଉଲ୍ଲେଖ କରିଥିଲୁଁ ତାହା ବେଦେଖାଳ ହେଲ ହୋଇ ଅଛୁଅଛି ଶିକ୍ଷାବନ୍ଧୁ ସେଥିର ତତ୍ତ୍ୱମାତ୍ର ଜାଣି ନ ଥିବାର ପ୍ରକାଶ କରିଅଛନ୍ତି ଅଥଚ ଅମ୍ଭେମାନେ କହିଦେଲୁଁ ବୋଲି ପ୍ରତିପନ୍ନ କରି ଦେଲେ ଯେ ରଘୁନାଥ ବାବୁଙ୍କର ନିନ୍ଦା ଗାଇବା ଅମ୍ଭମାନଙ୍କର ନିତ୍ୟ ବ୍ରତ । ଯେବେ ଅମ୍ଭମାନଙ୍କର କଥା ନିତାନ୍ତ ଅମୂଳକ ବୋଲି ପ୍ରମାଣ କରି ଦିଅନ୍ତେ ତେବେ ସେପରି କହିଲେ ଶୋଭା ପାନ୍ତା ଏବଂ ଅମ୍ଭେମାନେ ଅନୁତାପ ଓ କ୍ଷମାପ୍ରାର୍ଥନା ବା ଅନ୍ୟ ପ୍ରକାରେ ପ୍ରାୟଶ୍ଚିତ୍ତ କରିବାକୁ କିଛି ମାତ୍ର ଦ୍ୱିଧା କରନ୍ତୁ ନାହିଁ କିନ୍ତୁ ଅନ୍ୟଥା ପ୍ରମାଣ ହେଲେ ଅମ୍ଭମାନଙ୍କର ଦୋଷ ଦେଖାଇବା କ ବନ୍ଧୁତାର କାର୍ଯ୍ୟ ହେବ ନାହିଁ ? ସୁତରାଂ କିଛି ନ ବୁଝି ପ୍ରଥମରୁ ନିନ୍ଦୁକ ବୋଲି ଗାଳିଦେବା କେମନ୍ତ ସରଳତା ଏବଂ ନ୍ୟାୟ ବିଚାର ଅଟଇ ସର୍ବସାଧାରଣ ତହିଁର ବିଚାର କରିବେ । ଅଉ ଯେବେ ଅମ୍ଭେମାନେ ନିନ୍ଦୁକ ଓ ବିଦ୍ୱେଷୀ ତେବେ ଅନୁସନ୍ଧାନ କରିବା ସକାଶେ ପରାମର୍ଶ ଦେବାର ଆବଶ୍ୟକ କି ? ଶିକ୍ଷାବନ୍ଧୁ ଲେଖିଅଛନ୍ତି କି ଜଏଣ୍ଟ ଇନ୍‌ସ୍ପେକ୍ଟର ସର୍ବଜ୍ଞ ବା ସର୍ବବ୍ୟାପୀ ନୁହନ୍ତି ଯେ କୌଣସି ବିଷୟ ତାହାଙ୍କର ଜ୍ଞାତସାରରେ ନ ଅସିଲେ ସେ ତହିଁର ପ୍ରତିବିଧାନ କରିବେ । ସତ୍ୟଯୋଗିଙ୍କର ଏ ଉକ୍ତିଲିପି ନିତାନ୍ତ ଅସାର ଅଟଇ । ଯେବେ ମନୁଷ୍ୟ ସର୍ବଜ୍ଞ ହୋଇ ପାରନ୍ତା ତେବେ ଏକା ଶିକ୍ଷା ବିଭାଗୀୟ ଡାଇରେକ୍ଟର ସକଳ କର୍ମ କଲିକତାରେ ବସି କରନ୍ତେ । ମନୁଷ୍ୟ ପକ୍ଷରେ ସେପରି କ୍ଷମତା ଅସମ୍ଭବ ବୋଲି ନାନା ଶ୍ରେଣୀର ପରିଦର୍ଶକ ନିଯୁକ୍ତ ହୋଇଅଛନ୍ତି । ଶିକ୍ଷା ସମ୍ବନ୍ଧରେ ଜଏଣ୍ଟ ଇନ୍‌ସ୍ପେକ୍ଟର ବିଭାଗୀୟ କର୍ତ୍ତା ଅଟନ୍ତି ସେ ଆପଣା ଇଲାକା ମଧ୍ୟରେ ନିୟତ ଭ୍ରମଣ କରି ସକଳ ବିଷୟର ତତ୍ତ୍ୱାବଧାରଣ କରିବେ ବୋଲି ଗବର୍ଣ୍ଣମେଣ୍ଟ ତାହାଙ୍କୁ ଏତେବଡ ଅର୍ଥ ଦେଇ ଅଛନ୍ତି । ଯେବେ କୌଣସି ଦୋଷ ତାହାଙ୍କର ତୀକ୍ଷ୍ମ ଦୃଷ୍ଟି କ ବଳାଇ ଗଲା ତେବେ ତହିଁରେ ତାହାଙ୍କ କାର୍ଯ୍ୟର ଯଥୋଚିତ ସୁବା ଦୋଷ ହେଲା ନାହିଁ ଏକଥା କପରି ବୋଲାଯିବ ? ଜଏଣ୍ଟ ଇନସ୍ପେକ୍ଟର ଯେବେ ମନେ କରୁଥିବେ ଯେ ସେ ଭୂନ ହୋଇ କଟେରରେ ବସିରହିବେ ଲୋକେ ସୁହାଇ କଲେ ତହିଁର ବିଚାର କରିବେ ତେବେ ଏତିକ ବୋଲିବାକୁ ହେବ ଯେ ଏ ଦେଶର ଖତ ମାତ ତାହାଙ୍କୁ କିଛି ଜଣାନାହିଁ ଅଳ୍ପ ବେତନର କର୍ମଚାରୀମାନେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରେ ଏତେ ଭୟ ଓ ଭକ୍ତି ରଖନ୍ତି ଯେ ନିତାନ୍ତ ପ୍ରାଣକୁ ନ ବାଧିଲେ ମୂକ ପିଟାଇ କଥାଏ କୁହନ୍ତି ନାହିଁ ଏମନ୍ତ ସ୍ଥଳେ ସୁହାଇ ଶୁଣିବାର ପ୍ରତ୍ୟାଶା କେମନ୍ତ ଦୁର୍ବଳ ତାହା ଅନାୟାସରେ ବୁଝା ଯାଇ ପାରେ ।

---

ଜଳକର ବ୍ୟବସ୍ଥା ।

କମିସ୍ନରମାନଙ୍କର ଚତୁର୍ଥ ପ୍ରସ୍ତାବ ଏହି କ ଯେ ସମସ୍ତ ଜଳକର ସାର୍ଟିଫିକେଟରେ ଦୁଇ ଟଙ୍କାରୁ ଅଧିକ ପାଉଣା ହେବ ତହିଁ ସମ୍ପର୍କୀୟ ପ୍ରତ୍ୟେକ ପରୁଆନାରେ ଟ୦୵ ଲେଖାଏଁ ଖର୍ଚ୍ଚା ନଥିଯିବ । ଦୁଇ ଟଙ୍କାରୁ ଅଧିକ ପାଉଣା ନ ଥିବା ସ୍ଥଳେ ବର୍ତ୍ତମାନପରି ଇତଲାନାମା ଓ ଜୋରକ ପରୁଆନାର ଖର୍ଚ୍ଚା ଟ ୦୵ ଲେଖାଏଁ ଏବଂ ଓ୍ୟାରଣ୍ଟ ଖର୍ଚ୍ଚା ଟ ୦ । ନିଆଯିବ । ଏ ପ୍ରସ୍ତାବ କରିବାର ଉଦ୍ଦେଶ୍ୟ ଏହି କ ଅଧିକ ଟଙ୍କାର ବାକୀଦାର ମନେ ଅଳ୍ପ ଖର୍ଚ୍ଚା ହେତୁ ପରୁଆନା ପ୍ରତି ଆସ୍ଥା କରନ୍ତି ନାହିଁ ଅଧିକ ଖର୍ଚ୍ଚା ପଡିଲେ ଶୀଘ୍ର ଟଙ୍କା ଆଦାୟ କରିବାକୁ ପ୍ରବୃତ୍ତ ହେବେ । ଏଥିରେ ଅମ୍ଭମାନଙ୍କର ବକ୍ତବ୍ୟ ଏହି କ ଦୁଣା ଖର୍ଚ୍ଚାର ପରୁଆନା ସମ୍ପର୍କରେ ଦୁଇ ଟଙ୍କାରୁ ଊର୍ଦ୍ଧ୍ୱସଂଖ୍ୟା କରିବା କିଛି କଠିଣ ହୋଇଅଛି ଅନ୍ତତଃ ଟ୫ଙ୍କା ଊର୍ଦ୍ଧ୍ୱସଂଖ୍ୟା କରିବା ଉଚିତ କାରଣ ପରୁଆନାର ଖର୍ଚ୍ଚା ଏକାବେଳକେ ଟ ୦୵ ଠାରୁ ଟ ୦ । ଯାଏ ବୃଦ୍ଧି ହେବା ଅତ୍ୟନ୍ତ ଅଧିକ ଅଟଇ ।

କମିସ୍ନରମାନଙ୍କ ପଞ୍ଚମ ପ୍ରସ୍ତାବ ପାଟନାଳୀ ବିଷୟରେ ଅଟଇ । ପାଠକମାନେ ଜାଣନ୍ତି ଯେ ପାଟନାଳୀ ପ୍ରଜାଙ୍କ ଅସନ୍ତୋଷର ଗୋଟିଏ ଗୁରୁତର କାରଣ ଅଟଇ । ପ୍ରକୃତରେ ନାଳ କର୍ମଚାରୀମାନେ ଯଥେଚ୍ଛା ପାଟନାଳୀ କରିବାରୁ ବୃଷ୍ଟିଜଳରୁ ଯେ ପରିମାଣ ଉପକାର ପ୍ରଜାମାନେ ପାଉଥିଲେ ତହିଁରୁ ବଞ୍ଚିତ ହେଲେ ଏବଂ ଆବଶ୍ୟକ ବେଳେ ସେହି ନାଳମାନ ବନ୍ଦ କରିବାକୁ ଚେଷ୍ଟା କରିବାରୁ ଫଉଜଦାରୀ ଅଦାଲତର ଭୟ ପ୍ରଦର୍ଶିତ ହେଲା । ସୁତରାଂ ପ୍ରଜାମାନଙ୍କ ମନରେ ବିଶ୍ୱାସ ଜନ୍ମିଲା ଯେ କେବଳ ନାଳ ଜଳ ନେବା ପାଇଁ ସେମାନଙ୍କୁ ବାଧ୍ୟ କରିବା ଅଭିପ୍ରାୟରେ ପାଟନାଳୀ ଏତେ ବିସ୍ତାର ହୋଇଅଛି । ପାଟନାଳୀ ଘଟିତ ପ୍ରଜାଙ୍କ ଦୁଃଖକୁ କମିସ୍ନରମାନେ ତିନି ଦଫାରେ ବିଭ... କରିଅଛନ୍ତି ଯଥା (୧)...ସବମିର ଅନ୍ତ... ପାଟନାଳ ଯୋଗେ ...ରୁ ...ବାକୁ ପ୍ରଥମ ଶ୍ରେଣୀର ଭୂମି ଦ୍ୱିତୀୟ ବା ତୃତୀୟ ଶ୍ରେଣୀରେ ପରିଣତ ହେଲା ଏବଂ ଅସମୟରେ ଜଳ ...ବାର ଭଣ୍ଡାର ନଷ୍ଟ ହେଲା (୨)ନାଳରେ ଜଳ ବେଗେ ଦୌଡିବାରୁ ...ରୁ ...ବେ ଗଛ ସୁଦ୍ଧା ଭସାଇ ନେଇଗଲା । (୩)ବନ୍ଧସବୁ କଟା ଏବଂ ପାଟସବୁ ଶୁଖାଇ ଦିଆ ଯିବାରୁ ମାଛ ଅପ୍ରାପ୍ତ ହେଲା । କମିସ୍ନରମାନେ କହୁଅଛନ୍ତି କ ବାହୁଲ୍ୟରୂପେ ଅନୁସନ୍ଧାନ କରିବାକୁ ଅବକାଶ ପାଇ ନ ଥିବାରୁ ଏ ସୁହାରମାନଙ୍କର ସମ୍ପୂର୍ଣ୍ଣ ବଳ ନିର୍ଣ୍ଣୟ କରିବାକୁ ସକ୍ଷମ ହୋଇନାହାନ୍ତି କିନ୍ତୁ

Digitized by srujanika@gmail.com

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଅନୁଲକ୍ଷ ନୁହଇ ବୋଲି ସ୍ୱୀକାର କରୁଅଛନ୍ତି । କେବଳ ତୃତୀୟ ଶ୍ରେଣୀର ଅର୍ଥାତ୍ ମାତ୍ର ଅପ୍ରାପ୍ତ ହେବା କଥାକୁ ସେମାନେ ମାନ ନାହାନ୍ତି । ଏଥିରୁ ଆମ୍ଭେମାନେ କହୁଁ କି ଯେବେ ମୋଫସଲର ଅବସ୍ଥା ଉତ୍ତମରୂପେ ଜାଣନ୍ତି କରୁଥାନ୍ତେ ତେବେ ଏ ଶ୍ରେଣୀର ପ୍ରବଳ ଥିବାର ବୁଝି ପାରୁଥାନ୍ତେ । ବାସ୍ତବରେ ବଡ଼ ବଡ଼ ପାଟମାନ ଶୁଖାଇ ଦଆଯିବାରୁ ଛୋଟାଇ ମାଛଭଣ୍ଡାରମାନ ନଷ୍ଟ ହୋଇଅଛି ଏବଂ ମୋଫସଲରେ ମାଛ ଅପ୍ରାପ୍ତ ହୋଇ ଯେମନ୍ତ ମାଛ ବ୍ୟବସାୟୀଙ୍କର ସେମନ୍ତ ଖାଉଟିଙ୍କର କଡ଼ କଷ୍ଟ ହୋଇଅଛି । କେତେ ଦୁଃଖିଲୋକ କଣ୍ଟା ମାତ୍ର ଧରଅଣି ଖାଇବା ନିର୍ବାହ କରୁଥିଲେ ସେମାନଙ୍କର କଷ୍ଟ କିଏ ବୁଝିବ? ଯାହାହେଉ ଶିକ୍ଷାରକ୍ଷା ବିଷୟରେ କମିଶନରମାନେ ଏହି ପ୍ରସ୍ତାବ କରୁଅଛନ୍ତି ଯେ ବର୍ଷାଜଳ ବାହାରିବାର ପ୍ରଧାନ ନାଳମାନ ଅବାଧରୂପେ ସର୍ବଦା ମୁକୁଳା ରହିବ କେବଳ ସାନ ପାଟନାଳମାନଙ୍କରେ ପ୍ରଜାମାନେ କୌଣସି ଅବସ୍ଥାରେ ବନ୍ଧ ପକାଇପାରିବେ ଅର୍ଥାତ୍ କୌଣସି ସାନନାଳକୁ ସର୍ବଦା ମୁକୁଳା ରଖିବା ଉଚିତବୋଲି ବିବେଚନା ହେଲେ ତହିଁ ସକାଶେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଆଦେଶ ଆବଶ୍ୟକ ହେବ । ଅନ୍ୟ ନାଳ ସମ୍ପର୍କରେ ବାଇକମାସ୍ତର ସାହେବ ଆପଣା ବିବେଚନାମତେ ବନ୍ଧ ପକାଇବାର ଅନୁମତି ଦେଇପାରିବେ । ବନ୍ଧ ପକାଇବାକାରଣ ଲିଖିତପ୍ରାର୍ଥନା ବାଇକମାସ୍ତରଙ୍କ ଠାରେ ଦାଖଲ ହେବ ଏବଂ ପ୍ରାର୍ଥନାକାରୀ କୌଣସି ନିର୍ଦ୍ଦିଷ୍ଟ ସମୟ ଯଥା ତା ୧୫ ଜୁନ ତାରିଖର ମଧ୍ୟରେ ବନ୍ଧ ଉଠାଇନେବାକୁ ଅଙ୍ଗୀକାର କରିବ ଏବଂ ତହିଁର ମାଶୁଲସ୍ୱରୂପ କିଛି ଖର୍ଚ୍ଚା ଉପସ୍ଥିତ କରିବ । ପ୍ରତ୍ୟେକବର୍ଷ ସକାଶେ ପୃଥକ୍ ଅନୁମତି ନେବାକୁ ହେବ । ଆମ୍ଭମାନଙ୍କ ବିବେଚନାରେ ଏ ନିୟମଗୁଡ଼ିକ ଅତି କଷ୍ଟସାଧ ହୋଇଅଛି । ଏହି ପ୍ରଣାଳୀରେ କାର୍ଯ୍ୟ କରୁ କରୁ ବର୍ଷା ଉଦୟକ ନାଇବାଟେ ବହି ଯାଇଥିବ ତେଣେତେଣେ ଅନୁମତି ପାଇଲେ ସୁଦ୍ଧା କିଛି ଫଳ ହେବ ନାହିଁ । ସେପରି ନାଳରେ କଦାଚ ବନ୍ଧ ପଡ଼ିବ ନାହିଁ ଯେବେ ଗବର୍ଣ୍ଣମେଣ୍ଟଙ୍କ ଅଙ୍ଗୀକାରେ ତାହା ପୃଥକରୂପେ ଚିହ୍ନିତ ହେବ ତେବେ ଅପର ନାଳରେ ପ୍ରଜାମାନେ ଇଚ୍ଛାମତେ ବନ୍ଧ ଦେଇପାରିବେ ଏପରି ସାଧାରଣ ଅନୁମତିକର ବି ଯଥେଷ୍ଟ ଅଛି କେବଳ ଏଭଳି ନିୟମ କରିଦେଲେ ଯଥେଷ୍ଟ ହେବ ଯେ କେହି ସେପରି ବନ୍ଧ ପକାଇଲେ ତା ୧୫ ରିଖ ଜୁନର ମଧ୍ୟରେ ତାହା ସମ୍ପୂର୍ଣ୍ଣରୂପେ କାଟି ଦେବ ଏବଂ ତାହା ନ କଲେ ବାଇକମାସ୍ତରଙ୍କୁ ବନ୍ଧ କଟାଇବା ତହିଁର ଖର୍ଚ୍ଚା ସରକାରୀ ବାକି ପାଉଣାସ୍ୱରୂପ ତାହାଠାରୁ ଆଦାୟ ହେବ । ଯେଉଁମାନେ ବନ୍ଧ ପକାଇବେ ଅବଳମ୍ବେ ତହିଁର ଏତଲା ବାଇକମାସ୍ତରଙ୍କଠାରେ ଦେବେ ଏପରି ନିୟମ ମଧ୍ୟ ହୋଇପାରେ । ପୂର୍ବରୁ ଅନୁମତି ନେବାର ନିୟମ ନ ହେଲେ ବନ୍ଧ ପକାଇବା ବ୍ୟକ୍ତିମାନେ ଧରପଡ଼ ପାଇବେ କାହିଁ ଏକଥା ଆମ୍ଭମାନଙ୍କର ହୃଦ୍‌ବୋଧ ହେଉ ନାହିଁ । ଏପରି ବଡ଼ ଓ ସାନ ପାଟନାଳୀ ମଧ୍ୟରେ ପ୍ରଭେଦ କରିବା ମଧ୍ୟ ଉଚିତ ହୋଇ ନାହିଁ । ଯେବେ କେବଳ ବର୍ଷା କାଳରେ ବନ୍ଧ ପଡ଼ିବ ଓ ଜୁନର ତା ୧୫ ରିଖ ପୂର୍ବରୁ କାଟି ଦଆଯିବ ତେବେ ଯେଉଁଠାରେ ପ୍ରଜାଙ୍କର ସୁବିଧା ସେଠାରେ ଜଳ ଅଟକାଇ ରଖିବାରେ ବାଧା ଦେବାର କୌଣସି ହେତୁ ନାହିଁ ।

ନୂତନ ପାଟନାଳୀ ନିର୍ମାଣ ସମ୍ପର୍କରେ କମିଶନରମାନେ ପ୍ରସ୍ତାବ କରୁଅଛନ୍ତି ଯେ ପ୍ରତ୍ୟେକ ପାଟନାଳୀର ବାହୁଲ୍ୟ ଇଷ୍ଟିମେଟ ସଙ୍ଗେ କଲେକ୍ଟର ସାହେବଙ୍କ ଲିଖିତ ଅଭିପ୍ରାୟ ପଠାଇବାକୁ ହେବ । ଏ ନିୟମରେ ନାଳ ନିର୍ମାଣକର ଅନେକ ଅକାରଣ ନାଳ ନିର୍ମାଣର ପ୍ରବୃତ୍ତି ଭଙ୍ଗ ହେବ ସନ୍ଦେହ ନାହିଁ ତଥାପି କଲେକ୍ଟର ସାହେବ କେତେବେଳେ ବଳ ଅନୁସନ୍ଧାନ ନ କରି ପାଟନାଳୀ ନିର୍ମାଣ ସପକ୍ଷରେ ମତ ଦେଇପାରନ୍ତି ଏଥିପାଇଁ ଏପରି ନିୟମ ହେବାର ଆବଶ୍ୟକ ଯେ କଲେକ୍ଟର ସାହେବ ମତ ଦେବା ପୂର୍ବରୁ ସେହି ନାଳ ସମ୍ବନ୍ଧୀୟ ମୌଜାମାନଙ୍କରେ ଘୋଷଣା ଦେବେ ଏବଂ ସେଠା ପ୍ରଜାଙ୍କର ଲିଖିତ ଆପତ୍ତି ନଥିଲେ ଉତ୍ତାରୁ ଆପଣା ଅଭିପ୍ରାୟ ବାଇକମାସ୍ତର ଜେନେରଲଙ୍କ ନିକଟକୁ ଲେଖି ପଠାଇବେ ।

---

। କ । ଉତ୍ତରପୂର୍ବର ବନ୍ଦୀଗଣ ।

( ଗତ ପ୍ରକାଶିତ ଉତ୍ତାରୁ )

୬ । ଜେଲ—ଗତବର୍ଷ ମଧ୍ୟରେ ମୋଟରେ ଜ୧୦୪ ଣ ଅସାମୀ ଏହି ସକଳ ଜେଲରେ କାରାଦଣ୍ଡ ଭୋଗ କରିଥିଲେ । ଏହି ଅସାମୀମାନଙ୍କ ମଧ୍ୟରୁ ଜ ୬୦୦ ଣ ପୁରୁଷ ଓ ଜ ୪ ଣ ସ୍ତ୍ରୀ ଅଟନ୍ତି । ଉକ୍ତ ଅସାମୀମାନଙ୍କ ମଧ୍ୟରୁ ଜ୨୯ଣ ଖଲାସ ଓ ଜ୯ ଣ ଫେରାର ହୋଇଥିଲେ । ବର୍ଷ ଶେଷରେ ଜ ୨୩ ଣ କଏଦି ବାକିଥିଲେ । ଏହି କଏଦିମାନଙ୍କ ଦୈନିକ ସଂଖ୍ୟାନୁସାରେ ମୋଟରେ ଜ୭୭୫୨ ଣ କଏଦି ଗତବର୍ଷ ଉପସ୍ଥିତ ଥିଲେ । ଏମାନଙ୍କ ମଧ୍ୟରୁ ସଡ଼କବନ୍ଧ କର୍ମରେ ଜ ୨୦୨୯ ଣ, ଛାପ କର୍ମରେ ଜ ୨୩୯୦ ଣ, କାଠିଆ ରୁଣା କର୍ମରେ ଜ୬୨୮ ଣ; ଦୋକଟା କର୍ମରେ ଜ ୭୦୮ ଣ; ସ୍ୱେଚ୍ଛାଇ କର୍ମରେ ଜ୩୦୭ଣ; ମେନ୍ଦେନ୍ସ କର୍ମରେ ଜ୩୪୯ ଣ; ବଗିଚ୍ଚା କର୍ମରେ ଜ୮୩୨ ଣ ଏରୂପ କର୍ମମାନଙ୍କରେ ନିଯୁକ୍ତ ଥିଲେ । ବଗିଚ୍ଚା ଆମଦାନୀ ଓ କାଠିଆ ରୁଣାବୁଣି କର୍ମ ବିକ୍ରୀ ହୁଅନ୍ତେ ଗତବର୍ଷ ଟ୬୩୯ କା ଉତ୍ପନ୍ନ ହୋଇଥିଲା ଏବଂ ମାଟିକର୍ମ ଓ ଛାପକର୍ମରୁ ହିସାବ କଲେ ମୋଟ ଆମଦାନୀ ଟ ୪୦୯ କା ଅଟେ । ଏପରି ବଗିଚ୍ଚା ଆମଦାନୀ ମଧ୍ୟରୁ ଯାହା ବିକ୍ରୀ ହୋଇଅଛି ଏବଂ ସରକାରୀକୁ ଡାଲି ଦିଆ ଯାଇଅଛି ତହିଁର ମୂଲ୍ୟ ଧଇଲେ ମୋଟ ଆମଦାନୀ ଟ ୫୦୦ କାରୁ ଊଣା ହେବ ନାହିଁ । ଗତବର୍ଷ ମୋଟରେ ଜ୧୫୬ ଣ ଅସାମୀ ଚାଲାଣରେ ଥିଲେ । ଏମାନଙ୍କ ମଧ୍ୟରୁ ଜ୨୮ ଣ ଦଣ୍ଡଭୋଗ କଲେ; ଜ୩୪ ଣ ଜାମିନରେ ହେଲେ ଖଲାସ ହେଲେ; ଜ୫୨ଣ ବିଚାରରେ ଖଲାସ ହେଲେ; ଜ୯ ଣ ଫେରାର ହେଲେ ଏବଂ ବର୍ଷ ଶେଷରେ ଜ୧ ଣ ହାଜତରେ ବାକି ଥିଲେ । ମୋଟ ହାଜତୀଙ୍କ ମଧ୍ୟରୁ ଜ୧୫୨ ଣ ପୁରୁଷ ଓ ଜ ୪ ଣ ସ୍ତ୍ରୀ ଅଟନ୍ତି । ହାଜତ କଏଦିମାନେ କୌଣସି ପ୍ରକାର ପରିଶ୍ରମ କରନ୍ତି ନାହିଁ । ସମୁଦାୟ ଦଣ୍ଡିତ ଓ ହାଜତୀ କଏଦିଙ୍କ ଖୋରାକ ପୋଷାକ ଗତବର୍ଷ ମୋଟରେ ଟ ୩୨୮ କା ଖର୍ଚ୍ଚ ହୋଇଅଛି । ଜେଲଖାନାର ସମୁଦାୟ ଖର୍ଚ୍ଚ ଧଇଲେ ଆମଦାନୀଠାରୁ ଅଧିକ ହେବ; ମାତ୍ର କ୍ରମଶଃ ଯେପରି କାମ ବଢ଼ି ଯାଉ ଅଛି ତହିଁ ଗତବର୍ଷ ମଧ୍ୟରେ ଜେଲରକ୍ଷା ଆମଦାନୀରୁ ସେ ଜେଲର ସମୁଦାୟ ଖର୍ଚ୍ଚ ଚଳିଯାଇ ପାରିବ ।

୧୩ । କଏଦିମାନଙ୍କ ମଧ୍ୟରୁ ଅଧିକାଂଶ ଚାଷ ଓ ହାତ କାମ ଅଟନ୍ତି । ଏହି ଜାତୀୟ ଲୋକ ସାଧାରଣତଃ ଗଡ଼ଜାତମାନଙ୍କରେ ବେଶି ରହନ୍ତି । କଏଦିମାନଙ୍କ ମଧ୍ୟରୁ ପ୍ରଥମବାର ଦଣ୍ଡିତ ଜ ୪୨ ଣ; ଦ୍ୱିତୀୟବାର ଦଣ୍ଡିତ ଜ ୪୦ ଣ; ତୃତୀୟ ବାର କିମ୍ବା ଅଧିକ ବାର ଦଣ୍ଡିତ ଜ ୨୨ ଣ ଅଟନ୍ତି । ମିଆଦ ସମ୍ପର୍କରେ ଜ ୧୫ ଜ ଓ ତହିଁର ନ୍ୟୂନ ୬୦

Split by PDF Splitter
Digitized by srujanika@gmail.com

ଜଣ; ଏକ ମାସ ଓ ତହିଁର ନ୍ୟୂନ ୬୮ ଜଣ; ଛ ମାସ ଓ ତହିଁର ନ୍ୟୂନ ୩୪ ଜଣ; ଏକ ବର୍ଷ ଓ ତହିଁର ନ୍ୟୂନ ୧୩ ଜଣ; ଦୁଇ ବର୍ଷ ଓ ତହିଁର ନ୍ୟୂନ ୩ ଜଣ ଏବଂ ଦୁଇ ବର୍ଷରୁ ଅଧିକ ୫ ଜଣ ଦଣ୍ଡ ପ୍ରାପ୍ତ ହୋଇଅଛନ୍ତି । ସମୁଦାୟ କଏଦୀଙ୍କ ମଧ୍ୟରୁ ଲେଖା ପଢ଼ା ଜାଣିବାଲୋକ ୩୦ ଜଣ ଏବଂ ମୂର୍ଖ ୭୪ ଜଣ ଅଟନ୍ତି । କଏଦୀମାନଙ୍କ ନିୟମିତରୂପେ ଆହାର ଓ ପରିଶ୍ରମ କରୁଥିବାରୁ ସେମାନଙ୍କ ମଧ୍ୟରେ ପୀଡ଼ାର ପରିମାଣ ଊଣା ଅଟେ । ଜେଲଖାନା ବନ୍ଦୋବସ୍ତ ମଫସଲ ନିର୍ମିତ ହୋଇ ନ ଥିବାରୁ ଗତ ବର୍ଷ ଦୁଇ ଜଣ କଏଦୀ ଫେରାର ହୋଇଥିଲେ ସମ୍ପ୍ରତି ଯେଉଁ ନୂତନ ଜେଲ ପ୍ରସ୍ତୁତ ହେଉଅଛି ତାହା ସମ୍ପୂର୍ଣ୍ଣ ହେଲେ ଫେରାର ସମ୍ବନ୍ଧରେ କୌଣସି ପ୍ରକାର ଅଶଙ୍କା ରହିବ ନାହିଁ ।

କ୍ରମଶଃ

---

# ସାପ୍ତାହିକ ସଂବାଦ ।

ଏ ନଗରରେ ଓଲାଉଠା ରୋଗ ପ୍ରାୟ ପୂର୍ବପରି ରହିଅଛି ବିଶେଷ ଊଣା ପଡ଼ି ନାହିଁ । ଏଠା ମିଉନିସିପାଲିଟି ଯେଉଁ ତାଲିକା ପ୍ରସ୍ତୁତ କରୁ ଅଛନ୍ତି ତହିଁରୁ ଜଣାଯାଏ ଯେ ଗତ ଜୁଲାଇମାସ ତା ୧ ଦିନଠାରୁ ଆରମ୍ଭ ହୋଇ ପ୍ରଥମ ସପ୍ତାହରେ ଜ ୭ ଣ ୨ୟ ସପ୍ତାହରେ ଜ ୧୨ ଣ ୩ୟରେ ଜ ୧୬ ଣ ୪ର୍ଥରେ ଜ ୨୦ ଣ ୫ମରେ ଜ ୧୬ ଣ ଏବଂ ୬ଷ୍ଠରେ ଜ ୧୪ ଣ ଅର୍ଥାତ୍ ଅଗଷ୍ଟମାସ ତା ୧ ଦିନଠାରୁ ଅଗଷ୍ଟମାସ ତା ୧୧ ଦିନ ପର୍ଯ୍ୟନ୍ତ ମୋଟରେ ଜ ୫୧ ଣ ଏହି ରୋଗରେ ମରି ପଡ଼ି ଅଛନ୍ତି । ସବୁ ସୁଦ୍ଧା ଜ ୧୩୩ ଣଙ୍କ ଏହି ରୋଗ ଧରିଥିଲା ଜ ୩୮ ଣ ମାତ୍ର ଆରୋଗ୍ୟ ହୋଇ ଅଛନ୍ତି ।

ଅଗଷ୍ଟମାସ ତା ୧୫ ଦିନରେ ଶେଷ ହେବା ସପ୍ତାହରେ ଏ ନଗରରେ ଜ ୧୧ ଣ ଜନ୍ମ ଏବଂ ଜ ୩୩ ଣ ମରିଅଛନ୍ତି ଏହି ମୃତ୍ୟୁସଂଖ୍ୟା ମଧ୍ୟରେ ଓଲାଉଠାରେ ଜ ୧୫ ଣ ଅଟନ୍ତି ।

ଏ ସପ୍ତାହସାରା କଟକର ନେତ୍ରଅଳ ଋତୁସର ମନୋବୃଷ୍ଟିର ପରିମାଣ ଊଣା । ସୁଖରବିଷୟ ଯେ ମୋଫସଲରେ ପ୍ରଚୁର ବର୍ଷା ହୋଇ ବେହୁଷର କାର୍ଯ୍ୟର ସୁବିଧା କରି ଦେଇ ଅଛି ।

ଏ ସପ୍ତାହରେ ଦୁଇଥର ଏ ନଗର ଚୌଧୁରି ବଜାରରେ ଚୋରଙ୍କ ଉପଦ୍ରବ ଘଟିଥିଲା । ଗୃହସ୍ଥମାନେ ଜାଗ୍ରତ ହେବାରୁ ଚୋରଙ୍କ ଚେଷ୍ଟା ବିଫଳ ହେଲା ଓ ଦ୍ରବ୍ୟସବୁ ତାଙ୍କୁ ଛାଡ଼ି ଛାଡ଼ି ଦେଇ ପଳାଇଗଲେ । ଏ ଘଟନାରେ ପୁଲିସର ଦୃଷ୍ଟି ରହିବା ଉଚିତ ।

କଟକର ନାନାକଥା ମଧ୍ୟରେ ବାବୁ ଚତୁର୍ଭୁଜ ପଟ୍ଟନାୟକ ଏବଂ ବାବୁ ମଧୁସୂଦନ ରାଓଙ୍କ ଚରିତ୍ର ସମ୍ବନ୍ଧରେ କଲିକତାର କେତେମାନ କାଗଜରେ ଏକ ମର୍ମ ଯାଇ ସମ୍ବାଦ ପ୍ରକାଶ ହୋଇଅଛି । କଲିକତାବାସିଙ୍କ ମଧ୍ୟରୁ ଯେଉଁମାନେ ପୂର୍ବରୁ ବିଷୟ ଜାଣି ନ ଥିଲେ ତାହା ପଢ଼ି ଆଶ୍ଚର୍ଯ୍ୟ ହେଉଅଛନ୍ତି ।

ଉତ୍କଳ ଦର୍ପଣରୁ ଅବଗତ ହେଲୁଁ କି ଜଣେ ପଣ୍ଡିତ କୌଣସି ଅପରାଧ କରିବା ସନ୍ଦେହ ହାତରେ ଥିଲା । ସନ୍ଦେହ ପହରାରୁ ପଳାଇବାକୁ ଯତ୍ନ କଲାରୁ ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ଗ୍ରାଣ୍ଟ ସାହେବ ମିସଲରେ ଥିବା କାଳରେ ତାହାଙ୍କ ମସ୍ତକକୁ ଲକ୍ଷ କରି ଚଳାଇଥିଲା । ସୌଭାଗ୍ୟକ୍ରମେ ସାହେବ ସେ ଢେଲାକୁ ହାତରେ ଧରିନେଲେ ଉକ୍ତ ଲୋକ ହାଜତରେ ଅଛି ।

ତେପରଠାରେ ଡାକ୍ତିକଲମର ଦାକ୍ଷିଣାତ୍ୟ ନାମକ ଜଣେ ବ୍ରାହ୍ମଣ ଅଳ୍ପଦିନତଳେ ଅଷ୍ଟାବଧାନୀକୁ ପରୀକ୍ଷା ଦେଇଥିଲେ । ଏହାଙ୍କ ଏକ ସମୟରେ ଗୋଟିଏ ଗୁଣନ, ଗୋଟିଏ ଯୋଗ, ଗୋଟିଏ ବିଯୋଗ ଏବଂ ପାଟୀଗଣିତ ଓ ବୀଜଗଣିତର ଦୁଇ ଗୋଟି ପ୍ରଶ୍ନ କରିବାକୁ ଦିଆ ଯାଇ ଇଂରାଜୀ ଓ ତାମିଲଭାଷାରେ ଦୁଇଗୋଟି ପାଠ ଦିଆଯାଇ । ଅଷ୍ଟାବଧାନୀ ମହାଶୟ ଉକ୍ତ ପାଠ ଶୋଭାଇ କୋଣବା ସଙ୍ଗେ ଅଙ୍କମାନ ଅକ୍ଳେଶରେ କଷି ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲେ । ଏ ମହାଶୟ ମନରୁ ଏକସପ୍ତାହ ଖେଳର ଖେଳ ଖେଳି ଥିବାର ମଧ୍ୟ ସମ୍ବାଦ ମିଳଇ । ଧନ୍ୟ ସ୍ମରଣଶକ୍ତି !

କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ଗାର୍ଥ ସାହେବ ପୀଡ଼ିତ ହୋଇ ଦାର୍ଜିଲିଂଠାରୁ ବିଲାତମାନ କରି ଥିବାର ସମ୍ବାଦ ମିଳିଥିଲା । ଏ ମହୋଦୟ ଉକ୍ତ ସ୍ଥାନରେ କୋଣ୍ଟି ଆରୋଗ୍ୟ ଲାଭ କରିଥିବାର ଜଣାଯାଉଅଛି ।

ବେଲଜିଅମଠାରେ ଜଣେ ଲୋକ ଗଣନା କରି ଦେଖି-ଅଛନ୍ତି ଯେ ପ୍ରାୟ ସମସ୍ତ ଦେଶରେ ପୁରୁଷ ଶର୍ଟଠାରୁ ସ୍ତ୍ରୀ ଶାର୍ଟ ଅତ୍ୟନ୍ତ ଊଣା ଏମନ୍ତ କି ଗୋଟିକ ସଙ୍ଗେ ଅଉଟିକ ତୁଳନା କରଯାଇ ନ ପାରେ । ଫ୍ରାନ୍ସ ଦେଶରେ ପୁରୁଷ ଶର୍ଟ ପ୍ରତି ଲୋକରେ ୨୦ ସିଲିଂ [ ପ୍ରାୟ ଟ୧୦ ] ମାତ୍ର ସ୍ତ୍ରୀ ଶର୍ଟ ୧ ସିଲିଂ ୬ ପେନ୍ସ [ ପ୍ରାୟ ଟ୦।୷ ] ; ଇଂଲଣ୍ଡରେ ପୁରୁଷ ଶର୍ଟ ୧୮ ସିଲିଂ ୫ ପେନ୍ସ [ ପ୍ରାୟ ଟ୯। ] ମାତ୍ର ସ୍ତ୍ରୀ ଶର୍ଟ ୩ ସିଲିଂ ୧ ପେନ୍ସ [ ପ୍ରାୟ ଟ୧॥ ] ଏବଂ ରୁଷିଆରେ ପୁରୁଷ ଶର୍ଟ ୧୦ ସିଲିଂ ୨ ପେନ୍ସ [ ପ୍ରାୟ ଟ୫୶/ ] ମାତ୍ର ସ୍ତ୍ରୀ ଶର୍ଟ ୧୪ ପେନ୍ସ [ ପ୍ରାୟ ଟ/ ମାତ୍ର ] ।

ଓଲିବରପେନ ନାମକ ଜଣେ ସାହେବ ଅଫ୍ରିକାର ବିଖ୍ୟାତ ମାଧ୍ୱିଙ୍କି ପରାମର୍ଶ ଦେଉଥିଲେ ତାହାଙ୍କର ଜ୍ୱର ରୋଗରେ ମୃତ୍ୟୁ ହୋଇଥିବାର ସମ୍ବାଦ ମିଳଇ । ଏ କୋଚ-ଦ୍ୱୀପ ଅପର ସଜ୍ୟରେ ସୁଦ୍ଧା ମାଧ୍ୱିଙ୍କି ପରାମର୍ଶ ଦେବା କାରଣ ତାଙ୍କ ପରେ ୨ ଗଲେ ।

ପୁନଶ୍ଚ ଗଲିଲ ସେଠାର ବାଲି ସେଜାପତ ... ସାହେବଙ୍କ ସ୍ଥାନରେ ଶ୍ରୀମହାରାଜ ବେଶ୍ୟାଙ୍କ କି ପ୍ରସ୍ତୁତ କରିବ ଅଫ୍ ଏଜେଣ୍ଟ ନିଯୁକ୍ତ ହେବାର କଥା ହେଉଅଛି । ଏ ସମ୍ବାଦରୁ ଅନ୍ୟ ଦେଶୀୟ ରାଜାମାନେ କଣ ଶିକ୍ଷା ଲାଭ କରିବେ ?

ବର୍ଲିନ ନଗରସ୍ଥ ପ୍ରଧାନ ବିଦ୍ୟାଳୟର ଅଧ୍ୟାପକ ହ୍ଳେଶମାନ ସାହେବ ଦୂରବୀକ୍ଷଣଦ୍ୱାରା ଚନ୍ଦ୍ରମଣ୍ଡଳର ଫଟୋଗ୍ରାଫ ନେଇ ଅନୁବୀକ୍ଷଣ ସାହାଯ୍ୟରେ ସ୍ଥିର କରିଅଛନ୍ତି ଯେ ଚନ୍ଦ୍ରର ଯେଉଁ ଅଂଶମାନ ପୂର୍ବେ ସମୁଦ୍ର ବୋଲି ବିଶ୍ୱାସ ଥିଲା । ତାହା ବର୍ଦ୍ଧିତ୍ତ ବୃକ୍ଷ ପରିପୂରିତ ଭୂମି ଅଟଇ ଏବଂ ପୂର୍ବେ ଯାହା ପର୍ବତ ବୋଲି ଜଣା ଥିଲା ତାହା ମରୁଭୂମି ଅଟଇ । ଅଧ୍ୟାପକ ହ୍ଳେଶମାନଙ୍କ ଆବିଷ୍କ୍ରିୟା କେତେଦୂର ବିଶ୍ୱାସଯୋଗ୍ୟ ବୋଲିଯାଇ ନ ପାରେ ମାତ୍ର ଏଥିରୁ ପୂର୍ବ ତଥ୍ୟସମାନ ଅମୂଳକ ଥିବାର ସ୍ଥିର ହୋଇଗଲା ।

ବଙ୍ଗ ବାଳିକା ବ୍ୟବସାୟର ବାର୍ତ୍ତା ପାଲମାଲ ଗେଜେଟ-ରେ ପ୍ରକାଶିତ ହୋଇଥିବାରୁ ସେଥିରେ ଅନେକ ଗ୍ରାହକ ଊଣା ହୋଇ ଯାଇଥିବାର ସମ୍ବାଦ ମିଳଇ ।— ସଭ ଊଣା ହେଉ ପଞ୍ଚଙ୍କ ପାଲମାଲ ଗେଜେଟ କର୍ତ୍ତବ୍ୟ କାର୍ଯ୍ୟରେ ଯେଉଁପ ଅସୀମସାହସିକତା ଦେଖାଇ ଅଛନ୍ତି ସେଥିରୁ କୁଟିଳ ଦୃଷ୍ଟି ପ୍ରତି ଦୃଷ୍ଟିପାତ ନ କରି ଯେଉଁପ କ୍ରିୟା କରି ଅଛନ୍ତି ତହିଁ ନିମିତ୍ତ ସେ ସମସ୍ତ ଲୋକରେ ଧନ୍ୟବାଦର ଯୋଗ୍ୟ ।

କୁମାରୀ ପିଗଟଙ୍କ ହେତୁ କଲିକତା ବିଖ୍ୟାତ ଅଧ୍ୟାପକ ପାଦ୍ରୀ ହେଷ୍ଟି ସାହେବ ଭାରତରୁ ବହିଷ୍କୃତ ହୋଇଥିବା କଥା ପାଠକଙ୍କୁ ଜଣାଅଛି । ବର୍ତ୍ତମାନ ଅବଗତ ହେଲୁଁ ଯେ ସାହେବ ମହୋଦୟ ଘରକୁ ଯାଇ ସ୍ଥିରହୋଇ ବସି ନାହାନ୍ତି । ସେଠାରେ ମଧ୍ୟ କୁମାରୀ ପିଗଟଙ୍କପ୍ରତି ତାହା ( ହେଷ୍ଟି ସାହେବ ) ଙ୍କ ବ୍ୟବହାର ସମ୍ବନ୍ଧରେ ସମ୍ବାଦପତ୍ର-ମାନଙ୍କରେ ପ୍ରତିକୂଳ ଖବର ସମାଲୋଚନା କରିଥିବାର ସେ ସେଠାର ଜଣେକ ପାଦ୍ରୀ ପେଗାନ ସାହେବଙ୍କ ନାମରେ ଅପବାଦର ମୋକଦ୍ଦମା ଆଣିଅଛନ୍ତି ।— ହେଷ୍ଟି ସାହେବ ଥିଏ ହେବାର ଜାଣୁ ନାହାନ୍ତି ।— ଛିଦ୍ରେଷୁଅନର୍ଥା ବହୁଳୀ ଭବନ୍ତି ।

ମଧ୍ୟପ୍ରଦେଶର ବିଖ୍ୟାତ ଡକାଇତ ତାନ୍ତିଅବିଲଙ୍କୁ ଯେ ଧରି ଦେବ ତାହାକୁ ପୁରସ୍କାର ଦେବା କାରଣ ଏକ ସହସ୍ର ଟଙ୍କା ଧାରଇ ମହାରାଜା ଗବର୍ଣ୍ଣର ଜେନେରାଲ ବାହାଦୂରଙ୍କ ଏଜେଣ୍ଟଙ୍କ ସମୀପରେ ରଖିତ କରିଅଛନ୍ତି ।— ମହାରାଜା-ଙ୍କର ଏତାଦୃଶ ଅତୀବ ପ୍ରଶଂସନୀୟ ।

ମାନ୍ଦ୍ରାଜର ହୌରୁଦବରର ସମୟରେ ଏକ କୃଷ ରମଣୀଙ୍କ ବୟସ ପତ୍ରରଣ୍ଟ ସେ କହିଲ ଅମ୍ଭେ ‘ଷୀଲେକ ବୟସ ଜାଣ୍ଟ ଜାଣିବୁଁ’ ଏପରି କେତେ ପୁରୁଷ ଅଙ୍କ ଏଠା ମୋଫସଲରେ ମିଳପାରନ୍ତି । ଅଳ୍ପଦିନ ତଳେ ଜଣେ ଲୋକକୁ ଏଠା ଜଜ ସାହେବଙ୍କ ଅଦାଲତରେ ଯୋବାଜବନୀ ବେଳେ ବୟସ ପଚାରନ୍ତେ ଉତ୍ତର କଲ ‘ବୟସ ସାତପୁଞ୍ଜା ହେବ’ ।

ଜାପାନ ଦେଶାନ୍ତର୍ଗତ ଜେନଗୋଭ ମଧ୍ୟବର୍ତ୍ତୀ ଜେଣ୍ଡ୍ରୋ-ଜନ୍ମଭାଠାରେ କସ୍ରୋସିନ ତେଲ ଖଣି ଆବିଷ୍କୃତ ହୋଇ ଥିବାର ସମ୍ବାଦ ମିଳଇ ଉପରୋକ୍ତ ଦେଶର ଏକ ସ୍ଥାନରେ ସ୍ୱର୍ଣ୍ଣଖଣି ବାହାରିଥିବାର ଜଣାଯାଉଅଛି ।

ଚୀନ ଦେଶରେ ପୁନଶ୍ଚାର ଗୋଳମାଳ ଘଟିବାର ସମ୍ଭାବନା ଦେଖାଯାଏ । ହାଲଫଗଠାରୁ ଆସିଥିବା ଗତତ ମାସ ତା ୧୦ ରଖର ତାର ସମ୍ବାଦରୁ ପ୍ରକାଶ ଯେ ଟିଙ୍କ୍ଷିଙ୍ଗ-ଠାରେ ଖ୍ରୀଷ୍ଟିୟାନମାନଙ୍କ ଅକସ୍ମାତ୍ ହତ୍ୟା କରି ଯାଇ ଅଛି ଓ ଉପରେ ୮୦୦୦ ଲୋକ କଲକତ୍ତାଠାରେ ଆଶ୍ରୟ ନେଇଅଛନ୍ତି ।— କି ଭୟଙ୍କର ବ୍ୟାପାର !

ବମ୍ବେର ଯେଉଁ ମୁଲକର ସାହେବ ନରହତ୍ୟା ଅପରାଧରୁ ଅକ୍ଳେଶରେ ଅବ୍ୟାହତି ପାଇଥିଲେ ତାହାଙ୍କ ଏକାବେଳକେ ସରକାରୀ କର୍ମରୁ ବହିଷ୍କୃତ କରିଯାଇ ଥିବାର ସମ୍ବାଦ ମିଳଇ ।— ଠିକ କି ?

ଜାପାନ ଦେଶର ଅନେକ ଲୋକେ ଖ୍ରୀଷ୍ଟିୟାନ ପ୍ରଧାନନଗର ୟୋକୋହାମାଠାରେ ବାସ କରିଥିବାରୁ ସେଠାରେ ବୌଦ୍ଧଧର୍ମସମ୍ବନ୍ଧୀୟ ଏକ ମନ୍ଦିର ନିର୍ମାଣ କରିବାର ଆୟୋଜନ ହୋଇଅଛି । ଏହିରୂପରେ କ୍ରମେ ପାଶ୍ଚାତ୍ୟର ଧର୍ମ ୟୁରୋପ ମଧ୍ୟରେ ପ୍ରବେଶ କରିବାର ବାଟ ଦେଖୁଅଛି ।

ଶିକାର ସୁଦ୍ଧା ଦୌଲ ଅବଲିତରେ ଏକ ଖୁନି ମୋକଦ୍ଦମାରେ ଆସାମୀ ( କି ସେ ସ୍ତ୍ରୀଲୋକ ଅଟେ ) ପ୍ରତି ପ୍ରାଣଦଣ୍ଡର ଆଦେଶ ହେବାରୁ ତହିଁରେ ସେ ଏକାବେଳକେ ଭୟାନକରୂପେ ପାଗଳ ହୋଇଗଲା ଏମନ୍ତ କି ଆଉ ତହିଁରୁ ଆରୋଗ୍ୟ ହେବାର ସମ୍ଭାବନା ନାହିଁ । ଏବିଷୟ ହାଇକୋର୍ଟକୁ ରିପୋର୍ଟ ହୋଇଅଛି ।— ପ୍ରାଣଦଣ୍ଡ କି ଭୟଙ୍କର ବ୍ୟାପାର !

ଲଣ୍ଡନ ନଗରରୁ ଅସିଥିବା ଗତମାସ ତା ୩୧ ଖର ଡାକବାର୍ତ୍ତାରୁ ପ୍ରକାଶ ଯେ ସ୍ୱେ ଡନର (ଷ୍ଟେଣ୍ଡାର୍ଡ ନାମକ ସମ୍ବାଦ ପତ୍ରରେ ଅସ୍ମାନଙ୍କର ନୂତନ ଷ୍ଟେଟ ସେକ୍ରେଟରୀ ଚର୍ଚ୍ଚିଲ ସାହେବଙ୍କ ବିରୁଦ୍ଧରେ ତୀବ୍ର ଉକ୍ତିମାନ ହୋଇଅଛି । ଲର୍ଡ ଚର୍ଚ୍ଚିଲ ମହାଶୟ ଅଜ୍ଞ ଏବଂ ଅନୁପଯୁକ୍ତ ଏପରି ଉକ୍ତ କାଗଜରେ ଲେଖା ଅଛି । ପୁଣି ଏ କଥା ମଧ୍ୟ କୁହା ଯାଇ ଅଛି ଯେ ଚର୍ଚ୍ଚିଲ ମହୋଦୟ ରକ୍ଷଣଶୀଳ ସମ୍ପ୍ରଦାୟର ଘୋର ଭଲ ଅନିଷ୍ଟ କରିବେ । ଚର୍ଚ୍ଚିଲ ମହୋଦୟ ଅଳ୍ପବୟସ୍କ ଲୋକ ଅଟନ୍ତି ତଥାପି ଏହାଙ୍କ କାର୍ଯ୍ୟାକାର୍ଯ୍ୟ ଦେଖି ନ ସରେ ଅମ୍ଭେମାନେ କୌଣସି ମତାମତ ଦେଇ ନ ପାରୁ । ବର୍ତ୍ତମାନ ଭାରତ ପାଠକମାନେ ଷ୍ଟେଣ୍ଡାର୍ଡର କଥା ବିର୍ଯ୍ୟସେବନା କରନ୍ତୁ ।

ଦୁର୍ଭିକ୍ଷର ଆଉ ନାମ ନାହିଁ । ଗତମାସ ତା ୨୭ ଖ ଘରେ ମୁରସିଦାବାଦ ଉସ୍ମାନପୁରଠାରେ ସକାଳ ସ ୫ ଘ ଏବଂ ଦଣ୍ଡଘଣ୍ଟା ଓ ବିପ୍ରହର ବେଳଘଣ୍ଟା ସମୟରେ ଏରୂପ ତିନିଥର ଭୂମିକମ୍ପ ପ୍ରବଳ ହୋଇଥିବାର ସମ୍ବାଦ ମିଳଇ । ବିଶେଷ କୌଣସି କ୍ଷତି ହୋଇ ନାହିଁ ।

ନିଜାମଙ୍କର ମହାରାଜା ଗତ ମାସ ତା ୪ ଖ ରାତ୍ରି ସ ୭ ଘ ସମୟରେ ପରଲୋକଗାମୀ ହୋଇଥିବାର ବାର୍ତ୍ତା ମିଳଇ ।

## ଜଗତ୍‌ସିଂହପୁରର ସମ୍ବାଦ ।

ଏ ଅଞ୍ଚଳରେ ପ୍ରବାହିତ ଅଲକା ନଦୀ ମଧ୍ୟରେ ସୁପ୍ରସିଦ୍ଧ ସୋମନାଥ ମହାଦେବଙ୍କ ମନ୍ଦିର ଅଛି । ଉକ୍ତ ମନ୍ଦିରଟି ପୁରାତନ ହେବାରୁ ଜୀର୍ଣ୍ଣ ଭଗ୍ନ ଦଶାକୁ ପ୍ରାପ୍ତ ହୋଇଅଛି । ଏ ଅଞ୍ଚଳରେ ମହାଦେବଙ୍କ ସନ୍ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଅନେକ ଧନୀ ଜମିଦାରମାନେ ବାସ କରନ୍ତି । ପ୍ରତିଦିନ ସେମାନେ ଦେବାଳୟର ଏରୂପ ଶୋଚନୀୟ ଅବସ୍ଥା ଦର୍ଶନ କରି ମଧ୍ୟ କୌଣସି ପ୍ରତିକାର କରୁ ନାହାନ୍ତି । ବୋଧହୁଏ ମୂର୍ଖ ସମାନ ସଙ୍କୁଚିତ ମନରେ ବାସ କରିବାରୁ ମହାଦେବଙ୍କର ଇଚ୍ଛା ନାହିଁ । ନ ହେଲେ ଏତେ ଧନ ଲୋକମାନେ ଉକ୍ତ ମନ୍ଦିର କାର୍ଯ୍ୟ ସମ୍ପନ୍ନ କରି ପାରନ୍ତେ ନାହିଁ ?

ଏ ଅଞ୍ଚଳରେ ସମ୍ପ୍ରତି ଧାନଚାଉଳ ଶସ୍ତା ସଉଦି, ତାହା ମଧ୍ୟ ମିଳିବା କଷ୍ଟକର । ବନେଦୀମାନଙ୍କର ଧାନ ଗୋଳ ହେବୁ ଏତେଦୂର ଦର ହୋଇଅଛି ଯେ ନେତାମାନେ କଉଡ଼ି ମୂଲ୍ୟ ହେଲ ଯୁବା ପଡ଼ିଲେ ପଡ଼ ମସ୍ତକକୁ ନେଇଛନ୍ତି ହେଉଅଛି ଅଧିକାଂଶ ଦରିଦ୍ର ଲୋକ, କିନ୍ତୁ ଧାନ ଗୋଳ ମିଳିବାର ଏତେଦୂର କଷ୍ଟ ହେବାର ତର୍କେ ଅନଶନରୂପ ପାତକ କରୁଅଛନ୍ତି । ପ୍ରତ୍ୟେକ ସ୍ଥାନରେ ଏତଦ୍ରୂପ ଅଲ କଷ୍ଟ । ହେଉଁ ପ୍ରସଙ୍ଗରେ ତଦ୍ରୂପ କଷ୍ଟ ଉପସ୍ଥିତ ହେବାରୁ ବହୁ ପ୍ରଶଂସନୀୟ ବଳମଣ୍ଡଳ, ଧାନମଣ୍ଡଳ, ଗୋଲ, ପାଥିନଖାଲ, ହେତା, ମଣିକୁଣ୍ଡ, ମହନ୍ତପୁର ପ୍ରଭୃତି ଗ୍ରାମର ଲୋକମାନେ ସ୍ୱତଃ ଗଛ କୋଠରେଦ ପ୍ରବୃତ୍ତରେ ଜୀବନ କେବିକ ହୋଇଅଛନ୍ତି । ଏତେ କଷ୍ଟରେ ସୁଦ୍ଧା ଜମିଦାରମାନେ କେଉଁ ଉଦ୍ଦିଷ୍ଟ ଅବୁଝନ୍ତି । ଗରିବ ପ୍ରଜାମାନଙ୍କ ଉପରେ ଶନି ଦୃଷ୍ଟି ପଡ଼ିଅଛି ।

ବର୍ଷାହେବା ଅଧିକ ପ୍ରବଳ ହେଉଅଛି । ପୁରାପେକ୍ଷା ମୁଲ୍ୟ ଅଧିକ କମଃ [ବୃଦ୍ଧି ହେଉଅଛି] ଏଥିପାଇଁ ଅଧିକ ଅନାହାର ହେବା ସମ୍ଭବନା ।

## ପତ୍ରପ୍ରେରକଙ୍କ ପ୍ରତି ।

କେନ୍ଦ୍ରପଡ଼ା ଜଣେ ଉଦ୍ଦେଶକ—କାନ୍ଦୁପୁରର ଜମିଦାର ଜମିଦାର ବାବୁ ଗୋବିନ୍ଦବଲ୍ଲଭ ରାୟ ଏବଂ ତାହାଙ୍କ ନିଯୁକ୍ତ ସେଠାର ସୁଯୋଗ୍ୟ ସ୍କୁଲ ମାଷ୍ଟର ବାବୁ ବଳରାମ ବାନର୍ଯ୍ୟାଙ୍କ ପ୍ରଶଂସନୀୟ କାର୍ଯ୍ୟମାନ ପୂର୍ବେ ପ୍ରକାଶ ହୋଇଅଛି ଅଉ ପ୍ରକାଶ କରିବାର ପ୍ରୟୋଜନ ନାହିଁ ।

ସ୍ଥାନାଭାବ ହେତୁରୁ ଆଉ କେତେ ଖଣ୍ଡ ପ୍ରେରିତପତ୍ର ଅଗାମିକୁ ରହିଗଲା ।

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ,

କେନ୍ଦ୍ରାପଡ଼ା ଟାଉନର ଅନ୍ତର୍ଗତ ଇଛାପୁର ରାସ୍ତା ଯାହା କି ବଳଦେବ ଜିଉଙ୍କ ନିକଟ-ଦେଇ ମାର୍ଷାଘାଇ ରାସ୍ତାର ସାମିଲ ହୋଇଅଛି ସେହି ରାସ୍ତା ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଗତ ସପ୍ତାହରେ ଆପଣଙ୍କ ପତ୍ରିକାରେ ପ୍ରକାଶ ହୋଇଥିଲା । ତତ୍‌ସମ୍ବନ୍ଧରେ ଅମ୍ଭେ ଏହି କହିବାକୁ ଇଚ୍ଛାକରୁ ଲେଖକ ମହାଶୟ ଶ୍ରୀଗଣ୍ଡିଙ୍କ-ଠାରୁ ବାହୁଡ଼ାପର୍ଯ୍ୟନ୍ତ କୌଣସିଦିନ ଶ୍ରୀଜିଉଙ୍କ-ପ୍ରତି ଅନୁଗ୍ରହକରି ଦର୍ଶନକୁ ଯାଇଥିଲେକି ? ତାଙ୍କ ପ୍ରବନ୍ଧରୁ ବୋଧ ହେଉଅଛି ଯେ କି ସେ ସ୍ୱୟଂ ଯାଇନାହାନ୍ତି କେବଳ ଶୁଣାକଥା ଉପରେ ବିଶ୍ୱାସ ସ୍ଥାପନ କରିଅଛନ୍ତି ; କିନ୍ତୁ ଯଥାର୍ଥ କହିବାକୁ ଗଲେ ରାସ୍ତା ଦୁଇଏକ ଜାଗାରେ ଅନାଜ ଫୁ ୧୦୦ କିମ୍ବା ଫୁ ୧୫୦ ଟି ଖରାପ ଥିବାର ଦେଖାଯାଉଥିଲା ଓ ଏହାରୁ ରାସ୍ତାର ଦୈର୍ଘ୍ୟତାର ସଙ୍ଗେ ତୁଳନା କଲେ କହିନହେବ ; ସେ ଯାହାହେଉ ଗତବର୍ଷ ରାସ୍ତାର ଅବସ୍ଥା ପରାପେକ୍ଷା ଅନେକ ଭଲଥିଲା । ମିଉନିସିପଲ କମିଶନର ମହୋଦୟମାନେ ଉକ୍ତ ରାସ୍ତାକୁ ସେମାନଙ୍କ ସ୍ୱଳ୍ପ ପାଣ୍ଠିହେତୁ ଏକଥରରେ ପକ୍କା କରିବାକୁ ଅପାରଗ ହେବାରୁ ପ୍ରତ୍ୟେକବର୍ଷ ଅଳ୍ପ ଅଳ୍ପ ପକ୍କା କରିବାପାଇଁ ମନସ୍ଥ କରିଅଛନ୍ତି । ଗତବର୍ଷ ଅଧମାଇଲ ପକ୍କା ହେବାର ଇଷ୍ଟିମେଟ ପ୍ରସ୍ତୁତହୋଇ କାର୍ଯ୍ୟାରମ୍ଭର ଅବେଦନ ଦିଆଯାଇ ଅଛି ଓ ଯହିଁର ବ୍ୟୟ ଟ ୧୫୦୦ କା ସ୍ଥିର ହୋଇଅଛି ଇତି ।

ଆପଣଙ୍କ ଏକାନ୍ତ ବଶମ୍ବଦ ଜଣେ
ବଳଦେବ ଜିଉଙ୍କ ଯାତ୍ରୀ
କେନ୍ଦ୍ରାପଡ଼ା

———

ମହାଶୟ,

ଗତମାସ ତା ୯ ରିଖ ଅପରାହ୍ନ ୪ [illegible] ବେଳେ ଏ ଜିଲ୍ଲାର ଇନସ୍ପେକ୍ଟର ସ୍କୁଲ ଓ ଏ ବିଦ୍ୟାଳୟର ହେଡ଼ମାଷ୍ଟରଙ୍କ ଯତ୍ନରେ ଗୋଟିଏ ସଭା ଅଧିଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଏ ଅଞ୍ଚଳର ସ୍କୁଲ ଓ ଉଚ୍ଚତମ ପାଠଶାଳାମାନଙ୍କର ଶିକ୍ଷକମାନେ ଏବଂ କେତେକ-ଜଣ ଦର୍ଶକ ଉପସ୍ଥିତ ହୋଇଥିଲେ । ଗତ ଶିକ୍ଷା ସମିତିରେ ଯେଉଁ ବିଷୟମାନ ଆଲୋଚିତ ହୋଇଥିଲା, ତାହା ଏ ଜିଲ୍ଲାର ସମସ୍ତ ଶିକ୍ଷକଙ୍କ ଅବଗତ କରାଇବା ଓ ବିଦ୍ୟାଳୟମାନଙ୍କ ତ୍ରୁଟି ରହିଲେ ଶିକ୍ଷକ ଓ ଛାତ୍ରମାନଙ୍କର ଜ୍ଞାନ-ବର୍ଦ୍ଧନ ଓ ଜାତି ଶିକ୍ଷାର ବୃଦ୍ଧି ସାଧିତ ହୋଇ ଯାଇବ, ଏ ବିଷୟମାନ ଅନୁଶୀଳନ କରିବା ଉକ୍ତ ସଭାର ମୂଳ ଉଦ୍ଦେଶ୍ୟ ଥିଲା । କିନ୍ତୁ [illegible] ବିଷୟମାନ ସ୍ଥୂଳରୂପେ ତର୍କ ହେଲା ।

ଏଠା ବିଦ୍ୟାଳୟରେ 'ଶିକ୍ଷାବର୍ଦ୍ଧିନୀ' ନାମ୍ନୀ ଗୋଟିଏ ସଭା ହେବାର ସ୍ଥିର ହେଲା । ଏଥିରେ ଏ ଉପବିଭାଗ ସମସ୍ତ ଶିକ୍ଷକ ଓ ସମ୍ଭ୍ରାନ୍ତ ସୁଶିକ୍ଷିତ ବ୍ୟକ୍ତିମାନେ ମିଳିତ ହୋଇ ଗ୍ରନ୍ଥ ଓ ଜାତିଶିକ୍ଷାର ଅନୁଶୀଳନ କରିବେ ।

୨ୟତଃ । ଏ ଅଞ୍ଚଳୀୟ ମଧ୍ୟମ ଓ ଅପର ପ୍ରାଇମେରୀ ସ୍କୁଲମାନଙ୍କରେ ପଡ଼ି ରହିବାରେ ଗୋଟିଏ ଲେଖଁ ଏ ସଭା ହେଉଥିବ କି ତହିଁରେ ଶିକ୍ଷକମାନେ ଉଚ୍ଚତମ ଶ୍ରେଣୀର ଛାତ୍ର ଓ ବିଜ୍ଞାନଲାଗି ସ୍ଥାନୀୟ ଲୋକମାନଙ୍କୁ ସେଠି ସମ୍ପାଦ ପଢ଼ାଇ ପଠନ ଓ ଜାତିଶିକ୍ଷା ପ୍ରଦାନ କରିବେ । ଇତି ।

୧୮୮୫ ଚଉଦ୍ୱାରୁ ୯ । ବାଲି } ବଶମ୍ବଦ
ଶ୍ରୀ ଚନ୍ଦ୍ରାମଣି ପଣ୍ଡା ୨ୟ ଶି[illegible]

———

ମହାଶୟ !

ଅଲ୍ପକାଳ ହାଠଲଯାତ୍ରା କଟକରେ ଯାଇ ହେବାପାଇଁ ପଥିକ ଓ ସହର ନିକଟବର୍ତ୍ତୀ ପଣ୍ଡାମାନଙ୍କୁ ଯେପରି କଷ୍ଟ ସହିବାକୁ ହୁଏ, ଯେ ଦୁଇତିନିଥର ନଦୀ ଘାଟକୁ ଯାଇ ହେଉଥିଲେ, କିମ୍ବା ପାର ହୋଇ ଯିବା ଅପେକ୍ଷା ବନ୍ଦ ପଡ଼ନ୍ତି ତାହାଙ୍କ ଏ କଷ୍ଟ ଉପମରୂପେ ଜଣା ଥିବ । ଉକ୍ତ ନଦୀର ଖୁଣ୍ଟଜାଗରେ ପାରି ହେବାପାଇଁ ଘାଟ ହୋଇଅଛି ( ତରକି-ପଡ଼ା ନିକଟରେ, ଇମ୍ପିରିଆଲ ନିକଟରେ, ବେଲଦାରବଜାର ନିକଟ ଫନ୍ଦେଶାହଠାରେ, ଓ ଜଗନ୍ନାଥ ଯାତ୍ରିଙ୍କ ଜମିର୍ ଶାକଳଗଡ଼ଠାରେ । କିନ୍ତୁ ଏହି ସବୁ ଜାଗାରେ ଯେଉଁ ଘାଟକର୍ତ୍ତାମାନ

Split by PDF Splitter
Digitized by srujanika@gmail.com

ରଖା ହୋଇଅଛି ତାହାର ସଂଖ୍ୟା ଏତେ ଜନ ଯେ ପାର ଉତ୍ତାର ହେବାପାଇଁ ଲୋକମାନଙ୍କୁ ଅତ୍ୟନ୍ତ କଷ୍ଟ ସହିବାକୁ ହୁଏ । ଏ ହେତୁ ଯାତ୍ରୀମାନଙ୍କୁ ସନ୍ଧ୍ୟା ଠାରୁ ଦେଢ଼ଦନ ପର୍ଯ୍ୟନ୍ତ ଘାଟ ଇଜାରଦାର ନିକଟରେ ଅନୁସନ୍ଧ ପଡ଼ି ରହିବାକୁ ହୁଏ । ଦିନକରେ ଅନେକ ଶୁଣୁଏ ଯାତ୍ରୀଙ୍କୁ କାଠଯୋଡ଼ି ବନ୍ଦରେ ଜମା ହୋଇଥିବାର ଦେଖି ଏବଂ ସନ୍ତ୍ରସ୍ତ ହେଉଥିବାର ଜାଣି ପଗ୍ରଶ୍ନ କଲି, —ତୁମ୍ଭେମାନେ ଏତେଲୋକ ଏଠାରେ ରହିଛ କାହିଁକି ? ଉତ୍ତର ସେମାନେ କହିଲେ—କଅଣ ପଗ୍ଗ୍ରୁଛ ବାବୁ, ତୁନ୍ଦିନ ହେଲା ପାର ହେବାପାଇଁ ଅମ୍ଭେମାନେ ଏଠାରେ ରହିଲୁଣି ! ଏହା ଶୁଣି ଅମ୍ଭେ ଇଜାରଦାରଙ୍କୁ କହିଲୁ "ଯାତ୍ରୀମାନେ ଦୁଇଦିନ ହେଲା ଏଠାରେ ରହିଲେଣି ବୋଲି କହୁଅଛନ୍ତି, ଏ ଲୋକମାନଙ୍କୁ ଶୀଘ୍ର ପାର କରି ଦିଅ" ତହିଁକି ଇଜାରଦାର ମହାଶୟ ଉତ୍ତର କଲେ— ପଚ୍ଚିଶଜଣ ଆରପାଟିକୁ ଯାଇଅଛି ; ବଡ଼ କୁସ୍ପଲୀ ଖଣ୍ଡ ଆରପାଟରେ—ଆଉ ଏହି ଛୋଟ ଡଙ୍ଗାଖଣ୍ଡ ଡାଙ୍କ ଯିବା ସକାଶେ ବନ୍ଦା ହୋଇଅଛି, ଆଉ ଘାଟରୁ ପଚ୍ଚିଶଜଣ କମା କୁସ୍ପଲୀ ଆସିଲେ ଏ ଯାତ୍ରୀମାନେ ପାରହୋଇ ଯିବେ । ଏହା ଶୁଣି ଅମ୍ଭେ ନିରୁତ୍ତର ହୋଇ ରହିଲୁଁ । ପ୍ରାୟ ଅଧିକାଂଶଦିନ ଯାତ୍ରୀମାନଙ୍କ ଦଶା ଏହିପରି ।

ଇଜାରଦାର ଘାଟମାସୁଲ ନେଇସାରିଲାରୁ ଯେତେବେଳେ ସମସ୍ତେ ପାର ହେବାପାଇଁ ଘାଟ ନୌକାରେ ଚଢ଼ନ୍ତି, ସେତେବେଳେ ଘାଟ ମାଝିମାନଙ୍କର ପୃଥକ୍ ମାସୁଲ ଆଦାୟ କରିବାର ପାଳପଡ଼େ ( ଯାହା କି ଅପଣାପାଇଁ ଯାତ୍ରୀମାନଙ୍କୁ ଧମକ ଦେଖାଇ ମୋ ବଳାତ୍କାର କରି ଆଦାୟ କରନ୍ତି ) । ଏମାନେ ସହର ନିକଟବର୍ତ୍ତୀ ପରିଚିତ ଲୋକଙ୍କୁ ଛାଡ଼ିଦେଇ, ଅନ୍ୟାନ୍ୟ ଲୋକମାନଙ୍କଠାରୁ ଘାଟର ମାସୁଲ ଛଡ଼ା ଅଧିକା ଏକ୨ ପଇସା ଓ ଗାଡ଼ିଙ୍କୁ ଏକଅଣା କମା ଛଅପଇସା ଲେଖାଏଁ ... ଆଦାୟ କରନ୍ତି । ଯେଉଁ ଦୂରଦେଶୀ ପଥିକ ... ଙ୍କର କରନ୍ତି "ଘାଟମାସୁଲ ଦେଲୁଣି ... ଆଉ କାହିଁ ଦେବୁଁ" ଉକ୍ତ ... ତାହାର ଲୁଗା ଗଣ୍ଠୁଲି ଓ ଛତା ... ନୌକାରୁ କାଢ଼ି କୂଳକୁ ପକା- ... ନାନାପ୍ରକାର ଭରସ୍ନାର ସହିତ ... ଦେଇ ନୌକାରୁ ବାହାର ... ସେତେବେଳେ ସେହି ନୌକା-

କହୁଥିବାର ଅଥିକର କାଉତୋଲି ଶୁଣିଲେ କେଉଁ ପାଷାଣହୃଦୟରେ ଦୟା ପ୍ରକାଶ ନୋହିବ ? ଅଧିକାଂଶ ଗରିବ ଯାତ୍ରୀଙ୍କ ପ୍ରତି ଏହିପରି ଅତ୍ୟାଚାର ହେଉଥାଏ ।

ସେଦିନ ତିନିଜଣ ପଶ୍ଚିମାଯାତ୍ରୀଙ୍କ ମଧ୍ୟରୁ ଦୁଇଜଣ ମାଝିମାନଙ୍କୁ ଦୁଇପଇସା ଦେଇ ନୌକାରେ ବସିଲେ । ଅନ୍ୟ ଜଣକ ପଇସା ନ ଦେବାରୁ ମାଝିମାନେ ତାହାର ଛତାଖଣ୍ଡ ପାଣିକି ପେଲିଦେଇ ତାହାକୁ ବାହାର କରିଦେଲେ । ସେ ଛତା ଧରିବା ଆଶାରେ ପାଣିରେ ପ୍ରବେଶ କଲା ଏବଂ ତାହା ସଙ୍ଗର ଯାତ୍ରୀମାନେ ପାର ହୋଇ ଯିବାରୁ ସେ ପହଁରି ଭାସି୨ ଝିଙ୍କିଗଥ ନିକଟସ୍ଥ ରଣୀଷଣ୍ଡଙ୍କଠାରେ କୂଳରେ ଲାଗିଲା । ଏହା କି ଘୋର ଅତ୍ୟାଚାରର ବିଷୟ ନୁହେ ? ସରକାର କି ଇଜାରଦାରମାନଙ୍କୁ ଘାଟ ଦେଇ ନିଶ୍ଚିନ୍ତ ରହିଲେ, ଏ ବିଷୟ କିଛି ବୁଝିବେ ନାହିଁ ? ଅତଏବ ଅମ୍ଭେମାନେ ଆଶା କରୁଁ ଯେ ଦେଶର ଶାନ୍ତିରକ୍ଷକ ରାଜପୁରୁଷମାନେ ଏଥିର ଅନୁସନ୍ଧାନ କରି କୌଣସି ସୁବନ୍ଦୋବସ୍ତଦ୍ୱାରା ଅସହାୟ ପଥିକମାନଙ୍କୁ ଏ ସମସ୍ତ ଅତ୍ୟାଚାର ଓ ଉତ୍ପୀଡ଼ନରୁ ରକ୍ଷା କରିବେ । ଉପସଂହାର ସ୍ଥଳେ ବକ୍ତବ୍ୟ ଯେ କାଠଯୋଡ଼ି ନଦୀର ଇଜାରଦାର ଏ ସମସ୍ତ ଅସୁବିଧା ଓ ଅତ୍ୟାଚାର ନିବାରଣପାଇଁ ନିଜେ ଯତ୍ନଶୀଳ ହେବେ ଏବଂ ଭବିଷ୍ୟତରେ ଏପରି ନ ଘଟିବା ସକାଶେ ଅଧୀନସ୍ଥ ମାଝିମାନଙ୍କୁ ସାବଧାନ କରିବେ ।

୧୯।୮।୮୫ } ଶ୍ରୀ ଯୋଗେନ୍ଦ୍ରନାଥ ଜେନା ।
କଟକ }

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଘଣାଲଦାସ ଦତ୍ତ | କାନ୍ଥି ଟମ୍ଲିମ | ଟ ୨୮ |
| ସବଇନସପେକ୍ଟର କର୍ମଚନ୍ଦ କେନ୍ଦ୍ରାପଡ଼ା | ” | ଟ ୪୩ |
| ବାବୁ ଜଗୋସମୋହନ ଦାସ ବଲେଶ୍ୱର କୋପ୍ନା | | ଟ ୨୧୧ |
| ” ନୀଳମାଧବ ସେନ | ମଙ୍ଗଳପୁର ” | ଟ ୭୧ |

---

# ବିଜ୍ଞାପନ ।

### NOTICE

Is hereby given that my servant Dinabaunbhu Barik has of late found a silver watch which was lying on the Banka Bazar street of this town. Any one claiming the same is requested to come to the undersinged at once. If the claimant is personally known to the undersinged the watch shall be made over to him no sooner it is claimed, and if he be a stranger, he must have to give some description of it. As the undersinged shall proceed to mafasil very soon, he begs that claimants may appear without delay. It is needless to add that the servant begs to have some reward for his honesty.

Avinas Chandra Mukhyopadhyay
Sangat Gullee Balubazar
Katak

---

ସର୍ବସାଧାରଣଙ୍କୁ ଏଥି ଦ୍ୱାରା ଜଣାଇ ଦିଆ ଯାଉ ଅଛି କି ବିସୂଚିକା ବା ଓଳାଉଠା ରୋଗର ଏକ ନୂତନ ପ୍ରକାର ଔଷଧ ଅମ୍ଭେ ବିନା ମୂଲ୍ୟରେ ବିତରଣ କରୁଅଛୁଁ । ଯେଉଁମାନଙ୍କର ପ୍ରୟୋଜନ ହେବ ସେମାନେ ଅମ୍ଭ ନିକଟରେ ଉତ୍ତ୍ର କଲେ ଶୀଘ୍ର ପାଇ ପାରିବେ । ଗୋଟିଏ ଝାଡ଼ା ହୋଇଥିବା ସମୟରେ ଏହି ଔଷଧ ଖୁଆଇବାକୁ ହେବ ଓ ଅମ୍ଭ ନିକଟରୁ ଔଷଧ ନେବା ସମୟରେ ସେବନର ନିୟମ ମୌଖିକ ଜଣାଇ ଦେବୁଁ । ଇତି ।

୨୪।୭।୮୫ } ଶ୍ରୀ ଫକୀର ତ୍ରିପାଠୀ
ଉତ୍କଳ ଆୟୁର୍ବେଦୀୟ } କବିରାଜ
ଔଷଧାଳୟ }
ଦରଘା ବଜାର

---

# ବାଲିକାଗଜ ।

ଭଲଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବନ୍ଧୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | | |
|---|---|---|---|---|---|
| ୧୬ | ପଣି ବାଦାମି ଜମାଇ ର ୧୯ | ଟ ୨୮ | ଦ ୧ | ଟ ୦ ୵୦ |
| ୧୮ | ପଣି | ” | ” ଟ ୨୵ | ” | ଟ ୦ ୵ |
| ୧୨ | ପଣି | ” | ” ଟ ୧୩ | ” | ଟ ୦ ୵୭ |

ବେପାରମାନେ ଅର୍ଥାତ୍ ଯେଉଁମାନେ ଏକତରେ ୧ ୫ ମ ବା ଅଧିକ କ୍ରୟ କରିବେ ଅନ୍ୟର ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କର ଦୋକାନରେ ଚନ୍ଦରକୋଣା ଓ କଲିଡି ଓ ରେସମୀଓରେଲ ଲୁଗା ଓ କ୍ଷୋମବସ୍ତ୍ର ଓ କାଲିକଟି ଇମାମ୍ ସତରଞ୍ଚର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅଉ କେତେକ ଫେନସ ଜିନିସାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନେ-

Split by PDF Splitter

Digitized by srujanika@gmail.com

ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବାଇସିକଲ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛାକଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ଘଣ୍ଟାକୁ ପ୍ରତି ଘଣ୍ଟା ଟ୦।୬ ହିସାବ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଛତି ଖର୍ଚ୍ଚ ଜମାକାର ଭାର ତାଙ୍କ ଉପରେ ଥିବ । ଛତି ହେଲେ ଗାଡ଼ିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

- କଳର ଲେଖଣୀ ବ ଡ଼ ହୁଁ ରେ ମୁଦ ଦେଲେ ଚଲେ ।
- ବରେଇଗାଡ଼ି
- କପେଇଂ ଟେଲ ଜଳଖା ଯେଉଁ ସାଦା ଓ ରୋମ ସହିତ ।
- ଲୁଟ୍ ଅର୍ଥାତ୍ ନକସା କରିବା କାଗଜ ପେନ୍ସିଲ ଓ କଲମ ।
- ପେନ୍ସିଲ ଖାଞ୍ଚା ଯନ୍ତ୍ର ।
- ନାନା ପ୍ରକାରର ଚିଠିକାଗଜ ଓ ଲଫାପା ।
- ଟ୍ରେନିଂ ବୁଥ ।
- ପିତଳ ଛାପ ।
- ଡେସ୍କ ସାବୁନ ।
- ତାଲାଦି ସାବାନ ସହିତ ରେଶମୀ ପରିଷ୍କାର ହୁଏ ।
- ଅଟୋଭ ଗ୍ରେନ—ଅର୍ଥାତ୍ ସୁଗନ୍ଧ ଦ୍ରବ୍ୟ ।
- ଅଏଲ କ୍ଲଥ ।
- ଓଂରଜ ସୁଦ୍ଧ ଛତା ।
- କର୍ପୂର ଅର୍କ ।
- କ୍ଲୋରୋଡାଇନ୍ ।
- ଗୋଲଦ୍ଧ୍ରୁଳନ କେଶବନ୍ଧନ ଓ ଚର୍ମର ରୋଗରେ ଲାଗେ
- ଟୁଗ୍ରାକ ଫାଟ ଘର୍ଷଣରୁ ଲେଖିବାବେଳେ ଫାଟ ଓ ଶୁଖିଲେ ଲଗା ହେବ ।
- ଅଏଲ ଗ୍ଲାସ୍
  - ୧୨ × ୧୦ ଇଞ୍ଚ
  - ୧୪ × ୧୨ ଇଞ୍ଚ
- ପକେଟବୁକ ରଂଗିନ ପାନ୍ଥି ସହିତ ଟ ୦।୬
- ମୋଜା ଓ ମୋଜାବନ୍ଧ
- ଉତ୍ତମ ଧୂଆ କଳଗାଇଟ
- କପଡ଼ା ସାଇଜ କଲା
- କଲି ଓ ପାଇପର ତୌଲା ଫିତା
- ଫାଟ ଲିଭିବା ସାନ ଓ ବଡ଼ ଚଙ୍ଗେନ ଓ ଗ୍ଲାସ
- କପଡ଼ା ବେଣ୍ଡେଜ
- ଉତ୍କର୍ଷ ବ୍ରିଟେସ ବ୍ରସ
- " ଏକପଟ ବ୍ରସ
- କେଳସନ୍ ଉପ୍ସାର ମୋକେସିନ ଅଏଲ
- ମାର୍କିଂ କାଳୀ ଲୁଗାରେ ଚିହ୍ନ ଦେଲେ ଧୋବା ଘରେ ଉଠାଇ ହେବ ନାହିଁ ।
- ଏ, ଗୋଷଙ୍କ ସମ୍ଭୋଗେଲ ।
- ଭାର୍ଣ୍ଣିଶ ଓ ବ୍ରସ ।

**ଅଭୟଚନ୍ଦ୍ର କର କମ୍ପାନୀ**

---

ଚୌଧୁରୀ ବଜାରସ୍ଥ ଆମ୍ଭ ଦୋକାନ ନିକଟରେ ସୁନା ଓ ରୂପାର ମୋଟା ଓ ସରୁ ଅଳଙ୍କାର ଓ ଗାରେଣ୍ଟି ଜର୍ମନର ଦୋକାନ ଫିଟିଅଛୁ । ଯେ ଯାହା ଫରମାସ କରିବେ ସୁଲଭ ମୂଲ୍ୟରେ ମିସ୍ତ୍ରୀମାନଙ୍କଠାରୁ ପାଇ ପାରିବେ ।

ଦାମ ଶେଷ ହେବାକୁ ମେଡେଲ୍ଗାରା ହେବ ଗ୍ରାହକେ ଅଳଙ୍କାର ନେଇ ଯିବେ । ଧାର ଦେବାର ନିୟମ ନାହିଁ ।

ନାମାଙ୍କିତ ମୋହର, ମୁଦା ଓ ଛାପାଯୋଗ୍ୟ ଛବି ଖୋଦିତ ହେଉଅଛି ।

୧୧।୭।୮୫ } ଶ୍ରୀ ଅଭୟଚନ୍ଦ୍ର କର
କଟକ }

---

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଆମ୍ଭ ଔଷଧାଳୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ୱ କଲେ ପାଇ ପାରିବେ । ବିଦେଶୀୟ ଗ୍ରାହକମାନେ ଡାକମାସୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦଆଯିବ ।

କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରାମୟ ଭଲ ହୁଏ । ମା ୨ ୬ ଟ ୧।୮ ।

ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମରୋଗ ଓ ପ୍ରଦର ଭଲ ହୁଏ । ମୂଲ୍ୟ ମା ୨ ତୋଳାକୁ ଟ ୨୧ ଙ୍କା ।

ବୃହତ୍ ପୂର୍ଣ୍ଣଚନ୍ଦ୍ରୋଦୟ ।

ଲୋଭୀପ୍ରିୟ ଯୋଗୀପ୍ରିୟ ମୋଦକ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଣ୍ଣ ବୃଦ୍ଧି ଓ ଶରୀର ଅପୂର୍ବ କ୍ଷୂର୍ତ୍ତିଯୁକ୍ତ ହୁଏ, ବିଲକ୍ଷଣ କ୍ଷୁଧା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—ଷଇକ୍ଷୟ (କାସଶ୍ୱାସ ରକ୍ତପତନ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ଜୀର୍ଣ୍ଣଜ୍ୱର, ଧ୍ୱଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଏ । ମୂଲ୍ୟ ମା ୧୨ ୬ ଟ ୧୧ ଙ୍କା ।

ଉତ୍କଳସ୍ଥ ସୁଶ୍ରୁତୀୟ } କବିରାଜ,
ଔଷଧାଳୟ ଦରଘା }
ବଜାର କଟକ } ଶ୍ରୀ ଫକୀରତ୍ରିପାଠୀ ।

---

ଏକଶିରାର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାତ୍ର । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବାଏ ଟ୧୧ ଡାକମାସୁଲ ଖର୍ଚ୍ଚ ଟ ୦। ଅଣା ।

ନୂତନ ସାଲସା ! ନୂତନ ସାଲସା !

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦର ଘା, ଗରମୀ ଘା, ନାଲି ଘା, ବେକ ଓ ନାକ ଭିତରର ଘା, ଗୋଲ ଘା, କାନ ଘା, କାଳର ଦୂଜା, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପା ଗଣ୍ଠିବାଥ, ବାତ, ଛଦ୍ମବାତ, ପ୍ରସ୍ରାବପୀଡ଼ା, ଭଗ୍ନିଆ, ଧାତୁଦୌର୍ବଲ୍ୟ ଏବଂ ଉତ୍ପନ୍ନ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ନିମ୍ବର ତେଲ ।

ଡାକ୍ତରୀ ଉପାୟରେ ନିମ୍ବରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେବେ କିଛି ଔଷଧ ଥାଏ ତେବେ ତାହା ନିମ୍ବ । ନିମ୍ବର ତେ[illegible] ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଖାଇ, ପାଚୁ, ଭଗ୍ନିଆ, କୁଇ, ପଦ୍ମପାଚୁ, ଧବଳ, କୁଷ୍ଠ, ଗଳିତଗ[illegible] ଇତ୍ୟାଦି ରୋଗର ମହୌଷଧି । ଏହା ବ[illegible] ଯେତେ ପ୍ରକାର ଘା ଅଛି, ତହିଁର ସମ୍ପୂର୍ଣ୍ଣରେ ଉପକାରୀ ଅଟେ । ପ୍ରତି [illegible] ବୋତଲ ଟ ୪୧ ଙ୍କା ଓ ଛୋଟ ବୋତ[illegible] ଟ ୨୧ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରାଇ ଦଆଯିବ । କଲିକତା ବେଣ୍ଟ୍ରିକ ଷ୍ଟ୍ରିଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ ଙ୍କା, ପ୍ୟାକିଂ ଟ ୦। ଅଣା । ଡଜନ ଟ ୧୦୵ ଅଣା ।

# ଉପରଲିଖିତ ସାଲସା

କଟକ ପିପିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦।୬ |
| ଅଧ ସ୍କୋୟର | ଟ ୨୧ |
| ପୂର୍ଣ୍ଣ ସ୍କୋୟର | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ [illegible] ହେଉ ନା କାହିଁ ଟ ।୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହା[illegible] ହେବ ଓ ଏ ଅଧ ଖର୍ଚ୍ଚରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର [illegible] ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ [illegible]

---

☞ ଏହି ଉତ୍କଳଦୀପିକା ପତ୍ର ସାପ୍ତାହିକ [illegible]
ପ୍ରିଣ୍ଟିଂକମ୍ପାନୀଙ୍କ ସକାଶରେ ମୁଦ୍ରି[illegible]

Split by PDF Splitter

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

୨୦ ଭାଗ } ତା ୨୯ ଅଗ ମାହେ ଇଙ୍ଗ୍ରାଜୀ ସନ ୧୮୮୫ ମସିହା । ମୂ । ଭାଦ୍ର ବ ୧୫ ଦି ସନ ୧୨୯୨ ସାଲ ଶନିବାର
୩୫ ସଂଖ୍ୟା }

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ ୨ | ଟ ୨।୦ |
| ଡାକମାସୁଲ | ଟ ୦ ।୵ | ଟ ୧୯ |


ଶାଲଗିର ମୋକଦ୍ଦମା ଶୁଣାଙ୍କ ଯୋବାନବନ୍ଦ ହେତୁରୁ ଅଗାମୀ ଶୀତକାଳ ପର୍ଯ୍ୟନ୍ତ ମୁଲତବ ରହିଲା । ମୃଦେଇ ଚକ୍ରଧର ବାବୁଙ୍କ ଉକଲ ପୀଡିତ ହେବା ଏଥିର କାରଣ ଅଟଇ । ବାବୁ ନନ୍ଦକିଶୋର ଦାସ ଗତ ଗୁରୁବାର ଏବଂ ଶ୍ରୀଯୁକ୍ତ କମିଶ୍ନର ସାହେବ ଶୁକ୍ରବାର ଅଞ୍ଚଳରେ ଗସ୍ତକରି ଗତ କାଲି ଏଠାରେ ପହୁଞ୍ଚି ଅଛନ୍ତି ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ଢେଙ୍କାନାଳର ନାବାଳଗ ରାଜା ଅତ୍ୟନ୍ତ ପୀଡିତ ହୋଇଅଛନ୍ତି । ଡାକ୍ତର ଷ୍ଟିବାର୍ଟ ଓ ଡାକ୍ତର ମୁଖୁର୍ଯ୍ୟା ପ୍ରାଣପଣେ ଚକିତ୍ସା କରୁଅଛନ୍ତି । ରୋଗର ନାମ ଇଂରାଜୀରେ ନମୋନିୟା ଅର୍ଥାତ ଶ୍ଳେଷଅଙ୍ଗର ପ୍ରଦାହ । ଅନବରତ ଦେହରେ ଜ୍ୱରପୂର୍ଣ୍ଣ ରହୁଅଛି ଏବଂ ବେଗରେ ନିଶ୍ୱାସ ଚଳୁଅଛି । ଈଶ୍ୱର ଏହାଙ୍କୁ ଶୀଘ୍ର ଆରୋଗ୍ୟ କରନ୍ତୁ ସମସ୍ତଙ୍କର ଏହି ପ୍ରାର୍ଥନା ।

---

ରୁଷିୟା ସଙ୍ଗେ ଯୁଦ୍ଧ ହେବ କି ନାହିଁ ଅଦ୍ୟାପି ସ୍ଥିର ହୋଇ ନାହିଁ କିନ୍ତୁ ଯୁଦ୍ଧର ଉଦ୍ୟମରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହୋଇଗଲାଣି ଏବଂ ଏଣିକି ଖର୍ଚ୍ଚ ଲାଗିଅଛି । ଇଂରାଜ ଗବର୍ଣ୍ଣମେଣ୍ଟ ବ୍ୟବସ୍ଥା କରୁଅଛନ୍ତି ଅଫଗାନସ୍ଥାନର ଅମିର ମହିଁକି ବସି କଜ୍ଞତ ଟଙ୍କା ନେଉଅଛନ୍ତି ଆଉ ଟଙ୍କା ଦେଉଅଛନ୍ତି ଭାରତର ଗରିବ ପ୍ରଜାମାନେ ଏଥିରେ ଆମ୍ଭମାନଙ୍କର ଅବସ୍ଥା ଯେ ଭଲ ହେବ ତହିଁର ଆଶା କେଉଁଠାରେ ? ବାସ୍ତବରେ ଗବର୍ଣ୍ଣମେଣ୍ଟ ଭାରତବାସିଙ୍କୁ ନ ଚାହିଁଲେ ମଙ୍ଗଳ ହେବ ନାହିଁ ।

---

କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ଗାର୍ଥ ସାହେବ ପୀଡା ହେତୁ ଛୁଟି ନେଇ ବିଲାତକୁ ଯିବାର ସ୍ଥିର କରିଅଛନ୍ତି ଏଠାରେ ଆରୋଗ୍ୟଲାଭ କରି ପାରିଲେ ନାହିଁ । କଥିତ ହୁଅଇ ଯେ ଏଥର ତାହାଙ୍କର ଅନୁପସ୍ଥିତ କାଳରେ ହାଇକୋର୍ଟର ଜଣେ ଇଂରାଜ ଜଜ ପ୍ରତିନିଧି ପ୍ରଧାନ ଜଜ ହେବେ । ନିୟମାନୁସାରେ ବିଚାରପତି ରମେଶ ମିତ୍ରଙ୍କର ଏ କାର୍ଯ୍ୟ ପାଇବାର କଥା ଏବଂ ମହାତ୍ମା ଲର୍ଡ ରିପନ ସେହି ନିୟମ ରକ୍ଷା କରି ନ୍ୟାୟ ବିଚାରର ଦୃଷ୍ଟାନ୍ତ ଆଦର୍ଶ ଦେଖାଇ ଯାଇଥିଲେ । ବର୍ତ୍ତମାନ ଲର୍ଡ ଡଫରିନ କିପରି ବିଚାର କରିବେ ଦେଖିବାରେ ଆସିବ ।

---

ଲଣ୍ଡନ ନଗରରୁ ଆସିଥିବା ଚଳିତମାସ ତା ୧୯ ରିଖର ତାର ବାର୍ତ୍ତାରୁ ପ୍ରକାଶ ଯେ ଅଫଗାନସ୍ଥାନ ସୀମାନିର୍ଣ୍ଣୟକାରୀ କମିଶନସମ୍ପର୍କରେ ପାର୍ଲିମେଣ୍ଟରେ କଥାବାର୍ତ୍ତା ପଡିଥିଲା । ଅମ୍ଭମାନଙ୍କର ଷ୍ଟେଟ ସେକ୍ରେଟାରୀ କହିଲେ ଯେ କମିଶନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ କମିଶନ ଉଠାଇ ନେବାକୁ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନାହିଁ ।— ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ଅଫଗାନ ସ୍ଥାନର ସୀମା ନିର୍ଣ୍ଣୟ କାର୍ଯ୍ୟ ଶେଷ ହୋଇ ନାହିଁ ଏବଂ ତାହା ଶେଷ ନ ହେବା ଯାଏ ଯୁଦ୍ଧ ସମ୍ପର୍କରେ କି ଘଟିବ ତାହା ସ୍ଥିର କରି କିଛି କୁହାଯାଇ ନ ପାରେ ।

---

ଗତ କୁମ୍ଭମାସରେ ବ୍ରାହ୍ମଣପାଟ୍ଟର ପ୍ରଜାମାନେ ମେଳ କରିବା କଥା ଅମ୍ଭେମାନେ ଏଥି ପୂର୍ବେ ଲେଖିଥିଲୁଁ । ସେଠା ଅଧିଷ୍ଠାତାମାନେ ଏବଂ ଥାଣେଦାର ମାନେ ଏହାର ଅନୁସନ୍ଧାନ କରି ସେ କଥା ଅମୂଳକ ଥିବାର ରିପୋର୍ଟ କରିଥିଲେ । ସମ୍ପ୍ରତି ଅମ୍ଭେମାନେ ଅବଗତ ହେଲୁଁ ଯେ ସତ୍ୟ କଥା ବାହାରି ପଡିଅଛି । ମୟୂରଭଞ୍ଜ ଅନ୍ତର୍ଗତ ପାଞ୍ଚପିଢ଼ ସବଡିଭିଜନର ଅଧିଷ୍ଠାତା ମାନେ ହିଁ ଯେଉଁ ବ୍ୟକ୍ତିମାନେ ଗଣ୍ଡି ଫେସ୍ତାର ମେଳ କରିଥିଲେ ସେମାନଙ୍କୁ ଗଣ୍ଡି ସହିତ ଧରି ପକାଇଅଛନ୍ତି । ମୋକଦ୍ଦମା ବିଚାରାଧୀନ ଥିବାରୁ ବର୍ତ୍ତମାନ ଅମ୍ଭେମାନେ ଆଉ କିଛି କହିବାକୁ ଇଚ୍ଛା କରୁ ନାହୁଁ । ଉତ୍କଳଦର୍ପଣ ମୟୂରଭଞ୍ଜର ନିକଟରେ ଥାଇ ଏହି ମେଳ କଥା ଯାହା ଏକାବେଳକେ ଅସ୍ୱୀକାର କରିଥିଲେ ଅନୁମାନ କରୁଁ ତାହା ଆଶ୍ଚର୍ଯ୍ୟ ନୁହଇ କାରଣ ପ୍ରବାଦ ଅଛି ଯେ " ଦୀପତଳେ ଅନ୍ଧକାର " ।

---

Split by PDF Splitter
Digitized by srujanika@gmail.com

Split by PDF Splitter



ତ୍ରିବାଙ୍କୁରର ମହାରାଜାଙ୍କ ମୃତ୍ୟୁରେ ସମସ୍ତ ଭାରତବର୍ଷ ଦୁଃଖିତ ହେବାର ବିଶେଷ କାରଣ ଅଛି । ଗୁଣବାନ୍ ରାଜା ସର୍ବଦା ମିଳନ୍ତି ନାହିଁ । ମୃତ ମହାରାଜାଙ୍କର ନାମ ରାମବର୍ମା । ସନ ୧୮୩୭ ସାଲରେ ଜନ୍ମଗ୍ରହଣ କରି ଯଥାକାଳରେ ଇଂରାଜୀ ସଂସ୍କୃତ ତଥା ମହାରାଷ୍ଟ୍ରୀୟ ଏବଂ ଅପଣାର ମାତୃଭାଷା ଏହି ପାଞ୍ଚ ଭାଷାରେ ଅତ୍ୟନ୍ତ ସୁଶିକ୍ଷିତ ହୋଇଥିଲେ । ଥାଉଏଲ ସାହେବ ଏବଂ ସର୍ ମାଧବ ରାଓ ଏହାଙ୍କର ଶିକ୍ଷକ ଥିଲେ । ଇଂରାଜୀ ଭାଷାରେ ଏହାଙ୍କର ଏତେ ବ୍ୟୁତ୍ପତ୍ତି ହୋଇଥିଲା ଯେ ସମ୍ବାଦପତ୍ରମାନଙ୍କରେ ଚିନ୍ତାଶୀଳ ପ୍ରବନ୍ଧମାନ ଲେଖି ଏବଂ ନାନା ସଭାରେ ବକ୍ତୃତାମାନ ପ୍ରଦାନ କରି ଦେଶୀୟ ବିଦେଶୀୟ ସମସ୍ତଙ୍କଠାରୁ ପ୍ରଶଂସା ଲାଭ କରିଥିଲେ । ଦୁଃଖର ବିଷୟ ଯେ ରାଜ୍ୟଭାର ଅଧିକ ଦିନ ଭୋଗ କରି ପାରିଲେ ନାହିଁ କାରଣ ସନ ୧୮୮୦ ସାଲରେ ସିଂହାସନାରୂଢ ହୋଇ ଏଥିମଧ୍ୟରେ ଇହସଂସାରରୁ ଅପସୃତ ହେଲେ । କିନ୍ତୁ ଏହି ଅଳ୍ପକାଳ ମଧ୍ୟରେ ରାଜ୍ୟର ଆୟ ବୃଦ୍ଧି ଏବଂ ନାନା ଉନ୍ନତିସାଧନ ଏବଂ ପ୍ରଜାଙ୍କ ମଙ୍ଗଳବିଧାନ କରି ଆପଣାର ଉଚ୍ଚ ଶିକ୍ଷାର ପ୍ରତ୍ୟକ୍ଷ ଫଳ ଦେଖାଇ ଗଲେ । ଇଂରାଜ ଗବର୍ଣ୍ଣମେଣ୍ଟ ଏହାଙ୍କ ଶାସନ କାର୍ଯ୍ୟରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଷ୍ଟାର ଅଫ ଇଣ୍ଡିଆ ଉପାଧି ଦେଇଥିଲେ । ଏପ୍ରକାର ଶାସନକର୍ତ୍ତାର ଅକାଳମୃତ୍ୟୁରେ କିଏ ଦୁଃଖିତ ନ ହେବ ?

---

କଡବାକ୍ସି ଜିଲ୍ଲାର ଡେପୁଟି କମିଶନର ଗୋଟିଏ ସୁନ୍ଦର ପ୍ରଜା ସମ୍ମିଳନୀ ଆରମ୍ଭ କରିଅଛନ୍ତି । ବର୍ଷ ମଧ୍ୟରେ ଏକଦିନ ପ୍ରଜାମାନଙ୍କୁ ଆମନ୍ତ୍ରଣ କରିଆଣି ସେମାନଙ୍କ ମଧ୍ୟରୁ ଯେଉଁମାନେ ସମୟାନୁସାରେ ଖଜଣା ଆଦାୟ କରନ୍ତି ଏବଂ କୂଅ ଖୋଳିବା ପ୍ରଭୃତି କାର୍ଯ୍ୟଦ୍ୱାରା ଆପଣା କ୍ଷେତର ଉନ୍ନତି କରନ୍ତି ସେମାନଙ୍କୁ ଉତ୍ତମ ପୁରସ୍କାର ଦିଅନ୍ତି ଏବଂ କୃଷିକାର୍ଯ୍ୟ ସମ୍ବନ୍ଧୀୟ ନାନା ପ୍ରକାର କଳ ଏବଂ ଭଲ ଭଲ କୃଷିଜାତ ଦ୍ରବ୍ୟମାନ ଦେଖାଇ ଓ ବକ୍ତୃତାରେ ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରି ସମସ୍ତଙ୍କୁ ପ୍ରମୋଦିତ କରନ୍ତି । ଏପ୍ରକାର ସମ୍ମିଳନରେ ଯେ ଅନେକ ଉପକାର ଅଛି ଏ କଥା କହିବା ବାହୁଲ୍ୟ । ଏଥିରେ ପ୍ରଜାମାନେ ଯେମନ୍ତ ନୂଆ କଥାମାନ ଶିଖନ୍ତି ଏବଂ କୃଷି କାର୍ଯ୍ୟରେ ପଟୁତା ଦେଖାଇବାକୁ ଉତ୍ସାହିତ ହୁଅନ୍ତି ସେମନ୍ତ ଆପଣା ଅଭାବ ଓ ଇଚ୍ଛା ପ୍ରକାଶ କରିବାକୁ ଅବସର ହୁଅନ୍ତି ଓ ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ସଦ୍ଭାବ ବୃଦ୍ଧି ହୁଏ । ଏ ପ୍ରଦେଶର ମୃନ୍ୟୁତା ଦଶହସ୍ତ ଦଳ ଜମିଦାର ପ୍ରଜାଙ୍କର ମିଳନ ହେବାର ପୂର୍ବରୁ ନିୟମ ରହିଅଛି । କିନ୍ତୁ କେବଳ ବୃଥା ସମାରୋହରେ ଏ ସୁଯୋଗକୁ ନଷ୍ଟ ନ କରି ଭଲ ଭଲ କୃଷିଜାତ ଦ୍ରବ୍ୟ ଦେଖାଇବା ଏବଂ ଯେଉଁମାନେ କିଛି ନୂତନ ଫସଲ କିମ୍ବା ପ୍ରଚଳିତ ଫସଲର ଉନ୍ନତି କରିବାରେ କୃତକାର୍ଯ୍ୟତା ଲଭିଲେ ଏବଂ ନିୟମିତରୂପେ ଖଜଣା ଆଦାୟ କଲେ ସେମାନଙ୍କ ଉତ୍ସାହ ନିମିତ୍ତ କିଛି ପୁରସ୍କାର ଦେବାର ବ୍ୟବସ୍ଥା ଜମିଦାରମାନେ କଲେ ବଡ ସୁନ୍ଦର ଫଳ ହେବ ।

---

ଅମ୍ଭମାନଙ୍କ ବର୍ତ୍ତମାନ ଲାଟ ସାହେବଙ୍କ ସହଧର୍ମିଣୀ କାଉଣ୍ଟେସ ଡଫରିନ ଗୋଟିଏ ବଡ ମଙ୍ଗଳ କାର୍ଯ୍ୟରେ ହାତ ଲଗାଇ ଭାରତବାସିଙ୍କର ବିଶେଷ କୃତଜ୍ଞତାର ଭାଜନ ହୋଇଅଛନ୍ତି । ସ୍ତ୍ରୀ ଚିକିତ୍ସକ ଅଭାବରେ ଏଠା ଭଦ୍ରମହିଳାଙ୍କର ବିଶେଷ କଷ୍ଟ ହେଉଥିବାର ଜାଣି ସେହି ଅଭାବ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ସେ ଗୋଟିଏ ଜାତୀୟ ସମିତି ରଚନା କରିବାର ଅନୁଷ୍ଠାନପତ୍ର ବାହାର କରିଅଛନ୍ତି ଏବଂ ଅଚିରେ ଏହି ଅନୁଷ୍ଠାନ ସଫଳ ହେବାର ଆଶା ଦିଶୁଅଛି । ଏହି ସମିତିର କାର୍ଯ୍ୟ ନିର୍ବାହ ନିମିତ୍ତ ଏହିରୂପ ବ୍ୟବସ୍ଥା ହୋଇଅଛି ଯେ ଗୋଟିଏ କେନ୍ଦ୍ର ସଭା ସ୍ଥାପିତ ହେବ ଓ ସ୍ୱୟଂ ଶ୍ରୀମତୀ କାଉଣ୍ଟେସ ଅଫ ଡଫରିନ ତହିଁର କର୍ତ୍ତୃତ୍ୱ ଗ୍ରହଣ କରିବେ । ଏହି ସଭାର ଅଧୀନରେ ଭାରତର ନାନା ପ୍ରଦେଶରେ ଶାଖା ସଭାମାନ ସ୍ଥାପିତ ହେବ ଏବଂ ଏହି ପ୍ରଦେଶରେ ଯେଉଁଠାରେ ଯେ ସଭାମାନ ଅଛି ସେ ସମସ୍ତ ଏହି ସଭାର ଅନ୍ତର୍ଭୁକ୍ତ ହେବ । କଲିକତା ନଗରରେ ପ୍ରତିବର୍ଷ ଶୀତ କାଳରେ ବାର୍ଷିକ ସଭା ହେବ ଓ ମୋଫସଲ ସଭାର ପ୍ରତିନିଧିମାନେ ସେଠାରେ ଉପସ୍ଥିତ ହେବେ । ଚାନ୍ଦା ଓ ଦାନଦ୍ୱାରା ସଭାର ଅର୍ଥ ସଂଗ୍ରହ ହେବ । ସାଧାରଣ ସଭ୍ୟମାନଙ୍କୁ ଟଙ୍କା ଲେଖାଏ ହେବା ଏବଂ ଦଶଟଙ୍କା ପ୍ରବେଶିକା ଫିସ ଦେବାକୁ ହେବ । ଦାନ ଯେ ଯାହା କରିବ ତାହା ଗୃହୀତ ହେବ । ଇହିଁରେ ଉଣା ଅଧିକର ନିୟମ ନାହିଁ । ଏହି ସଭାର କାର୍ଯ୍ୟ ନିମିତ୍ତ କାଉଣ୍ଟେସ ଅଫ ଡଫରିନଙ୍କର ନାମ ଭାରତବର୍ଷରେ ଚିର ସ୍ମରଣୀୟ ହେବ ସନ୍ଦେହ ନାହିଁ । ତାହାଙ୍କର ଏ ଦେଶ ପ୍ରତି ଏ ପ୍ରକାର ସହାନୁଭୂତି ଅତ୍ୟନ୍ତ ଦୁର୍ଲଭ ଅଟଇ ।

---

ସରକାରୀ କାଗଜରୁ ଅବଗତ ହେଲୁଁ ଯେ ଏକେବେଳେ ବର୍ଦ୍ଧମାନ ବୀରଭୂମ ପ୍ରଭୃତିର ଦୁର୍ଭିକ୍ଷ ପୀଡିତ ଲୋକଙ୍କ ପ୍ରତି ସରକାର ହେଲା । ବଡ ମନୁଷ୍ୟଙ୍କୁ ବିନା ମୂଲ୍ୟରେ ଓ ପିଲାଙ୍କୁ ଏକ ପଇସା ଲେଖାଏ ଖାଦ୍ୟ ଦାନର ବ୍ୟବସ୍ଥା ଯାହା ସ୍ଥାନୀୟ କର୍ତ୍ତୃପକ୍ଷମାନେ କରିଥିଲେ ଗବର୍ଣ୍ଣମେଣ୍ଟ ତାହା ରହିତ କରି ଦୁର୍ଭିକ୍ଷ ନିୟମାବଳୀ ଅନୁସାରେ ପରିଶ୍ରମ ଦ୍ୱାରା ଖାଦ୍ୟ ଦାନ କରିବାକୁ ଦୃଢ ଆଦେଶ ପଠାଇଅଛନ୍ତି । ସୁତରାଂ ବରଷା ହୁଅଇ ଏଣିକ କାମ ମାତ୍ର ସାହାଯ୍ୟ ଦାନ ହେବ ନାହିଁ ଏବଂ ଯେଉଁ ନିରାଶ୍ରୟ ଲୋକମାନେ ଏ ପର୍ଯ୍ୟନ୍ତ ଜୀବନ ଧାରଣ କରିବାକୁ ସମର୍ଥ ହୋଇଅଛନ୍ତି ସେମାନେ ଆଉ ସାହାଯ୍ୟ କଟା ମସ୍ପଡବେ ନାହିଁ । ମାନ୍ୟବର ଟମସନ ସାହେବ ଦୁର୍ଭିକ୍ଷ ପୀଡିତଙ୍କ ପ୍ରତି ସ୍ୱଚକ୍ଷୁର କରି ଅପଣା ଉଚିତବର ପ୍ରକୃତ ସମ୍ମାନ ରକ୍ଷା କରିବାକୁ ସମର୍ଥ ହେଲେ ବଡ ସୁଖର ବିଷୟ ଅଟଇ । କିନ୍ତୁ ଖଡ ଗ୍ରାମର ଦୁର୍ଭିକ୍ଷ ଅନୁସନ୍ଧାନ କାର୍ଯ୍ୟ ସମ୍ବନ୍ଧରେ ତାଙ୍କର ଅବିଚାର ଦେଖି ଅମ୍ଭେମାନେ ବଡ ଦୁଃଖିତ ହେଉଅଛୁଁ । ସେଠାରେ ଦୁର୍ଭିକ୍ଷ ହେତୁ ଲୋକ ମରୁଥିବା କଥା ପାର୍ଲିମେଣ୍ଟରେ ଉଠିବାରେ କଲିକତାର ସେକ୍ରେଟରୀ ଉତ୍ତର ଦେଲେ ଯେ ସେ କିଛି ସରକାରୀ ସମ୍ବାଦ ପାଇ ନାହାନ୍ତି ମାତ୍ର ଶୁଣି ଅଛନ୍ତି ଯେ ସେଠାରେ ହୋଇ ଅନୁସନ୍ଧାନ ହୋଇଥିଲା ମାତ୍ର ଅନାହାରରେ କାହାର ମୃତ୍ୟୁ ଘଟିବାର ପ୍ରକାଶ ପାଇଲା ନାହିଁ । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ସ୍ଥାନୀୟ ହାକିମମାନେ ଆପଣାକୁ ବଞ୍ଚାଇବା ନିମିତ୍ତ ମନୋଜ୍ଞମତେ ଯାହା ଲେଖି ଦେଲେ ମାନ୍ୟବର ଟମସନ ସାହେବ ତହିଁରେ ତୃପ୍ତ ହେଲେ ଏବଂ ସେହି ସମ୍ବାଦ ଲଣ୍ଡନ ପର୍ଯ୍ୟନ୍ତ ଗଡଗଲା ।

---

ବମ୍ବେଇର ନୂତନ ଗବର୍ଣ୍ଣର ଲର୍ଡ ରେ ସାହେବ ଏହି ଅଳ୍ପଦିନ ମଧ୍ୟରେ ଶାସନ କାର୍ଯ୍ୟର ଦକ୍ଷତା ପରିଚୟ ଦେଇ ସର୍ବସାଧାରଣଙ୍କର ପ୍ରୀତି-ଭାଜନ ହୋଇଅଛନ୍ତି । ସେ ନାନାବିଭାଗରେ ଅତ୍ୟନ୍ତ ଦକ୍ଷତା ... ଏବଂ ଦେଶୀୟ ଲୋକଙ୍କପ୍ରତି ସହାନୁଭୂତି ଦେ-

Digitized by srujanika@gmail.com

ଖାଲି କାର୍ଯ୍ୟ କରୁଅଛନ୍ତି ଏବଂ ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ମଧ୍ୟ ସୁଶିକ୍ଷା ଦେବାକୁ ସମୁଚିତରୂପେ ତତ୍ପର ହୋଇଅଛନ୍ତି । ଗତ ଅପ୍ରେଲ ମାସରେ ଅହମେଦାବାଦର ଅଶିଷ୍ଟାଣ୍ଟ କଲେକ୍ଟର ମକନୋସି ସାହେବ ରେଲଗାଡ଼ିରେ ଆପଣା ସଦର ମୁକାମକୁ ଯାଉଥିଲେ । ସେହି ଗାଡ଼ିରେ ଜଣେ ବ୍ରାହ୍ମଣ ଏବଂ ଆଉ ଜଣେ ଇଂରାଜ ବସିଥିଲେ । ସାହେବ ନିରୋଳାରେ ଆପଣା ଇଂରାଜ ବନ୍ଧୁ ସଙ୍ଗେ ଖାନା ଖାଇବାର ଇଚ୍ଛା କରି ଦେଶୀୟ ବ୍ରାହ୍ମଣଙ୍କୁ ବଳପୂର୍ବକ ସେ ଗାଡ଼ିରୁ ତଡ଼ି ଦେଲେ । ପ୍ରଥମ ଶ୍ରେଣୀର ଗାଡ଼ି ଆଉ ନ ଥିବାରୁ ବ୍ରାହ୍ମଣ ଅଗତ୍ୟା ଖଣ୍ଡେ ଦ୍ୱିତୀୟଶ୍ରେଣୀର ଗାଡ଼ିରେ ବସିଲା । ରେଲ ଷ୍ଟେସନଠାରେ ଓହ୍ଲାଇବା ସମୟରେ ମାକନୋସି ସାହେବ ବ୍ରାହ୍ମଣ ପ୍ରଥମ ଶ୍ରେଣୀରୁ ତାଡ଼ିତ ହୋଇ ଦ୍ୱିତୀୟ ଶ୍ରେଣୀରେ ବସିବାରେ ତାହାର ଯେତେ ଟଙ୍କା କ୍ଷତି ହୋଇ ଥିଲା ସେତେ ଟଙ୍କା ବ୍ରାହ୍ମଣକୁ ଦେବା କାରଣ ଷ୍ଟେସନ ମାଷ୍ଟରଙ୍କୁ ଦେଲେ । ଏକଥା ବମ୍ବେଇର ଲାଟ ରେଏଙ୍କ କର୍ଣ୍ଣଗୋଚର ହେବାରୁ ସବିଶେଷ ଅନୁସନ୍ଧାନ ହେତୁରୁ ମାକନୋସି ସାହେବଙ୍କର ପଦୋନ୍ନତି ଦୁଇବର୍ଷ ନିମନ୍ତେ ସ୍ଥଗିତ ରହିବାର ଦଣ୍ଡବିଧାନ କଲେ ଏବଂ ଭବିଷ୍ୟତରେ ସମସ୍ତ ଲୋକଙ୍କ ପ୍ରତି ଶିଷ୍ଟାଚାର ଦେଖାଇବା କାରଣ ଆଦେଶ ହେଲା । ସେଏ ବିଷୟରେ ଯେଉଁ ମନ୍ତବ୍ୟ ଲିପିବଦ୍ଧ କରିଅଛନ୍ତି ତହିଁରେ ସରକାରୀ କର୍ମଚାରୀଙ୍କୁ ସତର୍କ କରି ଦେଇଅଛନ୍ତି ଯେ ଶିଷ୍ଟାଚାର ବ୍ରିଟିଶ ଶାସନପ୍ରଣାଳୀର ମୂଳ ନିୟମ ଅଟଇ ଏଥିରେ କିଛିମାତ୍ର ତ୍ରୁଟି ସେ ସହି ପାରିବେ ନାହିଁ । ବାସ୍ତବରେ ତାହା ସହିବାର କଥା ନୁହଇ ଏବଂ ତହିଁରେ ଇଂରାଜ ଶାସନର କଳଙ୍କ ବିନା ଆଉ କିଛି ଲାଭ ନାହିଁ । ଇଂରାଜ ହାକିମମାନେ ଜାତୀୟ ଶ୍ରେଷ୍ଠତାର ଅହଙ୍କାରରେ ଦେଶୀୟ ଲୋକଙ୍କ ପ୍ରତି ଅଶିଷ୍ଟାଚାର ଓ କଟୁପଣିଆ ଦେଖାଇ କେତେଠାରେ କେତେ ଅନିଷ୍ଟ କରୁଅଛନ୍ତି । ଭାରତବର୍ଷର ସମସ୍ତ ସ୍ଥାନୀୟ ଶାସନକର୍ତ୍ତାମାନେ ଲର୍ଡ ରେଏଙ୍କ ଆଦର୍ଶ କଲେ ବଡ଼ ଆନନ୍ଦର ବିଷୟ ହେବ ।

---

ଏ ନଗରରୁ ପ୍ରେରିତ ହୋଇଥିବା ଏକ ତାରସମ୍ବାଦ ଚଳିତମାସ ତା ୧୫ ରିଖର ଷ୍ଟେଟସ୍ମ୍ୟାନରେ ଛପା ହୋଇ ଅଛି ତହିଁରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଲେଖା ହୋଇଅଛି କି ବାବୁ ଚତୁର୍ଭୁଜ ପଟ୍ଟନାୟକ କି ସେ ଜଣେ ଉନ୍ନତ ବ୍ରାହ୍ମ ଓ ସରକାରୀ ଓଡ଼ିଆ ଅନୁବାଦକ ଅଟନ୍ତି ବେନାମିରେ ଗୋଟିଏ ପୁସ୍ତକ ବିକ୍ରୟ ଦୋକାନ ରଖି ଅଛନ୍ତି ଏବଂ ସମ୍ପାଦକ ଓ ସେବକ ନାମକ ଏକ ରାଜକୀୟ ସମ୍ବାଦପତ୍ର ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ବିରୁଦ୍ଧରେ ଚଳାଉ ଅଛନ୍ତି । ସେ ବ୍ରାହ୍ମସମାଜର ହେସାବରେ ଗୋଳମାଳ କରିବାରୁ ଉକ୍ତ ଭାର ତାହାଙ୍କଠାରୁ କାଢି ନିଆଯାଇ ଅଛି ଏବଂ ସେ ବାଲେଶ୍ୱରରେ ଥିଲା ବେଳେ ପୁସ୍ତକ ବ୍ୟବସାୟ କରୁ ଥିଲେ । ମଧୁସୂଦନ ରାଓଙ୍କ ନାମରେ ଲେଖା ଅଛି କି ସେ ବ୍ରାହ୍ମସମାଜର ସେକ୍ରେଟରୀ ଥାଇ ବେନାମିରେ ଖଣ୍ଡିଏ ସମ୍ବାଦପତ୍ର ଚଳାଉ ଅଛନ୍ତି ଏବଂ ଆପଣା ଅଧୀନସ୍ଥ କର୍ମଚାରୀଙ୍କଦ୍ୱାରା ଆପଣା ପୁସ୍ତକ ବିକ୍ରୟ କରାଉ ଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଏହି ଅଭିଯୋଗମାନ ଅତ୍ୟନ୍ତ ଗୁରୁତର ଅଟଇ ଏବଂ ସମସ୍ତ ସମ୍ପୂର୍ଣ୍ଣରୂପେ ନ ହେଉ ପଛକେ ଅଧିକାଂଶ ଗତବର୍ଷଠାରୁ ସ୍ଥାନୀୟ ସମ୍ବାଦପତ୍ରମାନଙ୍କରେ ଚର୍ଚ୍ଚା ହେଲା ହେତୁରୁ ଏତେବେଳେ ଇଂରାଜୀ ସମ୍ବାଦପତ୍ରମାନଙ୍କରେ ପ୍ରଶସ୍ତରୂପେ ସମସ୍ତ ପ୍ରଚାରିତ ହେଲେ ସୁଦ୍ଧା ଯାହାଙ୍କ ବିରୁଦ୍ଧରେ କଥିତ ହୋଇ ଅଛି ସେମାନେ ଅବଧି ତହିଁର ପ୍ରତୀକାର ଲୋଡ଼ିବାକୁ ଯାହା ସାହସୀ ହୋଇ ନାହାନ୍ତି ଏଥିରୁ କିଏ ନ ବୁଝିବ ଯେ ଏକଥାମାନ ଅସତ୍ୟ ନୁହଇ । ଆଉ ଏ ଅଭିଯୋଗମାନ ଯେ ନିତାନ୍ତ କ୍ଷୁଦ୍ର ଓ ଧର୍ତ୍ତବ୍ୟର ବିଷୟ ନୁହଇ ଏକଥା ମଧ୍ୟ ବୋଲାଯାଇ ନ ପାରେ କାରଣ ଲୋକେ ଖୋଜି ୨ ଉକ୍ତ ତାରସମ୍ବାଦକୁ ପଢୁ ଅଛନ୍ତି ଏବଂ ଏଥି ମଧ୍ୟରେ ସମ୍ପାଦକ ଉତ୍କଳଦର୍ପଣ ଏବଂ ଷ୍ଟେଟସ୍ମାନରେ ଏଥିର ପ୍ରତିବାଦ ବାହାରି ଅଛି । ଯେ ସ୍ଥଳେ ଯେଉଁମାନଙ୍କର ନିନ୍ଦା ପ୍ରଚାରିତ ହୋଇ ଅଛି ସେମାନେ ସ୍ୱୟଂ ତହିଁର ଅନ୍ୟଥା ପ୍ରମାଣ କରାଇବାକୁ ପ୍ରସ୍ତୁତ ହୋଇ ନାହାନ୍ତି ସେସ୍ଥଳେ ସମ୍ବାଦପତ୍ରର ପ୍ରତିବାଦର ମୂଲ୍ୟ କେତେ ଅନାୟାସରେ ବୁଝା ଯାଉ ଅଛି ଏବଂ ସମ୍ପାଦକଙ୍କୁ ଚତୁର୍ଭୁଜବାବୁଙ୍କର ଏବଂ ଉତ୍କଳଦର୍ପଣକୁ ସ୍କୁଲ ପାଠ୍ୟପୁସ୍ତକର ପ୍ରଧାନ ବ୍ୟବସାୟୀ କୁମାର ବୈକୁଣ୍ଠନାଥ ଦେ ଓ ସେହି ପକ୍ଷୀୟ ଲୋକଙ୍କର ମୁଖପତ୍ର ମନେ କଲେ ଅନୁଚିତ ଜଣା ହେଉ ଅଛି । ପ୍ରତିବାଦର ପ୍ରଣାଳୀ ଏବଂ ଯୁକ୍ତି ମଧ୍ୟ ଅତ୍ୟନ୍ତ ଚମତ୍କାର ଅଟଇ । ସମ୍ପାଦକ ଲେଖି ଅଛନ୍ତି କି ଯେଉଁ ଭଦ୍ରଲୋକଙ୍କ ପ୍ରତି ଏପ୍ରକାର ଘୃଣିତ ଓ ମିଥ୍ୟା କଥା ଲେଖା ଯାଇ ଅଛି ସେମାନଙ୍କଦ୍ୱାରା ସେପ୍ରକାର ନିନ୍ଦନୀୟ କାର୍ଯ୍ୟ ହୋଇ ନ ପାରେ । ଏଠାରେ କାର୍ଯ୍ୟଗୁଡ଼ିକ ନିନ୍ଦନୀୟ ବୋଲି ସ୍ୱୀକୃତ ହେଲା କେବଳ ଯେଉଁମାନେ କରିବାର କଥିତ ହୁଅଇ ସେମାନେ ଭଦ୍ରଲୋକ ସୁତରାଂ ସେମାନେ କରି ନ ପାରନ୍ତି ଅତଏବ ସେ ପ୍ରକାର ଦୋଷ ଦେବା ବ୍ୟକ୍ତିବ ନିନ୍ଦନୀୟ ଓ ମିଥ୍ୟା ଆକ୍ରମଣକାରୀ ବୋଲା ଯିବ । କିନ୍ତୁ ଆମ୍ଭମାନଙ୍କର ଏହି ସଂଶୟ ଉପସ୍ଥିତ ହୋଇ ଅଛି କି ଯାହାଙ୍କ ପ୍ରତି ଏପ୍ରକାର ନିନ୍ଦା ଆରୋପିତ ହୁଅଇ ସେ ତହିଁରୁ ଆପଣାକୁ ମୁକ୍ତ ନ କଲେ ତାହାଙ୍କୁ ଭଦ୍ରଲୋକ ବୋଲାଯାଇ ପାରେ କି ? ବ୍ୟବହାରଦ୍ୱାରା ଭଦ୍ରଲୋକ ଜଣାଯିବ ନା ଭଦ୍ରଲୋକ ବୋଲି ତାହାର କୌଣସି ମନ୍ଦକାର୍ଯ୍ୟ ଦେଖିଲେ ତାହାକୁ ମନ୍ଦ ବୋଲିବ ନାହିଁ । ପ୍ରକୃତ କଥା ଏହିକି ଯେଉଁମାନେ ଭଦ୍ରଲୋକ ବୋଲି ପରିଚିତ ସେମାନଙ୍କର ମନ୍ଦକାର୍ଯ୍ୟ ସାଧାରଣ ଚର୍ଚ୍ଚାର ବିଷୟ ହୁଅଇ ଓ ତାହା ଦେଖାଇ ଦେଲେ ସେମାନେ ତହିଁରୁ ବିରତ ହେବେ ଏହି ଉଦ୍ଦେଶରେ ତହିଁର ଚର୍ଚ୍ଚା ହୁଅଇ । ଯେଉଁମାନେ ଆପଣାର ଦୋଷ ଜାଣିପାରି ସୁଦ୍ଧା ତାହା ସ୍ୱୀକାର ନ କରନ୍ତି, କହିବା ଲୋକକୁ ମିଥ୍ୟାବାଦୀ ବୋଲି ପ୍ରମାଣ କରିବାକୁ ବ୍ୟସ୍ତ ହୁଅନ୍ତି ସେମାନେ ଆମ୍ଭମାନଙ୍କ ବିବେଚନାରେ ଠକ ଓ ତାହାଙ୍କୁ ଭଦ୍ରଲୋକ ବୋଲିବାକୁ ଇଚ୍ଛା ହୁଅଇ ନାହିଁ ।

ଉତ୍କଳଦର୍ପଣଙ୍କ ପ୍ରତିବାଦ ଅନ୍ୟପ୍ରକାରର ଅଟଇ । ସେ ଏସମସ୍ତ ଦୋଷକୁ ଦୋଷବୋଲି ସ୍ୱୀକାର କରନ୍ତି ନାହିଁ ଯଥା; ସମ୍ପାଦକ କେବଳ ରାଜନୈତିକ ପକ୍ଷ ନୁହଇ । ଶିକ୍ଷାବନ୍ଧୁ ବେନାମିରେ ଚଳାଇଲେ ସୁଦ୍ଧା ନିୟମ ବିରୁଦ୍ଧ ନୁହଇ ଏବଂ ଆପଣା ପୁସ୍ତକ ଆପଣା ଅଧୀନସ୍ଥ କର୍ମଚାରୀଙ୍କଦ୍ୱାରା ବିକ୍ରୟ କରାଇବାରେ କୌଣସି ଦୋଷ ନାହିଁ । ସହଯୋଗୀ ଏଠାରେ ଆପଣା ମନକଥା ଲୁଚାଇ ନ ପାରି ବାତଭିଶା ଇତ୍ୟାଦିର ଉଲ୍ଲେଖ କରି ଅଛନ୍ତି ଏବଂ ଉତ୍କଳଦୀପିକା ଓ ସମ୍ବାଦବାହିକାର ସମ୍ପାଦକ ପ୍ରଭୃତିଙ୍କ କଥା କିଛି ଲେଖା ହେଲା ନାହିଁ ବୋଲି ଭାରି ଦୁଃଖିତ ହୋଇଅଛନ୍ତି । ଏଥିର ଅର୍ଥ ଏହି ଯେ ଚତୁର୍ଭୁଜ ବାବୁ ଓ ମଧୁବାବୁଙ୍କର କୌଣସି କାର୍ଯ୍ୟ ନିନ୍ଦନୀୟ ନୁହଇ ଯେତେ ନିନ୍ଦାର ପାତ୍ର ଉତ୍କଳଦୀ-

Split by PDF Splitter
Digitized by srujanika@gmail.com

Split by PDF Splitter



ପିକା ଏବଂ ସମ୍ବାଦବାହିକାର ସମ୍ପାଦକ ପ୍ରଭୃତି ଆମ୍ଭେମାନେ ସହଯୋଗୀଙ୍କି ବିନୀତଭାବରେ ପ୍ରାର୍ଥନା କରୁଅଛୁଁ କି ଉତ୍କଳଦୀପିକାସମ୍ପର୍କୀୟ ଉକ୍ତ କଥାମାନ ପତ୍ରରେ ପ୍ରକାଶ କରି ଦେଇ ଆପଣାର ଦୁଃଖ ଓ ସର୍ବସାଧାରଣଙ୍କ ଭ୍ରମ ଦୂର କରନ୍ତୁ ।

---

## ବୋଡସେସ ମହକୁମାର ଖବର ।

ବାଲେଶ୍ୱରର ବୋଡସେସ ମହକୁମାର ଅନୁସନ୍ଧାନ କାର୍ଯ୍ୟରେ ଏଠାରୁ ତ୨୬ଣ ମୋହରର ନିଯୁକ୍ତ ହୋଇ ଯିବାରୁ ସମ୍ବାଦବାହିକା ଆଶଙ୍କା କରୁଅଛନ୍ତି କି ସେଠା ଲୋକଙ୍କ ପ୍ରତି ଯେମନ୍ତ କମିଶ୍ନର ସାହେବଙ୍କର ଅବିଶ୍ୱାସ ଜନ୍ମିଅଛି ଏବଂ ସାହେବ ମହୋଦୟ ପ୍ରାୟ ଜାଣି ନାହାନ୍ତି ଯେଉଁ କାନମାନ ଏ ସମସ୍ତ ଗୋଳମାଳର କାରଣ ସେ କଟକ ଜିଲ୍ଲା ବାସି ଅଟନ୍ତି । ସାମାନ୍ୟ ମୋହରରି କାର୍ଯ୍ୟ ସକାଶେ ସ୍ଥାନୀୟ ଉପଯୁକ୍ତ ଲୋକ ଥିବାସ୍ଥଳେ ଯେବେ ଅପର ସ୍ଥାନରୁ ଲୋକ ଆସି ସେମାନଙ୍କ ଦାନା ଛଡାଇ ନିଅନ୍ତି ତେବେ ତାହା ଦୁଃଖର ବିଷୟ ଏବଂ ତହିଁରେ ଅବିଶ୍ୱାସର ଆଶଙ୍କା ମଧ୍ୟ ହୋଇ ପାରେ ମାତ୍ର ଆମ୍ଭେମାନେ ଅନୁମାନ କରୁଁ କି ସାହେବ ମହୋଦୟ ଏମନ୍ତ ଅବା ମନେ କରି ଥିବେ ଯେ ଯେସ୍ଥଳେ ଗୋଟିଏ ମହକୁମାର ସମସ୍ତ ଅମଲାଙ୍କ କାର୍ଯ୍ୟର ଅନୁସନ୍ଧାନ ହେଉଅଛି ସେସ୍ଥଳେ ସମ୍ପୂର୍ଣ୍ଣରୂପେ ବାହାର ଲୋକ ନିଯୁକ୍ତ କଲେ ସେ ଅନୁସନ୍ଧାନ କାର୍ଯ୍ୟ ଯଥାସାଧ୍ୟ ନିରପେକ୍ଷଭାବରେ ହେବ ଅର୍ଥାତ୍ ଠିକା ଅମଲାମାନେ ସେଠାର କୌଣସି ଅମଲାଙ୍କୁ ଚିହ୍ନି ନ ଥିବାରୁ ତାହାର କାର୍ଯ୍ୟର ଦୋଷଗୁଣ ବାହାର କରିବାରେ ଦ୍ୱିଧା କଲେ ବୋଲି କେହି କହିବାର ଅବକାଶ ପାଇବ ନାହିଁ । ଅତଏବ ଏମାନେ ଠିକା ଅର୍ଥାତ୍ ଅଳ୍ପଦିନ ସକାଶେ ନିଯୁକ୍ତ ହୋଇ ଯାଇଥିବାରୁ ସ୍ଥାନୀୟ ଉମେଦବାରଙ୍କର ବିଶେଷ ଖତି ହେବାର ବୋଧ ଯିବ ନାହିଁ । ଅନୁସନ୍ଧାନ ଉତ୍ତାରୁ ଯେତେବେଳେ ବୋଡସେସ ମହକୁମାର ପକ୍କା ବନ୍ଦୋବସ୍ତ ହେବ ସେତେବେଳେ ଯେବେ ସ୍ଥାନୀୟ ଲୋକଙ୍କୁ ସମ୍ଭ୍ରମେ ନିକ୍ଷେପ କରାଯିବ ତେବେ ସେଥିରେ ଦୁଃଖ ପ୍ରକାଶ କରିବାର ଯଥାର୍ଥ କାରଣ ହେବ ଏବଂ ଆମ୍ଭେମାନେ ଆଶା କରୁଁ କି ଶ୍ରୀଯୁକ୍ତ କମିଶ୍ନର ସାହେବ ତାହା କରିବେ ନାହିଁ ।

ବାଲେଶ୍ୱରର ବୋଡସେସ ସିରସ୍ତା ତଦାରଖ ଯେମନ୍ତ ମନୋଯୋଗ ସହିତ ଶ୍ରୀଯୁକ୍ତ କମିଶ୍ନର ସାହେବ କରୁଅଛନ୍ତି ତହିଁରୁ ଶୁଭ ଫଳ ଫଳିବାର ଆମ୍ଭେମାନେ ସମ୍ପୂର୍ଣ୍ଣ ଆଶା କରୁଁ । ଅମ୍ଭମାନଙ୍କର ଧାରଣା ଏହିରୂପ ଯେ କେବଳ ବାଲେଶ୍ୱର କାହିଁକି ଅନ୍ୟାନ୍ୟ ଜିଲ୍ଲାର ବୋଡସେସ ସିରସ୍ତାରେ ମଧ୍ୟ ଅନେକ ଗୋଳମାଳ ଅଛି । କଟକ ଜିଲ୍ଲାରେ ମଧ୍ୟ କେତେ ଲୋକଙ୍କଠାରୁ ଦୋବାରା ଟଙ୍କା ତଲବ ହେବାର ଉଦାହରଣ ସମୟେ ସମୟେ ଶୁଣା ଯାଉଅଛି ଏବଂ ସିରସ୍ତାର ହିସାବ ରଖିବାର ଗୋଳମାଳ ଭିନ୍ନ ଏଥିରୁ ଆଉ କିଛି ଅନୁମାନ କରାଯାଇ ନ ପାରେ । ଏପରି ଘଟଣା ଯେ କେବଳ ଅମଲାଙ୍କ ଦୋଷରୁ ହେଉଅଛି ଏ କଥା ବୋଲିବାକୁ ଆମ୍ଭେମାନେ ସାହସୀ ନୋହୁଁ । ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ଅଳ୍ପ ଅମଲାରେ ଭାରି କାର୍ଯ୍ୟ ଉଠାଇ ନେବା ଚେଷ୍ଟା ଏଥିର ମୂଳ କାରଣ ଅଟଇ । ଅନେକ ଲୋକଙ୍କଠାରୁ ଅଳ୍ପ ୨ କରି ଟଙ୍କା ଆଦାୟ କରିବା ବଡ ସହଜ ବ୍ୟାପାର ନୁହଇ । ବିଶୁଦ୍ଧ ହିସାବ ରଖିବାର କଥା ସୁତରାଂ ବହୁତ ଅମଲାଙ୍କ ସାହାଯ୍ୟର ପ୍ରୟୋଜନ ଯେତେ ପରିଶ୍ରମରେ ଟଙ୍କା ଆଦାୟ ହେଉଅଛି ଟଙ୍କାକୁ ଠିକ କଲେ ସେପରି ଜଣାପଡୁ ନାହିଁ ଏବଂ ଉପଯୁକ୍ତ ପରିମାଣରେ ଅମଲା ରଖିବାକୁ ହେଲେ ଶତକଡା ଖର୍ଚ୍ଚା ଅଧିକ ପଡିବ ତାହା ଦେବାକୁ ଗବର୍ଣ୍ଣମେଣ୍ଟ ଲୁଚିଲ । ଅନେକ ଲୋକଙ୍କଠାରୁ ଅଳ୍ପ ପରିମାଣରେ ସାଲାନା ଟାକ୍ସ ଗ୍ରହଣ କରିବାର ସମସ୍ତ ଦୋଷ ଏହି ବୋଡସେସରେ ବର୍ତ୍ତମାନ ରହିଅଛି । ସୁତରାଂ ସିରସ୍ତାର କାର୍ଯ୍ୟ ନିୟମାନୁସାରେ ଚାଲି ପାରୁ ନାହିଁ । ଉପସ୍ଥିତ ତଦନ୍ତ କାର୍ଯ୍ୟ ଶେଷ ହେଲେ ସିରସ୍ତା ଗୋଳମାଲର ହେତୁ ଅମଲାଙ୍କ ତଉରୁ ଅଥବା ସଙ୍ଖ୍ୟାର ନ୍ୟୂନତା ଏ କଥା ସ୍ପଷ୍ଟରୂପେ ଜଣା ପଡିବ ଏବଂ ତଦ୍ଦୃଷ୍ଟିରେ ଭବିଷ୍ୟତକୁ ସୁବନ୍ଦୋବସ୍ତ ହେବାଦ୍ୱାରା ଲୋକଙ୍କର ବିଶେଷ ସୁବିଧା ହେବ ।

---

### । କ । ରଣପୁର ଦକ୍ଷପତ୍ର ।
### ( ଗତ ସ୍ତବକ୍‌ରିତ ଉତ୍ତାରୁ )

୧୪ । ଔଷଧାଳୟ—ଗତ ବର୍ଷ ଦୈନିକ ମୋଟ ଅନୁସାରେ ତ ୪୭୮୨ ଣ ବାହାର ରୋଗୀ ( out-patient ) ଚିକିତ୍ସିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ତ ୪୬୦୮ ଣ ପୁରୁଷ ଏବଂ ତ ୧୧୭୮ ଣ ସ୍ତ୍ରୀ ଅଟନ୍ତି । ମୋଟ ରୋଗୀମାନଙ୍କ ମଧ୍ୟରୁ ତ ୭୮୬ ଣ ଆରୋଗ୍ୟ ହୁଅ ଜଣ ମୃତ; ଏବଂ ତ ୧୮ ଣ ବର୍ଷ ଶେଷକୁ ବାକି ଥିଲେ । ଏହା ଉତ୍ତାରୁ ୩୨ ଜଣ ରୋଗୀଙ୍କଠାରେ ଅସ୍ତ୍ରଚିକିତ୍ସା ହୋଇଥିଲା । ଆରୋଗ୍ୟଲାଭ କରିଅଛନ୍ତି । ନାନା ପ୍ରକାର ରୋଗମାନଙ୍କ ମଧ୍ୟରୁ ଜ୍ୱର, ଶୂଳ, ବାତ ଗାଣ୍ଠି ଇତ୍ୟାଦି ଏବଂ ଚର୍ମରୋଗ ପ୍ରଧାନ ଅଟେ ଏହି ରୋଗମାନଙ୍କ ଚିକିତ୍ସାରେ ସ୍ୱେଚ୍ଛାରେ ଆରୋଗ୍ୟ ଲାଭ କରିଥିବାରୁ ଔଷଧାଳୟ ଜନସାଧାରଣରେ ଆଦରଣୀୟ ହୋଇଅଛି । ଚିକିତ୍ସକବାବୁମାନେ ଯତ୍ନପୂର୍ବକ ଏହି ଔଷଧାଳୟର ଅଭ୍ୟୁଦୟ ସାଧନ କରୁଅଛନ୍ତି । ମାତ୍ର ଜଙ୍ଗଲବାସୀରେ ଅବଧି ଇଂରାଜୀ ଔଷଧ ଆଦରଣୀୟ ହୋଇ ନାହିଁ । ଗତ ବର୍ଷ ଇନ୍‌ଡୋର ରୋଗିମାନଙ୍କ କୌଣସି ବନ୍ଦୋବସ୍ତ କରା ଯାଇ ନାହିଁ କ୍ରମଶଃ ଏହାର ବନ୍ଦୋବସ୍ତ କରାଯିବ । ରଣପୁର ଗଡା ଖୋର୍ଦ୍ଧା ଓ ନୟାଗଡ ଇଲାକାର ସଙ୍କଟାପନ୍ନ ରୋଗୀମାନେ ଏହି ଔଷଧାଳୟର ବିଶେଷ ସାହାଯ୍ୟ ନେଉଥିବାର ଦେଖାଯାଏ । ଏହି ଔଷଧାଳୟଦ୍ୱାରା ଏ ଖୋର ଗୋଟିଏ ମହତ୍ ଅଭାବ ପୂର୍ଣ୍ଣ ହୋଇଅଛି ବୋଲିବାକୁ ହେବ ଏବଂ ସାଧାରଣ ଜନସମାଜର ଏହି ମତ ଅଟେ ।

୧୫ । ଅତଏବ ସକଳ ସାଲତମାମୀମାନ ଭୂମି ଓ ସ୍ୱତ୍ୱ ସମ୍ବନ୍ଧରେ ଅଟେ ଏବଂ ସେମାନ ପ୍ରତି ଅମଳୀ ବର୍ଷ ( ସେପ୍ଟେମ୍ବରରୁ ସେପ୍ଟେମ୍ବର ଯେଉଁ ବର୍ଷ ଶେଷ ହୁଏ ) ସେଥିରେ ସାଧାରଣ ଶାସନ ସମ୍ବନ୍ଧୀୟ ବନ୍ଦୋବସ୍ତରେ ନିଷ୍ପନ୍ନ ହେବାର ସ୍ଥିର କରା ଯାଇଅଛି । ସନ ୧୨୯୨ ସାଲ ଶେଷରେ ସେମାନ ଦାଖଲ ଆଲୋଚିତ ହେବ । ତା ୧୦ ରିଖ ମାହେ ଫିବୃଏରୀ ସନ ୧୮୮୫ ମସିହା ।

(Sd.) Gour Chandra Sen
Dewan.

---

### ପ୍ରଶ୍ନ ।

। ପ୍ର । ( ଅପ୍ରଶାସକ ) କାହାକୁ କହନ୍ତି ?

୧। ଉ । ଯେଉଁମାନେ ପୂର୍ବରେ ମିଉନିସିପଲ କମିଶନର ଥିଲେ ବର୍ତ୍ତମାନ ସେମାନଙ୍କୁ ସାଧାରଣ ଲୋକମାନେ ପସନ୍ଦ ନ କରିବାରୁ ସେମାନଙ୍କର ଅନ୍ତଃକରଣର ଦୁଃଖ ଅତି କଷ୍ଟରେ ଦମନ କରିବାକୁ ହୋଇଅଛି ସେମାନଙ୍କ ପଦବୀ ( ଅପ୍ରଶାସକ ) ବୋଲାଯାଏ ।

Digitized by srujanika@gmail.com